# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଜୁନ୍ ୨୨/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, June 22/2025 | Page 16 | ₹ 7.00

୫୧ଶ ଭାଗ ୨୦୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 207 | ମୂଲ୍ୟ₹୭/-




**ନୀରଜଙ୍କୁ ଡାଇମଣ୍ଡ ଲିଗ୍ ଟାଇଟଲ**

ପ୍ୟାରିସରେ ଡାଇମଣ୍ଡ ଲିଗ୍ ଟାଇଟଲ ଜିତିଛନ୍ତି ଭାରତୀୟ ଜାଭେଲିନ ଥ୍ରୋ ସୁପରଷ୍ଟାର ନୀରଜ ଚୋପ୍ରା।

୧୬

୦୨

**ନୂଆ ଲୁକ୍‌ରେ ଗୋବିନ୍ଦା**

ଇନ୍‌ଷ୍ଟାଗ୍ରାମରେ ବଲିଉଡ୍ ଅଭିନେତା ଗୋବିନ୍ଦା ନିଜର ଏକ ନୂଆ ଲୁକ୍‌କୁ ଶେୟାର କରିଛନ୍ତି, ଯାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।



**ଆଜିର ସମ୍ପାଦକୀୟ** କେବଳ ପ୍ରହେଳିକା

# ଝାଡ଼ଖଣ୍ଡରେ ବର୍ଷା, ବାଲେଶ୍ୱରରେ ବନ୍ୟା

**▪ ସୁବର୍ଣ୍ଣରେଖା ବନ୍ୟାପାଣିରେ ଭାସିଗଲେ ଯୁବକ ▪ ୪ ବ୍ଲକର ଶତାଧିକ ଗାଁ ଜଳବନ୍ଦୀ ▪ ଭାଙ୍ଗିଲା ଖାଲଯୋଡ଼ି ସ୍ଲୁଇସ ଗେଟ୍**



ଭୋଗରାଇ ବ୍ଲକ ମନ୍ନୁନଗର ଗ୍ରାମରେ ବନ୍ୟାଘେରରେ ରହିଥିବା ଘର।

**ବିନା ବଡ଼ ବର୍ଷାରେ ବାଲେଶ୍ୱର ଜିଲାରେ ସୃଷ୍ଟି ହୋଇଛି ବନ୍ୟା। ବହୁ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବାବେଳେ ସୁବର୍ଣ୍ଣରେଖା ବନ୍ୟାଜଳ ସ୍ରୋତରେ ଶନିବାର ମଧ୍ୟାହ୍ନରେ ଭୋଗରାଇ ବ୍ଲକର ଜଣେ ଯୁବକ ଭାସି ନିଖୋଜ ହୋଇଯାଇଛନ୍ତି। ଝାଡ଼ଖଣ୍ଡରେ ହୋଇଥିବା ପ୍ରବଳ ବର୍ଷାର ପରିଣାମ ସ୍ୱରୂପ ଏଭଳି ସ୍ଥିତି ଉପୁଜିଛି। ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ଶୁକ୍ରବାର ସନ୍ଧ୍ୟାରେ ଝାଡ଼ଖଣ୍ଡରେ ଗାଲୁଡିହି ବ୍ୟାରେଜ୍‌ର ୮ ଗେଟ୍ ଖୋଲି ଦିଆଯାଇଥିଲା। ଫଳରେ ସୁବର୍ଣ୍ଣରେଖା ନଦୀ ଫୁଲି ଉଠିଛି। ଏଥିଯୋଗୁ ତଳମୁଣ୍ଡରେ ଥିବା ଅଞ୍ଚଳ ବନ୍ୟାପ୍ଲାବିତ ହୋଇଛି। ସେଥିମଧ୍ୟରୁ ବାଲେଶ୍ୱର ଜିଲାର ୪ ବ୍ଲକର ଶତାଧିକ ଗାଁ ଜଳବନ୍ଦୀ ହୋଇଯାଇଛି। ମୁଖ୍ୟ ରାସ୍ତାଗୁଡ଼ିକରେ ଆଣ୍ଠୁଏରୁ ଅଣ୍ଟାଏ ଯାଏ ପାଣି ଜମି ରହିଛି। ସେହିପରି ଭୋଗରାଇ ବ୍ଲକ୍‌ରେ ବ୍ରିଟିଶ ଅମଳରେ ନିର୍ମିତ ଖାଲଯୋଡ଼ି ସ୍ଲୁଇସ୍ ଗେଟ୍ ବନ୍ୟାସ୍ରୋତରେ ଭାଙ୍ଗିଯାଇଛି।**

**ଭୋଗରାଇ, ୨୧।୬ (ପ୍ରଦୀପ ଦାସ)**

ଝାଡ଼ଖଣ୍ଡ ମାଳାଞ୍ଚଳରେ ଭୀଷଣ ବର୍ଷା ଓ ଗାଲୁଡିହି ବ୍ୟାରେଜ୍‌ର ପ୍ରାୟ ୮ ଗେଟ୍‌ରେ ପ୍ରତି ସେକେଣ୍ଡରେ ୨ଲକ୍ଷ ୪୨ କ୍ୟୁସେକ ଉଦ୍‌ବୃତ୍ତ ବର୍ଷାପାଣି ସୁବର୍ଣ୍ଣରେଖାକୁ ନିଷ୍କାସନ କରାଯିବାରୁ ନଦୀରେ ଆକସ୍ମିକ ବନ୍ୟା ଆସିଛି। ଶୁକ୍ରବାର ସନ୍ଧ୍ୟାରୁ ସୁବର୍ଣ୍ଣରେଖା ଜଳସ୍ତର ବୃଦ୍ଧିପାଇ ରାଜଘାଟ ଗେଜ୍‌ଠାରେ ବିପଦସଙ୍କେତ ୧୦.୩୬ମିଟର ଊର୍ଦ୍ଧ୍ୱରେ ପ୍ରବାହିତ ☞ପୃଷ୍ଠା-୪

## ଯୋଗ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା | ସ୍କୁଲ ପାଠ୍ୟକ୍ରମରେ ରହିବ ଯୋଗ

**ଭୁବନେଶ୍ୱର,୨୧।୬ (ସୁନିତ୍ ମିଶ୍ର)**

ପିଲାଙ୍କ ଶାରୀରିକ, ମାନସିକ ଓ ଆବେଗିକ ସୁସ୍ଥତା ପାଇଁ ସ୍କୁଲ ପାଠ୍ୟକ୍ରମ ଏବଂ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମଗୁଡ଼ିକରେ ଯୋଗକୁ ସାମିଲ କରାଯିବ। ଏହା ଏକ ସୁସ୍ଥ, ଆତ୍ମନିର୍ଭରଶୀଳ ଓ ସମର୍ଥ ଭାରତ ଗଢ଼ି ତୋଳିବାରେ ସହାୟକ ହେବ। ଏଥିସକାଶେ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ଏକାଦଶ ଅନ୍ତର୍ଜାତୀୟ ଯୋଗ



ଦିବସ ପାଳନ ଅବସରରେ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ଆମେ ଯୋଗକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରାଉଛୁ। ସ୍କୁଲ, କଲେଜ, ହଷ୍ଟେଲ, ସ୍ପୋର୍ଟିଂ ସେଣ୍ଟର ଆଦିରେ ସଚେତନତା ଅଭିଯାନର ଆୟୋଜନ କରାଯାଉଛି। ତେଣୁ ସ୍କୁଲ ପାଠ୍ୟକ୍ରମ ଓ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଏହାକୁ ସାମିଲ କରିପାରିବା ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

## ନୋବେଲ ଶାନ୍ତି ପାଇଁ ଟ୍ରମ୍ପ୍‌ଙ୍କ ନାମ ସୁପାରିସ କରିବ ପାକିସ୍ତାନ

**ଇସ୍‌ଲାମାବାଦ/ନ୍ୟୁୟର୍କ,୨୧।୬**

ଭାରତ-ପାକିସ୍ତାନ ସଂଘର୍ଷ ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନିର୍ଣ୍ଣାୟକ କୂଟନୈତିକ ହସ୍ତକ୍ଷେପ ନିମନ୍ତେ ତାଙ୍କୁ ୨୦୨୬ ବର୍ଷର ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ଲାଗି ଇସ୍‌ଲାମାବାଦ ଆନୁଷ୍ଠାନିକ ଭାବେ ସୁପାରିସ କରିବାକୁ ଯାଉଛି। ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପ୍ ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ ମୁନିରଙ୍କୁ ଆପ୍ୟାୟିତ କରିବାର ୩ ଦିନ ନ ବିତୁଣୁ ପାକିସ୍ତାନ ସରକାର ଉପରୋକ୍ତ ଘୋଷଣା କରିଛନ୍ତି। ଏପ୍ରିଲ୍ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣାର ଜବାବରେ ଭାରତୀୟ ସେନା ମେ' ୭ରେ ପାକିସ୍ତାନ ଓ ପାକ୍-ଅଧିକୃତ କଶ୍ମୀର(ପିଓକେ)ରେ ଥିବା ଆତଙ୍କବାଦୀ ଭିତ୍ତିଭୂମି ଉପରେ ଆକ୍ରମଣ କରିଥିଲା। ଉଭୟ ଦେଶ ପରସ୍ପର ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ନେବା ପରେ ମେ' ୧୦ରେ ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରୀ ଅପରେଶନ(ଡିଜିଏମ୍‌ଓ) ସ୍ତରୀୟ ଆଲୋଚନା ହୋଇ ଅସ୍ତ୍ରବିରତି ଲାଗି ନିଷ୍ପତ୍ତି ନିଆଯାଇଥିଲା। ତେବେ ଭାରତ-ପାକ୍ ଯୁଦ୍ଧକୁ ବନ୍ଦ କରାଇଥିବା ନେଇ ଟ୍ରମ୍ପ୍ କ୍ରମାଗତ ଭାବେ ଦାବି କରିଆସୁଛନ୍ତି। ତାଙ୍କ ଦାବିକୁ ଭାରତ ଖଣ୍ଡନ କରିବା ସହ ଅସ୍ତ୍ରବିରତିରେ କେହି ମଧ୍ୟସ୍ଥତା କରି ନ ଥିବା ସ୍ପଷ୍ଟ କରିଛି। ଭାରତୀୟ ସେନାର ଜୋରଦାର ଆକ୍ରମଣରେ ଭୟଭୀତ ପାକ୍ ☞ପୃଷ୍ଠା-୪

**ଆଜିର ମନ୍ତବ୍ୟ**

"ନିର୍ବାଚନ କମିଶନ ସ୍ୱଚ୍ଛତା ପ୍ରଦର୍ଶନ କରିବା ପରିବର୍ତ୍ତେ ତଥ୍ୟ ପ୍ରମାଣ ନଷ୍ଟ କରୁଛନ୍ତି। ନିର୍ବାଚନରେ ମ୍ୟାଚ୍ ଫିକ୍ସିଂ ହୋଇଥିବା ଏଥିରୁ ସ୍ପଷ୍ଟ ହେଉଛି।

-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

**ବଢ଼ିଲା ଓମ୍‌ଫେଡ୍ କ୍ଷୀର ମୂଲ୍ୟ**

୩


No. T-43

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା23.06.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0151/2526










# ଇସ୍‌ଫାହାନ୍ ଆଣବିକ କେନ୍ଦ୍ରରେ ଇସ୍ରାଏଲ୍‌ର ଆକ୍ରମଣ

ତେଲ୍ ଆଭିଭ୍, ୨୧।୬

ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ଯୁଦ୍ଧ ଦ୍ୱିତୀୟ ସପ୍ତାହରେ ପହଞ୍ଚିଥିବାବେଳେ ଶୁକ୍ରବାର ବିଳମ୍ବିତ ରାତିରେ ଇସ୍ରାଏଲୀ ସେନା ଇରାନର ଇସ୍‌ଫାହାନ ନ୍ୟୁକ୍ଲିୟର ରିସର୍ଚ୍ଚ ଫାସିଲିଟି ଉପରେ ଆକ୍ରମଣ କରିଛି। ଏହି ଆକ୍ରମଣରେ ଇରାନର ୩ ଜଣ ବରିଷ୍ଠ କମାଣ୍ଡର ନିହତ ହୋଇଛନ୍ତି। ଶନିବାର ଭୋର ସମୟରେ ଇସ୍‌ଫାହାନ୍‌ର ଏକ ପର୍ବତ ନିକଟ ଅଞ୍ଚଳରୁ ଧୂଆଁ ଉଠୁଥିବା ଦେଖାଯାଇଥିଲା। ସେଠାରେ ଥିବା ଆଣବିକ ଗବେଷଣା କେନ୍ଦ୍ର ଉପରେ ଇସ୍ରାଏଲ୍ ୨ ଥର ଆକ୍ରମଣ କରିଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି। ଇରାନର ଆଣିକ କାର୍ଯ୍ୟକ୍ରମକୁ ଧ୍ୱଂସ କରିବା ଲକ୍ଷ୍ୟରେ ଥିବା ଇସ୍ରାଏଲ୍‌ର ଇସ୍‌ଫାହାନରେ ଏହା ଦ୍ୱିତୀୟ ଆକ୍ରମଣ। ଯୁଦ୍ଧ ଆରମ୍ଭ କରିବାର ୨୪ ଘଣ୍ଟା ମଧ୍ୟରେ ଇସ୍ରାଏଲ୍ ଉକ୍ତ କେନ୍ଦ୍ରରେ ଆକ୍ରମଣ କରିଥିଲା। ଶୁକ୍ରବାର ରାତିରେ ହୋଇଥିବା ଆକ୍ରମଣ ଯୋଗୁ ନ୍ୟୁକ୍ଲିୟର ଫାସିଲିଟି କ୍ଷତିଗ୍ରସ୍ତ ହୋଇଥିବା ଇସ୍‌ଫାହାନ୍ ପ୍ରଦେଶର ସୁରକ୍ଷା ବ୍ୟାପାର ଡେପୁଟି ଗଭର୍ନର ସ୍ପଷ୍ଟ କରିଛନ୍ତି। ତେବେ ଏଥିରେ କେହି ପ୍ରାଣ ହରାଇ ନ ଥିବା ସେ କହିଛନ୍ତି।

ଇରାନ ମଧ୍ୟ ଇସ୍ରାଏଲ୍ ଉପରେ ଜୋର୍‌ଦାର ମିଶାଇଲ୍ ଓ ଡ୍ରୋନ ଆକ୍ରମଣ କରିଥିବାବେଳେ ଇସ୍ରାଏଲୀ ସେନା ଅଧିକାଂଶକୁ ପ୍ରତିହତ କରିଥିବା କହିଛି। ଏହି ଆକ୍ରମଣରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ିନାହିଁ। ସେପଟେ ଯୁଦ୍ଧ ବନ୍ଦ ପାଇଁ ସୁଇଜରଲାଣ୍ଡର ଜେନେଭାରେ ହୋଇଥିବା ବୈଠକରୁ କୌଣସି କୂଟନୈତିକ ନିଷ୍କର୍ଷ ବାହାରିନାହିଁ। ଭବିଷ୍ୟତ ଆଲୋଚନା ପାଇଁ ୟୁରୋପୀୟ ଅଧିକାରୀମାନେ ଆଶାବ୍ୟକ୍ତ କରିଥିବାବେଳେ ଏଥିପାଇଁ ଦ୍ୱାର ଖୋଲା ରହିଥିବା ଇରାନ ବହିର୍ବ୍ୟାପାର ମନ୍ତ୍ରୀ ଆବାସ ଆରାଘାଚି କହିଛନ୍ତି। ତେବେ ଇସ୍ରାଏଲ୍ ଆକ୍ରମଣ ଜାରି ରଖିଥିବାରୁ ଆମେରିକା ସହ ବୁଝାମଣା ପାଇଁ ତେହରାନ ଆଗ୍ରହୀ ନୁହେଁ ବୋଲି କହିଛି। ଆକ୍ରମଣ ବନ୍ଦ ହେଲେ ଏବଂ ଆକ୍ରମଣକାରୀ ଏହି ଅପରାଧ ପାଇଁ ନିଜକୁ ଦାୟୀ କଲେ କୂଟନୈତିକ ମାର୍ଗ ଗ୍ରହଣ କରିବାକୁ ରାଜି ଥିବା ଇରାନ କହିଛି। ତେବେ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ପାଇଁ କୌଣସି ତାରିଖ ଧାର୍ଯ୍ୟ ହୋଇନାହିଁ। ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନ-ଇସ୍ରାଏଲ୍ ଯୁଦ୍ଧରେ ସାମିଲ ହେବାକୁ ବିଚାର କରୁଥିବାବେଳେ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଆରାଘାଚି କହିଛନ୍ତି। ଏହା ସମସ୍ତଙ୍କ ପାଇଁ ଅତ୍ୟନ୍ତ ବିପଜ୍ଜନକ ହେବ ବୋଲି ସେ ଇସ୍‌ଲାମିକ୍ ସହଯୋଗ ସଂଗଠନର ବୈଠକ ଅବସରରେ ଇସ୍ତାନବୁଲ୍‌ରେ କହିଛନ୍ତି।

ଗତ ୧୩ ତାରିଖରୁ ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଇସ୍ରାଏଲୀ ସେନା ଇରାନର ଆଣବିକ ଏବଂ ସାମରିକ ସ୍ଥଳକୁ ଟାର୍ଗେଟ କରି ଏୟାରଷ୍ଟ୍ରାଇକ୍ କରିବାରୁ ଏହାର କେତେଜଣ ଶୀର୍ଷ ଜେନେରାଲ ଏବଂ ପରମାଣୁ ବିଜ୍ଞାନୀ ନିହତ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ଯୁଦ୍ଧରେ ଇରାନର ୨୬୩ ଜଣ ସାଧାରଣ ନାଗରିକଙ୍କ ସମେତ ୬୫୭ ଜଣ ପ୍ରାଣ ହରାଇଲେଣି ଓ ୨,୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଇରାନୀୟ ମାନବାଧିକାର ସଂଗଠନ କହିଛି। ଇସ୍ରାଏଲୀ ଆକ୍ରମଣ ଜବାବ ଇରାନ ୪୫୦ରୁ ଊର୍ଦ୍ଧ୍ୱ ମିଶାଇଲ ଓ ୧,୦୦୦ ଡ୍ରୋନ୍‌ରେ ଦେଇଛି। ସେଥିରୁ ଅଧିକାଂଶକୁ ଇସ୍ରାଏଲ୍‌ର ବହୁସ୍ତରୀୟ ଏୟାର ଡିଫେନ୍ସ ସିଷ୍ଟମ୍ ପ୍ରତିହତ କରିଥିବାରୁ ସେଠାରେ ଅନ୍ୟୁନ ୨୪ ଜଣ ପ୍ରାଣ ହରାଇଥିବାବେଳେ ଶତାଧିକ ଆହତ ହୋଇଛନ୍ତି। ଇସ୍ରାଏଲ୍‌ର ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଏହାର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି।


ଇରାନର ଇସ୍‌ଫାହାନ ନ୍ୟୁକ୍ଲିୟର ରିସର୍ଚ୍ଚ ଫାସିଲିଟି ଥିବା ଅଞ୍ଚଳର ଉପଗ୍ରହ ଚିତ୍ର।

## ଏୟାର ଇଣ୍ଡିଆର ୩ ଅଫିସରଙ୍କୁ ବହିଷ୍କାର ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୧।୬

ଗମ୍ଭୀର ତଥା ବାରମ୍ବାର ତ୍ରୁଟି ପାଇଁ ଏୟାର ଇଣ୍ଡିଆ ଫ୍ଲାଇଟ୍ ଅପରେଶନ ବିଭାଗର ୩ ଶୀର୍ଷ ଅଧିକାରୀଙ୍କୁ ବହିଷ୍କାର ପାଇଁ ବିମାନ ଚଳାଚଳ ନିୟନ୍ତ୍ରକ ଡିଜିସିଏ ନିର୍ଦ୍ଦେଶ ଦେଇଛି। ଏହି ଅଫିସରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଡିଜିସିଏ ଏୟାରଲାଇନ୍ସକୁ ଭର୍ତ୍ସନା କରିଛି। ନିୟମ ଉଲ୍ଲଂଘନ କରିଥିବା ଅଫିସରମାନେ ହେଲେ ଡିଭିଜନାଲ ଭାଇସ୍ ପ୍ରେସିଡେଣ୍ଟ ଚୁରାହ ସିଂ, ଦୈନିକ ଉଡ଼ାଣ ପରିଚାଳନାର ମୁଖ୍ୟ ପରିଚାଳକ ପିଙ୍କି ମିତ୍ତଲ ଏବଂ କ୍ରିଉ ସମୟ ନିର୍ଦ୍ଧାରଣ ଓ ଯୋଜନା ପ୍ରସ୍ତୁତି ବିଭାଗର ପାୟଲ ଆରୋରା। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଏୟାରଲାଇନ୍ସର ଲାଇସେନ୍ସ ରଦ୍ଦ ହେବ ଡିଜିସିଏ ଚେତାବନୀ ଦେଇଛି।

## ଅହମଦାବାଦ ବିମାନ ଦୁର୍ଘଟଣାରେ ଫିଲ୍ମ ନିର୍ମାତାଙ୍କ ମୃତ୍ୟୁ ସ୍ପଷ୍ଟ

ଅହମଦାବାଦ, ୨୧।୬

ଅହମଦାବାଦ ବିମାନ ଦୁର୍ଘଟଣାରେ ଗୁଜରାଟୀ ଫିଲ୍ମ ନିର୍ମାତା ମହେଶ ଜିରାୱାଲାଙ୍କ ମୃତ୍ୟୁ ହୋଇଥିବା ନେଇ ଶନିବାର ଡିଏନ୍‌ଏ ପରୀକ୍ଷଣରୁ ସ୍ପଷ୍ଟ ହୋଇଛି। ଦୁର୍ଘଟଣା ପରଠାରୁ ମହେଶ ନିଖୋଜ ଥିଲେ। ମହେଶଙ୍କ ମୃତଦେହକୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ପ୍ଲେନ୍ କ୍ରାଶ୍ ସମୟରେ ମହେଶ ଦୁର୍ଘଟଣାସ୍ଥଳ ନିକଟରେ ଥିଲେ।

## ଇରାନରେ ଭୂକମ୍ପ: ଅଣୁଅସ୍ତ୍ର ପରୀକ୍ଷା ଚର୍ଚ୍ଚା

ତେହରାନ, ୨୧।୬

ଉତ୍ତର ଇରାନର ସେମନାନ ଅଞ୍ଚଳରେ ଶୁକ୍ରବାର ରାତିରେ ୫.୧ ତୀବ୍ରତାର ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଥିଲା। ସେମନାନଠାରୁ ଉତ୍ତରପଶ୍ଚିମ ଦିଗରେ ୨୭ କିଲୋମିଟର ଦୂରରେ ଏବଂ ୧୦ କିଲୋମିଟର ଗଭୀରରେ ଏହାର କେନ୍ଦ୍ରସ୍ଥଳ ବୋଲି କୁହାଯାଇଛି। ତେବେ ଏହି ଭୂକମ୍ପକୁ ନେଇ ଅନେକ କଳ୍ପନାଜଳ୍ପନା ସୃଷ୍ଟି ହୋଇଛି। ତେହରାନ ଅଣୁଅସ୍ତ୍ର ପରୀକ୍ଷା କରିଥିବା ସନ୍ଦେହ କରାଯାଉଛି। ସେମ୍‌ନାନ ମହାକାଶ ଓ ମିଶାଇଲ୍ କମ୍ପ୍ଲେକ୍ସ ନିକଟରେ ଏହି ଭୂକମ୍ପ ହୋଇଥିବାରୁ ଚିନ୍ତା ବଢ଼ାଇ ଦେଇଛି। ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ଯୁଦ୍ଧ ନବମ ଦିନରେ ପହଞ୍ଚିଥିବାବେଳେ ଆଣବିକ କାର୍ଯ୍ୟକ୍ରମକୁ ନେଇ ବୁଝାମଣା କରିବ ନାହିଁ ବୋଲି ତେହରାନ କହିଛି। ଇରାନରେ ବର୍ଷକୁ ପାଖିପାଖି ୨,୧୦୦ ଭୂକମ୍ପ ହେଉଥିବାବେଳେ ସେଥିରୁ ୧୫ରୁ ୧୬ଟି ୫.୦ କିମ୍ବା ଏହାଠାରୁ ଅଧିକ ତୀବ୍ରତା ବିଶିଷ୍ଟ। ୨୦୦୬ରୁ ୨୦୧୫ ମଧ୍ୟରେ ସେଠାରେ ୯୬,୦୦୦ ଥର ଭୂକମ୍ପ ହୋଇଥିଲା।

## ବଙ୍କରରେ ଖାମେନେଇ

**ସମ୍ଭାବ୍ୟ ଉତ୍ତରାଧିକାରୀ ଚୟନ**

ଇରାନର ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇଙ୍କୁ ହତ୍ୟା କରିବା ପାଇଁ ଇସ୍ରାଏଲ୍ ଧମକ ଦେଇଥିବାରୁ ସେ ଏବେ ବଙ୍କରରେ ଆଶ୍ରୟ ନେଇଛନ୍ତି। ଏଥିସହିତ ସେ ୩ ଜଣ ବରିଷ୍ଠ ମୌଲବୀଙ୍କୁ ନିଜର ସମ୍ଭାବ୍ୟ ଉତ୍ତରାଧିକାରୀ ମନୋନୀତ କରିଥିବା ନ୍ୟୁୟର୍କ ଟାଇମ୍ସରେ ପ୍ରକାଶ ପାଇଛି। ସଦ୍ଦାମ ହୁସେନ୍‌ଙ୍କ ୮ ବର୍ଷର ଯୁଦ୍ଧରେ ଇରାନର ଯେତିକି କ୍ଷତି ହୋଇ ନ ଥିଲା, ଇସ୍ରାଏଲ୍‌ର ୮ ଦିନର ଆକ୍ରମଣରେ ତା'ଠାରୁ ଅଧିକ କ୍ଷତି ଘଟିଛି। ଇସ୍ରାଏଲ୍ କିମ୍ବା ଆମେରିକା ତାଙ୍କୁ ହତ୍ୟା କରିପାରନ୍ତି ବୋଲି ୮୬ ବର୍ଷୀୟ ଖାମେନେଇ ଜାଣିଛନ୍ତି। ସେଥିପାଇଁ ସେ ବଙ୍କରରେ ଆଶ୍ରୟ ନେବା ସହ ଉତ୍ତରାଧିକାରୀ ଚୟନ କରିଥିବା କେତେଜଣ ଅଧିକାରୀଙ୍କ ସୂଚନା ଆଧାରରେ ରିପୋର୍ଟ ପ୍ରକାଶ ପାଇଛି।

## ଇନ୍ଧନ କମ୍ ଥିବାରୁ 'ମେ' ଡେ' ଘୋଷଣା କଲେ ପାଇଲଟ

ନୂଆଦିଲ୍ଲୀ, ୨୧।୬




ଗୁଆହାଟୀରୁ ୧୬୮ ଜଣ ଯାତ୍ରୀଙ୍କୁ ନେଇ ଚେନ୍ନାଇ ଯାଉଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନରେ ଇନ୍ଧନ କମ୍ ଥିବାରୁ ପାଇଲଟ୍ 'ମେ'ଡେ' ଘୋଷଣା କରିବା ସହ ଏହାକୁ ବେଙ୍ଗାଲୁରୁରେ ଜରୁରୀ ଅବତରଣ କରାଇଥିଲେ। ଅହମଦାବାଦ ବିମାନ ଦୁର୍ଘଟଣାର ସପ୍ତାହେ ପରେ ଗତ ଗୁରୁବାର ଏଭଳି ଘଟଣା ଘଟିଛି। ବିମାନର ଉଭୟ ପାଇଲଟ୍‌ଙ୍କୁ ହଟାଇ ଦିଆଯାଇଛି। ଗୁରୁବାର ଅପରାହ୍ଣ ୪ଟା ୪୦ରେ ବିମାନ ୬ଇ-୬୭୬୪ ଗୁଆହାଟୀ ଛାଡ଼ିଥିବାବେଳେ ୭ଟା ୪୫ ମିନିଟ୍ ସମୟରେ ଚେନ୍ନାଇ ଏୟାରପୋର୍ଟରେ ଅବତରଣ କରିବାର ଥିଲା। ତେବେ ଅନୁମତି ନ ମିଳିବାରୁ ପାଇଲଟ୍‌ଙ୍କୁ ଉପରେ ଚକ୍କର ମାରିବାକୁ ପଡ଼ିଥିଲା। ବିପଦରେ ଥିବା ନେଇ ପାଇଲଟ୍ କଲ୍ କରିବା ପରେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ବିମାନବନ୍ଦର କର୍ମଚାରୀଙ୍କୁ ଆଲର୍ଟ କରାଇଥିଲେ। ରାତି ୮ଟା ୨୦ରେ ବିମାନ ବେଙ୍ଗାଲୁରୁର କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରରେ ସୁରକ୍ଷିତ ଅବତରଣ କରିଥିଲା।

## ଭାରତ ପାଇଁ ଭ୍ରମଣ ସତର୍କତା ଜାରି କଲା ଆମେରିକା

ୱାଶିଂଟନ, ୨୧।୬

ଆମେରିକାର ପରରାଷ୍ଟ୍ର ବିଭାଗ ଭାରତ ପାଇଁ ଲେବଲ୍-୨ ଭ୍ରମଣ ସତର୍କତା ଜାରି କରି ଏହାର ନାଗରିକମାନଙ୍କୁ ଅଧିକ ସତର୍କ ରହିବାକୁ ପରାମର୍ଶ ଦେଇଛି। ଭାରତରେ ଅପରାଧ ଓ ଆତଙ୍କବାଦକୁ ନେଇ ଗତ ୧୬ ତାରିଖରେ ଏଭଳି ଆଡଭାଇଜରି ଜାରି ହୋଇଛି। ଭାରତର କେତେକ ଅଞ୍ଚଳ ଅଧିକ ବିପଦପୂର୍ଣ୍ଣ। ସେଠାରେ ବଳାତ୍କାର ଦ୍ରୁତ ବେଗରେ ବଢ଼ୁଥିବା ଅପରାଧ। ପର୍ଯ୍ୟଟନ ସ୍ଥଳ ଓ ଅନ୍ୟାନ୍ୟ ସ୍ଥାନରେ ଯୌନ ଅପରାଧ ଓ ହିଂସାକାଣ୍ଡ ଘଟୁଛି। ଆତଙ୍କବାଦୀମାନେ ଯେକୌଣସି ସମୟରେ ଆକ୍ରମଣ କରିପାରନ୍ତି। ସେମାନେ ପର୍ଯ୍ୟଟନ ସ୍ଥଳ, ପରିବହନ କେନ୍ଦ୍ର, ବଜାର, ଶପିଂ ମଲ୍ ଆଦିକୁ ଟାର୍ଗେଟ କରିଥାନ୍ତି ବୋଲି ଆଡଭାଇଜରିରେ କୁହାଯାଇଛି। ପୂର୍ବ ମହାରାଷ୍ଟ୍ରରୁ ତେଲଙ୍ଗାନାର ଉତ୍ତର ଭାଗ ପର୍ଯ୍ୟନ୍ତ ଏବଂ ପଶ୍ଚିମବଙ୍ଗର ପଶ୍ଚିମ ପାର୍ଶ୍ୱ ଅଞ୍ଚଳ ଅଧିକ ବିପଦପୂର୍ଣ୍ଣ। ତେଣୁ ଭାରତରେ ଥିବା ଆମେରିକୀୟ କର୍ମଚାରୀମାନେ ଏହିସବୁ ରାଜ୍ୟକୁ ଯିବା ପୂର୍ବରୁ ସ୍ୱତନ୍ତ୍ର ଅଧିକାର ହାସଲ ଲାଗି କୁହାଯାଇଛି। ମହିଳା ହୋଇଥିଲେ ଏକାକୀ କୁଆଡ଼େ ନ ଯିବାକୁ ପରାମର୍ଶ ଦିଆଯାଇଛି। ଜମ୍ମୁ-କଶ୍ମୀର, ପାକିସ୍ତାନ ସୀମାବର୍ତ୍ତୀ ଅଞ୍ଚଳ ଏବଂ ପୂର୍ବ ଭାରତରେ ଅଧିକ ସତର୍କ ରହିବାକୁ କୁହାଯାଇଛି।

## ଇରାନ, ଗାଜା ଆକ୍ରମଣରେ ନୀରବତାକୁ ନେଇ କେନ୍ଦ୍ରକୁ ନିନ୍ଦାକଲେ ସୋନିଆ

ନୂଆଦିଲ୍ଲୀ, ୨୧।୬

ଗାଜା ଓ ଇରାନରେ ଇସ୍ରାଏଲ୍ ଯୁଦ୍ଧ ଚଳାଇଥିବାବେଳେ ଭାରତର ନୀରବତାକୁ ନେଇ କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ନିନ୍ଦା କରିଛନ୍ତି। ଏହା ମୂଲ୍ୟବୋଧର ଆତ୍ମସମର୍ପଣ ବୋଲି ଏକ ପ୍ରବନ୍ଧରେ ସୋନିଆ ଲେଖିଛନ୍ତି। ଭାରତର ସ୍ୱର ଶୁଣାଯିବାକୁ ଏବେ ବି ବେଶୀ ଡେରି ହୋଇନାହିଁ। ତେବେ ସ୍ୱାଧୀନ ପାଲେଷ୍ଟାଇନ୍ କଳ୍ପନାକୁ ନେଇ ଭାରତର ଦୀର୍ଘଦିନର ସିଦ୍ଧାନ୍ତମୂଳକ ପ୍ରତିଶ୍ରୁତିକୁ ନରେନ୍ଦ୍ର ମୋଦିଙ୍କ ସରକାର ପରିତ୍ୟାଗ କରିଥିବା ସୋନିଆ ଅଭିଯୋଗ କରିଛନ୍ତି। ପଶ୍ଚିମ ଏସିଆରେ ଧ୍ୱଂସାତ୍ମକ ପଥ ଅନୁସରଣ କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ମଧ୍ୟ କଂଗ୍ରେସ ନେତ୍ରୀ ଉକ୍ତ ଲେଖା ମାଧ୍ୟମରେ ସମାଲୋଚନା କରିଛନ୍ତି।

## ତଥ୍ୟ ପ୍ରମାଣ ନଷ୍ଟ କରୁଛନ୍ତି ଇସି: ରାହୁଲ

ନୂଆଦିଲ୍ଲୀ, ୨୧।୬

ଭାରତର ନିର୍ବାଚନ କମିଶନ (ଇସିଆଇ) ସ୍ୱଚ୍ଛତା ପ୍ରଦର୍ଶନ କରିବା ପରିବର୍ତ୍ତେ ତଥ୍ୟ ପ୍ରମାଣକୁ ଲିଭାଇ ଦେଉଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ଅଭିଯୋଗ କରିଛନ୍ତି। ନିର୍ବାଚନ ଫଳ ପ୍ରକାଶ ପାଇବାର ୪୫ ଦିନ ମଧ୍ୟରେ ଯଦି କୌଣସି ଆଇନଗତ ଚ୍ୟାଲେଞ୍ଜ କରା ନ ଯାଏ, ତେବେ ନିର୍ବାଚନ ପ୍ରକ୍ରିୟାର ସିସିଟିଭି, ୱେବ୍‌କାଷ୍ଟିଂ ଏବଂ ଭିଡିଓ ଫୁଟେଜ୍ ନଷ୍ଟ କରିଦେବାକୁ ଇସିଆଇ ରାଜ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ପରେ ରାହୁଲ ଏଭଳି ଅଭିଯୋଗ ଆଣିଛନ୍ତି। ଭୋଟର ତାଲିକାକୁ ମେଶିନ୍-ରିଡେବଲ୍ ଫର୍ମାଟରେ ଦିଆଯାଉ ନାହିଁ। ଆଇନ ପରିବର୍ତ୍ତନ କରି ସିସିଟିଭି ଫୁଟେଜ୍‌କୁ ଲୁଚାଯାଉଛି। ନିର୍ବାଚନ ବେଳର ଫଟୋ ଓ ଭିଡିଓକୁ ଡିଲିଟ୍ କରିଦେବାକୁ ଏବେ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନରେ ଫିକ୍ସିଂ ହୋଇଥିବା ଏଥିରୁ ସ୍ପଷ୍ଟ ହେଉଥିବା ରାହୁଲ ଅଭିଯୋଗ କରିଛନ୍ତି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଅନିୟମିତତା ଅଭିଯୋଗକୁ ନେଇ ରାହୁଲ ନିର୍ବାଚନ କମିଶନଙ୍କଠାରୁ ଭୋଟର ତାଲିକା, ମତଦାନ ତଥ୍ୟ ଓ ବୁଥ୍‌ର ଭିଡିଓ ଫୁଟେଜ୍ ପାଇଁ ଦାବି କରିଆସୁଥିଲେ।

ଭୋଟଗ୍ରହଣ କେନ୍ଦ୍ରର ଫୁଟେଜ୍‌କୁ ପ୍ରଘଟ କଲେ ଭୋଟରଙ୍କ ପ୍ରିଭେସି ଏବଂ ସୁରକ୍ଷା ଉପରେ ପ୍ରତିକୂଳ ପ୍ରଭାବ ପକାଇବ। କୌଣସି ବୁଥ୍‌ରେ ନିର୍ଦ୍ଦିଷ୍ଟ ଦଳ କମ୍ ଭୋଟ ପାଇଥିଲେ, ଭିଡିଓ ଫୁଟେଜ୍‌ରୁ କେଉଁମାନେ ଭୋଟ ଦେଇଛନ୍ତି ଓ କିଏ ଦେଇ ନାହାନ୍ତି, ତାହା ଜଣାପଡ଼ିଯିବ। ଏହା ପରେ ସମ୍ପୃକ୍ତ ଭୋଟରଙ୍କୁ ହଇରାଣ କରାଯାଇପାରେ କିମ୍ବା ଧମକ ମିଳିପାରେ ବୋଲି ନିର୍ବାଚନ କମିଶନ ସୂତ୍ରରୁ କୁହାଯାଇଛି।

## ଯୋଗ ବିଶ୍ୱରେ ଶାନ୍ତିର ଦିଶା: ମୋଦି



ନୂଆଦିଲ୍ଲୀ, ୨୧।୬

**ବିଶ୍ୱବ୍ୟାପୀ ଯୋଗଦିବସ ପାଳିତ**

ଅନ୍ତର୍ଜାତୀୟ ଯୋଗ ଦିବସ ଶନିବାର ବିଶ୍ୱବ୍ୟାପୀ ପାଳିତ ହୋଇଯାଇଛି। ଆମେରିକା, ବ୍ରିଟେନ, ଚାଇନା ସମେତ ବିଭିନ୍ନ ଦେଶରେ ହଜାର ହଜାର ଯୋଗପ୍ରେମୀ ଉତ୍ସାହର ସହ ଯୋଗାଭ୍ୟାସ କରୁଥିବା ଦେଖାଯାଇଥିଲା। ଭାରତର ଏହି ପାରମ୍ପରିକ ଅଭ୍ୟାସର ସାର୍ବଜନିକ ଆବଶ୍ୟକତା ବୋଲି ୨୦୧୪ ଡିସେମ୍ବରରେ ସ୍ୱୀକୃତି ମିଳିବା ସହ ଜୁନ୍ ୨୧କୁ ଅନ୍ତର୍ଜାତୀୟ ଯୋଗଦିବସ ଭାବେ ପାଳନ ପାଇଁ ଜାତିସଂଘ ନିଷ୍ପତ୍ତି ନେଇଥିଲା। ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ୧୧ତମ ଅନ୍ତର୍ଜାତୀୟ ଯୋଗଦିବସ ପାଳନର ନେତୃତ୍ୱ ନେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଉତ୍ତେଜନା, ଅସ୍ଥିରତା ଓ ଅଶାନ୍ତି ମଧ୍ୟରେ ଗତି କରୁଥିବା ବିଶ୍ୱରେ ଯୋଗ ହେଉଛି ଶାନ୍ତିର ଦିଶା। ଦେଶ, ବୟସ ଓ ସାମର୍ଥ୍ୟ ନିର୍ବିଶେଷରେ ଯୋଗ ପ୍ରତ୍ୟେକଙ୍କ ପାଇଁ ଆବଶ୍ୟକ। ଅନ୍ତର୍ଜାତୀୟ ଯୋଗ ଦିବସ ପାଇଁ ତାଙ୍କ ପ୍ରସ୍ତାବକୁ ଅନ୍ୟୁନ ୧୭୫ଟି ଦେଶ ଗ୍ରହଣ କରିବା ସହ ଏହା ସାରା ବିଶ୍ୱକୁ ଏକାଠି କରିଥିଲା। ଏଥର ଯୋଗ ଦିବସର ଶୀର୍ଷକ ଥିଲା, 'ଗୋଟିଏ ପୃଥିବୀ, ଗୋଟିଏ ସ୍ୱାସ୍ଥ୍ୟ ପାଇଁ ଯୋଗ'।


ପାର୍ଲାମେଣ୍ଟ ପରିସରରେ ଯୋଗାଭ୍ୟାସ କରୁଛନ୍ତି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା।
(ଫଟୋ: ଚମନ ଗୌତମ)

## ଟାଟା ପୂର୍ବତନ ଅଧିକାରୀଙ୍କ ନାଁରେ ସିବିଆଇ ମାମଲା

ମୁମ୍ବାଇ, ୨୧।୬

୨୦୦୩ରୁ ୨୦୧୯ ମଧ୍ୟରେ ମୁମ୍ବାଇ ନିକଟସ୍ଥ ଜାହାଜ ଚଳାଚଳ ଲେନ୍‌ଗୁଡ଼ିକୁ ଗଭୀର କରିବା ପାଇଁ କ୍ୟାପିଟାଲ ଡ୍ରେଜିଂ ପ୍ରୋଜେକ୍ଟରେ ୮୦୦ କୋଟି ଟଙ୍କା ମୂଲ୍ୟର ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିଜର ପ୍ରାରମ୍ଭିକ ଯାଞ୍ଚ ଶେଷ କରିଛି। ଶୁକ୍ରବାର ଜବାହରଲାଲ ନେହେରୁ ପୋର୍ଟ ଟ୍ରଷ୍ଟ (ଜେଏନ୍‌ପିଟି) ଏବଂ ଟାଟା କନ୍‌ସଲଟିଂ ଇଞ୍ଜିନିୟର୍ସ (ଟିସିଇ)ର ପୂର୍ବତନ ଅଧିକାରୀଙ୍କ ସମେତ ୨ଟି ଡ୍ରେଜିଂ କମ୍ପାନୀ ବିରୋଧରେ ସିବିଆଇ ମାମଲା ରୁଜୁ କରିଛି। ଜେଏନ୍‌ପିଟିର ତତ୍କାଳୀନ ମୁଖ୍ୟ ଇଞ୍ଜିନିୟର ସୁନୀଲ କୁମାର ମାଧବୀ ଏବଂ ତତ୍କାଳୀନ ଟିସିଇ ପ୍ରୋଜେକ୍ଟ ଡାଇରେକ୍ଟର ଦେବଦତ୍ତ ବୋଷଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ସିବିଆଇ ୨୦୨୨ରେ ଏହି ମାମଲାର ତଦନ୍ତ ଆରମ୍ଭ କରିଥିଲା।

## ଆଇନରେ ପରିଣତ ହେବ ସହାୟତାପ୍ରାପ୍ତ ମୃତ୍ୟୁ

**ବ୍ରିଟେନ୍ ହାଉସ୍ ଅଫ୍ କମନ୍ସରେ ବିଲ୍ ପାସ୍**

ଲଣ୍ଡନ, ୨୧।୬

ଇଂଲଣ୍ଡ ଏବଂ ୱେଲ୍ସରେ ଅତ୍ୟଧିକ ଅସୁସ୍ଥ ଥିବା ବ୍ୟକ୍ତିମାନଙ୍କୁ ସହାୟତାପ୍ରାପ୍ତ ମୃତ୍ୟୁର ଅଧିକାର ଦିଆଯିବ। ବ୍ରିଟେନ୍‌ର ନିମ୍ନ ସଦନ ହାଉସ୍ ଅଫ୍ କମନ୍ସରେ ଶୁକ୍ରବାର 'ଟର୍ମିନାଲି ଇଲ୍ ଆଡଲ୍ଟସ୍ (ଏଣ୍ଡ ଅଫ୍ ଲାଇଫ୍) ବିଲ୍' ଗୃହୀତ ହୋଇଛି। ବିଲ୍ ସପକ୍ଷରେ ୩୧୪ ଭୋଟ ପଡ଼ିଥିବା ବେଳେ ବିପକ୍ଷରେ ୨୯୧ ଭୋଟ୍ ପଡ଼ିଥିଲା। ଏହି ଐତିହାସିକ ବିଲ୍‌ର ଭୋଟିଂ ପାଇଁ ଦଳୀୟ ଭାବନାରୁ ଊର୍ଦ୍ଧ୍ୱକୁ ଯାଇ ମତଦାନ କରିବାକୁ ଏମ୍‌ପିମାନଙ୍କୁ ଅନୁମତି ମିଳିଥିଲା। ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟର୍ମର ବିଲ୍ ସପକ୍ଷରେ ଭୋଟ୍ ଦେଇଥିଲେ।



ବିଲ୍ ପାସ୍ ହେବା ପରେ ସମର୍ଥକମାନେ ଉତ୍ସବ ପାଳନ କରୁଛନ୍ତି।

ଉଚ୍ଚ ସଦନରେ ଅନୁମୋଦନ ମିଳିଲେ ରାଜକୀୟ ସ୍ୱୀକୃତି ପରେ ଏହା ଆଇନରେ ପରିଣତ ହେବ। ବିଲ୍ ଅନୁଯାୟୀ, ୬ ମାସରୁ କମ୍ ସମୟ ବଞ୍ଚିବାକୁ ଥିବା ରୋଗୀଙ୍କୁ ତାଙ୍କର ତଥା ତାଙ୍କ ପରିବାରର ସମ୍ମତିକ୍ରମେ ଡାକ୍ତର, ମନସ୍ତତ୍ତ୍ୱବିତ୍, ସାମାଜିକ କର୍ମୀ ଏବଂ ବରିଷ୍ଠ ଓକିଲ ଥିବା ପ୍ୟାନେଲର ଅନୁମୋଦନ ପରେ ସହାୟତାପ୍ରାପ୍ତ ମୃତ୍ୟୁର ଅଧିକାର ଦିଆଯିବ।

**ଫୁର୍‌ସତ୍**

## ନୂଆ ଲୁକ୍‌ରେ ଗୋବିନ୍ଦା

ମୁମ୍ବାଇ



ବଲିଉଡ୍ ଅଭିନେତା ଗୋବିନ୍ଦା ଶୁକ୍ରବାର ତାଙ୍କ ଇନ୍‌ଷ୍ଟାଗ୍ରାମରେ ନିଜର ଏକ ନୂଆ ଲୁକ୍‌କୁ ଶେୟାର କରିଛନ୍ତି। ଏହାକୁ ଦେଖି ତାଙ୍କର ଅନେକ ପ୍ରଶଂସକ ଦ୍ୱନ୍ଦ୍ୱରେ ପଡ଼ିବା ସହ ଗୋବିନ୍ଦାକୁ ଚିହ୍ନିପାରି ନ ଥିଲେ। ଏହି ଲୁକ୍‌ରେ ଗୋବିନ୍ଦା ଘନ କେଶ ସହ ନିଶ ରଖିଥିବାର ଦେଖିବାକୁ ମିଳିଥିଲା। ସେ ଧଳା ଶାର୍ଟ, କଳା ଚଷମା ଏବଂ ଏକ ସୁଟ୍ ପିନ୍ଧିଥିବାର ଏହି ଫଟୋରେ ନଜରକୁ ଆସିଛନ୍ତି। ଗୋବିନ୍ଦାଙ୍କ ଏହି ପରିବର୍ତ୍ତିତ ଲୁକ୍‌କୁ ଦେଖି ଏହା ତାଙ୍କର କୌଣସି ନୂତନ ଫିଲ୍ମର ଲୁକ୍ ହୋଇଥିବା ନେଇ ଅନେକ ପ୍ରଶଂସକ ଅନୁମାନ କରିଛନ୍ତି। ତେବେ ଗୋବିନ୍ଦାଙ୍କ ପକ୍ଷରୁ ଏନେଇ କୌଣସି ସୂଚନା ଦିଆଯାଇ ନାହିଁ। ପ୍ରକାଶ ଯେ, ୯୦ ଦଶକରେ ବଲିଉଡ୍‌କୁ ଅନେକ ସୁପରହିଟ ଫିଲ୍ମ ଦେଇଥିବା ଗୋବିନ୍ଦା ୨୦୦୦ ମସିହା ପରଠାରୁ ଫିଲ୍ମ ଜଗତରେ ବିଶେଷ ସଫଳତା ପାଇନାହାନ୍ତି। ଏହି ଅବଧିରେ ସେ କେତେକ ଫିଲ୍ମରେ ଅଭିନୟ କରିଥିଲେ ମଧ୍ୟ ସେଗୁଡ଼ିକ ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇ ନ ଥିଲା।

# ଓଡ଼ିଶା ପିଲାଙ୍କୁ ପଢ଼ାଉଛି ଆନ୍ଧ୍ର

## ଏକକ ଆପାର ଆଇଡି କରି ବଢ଼ାଉଛି ଛାତ୍ରୀଛାତ୍ର ସଂଖ୍ୟା

ନନ୍ଦପୁର,୨୧।୬(ତୁଷାରକାନ୍ତ ମହାନ୍ତି)

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ସମଗ୍ର ଦେଶର ଛାତ୍ରୀଛାତ୍ରଙ୍କ ଏକକ ଆପାର ଆଇଡି କରିବାକୁ ପଦକ୍ଷେପ ନେଇଛି। ଏହାର ସୁଯୋଗରେ ଓଡ଼ିଶା ପିଲାଙ୍କୁ ଆନ୍ଧ୍ର ନିଜର ଦର୍ଶାଇ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢ଼ାଉଛି। ବିଦ୍ୟାଳୟରେ ନାମ ଲେଖାଇଲେ ଆନ୍ଧ୍ର ସରକାରଙ୍କ ଆମ୍ମାବାଡି ଯୋଜନାରେ ଛାତ୍ରୀଛାତ୍ରଙ୍କ ମା'ଙ୍କ ନାଁରେ ୧୫ ହଜାର ଟଙ୍କା ଜମା, ଉଚ୍ଚସ୍ତରୀୟ ଭିତ୍ତିଭୂମି, ଶିକ୍ଷା ଓ ଆବାସିକ ବ୍ୟବସ୍ଥାର ପ୍ରଲୋଭନ ଦିଆଯାଉଛି।

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଅଧୀନ ପାଡୁଆ, କୁଲାବିର, ଚାଟୁଆ, ପାଙ୍ଗଲୁଙ୍ଗ, କୁଲାରସିଂ, ଗୋଲୁର, ଖ୍ରିନବର ଆଦି ପଞ୍ଚାୟତର ଛାତ୍ରୀଛାତ୍ର ଆନ୍ଧ୍ର ସ୍କୁଲରେ ପଢୁଛନ୍ତି। ପାଡୁଆ ଓ କୁଲାବିର ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ପାଇଁ ବସ୍ ପଠାଇ ଆନ୍ଧ୍ରର ଆରକୁ ବିଦ୍ୟାଳୟ ନେବା ଆଣିବା ବ୍ୟବସ୍ଥା କରାଯାଇଛି। ପାଙ୍ଗଲୁଙ୍ଗ, ଗୋଲୁର ଓ କୁଲାରସିଂ ପଞ୍ଚାୟତର ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆନ୍ଧ୍ର ପେଦାବାଇଲିରେ ଥିବା ୧୦ ଆବାସିକ ବିଦ୍ୟାଳୟରେ ପାଠ ପଢୁଛନ୍ତି। ଅଟୋ ଓ ଅନ୍ୟ ଗାଡ଼ି ଯୋଗେ ସେମାନଙ୍କ ସ୍କୁଲକୁ ଯାତାୟାତ ବ୍ୟବସ୍ଥା କରାଯାଇଛି। ସେହିପରି ବିଲାପୁଟ ପଞ୍ଚାୟତର ଜୋଲାପୁଟ ଓ ଖ୍ରିନମୁଙ୍ଗ ଗ୍ରାମର ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆନ୍ଧ୍ର ମୁଚିଙ୍ଗପୁଟରେ ଥିବା ସରକାରୀ ଓ ବେସରକାରୀ ସ୍କୁଲରେ ପାଠ ପଢୁଛନ୍ତି।



ପାଡୁଆ ଅଞ୍ଚଳର ଛାତ୍ରୀଛାତ୍ର ଆନ୍ଧ୍ର ସ୍କୁଲ ବସ୍‌ରେ ଯାଉଛନ୍ତି।

ସୂଚନାନୁଯାୟୀ, ଖରାଛୁଟିରେ ଆନ୍ଧ୍ରର କେତେକ ସ୍କୁଲର କର୍ତ୍ତୃପକ୍ଷ ସୀମାନ୍ତ ନନ୍ଦପୁର ବ୍ଲକ୍‌ର ୭ ପଞ୍ଚାୟତ ବୁଲି ଅଭିଭାବକଙ୍କୁ ବିଭିନ୍ନ ଯୋଜନାର ପ୍ରଲୋଭନ ଦେଖାଇ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ବିଦ୍ୟାଳୟରେ ନାମ ଲେଖାଇବାରେ ସଫଳ ହୋଇଛନ୍ତି। ଅଭିଭାବକଙ୍କୁ ଆମ୍ମାବାଡ଼ି, ଭାସତି ବେଦନା ଯୋଜନାରେ ୧୫ ହଜାର ଲେଖାଏ ଆନ୍ଧ୍ର ପ୍ରଦାନ କରୁଛି। ଏ ସମ୍ପର୍କରେ ନନ୍ଦପୁର ଗୋଷ୍ଠୀ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକଙ୍କୁ ପଚାରିବାରୁ ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଘର ଘର ବୁଲି ଅଭିଭାବକଙ୍କୁ ଓଡ଼ିଶା ସ୍କୁଲରେ ପିଲାଙ୍କ ନାମ ଲେଖାଇବାକୁ ସଚେତନ କରାଯାଉଛି। କିନ୍ତୁ ଆନ୍ଧ୍ର ବିଦ୍ୟାଳୟ କର୍ତ୍ତୃପକ୍ଷ ଅଭିଭାବକଙ୍କ ସମେତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଆଳରେ ପ୍ରଲୋଭିତ କରୁଛନ୍ତି। ଆନ୍ଧ୍ର ବିଦ୍ୟାଳୟ ବସ୍ ବିନା ପର୍ମିଟ୍‌ରେ ସୀମା ପାରହୋଇ ଆସି ଛାତ୍ରୀଛାତ୍ରଙ୍କୁ ନେଉଛି। ଘଟଣା ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କ ଜରିଆରେ ଜିଲାପାଳଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।

ଏ ନେଇ ବିଲାପୁଟ ସରପଞ୍ଚ ରାଜେଶ ଲେନ୍ଦୁଙ୍କୁ ପଚାରିବାରୁ ସେ କହିଛନ୍ତି, ୧୦ ବର୍ଷ ତଳେ ବିଲାପୁଟ ପଞ୍ଚାୟତର ଜୋଲାପୁଟ ପ୍ରାଥମିକ ବିଦ୍ୟାଳୟରେ ଓଡ଼ିଶା ଶିକ୍ଷା ବିଭାଗ ପକ୍ଷରୁ ତେଲୁଗୁ ଶିକ୍ଷକ ନିଯୁକ୍ତ ଥିଲେ। ଜୋଲାପୁଟ ଅଞ୍ଚଳର ସମସ୍ତ ତେଲୁଗୁଭାଷୀ ପରିବାର ପିଲାଙ୍କୁ ଉକ୍ତ ବିଦ୍ୟାଳୟରେ ପଢ଼ାଇ ତେଲୁଗୁ ସମେତ ଓଡ଼ିଆ ଭାଷାରେ ଶିକ୍ଷା ଗ୍ରହଣ କରୁଥିଲେ। ଉକ୍ତ ସ୍କୁଲକୁ ଅପ୍‌ଗ୍ରେଡ୍ କରି ଉଚ୍ଚ ବିଦ୍ୟାଳୟ କରାଯାଇ ତେଲୁଗୁ ଶିକ୍ଷକ ପଦବୀ ହଟାଇ ଦିଆଗଲା। ଏଥିପାଇଁ ସ୍ଥାନୀୟ ବାସିନ୍ଦା(ତେଲୁଗୁ ଭାଷୀ) ପିଲାଙ୍କୁ ଆନ୍ଧ୍ର ସ୍କୁଲରେ ପାଠ ପଢ଼ାଉଛନ୍ତି। ଆନ୍ଧ୍ର ସୀମାକୁ ଲାଗିଥିବା ପଞ୍ଚାୟତର ସମସ୍ତ ବିଦ୍ୟାଳୟରେ ତେଲୁଗୁ ଶିକ୍ଷା ସହ ଶିକ୍ଷକ ନିଯୁକ୍ତି ଦିଆଗଲେ ପିଲା ତେଲୁଗୁ ସହ ଓଡ଼ିଆ ଭାଷାରେ ଶିକ୍ଷା ଓଡ଼ିଶା ସରକାରଙ୍କ ବିଦ୍ୟାଳୟରେ ପଢ଼ିପାରିବେ।

କୋରାପୁଟ ଜିଲାପାଳ ଭି. କୀର୍ତ୍ତିଭାସନ କହିଛନ୍ତି, ନନ୍ଦପୁର ବ୍ଲକ୍‌ର ୮ ପଞ୍ଚାୟତ, ପଟ୍ଟାଙ୍ଗି ବ୍ଲକ୍‌ର କୋଟିଆ ସମେତ ୭ ପଞ୍ଚାୟତ, ବନ୍ଧୁଗାଁ ଓ ନାରାୟଣପାଟଣା ବ୍ଲକ୍‌ର ୬ ପଞ୍ଚାୟତରେ ଶିକ୍ଷା ବ୍ୟବସ୍ଥା ଉପରେ କଡ଼ା ନଜର ରଖାଯାଇଛି। ରାଜ୍ୟ ସରକାରଙ୍କ ପ୍ରତିଷ୍ଠିତ ସମସ୍ତ ଶିକ୍ଷାନୁଷ୍ଠାନର ଭିତ୍ତିଭୂମିରେ ଉନ୍ନତି ଆଣିବାକୁ ଚେଷ୍ଟା କରାଯାଉଛି। ନିଯୁକ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଉଛି। ଅଭିଭାବକଙ୍କୁ ଆନ୍ଧ୍ରର ପ୍ରଲୋଭନର ଶିକାର ନ ହୋଇ ଓଡ଼ିଶା ସ୍କୁଲରେ ପାଠ ପଢ଼ାଇବାକୁ ସଚେତନ କରାଯାଉଛି। ରାଜ୍ୟ ସରକାରଙ୍କୁ ଆନ୍ଧ୍ରର ପ୍ରଲୋଭନ ଓ ଛାତ୍ରୀଛାତ୍ରଙ୍କ ଆପାର ଆଇଡି କରୁଥିବା ସମ୍ପର୍କରେ ଅବଗତ କରାଯାଇଛି। ନିର୍ଦ୍ଦେଶ ଅନୁସାରେ ଆଗାମୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବଢ଼ିଲା ଓମ୍‌ଫେଡ୍ କ୍ଷୀର ମୂଲ୍ୟ

ଭୁବନେଶ୍ୱର,୨୧।୬
(ଅନୁରାଧା ମହାରଣା)

ଓଡ଼ିଶା ଷ୍ଟେଟ୍ କୋଅପରେଟିଭ୍ ମିଲ୍କ ପ୍ରଡ୍ୟୁସର୍ସ ଫେଡେରେଶନ୍ (ଓମ୍‌ଫେଡ୍) ଉତ୍ପାଦିତ କ୍ଷୀର ମୂଲ୍ୟରେ ବୃଦ୍ଧି ହୋଇଛି। ପ୍ରିମିୟମ ଓ ଟୋନ୍‌ଡ କ୍ଷୀର ଲିଟର ପିଛା ୨ ଟଙ୍କା ବୃଦ୍ଧି ହୋଇଥିବା ବେଳେ ଗୋଲ୍ଡ କ୍ଷୀର ଲିଟର ପିଛା ୪ ଟଙ୍କା ବୃଦ୍ଧି କରାଯାଇଛି। ପ୍ରାୟ ୩ବର୍ଷ ପରେ ଓମ୍‌ଫେଡ୍ କ୍ଷୀର ଦର ବୃଦ୍ଧି ହୋଇଛି। ନୂଆ ମୂଲ୍ୟରେ ଏବେ ଉପଲବ୍ଧ ହେଉଛି ଓମ୍‌ଫେଡ୍ କ୍ଷୀର ପ୍ୟାକେଟ୍। ଜୁନ ୧ ବିଶ୍ୱ ଦୁଗ୍ଧ ଦିବସ ଅବସରରେ ଓମ୍‌ଫେଡ୍ ଦୁଗ୍ଧ ଚାଷୀଙ୍କୁ ଲିଟର ପିଛା ଅଧିକ ୩ ଟଙ୍କା ଦେବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ। ଏଥିସହ ଓମ୍‌ଫେଡ୍ ମୂଲ୍ୟ ବୃଦ୍ଧି ନେଇ ମଧ୍ୟ ଘୋଷଣା ହୋଇଥିଲା। ଜୁନ ୧୩ରୁ ନୂଆ ଦର ଲାଗୁ ହେବ ବୋଲି କୁହାଯାଇ ପରେ ସ୍ଥଗିତ ରଖାଯାଇଥିଲା। କିନ୍ତୁ ଜୁନ୍ ୨୧ ତାରିଖରୁ ନୂଆ ଦର ସହ ବଜାରରେ ଓମ୍‌ଫେଡ୍ କ୍ଷୀର ଉପଲବ୍ଧ ହୋଇଛି। ଏହି କ୍ରମରେ ଟୋନ୍‌ଡ କ୍ଷୀର ଲିଟର ପିଛା ୫୦ ଟଙ୍କା, ପ୍ରିମିୟମ କ୍ଷୀର ଲିଟର ପିଛା ୫୪ଟଙ୍କା, ଗୋଲ୍‌ଡ ପ୍ରିମିୟମ୍ ପ୍ଲସ୍ କ୍ଷୀର ୬୦ ଟଙ୍କା ଓ ଗୋଲ୍ଡ ପ୍ରିମିୟମ୍ କ୍ଷୀର ଲିଟର ପିଛା ୫୬ଟଙ୍କା ହୋଇଛି। ତେବେ ଅନ୍ୟ କୌଣସି ଉତ୍ପାଦ ଦର ବୃଦ୍ଧି ହୋଇ ନ ଥିବା ଓମ୍‌ଫେଡ୍ ପକ୍ଷରୁ ସୂଚନା ଦିଆଯାଇଛି।




# ଆଜି ୧୮ ଜିଲାରେ ବର୍ଷିବ

ଭୁବନେଶ୍ୱର,୨୧।୬
(ଅନୁରାଧା ମହାରଣା)

ରାଜ୍ୟରେ ବର୍ଷା ଜାରି ରହିଥିବାବେଳେ ୨୬ ତାରିଖ ସକାଳ ୮ଟା ୩୦ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି। ରବିବାର ବର୍ଷା ସହ ବଜ୍ରପାତ ନେଇ ୧୮ ଜିଲାକୁ ସତର୍କ କରାଯାଇଛି। ଜଗତ୍‌ସିଂହପୁରରେ ପ୍ରବଳ ବର୍ଷା ସମ୍ଭାବନା ଥିବାବେଳେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ପୁରୀ ଓ ଖୋର୍ଦ୍ଧା ଆଦି ଜିଲାରେ ବର୍ଷା ସହ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିପାରେ। ଶନିବାର ସୋନପୁରରେ ୨୭.୦ ମିମି, କଟକରେ ୨୧.୨ ମିମି, ପାରାଦୀପରେ ୧୬.୦ ମିମି, ଭୁବନେଶ୍ୱର ଓ ଜଗତ୍‌ସିଂହପୁରରେ ୩.୧ ମିମି ବର୍ଷା ରେକର୍ଡ ହୋଇଛି।

## ଟ୍ରେଲରକୁ ପିଟିଲା ବାଇକ୍, ୨ ଗୁରୁତର

ସୁନ୍ଦରଗଡ଼,୨୧।୬(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ଼ ଜିଲା ସଦର ଥାନା ଅନ୍ତର୍ଗତ ରସରାଜପୁର ନିକଟ ବିଜୁ ଏକ୍ସପ୍ରେସ୍ ୱେରେ ଶନିବାର ରାତି ପ୍ରାୟ ୯ଟା ୪୫ରେ ଏକ ଟ୍ରେଲର ପଛରେ ବାଇକ୍ ପିଟି ହେବାରୁ ୨ ଜଣ ଗୁରୁତର ହୋଇଛନ୍ତି। ଖବର ଲେଖାହେବା ସୁଦ୍ଧା (ରାତି ୧୦ଟା) ଗୁରୁତରଙ୍କ ପରିଚୟ ମିଳିପାରିନାହିଁ। ସଦର ଥାନା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ତଦନ୍ତ କରୁଛି। ସୂଚନାଯୋଗ୍ୟ, ରାଉରକେଲା ପଟୁ ସୁନ୍ଦରଗଡକୁ ଯାଉଥିବା ଏକ ଟ୍ରେଲର ପଛପଟକୁ ଉକ୍ତ ବାଇକ୍ ଧକ୍କା ଦେଇଥିଲା।







# ରାଜ୍ୟ ସରକାରଙ୍କ ପ୍ୟାନେଲରୁ ୩ ବ୍ୟାଙ୍କ ବାଦ୍

STATE INSTITUTE OF HOTEL MANAGEMENT
DIGITAL DOOR NO.ODBLGBIJ01A002, BIJAKHAMAN, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPARTMENT OF TOURISM, GOVT. OF ODISHA)
SIHM SPOT ADMISSION NCHMCT
FOR HOTEL MANAGEMENT COURSES
FOR 10+2 PASSOUT CANDIDATES
ENGLISH SHOULD BE ONE OF THE SUBJECT AT THE 12TH LEVEL
DEGREE IN B.Sc IN HOSPITALITY & HOTEL ADMINISTRATION/VEGETARIAN
Age: No age limit
Duration - 03 Years
FOR 10+2 PASSOUT CANDIDATES
DIPLOMA IN HOTEL MANAGEMENT
Trade: 1. Food Production (only vegetarian option available) 2. Housekeeping Operation 3. Food & Beverage Service 4. Front Office Operations 5. Bakery & Confectionery
Age: No age limit
Duration - 1 Year & 6 Months
FOR CLASS 10 PASSOUT CANDIDATES
CERTIFICATE COURSE IN FOOD PRODUCTION/VEGETARIAN
Age: No age limit
Duration - 1 Year & 6 Months
&
CERTIFICATE COURSE IN FOOD & BEVERAGE SERVICE
Age: No age limit
Duration - 6 Months
FOR FURTHER DETAILS
visit our website: www.sihmbalangir.org
e-mail : admissions@sihmbalangir.org
Contact No. 8447903803, 9437140772, 8018581031

ଭୁବନେଶ୍ୱର,୨୧।୬(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ଯୋଜନାକୁ ଉଚିତ ଢଙ୍ଗରେ କାର୍ଯ୍ୟକାରୀ ନ କରିବା ତିନୋଟି ଘରୋଇ ବ୍ୟାଙ୍କକୁ ମହଙ୍ଗା ପଡ଼ିଛି। ଅର୍ଥ ବିଭାଗ ପକ୍ଷରୁ ଶନିବାର ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ଏବଂ ଆକ୍ସିସ୍ ବ୍ୟାଙ୍କକୁ ସରକାରଙ୍କ ଏମ୍‌ପ୍ୟାନେଲ ତାଲିକାରୁ ବାଦ୍ ଦିଆଯାଇଛି। ଏ ନେଇ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ସବୁ ବିଭାଗ ମୁଖ୍ୟଙ୍କୁ ପତ୍ର ଲେଖି ତୁରନ୍ତ ଏହି ତିନି ବ୍ୟାଙ୍କର ସମସ୍ତ ସରକାରୀ କାରବାର ବନ୍ଦ କରିବାକୁ ଦର୍ଶାଇଛନ୍ତି। ଶାଶ୍ୱତ କହିଛନ୍ତି, ଗତ ଦୁଇଟି ଆର୍ଥିକବର୍ଷରେ କେତେକ ପ୍ରମୁଖ ସରକାରୀ ଯୋଜନାରେ ନିରନ୍ତର ଖରାପ ପ୍ରଦର୍ଶନ କରିବା ସହ ସାଧାରଣ ବ୍ୟାଙ୍କିଙ୍ଗ ମାପଦଣ୍ଡରେ ନିରୁତ୍ସାହଜନକ ଫଳାଫଳକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି।

ନିର୍ଦ୍ଦେଶନାମା ଅନୁଯାୟୀ, ସରକାରୀ ବିଭାଗ, ନିର୍ଦ୍ଦେଶାଳୟ, ମୁଖ୍ୟ କାର୍ଯ୍ୟାଳୟ, ପ୍ରତିଷ୍ଠାନ, ଏଜେନ୍ସି, ପିଏସ୍‌ୟୁ, ସୋସାଇଟି, ବିଶ୍ୱବିଦ୍ୟାଳୟ ଆଦି ସରକାରୀ ଓ ରାଜ୍ୟ ସରକାରଙ୍କ ସମର୍ଥିତ ସଂସ୍ଥାଗୁଡ଼ିକୁ ଏହି ୩ ବ୍ୟାଙ୍କରେ ଥିବା ସେଭିଙ୍ଗ୍ ଖାତା, କରେଣ୍ଟ ଖାତା ବା ଅନ୍ୟାନ୍ୟ ଚଳନ୍ତି ଖାତାଗୁଡ଼ିକୁ ତୁରନ୍ତ ବନ୍ଦ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ। ଏହି ଖାତାଗୁଡ଼ିକର ବାଲାନ୍ସକୁ ଅନ୍ୟ କୌଣସି ପ୍ୟାନେଲଭୁକ୍ତ ବ୍ୟାଙ୍କରେ ଜମା କରାଯିବ। ନୂଆ ବା ପୂର୍ବରୁ ଖୋଲାଯାଇଥିବା ଖାତାକୁ ସ୍ଥାନାନ୍ତର କରିବାକୁ ସେ କହିଛନ୍ତି। ତେବେ ୩ ବ୍ୟାଙ୍କରେ ବର୍ତ୍ତମାନ ଥିବା ଫିକ୍ସଡ୍ ଡିପୋଜିଟ/ଟର୍ମ ଡିପୋଜିଟ ଆଦିକୁ ଏବେ ବନ୍ଦ କରାଯିବ ନାହିଁ। କାରଣ ହଠାତ୍ ବନ୍ଦ ହେଲେ ସୁଧରେ କ୍ଷତି ହୋଇପାରେ। କିନ୍ତୁ ଏହି ଜମାର ମାଚ୍ୟୁରିଟି ସମୟରେ ମୂଳ ଜମା ସହ ମିଳିଥିବା ସୁଧ ସମେତ ସମ୍ପୂର୍ଣ୍ଣ ଅର୍ଥକୁ ଅନ୍ୟ ପ୍ୟାନେଲଭୁକ୍ତ ବ୍ୟାଙ୍କକୁ ସ୍ଥାନାନ୍ତର କରାଯିବ। ଉକ୍ତ ନିର୍ଦ୍ଦେଶନାମା ଏହି ପତ୍ର ଜାରି ହେବା ତାରିଖରୁ କାର୍ଯ୍ୟକାରୀ ହେବ। ଶାଶ୍ୱତ ସମସ୍ତ ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ, କମିଶନର ତଥା ସଚିବ ଏବଂ ସଚିବମାନଙ୍କୁ ସେମାନଙ୍କ ନିୟନ୍ତ୍ରଣାଧୀନ ରାଜ୍ୟ ସରକାର ଓ ରାଜ୍ୟ ସରକାର ସମର୍ଥିତ ସଂସ୍ଥାଗୁଡ଼ିକୁ ଏହାର ଅନୁପାଳନ କରିବା ପାଇଁ ଅବଗତ କରାଇଛନ୍ତି। ଏହାର ଖିଲାପ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦର୍ଶାଇଛନ୍ତି।



# ରଥଯାତ୍ରା ପରେ ଭାଜପା ଘୋଷଣା କରିପାରେ ନୂଆ ରାଜ୍ୟ ସଭାପତି

ଭୁବନେଶ୍ୱର,୨୧।୬(ସୁନିତ୍ ମିଶ୍ର)

ରଥଯାତ୍ରା ପରେ ଭାଜପାକୁ ନୂଆ ରାଜ୍ୟ ସଭାପତି ମିଳିପାରନ୍ତି। ଏହା ପୂର୍ବରୁ ଦଳର ନୂଆ ସଭାପତି ଚୟନ କଥା ନେଇ କିଛି ସମ୍ଭାବନା ନାହିଁ। ଦଳର ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ଏଭଳି ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ତୋମାର କହିଛନ୍ତି, ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତି ପ୍ରକ୍ରିୟା ସରିନାହିଁ। ଏବେ ରଥଯାତ୍ରା କାର୍ଯ୍ୟକ୍ରମ ରହିଛି। ମହାପ୍ରଭୁଙ୍କ ରଥଯାତ୍ରା ପରେ ଏନେଇ ହୋଇପାରେ। ଖୁବ୍‌ଶୀଘ୍ର ଦଳର ସାଙ୍ଗଠନିକ ନିଯୁକ୍ତି ପ୍ରକ୍ରିୟା ସରିବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଭାଜପା କ୍ଷମତାକୁ ଆସିବାର ବର୍ଷେ ପୂରଣ ହୋଇସାରିଛି। ହେଲେ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ୬ ମନ୍ତ୍ରୀପଦ ପୂରଣ କରିନାହାନ୍ତି। କିଛିଦିନ ହେଲା ଏହି ୬ ମନ୍ତ୍ରୀ ପଦ ନେଇ ଘୋଷଣା ହୋଇପାରେ ବୋଲି ଚର୍ଚ୍ଚା ଏବଂ ଆଲୋଚନା ହେଉଛି। ଏହି ଆଲୋଚନା ଭିତରେ କେତେଜଣ ନେତା ମଧ୍ୟ ମନ୍ତ୍ରୀପଦ ଲାଗି ଆଶାୟୀ ଅଛନ୍ତି। ତେଣୁ ସରକାର କୌଣସି ସମୟରେ ଏହି ୬ ମନ୍ତ୍ରୀ ପଦ ନେଇ ଘୋଷଣା କରିପାରନ୍ତି ବୋଲି ଶୁଣିବାକୁ ମିଳୁଛି। ସେହିପରି ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ବର୍ଷେ ବିତିଯାଇଥିଲେ ମଧ୍ୟ କୌଣସି ବୋର୍ଡ ଓ ନିଗମର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିନାହାନ୍ତି। ତେଣୁ ଏହା ମଧ୍ୟ ରାଜ୍ୟ ସରକାର ଘୋଷଣା କରିବେ। ଅନ୍ୟପଟେ ଦଳ ସରକାରକୁ ଆସିବା ପରେ ସଭାପତି ଚୟନ ପ୍ରକ୍ରିୟା ସବୁଠୁ ଚର୍ଚ୍ଚାର ବିଷୟ ପାଲଟିଛି। ହେଲେ ସଭାପତି ଚୟନରେ ଦଳରେ ବିଳମ୍ବ ହେବାରେ ଲାଗିଛି। ତେଣୁ ସଭାପତି ଚୟନ ପ୍ରକ୍ରିୟାକୁ ନେଇ ଦଳ ଭିତରେ ବିଭିନ୍ନ ସମୟରେ ଚର୍ଚ୍ଚା ଏବଂ ଆଲୋଚନା ଜୋର ଧରିଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ପୂଜାର୍ଚ୍ଚନା, ସ୍ଥାନ: ଲିଙ୍ଗରାଜ ମନ୍ଦିର, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ତ୍ରୁପ୍ତି ଅଟୋୱାର୍ଲ୍ଡ, ପାତ୍ରପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ବିର୍ଶା ମୁଣ୍ଡାଙ୍କ ଉପରେ ଲୋକାର୍ପିତ ହୋଇଥିବା ଅନ୍‌ଲାଇନ କଳା ପ୍ରଦର୍ଶନୀରେ ଚିତ୍ରକଳା ପ୍ରଦର୍ଶନ କରିଥିବା କେତେଜଣ କଳାକାରଙ୍କୁ ସମ୍ବର୍ଦ୍ଧିତ, ସ୍ଥାନ: ଧଉଳି ପାଦଦେଶ, ସମୟ: ପୂର୍ବାହ୍ନ ୧୧ଟା।
- ଗନ୍ଧର୍ବ କଳା ପରିଷଦ ପକ୍ଷରୁ ଡ. ଦିବାକର ମିଶ୍ର ଗନ୍ଧର୍ବ କଳା ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- କଟକ ମହାନଗର ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଯୁବ ସମ୍ମିଳନୀ, ସ୍ଥାନ: ଟାଉନ ହଲ୍, ଚୌଧୁରୀ ବଜାର, ସମୟ: ପୂର୍ବାହ୍ନ ୧୦ଟା।
- ଆଇନ ସେବା ସଂସ୍ଥା କ୍ଲାପ ପକ୍ଷରୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଶଙ୍ଖାମେରୀ ଉଚ୍ଚ ବାଳିକା ବିଦ୍ୟାଳୟ ପରିସର, ବଡ଼ମ୍ବା, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ

- ଅନୁରାଗ ସାହିତ୍ୟ ସଂଗୋଷ୍ଠୀ ଟ୍ରଷ୍ଟ, ପୁରୀର ସପ୍ତମ ବାର୍ଷିକୋତ୍ସବ ଏବଂ ସାରସ୍ୱତ ସମାରୋହ, ସ୍ଥାନ: ସଦାଶିବ ପରିସର, ପୁରୀ, ସମୟ: ସକାଳ ୯ଟା।

## ବାଲେଶ୍ୱର

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସତ୍ୟସାଇ ମନ୍ଦିର, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ପ୍ରସ୍ତୁତି ବୈଠକ, ସ୍ଥାନ: ଖୁସି ପ୍ଲାଜା, ଜଳେଶ୍ୱର, ସମୟ: ଅପରାହ୍ନ ୩ଟା ୩୦।
- ରାମଚନ୍ଦ୍ର ଫାଉଣ୍ଡେଶନ ପକ୍ଷରୁ ଦ୍ୱାଦଶ ବାର୍ଷିକ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ତେଲିଆଗଞ୍ଜ ଶିବମନ୍ଦିର ନିକଟ, ସୋର, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ

- ରକ୍ତଦାନ ଶିବିର, ସ୍ଥାନ: ଭଞ୍ଜନଗର ଷ୍ଟେଟ ବ୍ୟାଙ୍କ, ସମୟ: ସକାଳ ୯ ଟା।
- ମାନବ ସେବା ସମିତି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ହରିହର ହାଇ ସ୍କୁଲ ଆସିକା, ସମୟ: ସକାଳ ୯ ଟା।
- ପୂର୍ବତନ ବିଧାୟକ ବିଶନାଥ ସାହୁଙ୍କ ଜନ୍ମ ଶତବାର୍ଷିକୀ ସମାରୋହ, ସ୍ଥାନ: ଶ୍ରୀଚନ୍ଦ୍ର ଚୁଡେଶ୍ୱର ଶୈବପୀଠ ଦିଗପହଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।

## ନୟାଗଡ଼

- ଉପନ୍ୟାସ ଉନ୍ମୋଚନ ଓ ସାହିତ୍ୟ ସଭା, ସ୍ଥାନ: ଦଶପଲ୍ଲା ମେଳିଆ ତୋଟା ତୈଳିକ ବୈଶ୍ୟ ସମାଜ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ଶ୍ରୀ ଭେଙ୍କଟେଶ୍ୱର ମନ୍ଦିରର ୪୪ ତମ ବାର୍ଷିକ ଉତ୍ସବ, ସ୍ଥାନ: ଗୁଣପୁର ଶ୍ରୀ ଭେଙ୍କଟେଶ୍ୱର ମନ୍ଦିର, ସମୟ: ସକାଳ ୮ଟା ୩୦।
- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ରାୟଗଡା ବିଧାୟକଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ରାୟଗଡ଼ା ତେଜସ୍ୱୀ ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଜିଲା କିକ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା।
- ବାବା ମଠେଶ୍ୱର ପୀଠ ଆୟୋଜନରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଖର୍ସନମାଲର ଖଇରମାଲ ଗ୍ରାମ, ସକାଳ ୮ଟା।
- କଲମ ପରିବାର ଆୟୋଜନରେ କବିତା ପାଠୋତ୍ସବ ଓ ଆଲୋଚନା ଚକ୍ର, ସ୍ଥାନ : ସମ୍ବାଦିକ ଭବନ, ସମୟ : ସକାଳ ୯ଟା ୪୫।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁର ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁର ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁର କଳା ପରିଷଦ, ସମୟ : ପୂର୍ବାହ୍ନ ୧୧ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।

## ବଲାଙ୍ଗୀର

- ଚତୁରଙ୍ଗର ସମ୍ପାଦନା ମଣ୍ଡଳୀ ବୈଠକ,ସ୍ଥାନ: ଜିଲା ସଂସ୍କୃତି ଭବନ ପାଠାଗାର, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।
- ଲୋକ ନାଟକ ମହୋତ୍ସବ ଆଲୋଚନାଚକ୍ର, ସ୍ଥାନ: ଆଇସିଡିଏସ୍ ସଭାଗୃହ, ଲୋଇସିଂହା,ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ରାଜ୍ୟ ପରିବହନ ଶ୍ରମିକଙ୍କ ରାଜ୍ୟ ସମାବେଶ, ସ୍ଥାନ: ସେକ୍ଟର-୫ ଆଦର୍ଶ ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆପୋଲୋ ୟୁରୋକନ୍ ୨୦୨୫, ସ୍ଥାନ: ସେକ୍ଟର-୧୯ ଆପୋଲୋ ହସ୍ପିଟାଲ, ସମୟ: ସକାଳ ୯ଟା।
- ସୁର ତରଙ୍ଗ ପକ୍ଷରୁ ଇନ୍ଦ୍ରଧନୁର ସପ୍ତରଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ଜାବ୍‌ର ସାଧାରଣ ପରିଷଦ ବୈଠକ,ସ୍ଥାନ: ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ସମ୍ମିଳନୀ କକ୍ଷ, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।
- ହଳଧର ସାହିତ୍ୟ ସେମିନାର୍ ପ୍ରସ୍ତୁତି,ସ୍ଥାନ: ବିକାଶ ଫାଷ୍ଟଷ୍ଟେପ୍, ବରଗଡ଼,ସମୟ: ଅପରାହ୍ନ ୪ଟା।
- ମାସିକ ଆଲୋଚନା ସଭା,ସ୍ଥାନ:ଗାନ୍ଧୀ ଭବନ, ବରଗଡ଼,ସମୟ:ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ନବନିର୍ମିତ ମାଉସୀ ମା' ମନ୍ଦିର ପ୍ରତିଷ୍ଠା ଉତ୍ସବର ରତ୍ନମୁଦ୍, ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଲାଞ୍ଜିଗଡ଼ ମାଉସୀ ମା' ମନ୍ଦିର ପରିସର, ସମୟ: ସକାଳ ୯ଟା।

## ସୁବର୍ଣ୍ଣପୁର

- ମଦ୍ୟପ ଡ୍ରାଇଭିଂ ବିରୋଧରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ଅବକାରୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା ୩୦।
- ତରଭା ବ୍ଲକ ଚାରଭଟା ପଞ୍ଚାୟତରେ ନିଶା ନିବାରଣ ସଚେତନତା ଅଭିଯାନ, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ବ୍ଲକ ସିଂହାରୀ ପଞ୍ଚାୟତରେ ନିଶା ନିବାରଣ ସଚେତତନତା ଅଭିଯାନ, ସ୍ଥାନ:ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ଅନ୍ତର୍ଡା ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- କ୍ରାନ୍ତିବୀର ସଦ୍‌ଗୁରୁ ଘାସିଦାସ ପୁସ୍ତକର ଲୋକାର୍ପଣ ସମାରୋହ, ସ୍ଥାନ: ପୋଲିସ ପଡିଆ କଲ୍ୟାଣ ମଣ୍ଡପ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଗୋପବନ୍ଧୁ ସ୍ମାରକୀ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ମୃତ୍ତିକା ସଂରକ୍ଷଣ ବିଭାଗ ସମ୍ମିଳନୀ କକ୍ଷ ନୂଆପଡ଼ା, ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ ସଦ୍ଭାବ ଓ ସମ୍ପର୍କୀୟଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର ପାଇ ଖୁସି ରହିବେ। ଆଜକୁ କେତେଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସୁବିଧାରେ ପାଇଯାଇପାରନ୍ତି। ନିର୍ମାଣ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନର ଆଶା ରହିଛି। ଅଶ୍ୱିନୀ ନକ୍ଷତ୍ରର କର୍ମ ପରିସର ବୃଦ୍ଧି ସହ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ।

**ବୃଷ** ଘରୋଇ ଝାମେଲା କାରଣରୁ ମାନସିକ ଅସ୍ଥିରତା ଅନୁଭବ କରିବେ। ବାଣିଜ୍ୟ, ପରିବହନ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ନ ରହିଲେ ଅଦଳବଦଳ ହୋଇଯାଇପାରେ। କୃତ୍ତିକା ନକ୍ଷତ୍ରର ଦୂରସ୍ଥ ସନ୍ତାନ କିମ୍ବା ଆତ୍ମୀୟଙ୍କ ସକାଶେ ମନ ବିଚଳିତ ରହିବ।

**ମିଥୁନ** କର୍ମକ୍ଷେତ୍ରରେ ଅସୁବିଧା ମଧ୍ୟରେ ଅଟକି ରହିଥିବା କାମ ସୁବିଧାରେ ହୋଇଯିବ। ଆର୍ଦ୍ରା ନକ୍ଷତ୍ରର ଦୈହିକ ଦୁର୍ବଳତା ଯୋଗୁ ମନ୍ଥର ଗତିରେ ପ୍ରତ୍ୟେକ କାମ ସମ୍ପନ୍ନ ହେବ। ଆଲୋଚନା କାଳରେ ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁଙ୍କ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ ବିକଳ୍ପ ବ୍ୟବସ୍ଥା ସକାଶେ ମନସ୍ଥ କରିପାରନ୍ତି।

**କର୍କଟ** ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କୁ ଆପଣେଇ କାମ ହାସଲ କରିନେବେ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେମିତି କିଛି ହେବନି। ଅଶ୍ଳେଷା ନକ୍ଷତ୍ରର ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କାମ ସ୍ଥଗିତ ରହିବ ନାହିଁ। ପରିବାର ବିଷୟରେ କୌଣସି ଦୁଶ୍ଚିନ୍ତା ମନକୁ ବ୍ୟାକୁଳିତ କରିବାର ସୂଚନା ରହିଛି।

**ସିଂହ** ନିଜର ବିଚାରଧାରା ଅନୁଯାୟୀ କାର୍ଯ୍ୟ ସମ୍ପନ୍ନ ସାଙ୍ଗକୁ ଅର୍ଥ ଓ ଦ୍ରବ୍ୟ ଲାଭ ସମ୍ଭାବନା ରହିଛି। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ରର ପାରିବାରିକ ପରିସ୍ଥିତି ମନ୍ଦ ହେବନି। ଦେହ ଭଲ ରହିଲେ ମଧ୍ୟ କଠିନ ପରିଶ୍ରମ କିମ୍ବା ଭ୍ରମଣଜନିତ କ୍ଲାନ୍ତିବୋଧ କରିବେ। କଳା, କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା** ବନ୍ଧୁଙ୍କ ସହ ଧାର୍ମିକ ବାତାବରଣ କିମ୍ବା ସାମୂହିକ କାମରେ ତତ୍ପରତା ପ୍ରକାଶ କରିବେ। ଚିତ୍ରା ନକ୍ଷତ୍ର କୌଣସି ଖଳ ଲୋକଙ୍କ କଥାରେ ପଡ଼ି ହଇରାଣ ହୋଇପାରନ୍ତି। ଅବହେଳା କାରଣରୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ମକଦ୍ଦମା, ବିତର୍କ, ସଙ୍ଗଠନ କ୍ଷେତ୍ରରୁ ଶୁଭଫଳ ପାଇପାରନ୍ତି।

**ତୁଳା** କର୍ମକ୍ଷେତ୍ରରେ ଉନ୍ନତ ବିଚାରଧାରା ସାଙ୍ଗକୁ ସୁସଂଯତ କାର୍ଯ୍ୟଶୈଳୀରୁ ପ୍ରଶଂସିତ ହେବେ। ବିଶାଖା ନକ୍ଷତ୍ର ହଠାତ୍ ମୂଲ୍ୟବାନ୍ ଜିନିଷଟି ନ ପାଇ ବନ୍ଧୁଙ୍କ ଉପରେ ରାଗିପାରନ୍ତି। ଶିଳ୍ପ, ବ୍ୟବସାୟ, ରାଜନୀତିରେ ସମ୍ମାନିତ ହେବେ। ଗବେଷଣା, ସାହିତ୍ୟ, ସାମ୍ବାଦିକତା ତଥା ପ୍ରଶାସନିକ ସ୍ତରରେ ଆଶାନୁରୂପ ସଫଳତା ପାଇପାରନ୍ତି।

**ବିଛା** ଭାଗ୍ୟାଧିପତିଙ୍କ ଉଚ୍ଚାବସ୍ଥାନରୁ ପ୍ରତ୍ୟେକ କ୍ଷେତ୍ରରେ ସକାରାତ୍ମକ ଚିନ୍ତାଧାରା ସମସ୍ତ ପ୍ରକାରର ସୁଖସୌଭାଗ୍ୟ ପ୍ରଦାନ କରିବ। କିନ୍ତୁ ଜ୍ୟେଷ୍ଠା ନକ୍ଷତ୍ର କ୍ରୋଧର ବଶବର୍ତ୍ତୀ ହୋଇ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। କଳା, ସାହିତ୍ୟ, ସାମ୍ବାଦିକତା ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ବୃହସ୍ପତିଙ୍କ ଦୃଷ୍ଟି ପ୍ରଭାବରୁ ପାରିବାରିକ ଜୀବନ ନିୟନ୍ତ୍ରଣରେ ରହିବ। ବନ୍ଧୁ ସମ୍ମୁଖରେ ପ୍ରିୟ କଥା କହି ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରି ନେବେ। ମୂଳା ନକ୍ଷତ୍ରର ପଡ଼ୋଶୀଙ୍କ ସହାୟତାରେ ବକେୟା ଅର୍ଥ ଲାଭ ହୋଇପାରେ। ଆଜି ଯାତ୍ରା ସମୟରେ ଅନ୍ୟମନସ୍କ ରୁହନ୍ତୁ ନାହିଁ ଏବଂ ଯାନ ବାହନରେ ସତର୍କତା ରକ୍ଷାକରନ୍ତୁ।

**ମକର** ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ଆପଣଙ୍କ ଅଭିଳାଷ ଅବିଳମ୍ବେ ପୂରଣ ହୋଇଯିବ। ବିଶେଷତଃ ଶ୍ରବଣା ନକ୍ଷତ୍ରର ପାରିବାରିକ ସ୍ଥିତି ଏବଂ ବନ୍ଧୁ ସମ୍ପର୍କ ଭଲ ରହିବ। ବାଣିଜ୍ୟ, ରପ୍ତାନି କାରବାର ତଥା ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ପୂର୍ବ ବିବାଦକୁ ନେଇ ସମ୍ପର୍କୀୟମାନେ ପ୍ରତ୍ୟେକ କ୍ଷେତ୍ରରେ ଦୂରେଇ ରହିପାରନ୍ତି।

**କୁମ୍ଭ** ଶତଭିଷା ନକ୍ଷତ୍ର ସକାଶେ ଅନୁରୋଧ ରକ୍ଷାକରି ଜଣେ ବନ୍ଧୁ ପାରିବାରିକ ସମସ୍ୟା ସମାଧାନ ସକାଶେ ଚେଷ୍ଟା କରିବେ। ଜମିଜମା ବିବାଦର ସମାଧାନ ସାଙ୍ଗକୁ କଚେରି ମାମଲାରେ ଆଶାଜନକ ଫଳ ପାଇବେ। ନିର୍ମାଣ କାର୍ଯ୍ୟ କିମ୍ବା ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହେବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାରେ ପଡ଼ିବେ।

**ମୀନ** ପରିବାରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ଆଶଙ୍କା ରହିଛି। ଅଟକି ରହିଥିବା କାମ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ରେବତୀ ନକ୍ଷତ୍ରର ଅନାବଶ୍ୟକ ଖର୍ଚ୍ଚ ପରିମାଣ ବୃଦ୍ଧି ହେତୁ ମନରେ ସରସତା ରହିନପାରେ। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଶ୍ରୀମନ୍ଦିରରେ ଅନବସର ଦ୍ୱାଦଶୀ, ରାଜପ୍ରସାଦ ବିଜେ, ଜୁନ୍ ୨୨ ତାରିଖ ରବିବାର। ରାଶିନକ୍ଷତ୍ର-ଦ୍ୱିଜା/ମେଷ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୫୮ ଗତେ ଘ.୦୯।୩୬ ମଧ୍ୟେ, ଘ.୦୧।୨୭ ଗତେ ଘ.୦୨।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୫ ଗତେ ଘ.୦୬।୨୪ ମଧ୍ୟେ ରାହୁକାଳ।

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପିସିସି ସଭାପତି

## ୨୪ରେ ଭେଟିବାକୁ ସମୟ ମାଗିଲେ

ଭୁବନେଶ୍ୱର,୨୧।୬(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶନିବାର ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଶନିବାର ଚିଠି ଲେଖିଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ରାଜ୍ୟରେ ଭାଜପା ଶାସନକୁ ଆସିବାର ବର୍ଷେ ପୂରଣ ହୋଇଛି। ଏହି ବର୍ଷକ ମଧ୍ୟରେ ସବୁ କ୍ଷେତ୍ରରେ ବିଫଳ ହୋଇଥିବା ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ଏହା ସହ ସାରା ରାଜ୍ୟରେ ନାରୀ ନିର୍ଯାତନା, ବାଳିକା ଅପହରଣ ଓ ଗଣବଳାତ୍କାର ଉଦ୍‌ବେଗଜନକ ଭାବେ ବୃଦ୍ଧିପାଇଛି। ଏହିସବୁ ଘଟଣାକୁ ଅନୁଧ୍ୟାନ କରିବା ପାଇଁ ଏଆଇସିସିର ଏକ ତଥ୍ୟ ଅନୁଧ୍ୟାନ କମିଟି ଓଡ଼ିଶା ଆସିଛନ୍ତି। ଆସନ୍ତା ୨୪ରେ ଲୋକସେବା ଭବନରେ ଆପଣଙ୍କ ସହ ତଥ୍ୟ ଅନୁଧ୍ୟାନ କମିଟି, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ସେ ଭେଟି ଏ ସମ୍ପର୍କରେ ଆଲୋଚନା କରିବାକୁ ଚାହୁଁଛନ୍ତି। ମୁଖ୍ୟମନ୍ତ୍ରୀ ଉପରୋକ୍ତ ନେତୃବୃନ୍ଦଙ୍କୁ ସମୟ ଦେଇ ଆଲୋଚନା କରିବେ କି ବୋଲି ପିସିସି ସଭାପତି ଚିଠି ଜରିଆରେ ଅନୁରୋଧ କରିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିଶୁଆ ତେଲି,**
**ନା ଯାଉଛି ପେଲି।**

ନ ବୁଝି ନ ଶୁଝି ଆଗକୁ ମାଡ଼ିଚାଲିଲେ ବିପଦ ମୁଣ୍ଡେଇବାର ସମ୍ଭାବନା ରହିଥାଏ। ହୋସ ନ ଥାଇ ଆଗମୁହାଁ ହୋଇ ଧାଉଁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନଣନ୍ଦ ନାରୀ ଚଉ ପାହାରୀ**
**ବସିଥାଏ ପାଆ ଭାଗେ,**
**ଟିକିଏ ଟିକିଏ ଫୋଡ଼ି ଦେଉଥାଏ**
**ଭାଇ ଘଇତାଙ୍କ ଆଗେ।**

ନଣନ୍ଦ ଭାଉଜଙ୍କ ମଧ୍ୟରେ ତିକ୍ତତା ଦେଖାଗଲେ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥାଏ। ଯେଉଁ ଘରେ ନଣନ୍ଦ ଭାଉଜଙ୍କ ମଧ୍ୟରେ ଭଲ ପଡ଼ି ନ ଥାଏ ସେ ଘରେ ଅଶାନ୍ତି ସୃଷ୍ଟି ହେବା ଥୟ। ନଣନ୍ଦ ଛୋଟ ଛୋଟ କଥାକୁ ନେଇ ଭାଇ ଓ ସ୍ୱାମୀ ଆଗରେ କହି ଅପଦସ୍ଥ କରାଉଥିବା ଦେଖି ଭାଉଜ ମନ ଖରାପ କରି ବସିବା ସହ ଦୁଃଖରେ ଭାଙ୍ଗିପଡ଼ିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୬ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଗୋପାଳପୁରରେ କଂଗ୍ରେସର କେନ୍ଦ୍ରୀୟ ତଥ୍ୟ ଅନୁସନ୍ଧାନକାରୀ ଟିମ୍



ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି କଂଗ୍ରେସର କେନ୍ଦ୍ରୀୟ ତଥ୍ୟ ଅନୁସନ୍ଧାନକାରୀ ଟିମ୍।

## ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା: ଘଟଣାସ୍ଥଳ ପରିଦର୍ଶନ କଲା

ଗୋପାଳପୁର,୨୧।୬(ନବୀନରାଜ୍ ଆଚାରୀ)

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାର ତଦନ୍ତ ଏବେ କ୍ରାଇମବ୍ରାଞ୍ଚ କରୁଛି। ଏହାକୁ ଗୁରୁତ୍ୱର ସହ ନେଇ ଶନିବାର କଂଗ୍ରେସର କେନ୍ଦ୍ରୀୟ ତଥ୍ୟ ଅନୁସନ୍ଧାନକାରୀ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଛି। ମଧ୍ୟାହ୍ନରେ ଏଆଇସିସିର ୫ ଜଣିଆ ଟିମ୍ ସଂଯୋଜକ ଦୀପା ଦାସମୁନ୍‌ସିଂ, ଏମ୍‌ପି ରଞ୍ଜିତ୍ ରଞ୍ଜନ, ଏମ୍‌ପି ପ୍ରଣିତୀ ସିନ୍ଧେ, ଏମ୍‌ପି ଏସ୍. ଜ୍ୟୋଥିମନି ଓ ଶୋଭା ଓଜା ଭୁବନେଶ୍ୱରରେ ପହଞ୍ଚିବା ପରେ ସେମାନଙ୍କୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ବିମାନବନ୍ଦରଠାରେ ସ୍ୱାଗତ କରିଥିଲେ। ଟିମ୍‌ରେ ରାଜ୍ୟ ମହିଳା କଂଗ୍ରେସ ଅଧ୍ୟକ୍ଷା ମିନାକ୍ଷୀ ବାହିନୀପତି, ସସ୍ମିତା ବେହେରା, ବନ୍ଦିତା ପରିଡ଼ା, ସୋନାଲି ସାହୁ, ମନିଷା ଦାଶ ପଟ୍ଟନାୟକ, ଜୟଶ୍ରୀ ପାତ୍ର ରହିଛନ୍ତି। ସେମାନେ ପ୍ରଥମ ଦିନରେ ଗୋପାଳପୁର ଗଣବଳାତ୍କାର ଘଟଣାସ୍ଥଳ ପରିଦର୍ଶନ କରିବା ସହ ବେଳାଭୂମିରେ କ୍ରାଇମ ସ୍ପଟ୍ ବୁଲି ଦେଖିଛନ୍ତି। ପୁରୁଷ ବନ୍ଧୁ ଓ ଛାତ୍ରୀ ଜଣକ କେଉଁଠାରେ ବସିଥିଲେ, କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ଟିମ୍ ତାହାର ତଦାରଖ କରିଥିଲେ।

ଏସମ୍ପର୍କରେ ସଂଯୋଜକ ଦୀପା ଦାସମୁନ୍‌ସିଂ କହିଛନ୍ତି, ବେଳାଭୂମିରେ ଆଲୋକୀକରଣ ନାହିଁ, ଶୂନ୍‌ଶାନ ଅଞ୍ଚଳ ସହ ଏଠାରେ ସିସି କ୍ୟାମେରା ଖଞ୍ଜାଯାଇନାହିଁ। ଏହାର ସୁଯୋଗ ଅପରାଧୀମାନେ ନେଉଛନ୍ତି ବୋଲି ସେ କହିଛନ୍ତି। ଟିମ୍‌ରେ ଥିବା ସାନଖେମୁଣ୍ଡି ବିଧାୟକ ରମେଶ ଜେନା କହିଛନ୍ତି, ଏଆଇସିସି ଟିମ୍ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଇ ଅନୁଧ୍ୟାନ କରିବ। ଏହି ଘଟଣାର ସ୍ଥାନ ପରିଦର୍ଶନ କଲୁ। ସରକାରଙ୍କ ଅପାରଗତା ଲାଗି ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ଘଟଣା ଘଟୁଛି ବୋଲି ବିଧାୟକ ଜେନା ଅଭିଯୋଗ କରିଥିଲେ। ଏହି ଅବସରରେ ଗଞ୍ଜାମ ଜିଲା କଂଗ୍ରେସର (ପୂର୍ବ) ସଭାପତି ଦୀପକ ପଟ୍ଟନାୟକ, ରଶ୍ମିରଞ୍ଜନ ପଟ୍ଟନାୟକ, ରାଜ୍ୟ ମହିଳା କଂଗ୍ରେସର ପୂର୍ବତନ ସଭାନେତ୍ରୀ ବନ୍ଦିତା ପରିଡ଼ା, ସସ୍ମିତା ବେହେରା, ସାକା ସୁଜିତ କୁମାର, ଶ୍ୟାମସୁନ୍ଦର ସାହୁ, ପିସିସି ସଭ୍ୟ ଶମ୍ଭୁ ପାଣିଗ୍ରାହୀଙ୍କ ସମେତ ବହୁ କଂଗ୍ରେସ ନେତା, କର୍ମୀ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଟିମ୍ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍‌ଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି। ତେବେ ପୀଡ଼ିତା ଓ ତାଙ୍କ ପରିବାର ସହିତ ସାକ୍ଷାତ୍ ଆଲୋଚନା ହୋଇପାରିନାହିଁ। ଟିମ୍ ରାତିରେ ଗୋପାଳପୁରରେ ରହି ରବିବାର କନ୍ଧମାଳ ଓ କେନ୍ଦୁଝର ଜିଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିବା ଜେନା ସୂଚନା ଦେଇଛନ୍ତି। ତେବେ ତଥ୍ୟ ଅନୁସନ୍ଧାନକାରୀ ଦଳ ଗୋପାଳପୁର ପରିଦର୍ଶନ କରିସାରିବା ପରେ କଂଗ୍ରେସର କେନ୍ଦ୍ରୀୟ ନେତୃତ୍ୱଙ୍କ ନିକଟରେ ରିପୋର୍ଟ ଦାଖଲ କରିବେ।

ସୂଚନାଯୋଗ୍ୟ, ଗତ ୧୫ ତାରିଖ ସନ୍ଧ୍ୟାରେ ଗୋପାଳପୁର ବେଳାଭୂମିକୁ ଜଣିକା ଛାତ୍ରୀ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ବୁଲିବାକୁ ଆସି ଏକ ନିର୍ଜନ ସ୍ଥାନରେ ବସିଥିବା ବେଳେ ଗଣବଳାତ୍କାରର ଶିକାର ହୋଇଥିଲେ। ଏହି ଘଟଣାରେ ଗୋପାଳପୁର ପୋଲିସ ନଂ. ୧୮୬/୨୫ରେ ମାମଲା ରୁଜୁ କରି ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ୪ ନାବାଳକଙ୍କୁ ଜେଜେବିରେ ହାଜର କରିଛି। ଡିଜିଙ୍କ ନିର୍ଦ୍ଦେଶ ପରେ କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ ଚଳାଇଛି।

# ପ୍ରଥମ ପୃଷ୍ଠାରୁ...

## ଝାଡ଼ଖଣ୍ଡରେ ବର୍ଷା, ...

ହେଉଥିଲା। ଶନିବାର ରାତି ୮ଟା ସୁଦ୍ଧା ଜଳସ୍ତର ୧୦.୪୮ ମିଟର ରହିଛି। ଭୋଗରାଇ ବ୍ଲକ କୁମ୍ଭୀରଗଡି ପଞ୍ଚାୟତ କୁହ୍ଲା ଗ୍ରାମର ମହେଶ୍ୱର ପିଲା(୨୨) ଶନିବାର ମଧ୍ୟାହ୍ନ ୧୨ଟା ୧୫ରେ ତାଙ୍କ ମା' ଓ ଅନ୍ୟ ଜଣେ ଭାଇଙ୍କ ସହ ବାଲିଆପାଳ ଜାମକୁଣ୍ଡାରୁ ଘରକୁ ଫେରୁଥିବା ବେଳେ ପନ୍ତେଇ ବ୍ରିଜ ତଳେ ପ୍ରଖର ବନ୍ୟାସ୍ରୋତରେ ଭାସିଯାଇ ନିଖୋଜ ଅଛନ୍ତି। ଖବରପାଇ ଅଗ୍ନିଶମ ବିଭାଗ ଖୋଜାଖୋଜି ଆରମ୍ଭ କରିଛି। ଉତ୍ତର ବାଲେଶ୍ୱରର ଜଳେଶ୍ୱର, ବସ୍ତା, ବାଲିଆପାଳ ଓ ଭୋଗରାଇ ବ୍ଲକରେ ଶତାଧିକ ଗାଁର ଲକ୍ଷାଧିକ ଲୋକ ଜଳବନ୍ଦୀ ହୋଇ ଦୁର୍ବିଷହ ଜୀବନ ଭୋଗୁଛନ୍ତି। ବହୁ ତଳିଆ ଅଞ୍ଚଳରେ ବନ୍ୟାପାଣିର ସ୍ରୋତ ଛୁଟୁଥିବାରୁ ଗାଁଗୁଡ଼ିକ ବିଚ୍ଛିନ୍ନ ହୋଇଛି। ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଯିବାକୁ ହେଲେ ଡଙ୍ଗା ଏକମାତ୍ର ସାହା ହୋଇ ଅପରପକ୍ଷରେ ଭୋଗରାଇ ବ୍ଲକରେ ବ୍ରିଟିଶ ଅମଳରେ ନିର୍ମିତ ଖାଳଯୋଡ଼ିର ସ୍ଲୁଇସ୍ ଗେଟ୍ ଗୁରୁତର ପ୍ରଭାବିତ ହୋଇଛି ବନ୍ୟାସ୍ରୋତ ମାଡ଼ରେ ଏହାର ୩ଟି ଗେଟ୍ ଭାଙ୍ଗିଯାଇଛି। ଫଳରେ ଭୋଗରାଇ ଉପକୂଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବସ୍ତା ବିଧାୟକ ସୁବାସିନୀ ଜେନାଙ୍କ ସହିତ ଅତିରିକ୍ତ ଜିଲାପାଳ ରାଜସ୍ୱ ବିଭାଗର ହେମନ୍ତ ସିଂ, ଉପଜିଲାପାଳ ସୁଧାକର ନାୟକ, ସର୍ବୋଚ୍ଚ ଯନ୍ତ୍ରୀ ମୁକୁଳ ବେରା, ଜିଲା ଅଧୀକ୍ଷଣ ଯନ୍ତ୍ରୀ ନବକୁମାର ମହାଲିକଙ୍କ ସହିତ ଜଳସମ୍ପଦ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ, ୪ ବ୍ଲକର ବିଡିଓ ଏବଂ ତହସିଲଦାର ବନ୍ୟା ମୁକାବିଲା ନିମନ୍ତେ ତତ୍ପର ହେବା ସହିତ ବନ୍ୟାଞ୍ଚଳ ପରିଦର୍ଶନ କରିଥିବା ସୂଚନା ମିଳିଛି।

## ନୋବେଲ ଶାନ୍ତି ...

ଅସ୍ତ୍ରବିରତି କରିବାକୁ ବାଧ୍ୟ ହୋଇଥିଲା ବୋଲି ନୂଆଦିଲ୍ଲୀ କହିଛି। ନୋବେଲ ଶାନ୍ତି ପାଇଁ ପାକିସ୍ତାନ ଟ୍ରମ୍ପଙ୍କୁ ମନୋନୀତ କରିବା ପରେ ସେ କହିଛନ୍ତି, ତାଙ୍କୁ ୪/୫ ଥର ନୋବେଲ ଶାନ୍ତି ପୁରସ୍କାର ମିଳିବା କଥା। ସେମାନେ ମୋତେ ଦେଉନାହାନ୍ତି, କାରଣ ସେମାନେ କେବଳ ଉଦାରବାଦୀଙ୍କୁ ଏହି ପୁରସ୍କାର ଦେଇଥାନ୍ତି ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ଅନେକ ବୈଶ୍ୱିକ ସଂଘର୍ଷ ଜୋନ୍‌ରେ ସେ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ଉଦ୍ୟମ କରିଛନ୍ତି। ଭାରତ-ପାକିସ୍ତାନ ସଂଘର୍ଷ ବନ୍ଦ କରିବା, କଙ୍ଗୋ-ରୁଆଣ୍ଡା ସଙ୍କଟର ସମାଧାନ ଆଦିରେ ସେ ପ୍ରମୁଖ ଭୂମିକା ନେଇଛନ୍ତି। ସେଥିପାଇଁ ତାଙ୍କୁ ବର୍ତ୍ତମାନ ସୁଦ୍ଧା ୪ରୁ ୫ ଥର ନୋବେଲ ପୁରସ୍କାର ମିଳିବା କଥା ବୋଲି ଟ୍ରମ୍ପ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଟ୍ରମ୍ପଙ୍କୁ ବିଶ୍ୱର ସର୍ବଶ୍ରେଷ୍ଠ ପୁରସ୍କାର ପାଇଁ ମନୋନୀତ କରି ପାକିସ୍ତାନ ସମାଲୋଚିତ ହୋଇଛି। ଇସ୍‌ଲାମାବାଦର ଏଭଳି ଅବାଞ୍ଛିତ ନିଷ୍ପତ୍ତି କେବଳ ଭୂରାଜନୈତିକ ବିଶେଷଜ୍ଞମାନଙ୍କୁ ଚକିତ କରିନାହିଁ, ପାକିସ୍ତାନୀ ଜନତା ଏବଂ ନେତାମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଛନ୍ତି। ଗାଜାରେ ଗଣସଂହାର ଯୁଦ୍ଧ ଏବଂ ଇରାନ ଉପରେ ଇସ୍ରାଏଲ୍‌ର ଆକ୍ରମଣକୁ ସମର୍ଥନ କରୁଥିବା ଟ୍ରମ୍ପ ସରକାରଙ୍କ ସମ୍ପର୍କରେ ସ୍ମରଣ କରାଇଦେଇ ଅନେକ ପାକିସ୍ତାନୀ ଆକ୍ଟିଭିଷ୍ଟ ଏବଂ ଲେଖକ ସୋସିଆଲ ମିଡିଆରେ ପାକ୍ ସରକାରଙ୍କୁ ସମାଲୋଚନା କରିଛନ୍ତି।



କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ଶନିବାର ଅନୁଷ୍ଠିତ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ସାମିଲ ହୋଇଛନ୍ତି। **(ଫଟୋ: ରାଜକିଶୋର ମହାନ୍ତି)**



ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ କରୁଛନ୍ତି। **(ଫଟୋ: ବିକାଶ ନାୟକ)**



କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଶନିବାର ଆୟୋଜିତ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ପୁରୀ ଏମ୍‌ପି ସମ୍ବିତ ପାତ୍ର, ନିମାପଡ଼ାର ପୂର୍ବତନ ବିଧାୟକ ବାଇଧର ମଲ୍ଲିକ ଏବଂ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ। **(ଫଟୋ: ଜ୍ୟୋତିରଞ୍ଜନ ମହାନ୍ତି)**



ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଜିଲାସ୍ତରୀୟ ଯୋଗ ଦିବସ ପାଳନ ଅବସରରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ଶପଥପାଠ କରାଉଥିବାବେଳେ ଅନ୍ୟ ଅତିଥିମାନେ ଉପସ୍ଥିତ ଅଛନ୍ତି।

# ଯୋଗ ବିଶ୍ୱ ମାନବ ସମାଜକୁ ଭାରତର ଏକ ମହାର୍ଘ୍ୟ ଉପହାର: ମୋହନ

## ଅନ୍ତର୍ଜାତୀୟ ଯୋଗ ଦିବସରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧।୬(ସୁନିତ୍ ମିଶ୍ର)

ଅନ୍ତର୍ଜାତୀୟ ଯୋଗ ଦିବସ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଠାରେ ଶନିବାର କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମବେତ ଯୋଗାଭ୍ୟାସ କରିବା ସହ ଯୋଗ ହେଉଛି ବିଶ୍ୱ ମାନବ ସମାଜକୁ ଭାରତର ଏକ ମହାର୍ଘ୍ୟ ଉପହାର ବୋଲି କହିଛନ୍ତି। ଏହି ଅବସରରେ ଭିଡିଓ କନଫରେନସିଂ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାଇଜାଗ ଠାରୁ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି।

ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ଯୋଗ କେବଳ ଏକ ବ୍ୟାୟମ କିମ୍ବା ଯୋଗକୁ କିଛି ଆସନ ମଧ୍ୟରେ ସୀମିତ ରଖିବା ଉଚିତ ନୁହେଁ। ଶାରୀରିକ ବ୍ୟାୟମ ଠାରୁ ଏହାର ସ୍ଥାନ ବହୁତ ଉଚ୍ଚରେ। ଯୋଗ ହେଉଛି ଶାରୀରିକ, ବୌଦ୍ଧିକ, ମାନସିକ ଏବଂ ଆଧ୍ୟାତ୍ମିକତାର ଏକ ଅପୂର୍ବ ସଙ୍ଗମ। ଭାରତୀୟ ସଂସ୍କୃତି ଏବଂ ଯୋଗୀ ପରମ୍ପରାରୁ ସୃଷ୍ଟି ହୋଇଥିଲେ ମଧ୍ୟ ଏହା କୌଣସି ନିର୍ଦ୍ଦିଷ୍ଟ ଧର୍ମ ସହିତ ଜଡିତ ନୁହେଁ। ଶରୀର, ଆତ୍ମା ଏବଂ ଚିନ୍ତନ ଶକ୍ତିକୁ ବୃଦ୍ଧି କରୁଥିବା ଯୋଗ ବର୍ତ୍ତମାନ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇପାରିଛି। ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେଉଛି 'ଯୋଗ', ଯାହା କେବଳ ଦେଶ ଭିତରେ ସୀମିତ ହୋଇ ରହିଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ମେ' ମାସରେ ଦାୟିତ୍ୱ ଗ୍ରହଣ କରିବାର ୬ ମାସରେ ଯୋଗକୁ ସାରା ବିଶ୍ୱରେ ପରିଚିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। ଫଳରେ ୨୦୧୪ ଡିସେମ୍ବର ୧୧ରେ ଜାତିସଂଘ ପ୍ରତିବର୍ଷ ଜୁନ ୨୧କୁ 'ଆନ୍ତର୍ଜାତୀୟ ଯୋଗ ଦିବସ' ଭାବେ ପାଳନ କରିବା ପାଇଁ ପ୍ରସ୍ତାବ ପାରୀତ କରିଥିଲା। ଏବେ ପୃଥିବୀର ପ୍ରାୟ ସବୁ ଦେଶରେ ଲୋକେ ଆଗ୍ରହ ଏବଂ ଉତ୍ସାହର ସହିତ ଏହାକୁ ପାଳନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଚଳିତ ବର୍ଷ ପାଳନ ହେଉଥିବା ଅନ୍ତର୍ଜାତୀୟ ଯୋଗ ଦିବସର ଶୀର୍ଷକ ହେଉଛି, "ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ" ଯାହା, ବ୍ୟକ୍ତିଗତ କଲ୍ୟାଣ ଓ ପୃଥିବୀର ସ୍ୱାସ୍ଥ୍ୟ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ଉଜାଗର କରେ। ଏଥିରେ ଦର୍ଶାଯାଇଛି, କିପରି ପ୍ରାଚୀନ ଯୋଗ ଅଭ୍ୟାସ କେବଳ ଶରୀର ଓ ମନକୁ ପୋଷଣ କରେ ନାହିଁ ବରଂ ପ୍ରକୃତି ଓ ସମସ୍ତ ଜୀବଜନ୍ତୁଙ୍କୁ ସମ୍ମାନ ଦେଉଥିବା ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବନଶୈଳୀକୁ ପ୍ରୋତ୍ସାହିତ କରେ ବୋଲି ସେ କହିଛନ୍ତି।

ସୂଚନାଥାଉକି, କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ଏହି ରାଜ୍ୟ ସ୍ତରୀୟ ଯୋଗ ଶିବିରରେ ପ୍ରାୟ ୧୫ ହଜାର ଜନସାଧାରଣଙ୍କ ସମେତ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ବରିଷ୍ଠ ଅଧିକାରୀମାନେ ଯୋଗଦେବା ସହ ଯୋଗାଭ୍ୟାସ କରିଛନ୍ତି। ଏହି ଅବସରରେ ସଂସ୍କୃତି ବିଭାଗ ପକ୍ଷରୁ ପାରମ୍ପରିକ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ କରାଯାଇଛି।

# ୨୫ରେ ସମ୍ବିଧାନ ହତ୍ୟା ଦିବସ ପାଳିବେ ସରକାର

## ଜରୁରିକାଳୀନ ପରିସ୍ଥିତିର ୫୦ତମ ବର୍ଷପୂର୍ତ୍ତି

- ସ୍କୁଲ ଓ କଲେଜରେ ହେବ ବକ୍ତୃତା ପ୍ରତିଯୋଗିତା, ସେମିନାର
- ରେଳ ଅଡିଟୋରିୟମରେ ସମ୍ବର୍ଦ୍ଧିତ ହେବେ ସ୍ୱତନ୍ତ୍ରତା ସେନାନୀ
- କାର୍ଯ୍ୟକ୍ରମ ସଫଳ କରିବାକୁ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧।୬(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶନିବାର ଲୋକସେବା ଭବନରେ ଆସନ୍ତା ୨୫ରେ ରାଜ୍ୟସ୍ତରୀୟ ସମ୍ବିଧାନ ହତ୍ୟା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୯୭୫ ଜୁନ୍ ୨୫ରେ ଦେଶରେ ଲାଗୁ କରାଯାଇଥିବା ଜରୁରିକାଳୀନ ପରିସ୍ଥିତିର ୫୦ତମ ବର୍ଷ ପୂର୍ତ୍ତି ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିପାଇଁ କେନ୍ଦ୍ର ସରକାରଙ୍କର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି।

ବୈଠକରୁ ଜଣାପଡ଼ିଛି, ଭୁବନେଶ୍ୱର ରେଳ ଅଡିଟୋରିୟମ୍‌ଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ ହେବ। ଓଡ଼ିଶାର ସବୁ ଜିଲାରୁ ଜନସାଧାରଣ ଏଥିରେ ଉପସ୍ଥିତ ରହିବେ। ଜରୁରିକାଳୀନ ପରିସ୍ଥିତିର ସ୍ୱତନ୍ତ୍ରତା ସେନାନୀମାନଙ୍କୁ ମଧ୍ୟ ନିମନ୍ତ୍ରିତ କରାଯାଇ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଉତ୍ସବର ବ୍ୟାପକ ପ୍ରଚାରପ୍ରସାର ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗକୁ ପ୍ରଦର୍ଶନୀ ଓ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନର ମଧ୍ୟ ଦାୟିତ୍ୱ ଦିଆଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବକ୍ତୃତା, କୁଇଜ୍, ପ୍ରବନ୍ଧ ଓ କଳା ପ୍ରତିଯୋଗିତା ଇତ୍ୟାଦି କରାଯିବ। ସେହିପରି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ କଲେଜ ଓ ବିଶ୍ୱବିଦ୍ୟାଳୟ ସ୍ତରରେ କର୍ମଶାଳା, ବକ୍ତୃତା ଓ ସେମିନାର ଆୟୋଜନ ହେବ। ଏହି ଉପଲକ୍ଷେ କ୍ରୀଡ଼ା ବିଭାଗ ପକ୍ଷରୁ ଶୋଭାଯାତ୍ରାର ଆୟୋଜନ କରାଯିବ। ସ୍ୱତନ୍ତ୍ରତା ସେନାନୀମାନଙ୍କୁ ସମ୍ମାନିତ କରିବା ଉପଲକ୍ଷେ ଆୟୋଜନ ହେଉଥିବା ଏଭଳି ଏକ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ପ୍ରମୁଖ ଉପସ୍ଥିତ ଥିଲେ।

# ମାନସିକ, ଶାରୀରିକ ସୁସ୍ଥତା ପାଇଁ ଯୋଗ ଗୁରୁତ୍ୱପୂର୍ଣ୍ଣ: ମନମୋହନ

## ଭାଜପା ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଭୁବନେଶ୍ୱର,୨୧।୬(ସୁନିତ୍ ମିଶ୍ର)

ଯୋଗ ପ୍ରାଚୀନ ଭାରତୀୟ ପରମ୍ପରାର ଏକ ଅମୂଲ୍ୟ ଉପହାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଚେଷ୍ଟା ଯୋଗୁ ୫ ହଜାର ବର୍ଷର ପ୍ରାଚୀନ ଯୋଗ ସାରା ବିଶ୍ୱରେ ସ୍ୱୀକୃତି ଲାଭ କରିଛି। ୨୦୧୪ ଡିସେମ୍ବର ୧୧ରେ ମିଳିତ ଜାତିସଂଘ 'ଯୋଗ'କୁ ମାନ୍ୟତା ଦେବା ସହ ଜୁନ୍ ୨୧କୁ ଆନ୍ତର୍ଜାତିକ ଯୋଗ ଦିବସର ମାନ୍ୟତା ପ୍ରଦାନ କରିଛି। ମାନସିକ, ଶାରୀରିକ ସୁସ୍ଥତା ପାଇଁ ଯୋଗ ଗୁରୁତ୍ୱପୂର୍ଣ୍ଣ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଅନୁଷ୍ଠିତ ୧୧ ତମ ଆନ୍ତର୍ଜାତିକ ଯୋଗ ଦିବସ ଉପଲକ୍ଷେ ମନମୋହନ କହିଛନ୍ତି, ଚଳିତ ବର୍ଷ ଯୋଗ ଦିବସ ଶୀର୍ଷକ ହେଉଛି ଗୋଟିଏ ପୃଥିବୀ, ଗୋଟିଏ ସ୍ୱାସ୍ଥ୍ୟ ପାଇଁ ଯୋଗ ରଖାଯାଇଛି। ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ର ଯୋଗକୁ ଗ୍ରହଣ କରିବା ଦ୍ୱାରା ଭାରତର ଏହି ପ୍ରାଚୀନ ପରମ୍ପରା ଆଜି ଏକ ମହାପର୍ବରେ ପରିଗଣିତ ହେଉଛି। ଯୋଗ ଦ୍ୱାରା ବ୍ୟକ୍ତି କର୍ମଚଞ୍ଚଳ ହେବା ସହ ପ୍ରଫୁଲ୍ଲିତ ଅନୁଭବ କରେ। ନିୟମିତ ଯୋଗ କରିବା ଦ୍ୱାରା ଅନେକ ରୋଗବ୍ୟାଧିରୁ ମୁକ୍ତି ମିଳେ। ଏନେଇ ଆଜିର ବ୍ୟସ୍ତବହୁଳ ଜୀବନରେ ନିୟମିତ ଯୋଗ କରିବା ନିତାନ୍ତ ଜରୁରୀ। ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ଆନ୍ତର୍ଜାତିକ ଯୋଗ ଦିବସ ଉପଲକ୍ଷେ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମ ଯୋଗୁ ସାରା ବିଶ୍ୱରେ ଏବେ ଯୋଗ ଦିବସ ପାଳନ କରାଯାଉଛି ବୋଲି କହିଛନ୍ତି। ଏହି ଅବସରରେ ରାଜ୍ୟ ସହପ୍ରଭାରୀ ଲତା ଉସେଣ୍ଡି, ରାଜ୍ୟ ସାଧାରଣ ସମ୍ପାଦକ (ସଙ୍ଗଠନ) ମାନସ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ନବୀନଙ୍କ ଆଶୁ ଆରୋଗ୍ୟ କାମନାକରି ରାମମନ୍ଦିରରେ ପ୍ରାର୍ଥନାକଲେ ନେତା

## ଆଜି ଲିଙ୍ଗରାଜ ମନ୍ଦିରରେ ପୂଜାର୍ଚ୍ଚନା କରିବେ ଦଳୀୟ ନେତା

ଭୁବନେଶ୍ୱର,୨୧।୬(ସୁନିତ୍ ମିଶ୍ର)

ରାମମନ୍ଦିର ପ୍ରାଙ୍ଗଣରେ ଶନିବାର ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସଂଯୋଜନାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ ନିମନ୍ତେ ପ୍ରଦୀପ ପ୍ରଜ୍ୱଳନ ସହ ହନୁମାନ ଚାଳିଶା ପାଠ କରାଯାଇଛି। ନବୀନ କିଭଳି ଶୀଘ୍ର ସୁସ୍ଥ ହୋଇ ଫେରିବେ ସେଥିପାଇଁ ସମୂହ ପ୍ରାର୍ଥନା କରାଯାଇଛି। ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ପ୍ରତାପ ଜେନା, ଅଶୋକ ପଣ୍ଡା, ଅତନୁ ସବ୍ୟସାଚୀ ନାୟକ, ସ୍ନେହାଙ୍ଗିନୀ ଛୁରିଆ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଦିଲ୍ଲୀରେ ପ୍ରବାସୀ ଓଡ଼ିଆମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇଛି। ରବିବାର ଲିଙ୍ଗରାଜ ମନ୍ଦିରଠାରେ ନବୀନଙ୍କ ଶୀଘ୍ର ସୁସ୍ଥତା କାମନାକରି ପୂଜାର୍ଚ୍ଚନା କରାଯିବ ବୋଲି ଜଣାପଡ଼ିଛି।

# ନିର୍ବାଚନ ବେଳେ ଭାଜପା ଦେଇଥିବା ପ୍ରତିଶ୍ରୁତି ପ୍ରତାରଣା ଥିଲା: ବିଜେଡି

ଭୁବନେଶ୍ୱର,୨୧।୬(ସୁନିତ୍ ମିଶ୍ର)

ନିର୍ବାଚନ ସମୟରେ ଭାଜପାର ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି ବୋଲି ବିଜେଡିର ବରିଷ୍ଠ ନେତା ସଞ୍ଜୟ ଦାସବର୍ମା କହିଛନ୍ତି। ଶଙ୍ଖ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଞ୍ଜୟ କହିଛନ୍ତି, ଶ୍ରୀକ୍ଷେତ୍ର ପୁରୀର ବିକାଶ ପାଇଁ ବିଜେଡି ସରକାର ବ୍ୟାପକ କାର୍ଯ୍ୟକ୍ରମ କରିଥିଲେ। ଗତ ବର୍ଷକ ମଧ୍ୟରେ ଏହି ବିକାଶ କାର୍ଯ୍ୟ ଠପ୍ ହୋଇଯାଇଛି। ଗତ ନିର୍ବାଚନ ସମୟରେ ଭାଜପା ପକ୍ଷରୁ ଶ୍ରୀମନ୍ଦିରର ରତ୍ନଭଣ୍ଡାର ଚାବି ଚୋରି ହୋଇଛି, ତାହାକୁ ପାତାଳରେ ଥିଲେ ମଧ୍ୟ ଖୋଜି ଆଣିବୁ ବୋଲି କୁହାଗଲା। କିନ୍ତୁ ସରକାରକୁ ଆସିବା ପରେ ଚାବି ସମ୍ପର୍କରେ ହାଇକୋର୍ଟରେ ସରକାରଙ୍କ ତରଫରୁ ଦାଖଲ ସତ୍ୟପାଠରେ ଚାବି କଥାକୁ ସାର୍ବଜନୀନ କରିପାରିବୁ ନାହିଁ ବୋଲି କୁହାଯାଉଛି। ଏଥିରୁ ଭାଜପାର ଦୋମୁହାଁ ଚରିତ୍ର ସ୍ପଷ୍ଟ ଦିଶୁଛି। ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ସଞ୍ଜୟ କହିଛନ୍ତି।

DSPL-135

ଡାଇରିଆ ନିରାକରଣ ପାଇଁ କେତୋଟି ସାଧାରଣ ସତର୍କତା

୧. ଅଧ ଘଣ୍ଟାଏ ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ପକାଇ ଅଧ ଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରନ୍ତୁ।

୨. ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନ୍‌ରେ ଭଲଭାବେ ହାତ ଧୁଅନ୍ତୁ।

୩. କାହାର ଝାଡ଼ା / ବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓ.ଆର୍.ଏସ୍. ଦ୍ରବଣ ପିଆନ୍ତୁ ଓ ଡ଼ାକ୍ତରଖାନା ନିଅନ୍ତୁ। ବିଳମ୍ବ କଲେ ବିପଦ ଅଛି।

OIPR-10003/13/0210/2526

NATIONAL HEALTH MISSION

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

ଅନ୍ୟମାନେ ତୁମ ସମ୍ବନ୍ଧେ କ'ଣ କହୁଛନ୍ତି, କରୁଛନ୍ତି ଓ ଭାବୁଛନ୍ତି– ସେଥିପାଇଁ ନେଇ ଯଦି ତୁମେ ଆଘାତ ପାଉଥାଅ ବା ବ୍ୟଥିତ ହେଉଥାଅ– ତା'ହେଲେ ତୁମେ ଜଣେ ଦୁର୍ବଳ ମଣିଷ ଏବଂ ତୁମେ କେବେ ଏକାନ୍ତ ଭାବେ ଭଗବାନଙ୍କ ପ୍ରଭାବର ଅଧୀନ ହୋଇ ବଞ୍ଚୁ ନାହଁ। –ଶ୍ରୀମା

# କେବଳ ପ୍ରହେଳିକା



**ଆକାର ପଟେଲ**

ଭିଏସ୍ ଅଫ୍ ଗ୍ଲୋବାଲ ସାଉଥ୍ (ଭିଓଜିଏସ୍)କୁ ବିଶ୍ୱ ସ୍ତରରେ ପହଞ୍ଚାଇବା ଦାୟିତ୍ୱ ନେଇଛନ୍ତି ବୋଲି ଚଳିତ ମାସରେ ଭାରତ ସରକାର ଘୋଷଣା କରିଛନ୍ତି। ଗ୍ଲୋବାଲ ସାଉଥ୍ କହିଲେ ନିମ୍ନ, ମଧ୍ୟମ ଆୟବର୍ଗ ତଥା ବିକାଶଶୀଳ ଦେଶଗୁଡ଼ିକୁ ବୁଝାଏ। ଗ୍ଲୋବାଲ ସାଉଥ୍ ଦେଶଗୁଡ଼ିକୁ ଏକାଠି କରିବା ଲାଗି ବିଗତ ତିନିବର୍ଷ ହେଲା ଭାରତ ଭିଓଜିଏସ୍ ସମିଟ୍ ଆୟୋଜନ କରିଆସୁଛି, ଯାହାକୁ ସରକାର ସଂକ୍ଷେପରେ ଭିଓଜିଏସ୍ଏସ୍ ଭାବେ ନାମିତ କରିଛନ୍ତି। ରାଜନୈତିକ ବିଶେଷଜ୍ଞଙ୍କ ଅନୁଯାୟୀ, ଏବେ ଆମେ ଭିଓଜିଏସ୍‌ର ଉତ୍ତରଦାୟିତ୍ୱକୁ ନେଇ ପ୍ରକାଶ କରିଥିବା ତତ୍ପରତାର ସମ୍ପର୍କ ଜି୭ ସହ ଥିଲା। ଭାରତ ଜି୭ରେ ଭାଗ ନେଇଥିଲା, ଯଦିଓ ଏହାର ସଦସ୍ୟ ନୁହେଁ। ଜି୭ର ପ୍ରକୃତ ସଦସ୍ୟମାନେ ହେଉଛନ୍ତି ଆମେରିକା, ବ୍ରିଟେନ, କାନାଡ଼ା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଓ ଜାପାନ। ଏମାନେ ଇସ୍ରାଏଲ ଉପରେ ଇରାନ୍‌ର ଆକ୍ରମଣକୁ ନିନ୍ଦା କରି ଏକ ବିବୃତି ଜାରି କରିଛନ୍ତି। ଏହାସହ ଆତ୍ମରକ୍ଷା ପାଇଁ ଇସ୍ରାଏଲର ଅଧିକାର ରହିଛି ବୋଲି ଜି୭ ଦୃଢ଼ ଭାବେ କହିଛି। ହେଲେ ଇସ୍ରାଏଲର ସୁରକ୍ଷା ପାଇଁ ଆମର ସମର୍ଥନ ଦୋହରାଇଛୁ ଏବଂ ଆଞ୍ଚଳିକ ଅସ୍ଥିରତା ଓ ଉଗ୍ରବାଦର ଇରାନ ହେଉଛି ଏକ ପ୍ରମୁଖ ଉତ୍ସ ବୋଲି ସ୍ପଷ୍ଟ କରିଛୁ। ଏହା ଉପରେ ଭିଓଜିଏସ୍‌ର କୌଣସି ମତ ନ ଥିଲା, ଯଦିଓ ଆମ ପ୍ରଧାନମନ୍ତ୍ରୀ ସମ୍ମିଳନୀରେ ଭାଗ ନେଇଥିଲେ ଏବଂ ଉପସ୍ଥିତି ଜାହିର କରିବାର ଏହା ଏକ ସମୟ ଥିଲା ବୋଲି ମନେକରାଯାଉଥିଲା। ଭିଓଜିଏସ୍‌ର ସ୍ୱର ନୀରବିଯାଇଥିଲା ; ଯେଉଁଠି ଆମର କିଛି କହିବାର ନ ଥିଲା, କେବଳ ଶକ୍ତିଶାଳୀ ଦେଶଗୁଡ଼ିକର କହିବାର ଅଧିକାର ଥିଲା। ସେହି ସମ୍ମିଳନୀରେ ଆମେ କାହିଁକି ଭାଗ ନେଲୁ ତାହା ଜଣାପଡୁନାହିଁ। ବରଂ ଅନ୍ୟ କେଉଁଠି ଆମର ପ୍ରଭାବକୁ ସ୍ୱୀକୃତି ମିଳୁଥିବା ସ୍ଥାନରେ ସମୟ ଦେବାର ଥିଲା।

ସାଙ୍ଘାଇ କୋଅପରେଶନ ଅର୍ଗାନାଇଜେଶନରେ(ଏସ୍‌ସିଓ)ରେ ଭିଓଜିଏସ୍ ଏକ ସଦସ୍ୟ ଓ ତା'ର କହିବାର ଅଧିକାର ରହିଛି। ତେବେ ଏସ୍‌ସିଓ ସମାନ ବିଷୟ ଉପରେ ଏକ ବିବୃତି ଦେଇଛି। ଏସ୍‌ସିଓରେ ଅଛନ୍ତି ୯ଟି ଦେଶ– ଚାଇନା, ଭାରତ, ଇରାନ, କାଜାକସ୍ତାନ, କିରଗିଜସ୍ତାନ, ପାକିସ୍ତାନ, ରୁଷିଆ, ତାଜିକସ୍ତାନ ଓ ଉଜବେକିସ୍ତାନ। ବିଶ୍ୱର ମୋଟ ଜନସଂଖ୍ୟାର ୪୨ ପ୍ରତିଶତ ଲୋକ ଏହିସବୁ ଦେଶରେ ଅଛନ୍ତି। ଏସ୍‌ସିଓରେ ସଂଖ୍ୟାଧିକ ହେଉଛନ୍ତି ଗ୍ଲୋବାଲ୍ ସାଉଥ୍ ବର୍ଗର। ଏକ ନୂଆ ଗଣତାନ୍ତ୍ରିକ, ସ୍ୱଚ୍ଛ ଏବଂ ଯୁକ୍ତିଯୁକ୍ତ ଅନ୍ତର୍ଜାତୀୟ ରାଜନୈତିକ ଓ ଅର୍ଥନୈତିକ ବ୍ୟବସ୍ଥାକୁ ଉତ୍ସାହିତ କରିବା ଏହାର ଦାୟିତ୍ୱ ବୋଲି ଏସ୍‌ସିଓର ଅଧିକାରପତ୍ର ଦର୍ଶାଏ। ଅର୍ଥାତ୍ ଏହା ଦୁର୍ବଳ ଓ ଦରିଦ୍ର ଦେଶଗୁଡ଼ିକର ଅଧିକାର ପାଇଁ ଲଢ଼େଇ କରିବ। ଏସ୍‌ଓସି ତାହାର ବିବୃତିରେ ସ୍ପଷ୍ଟ କରିଥିଲା ଯେ, ସେମାନେ ଇସ୍ରାଏଲର ସାମରିକ ଆକ୍ରମଣକୁ ନିନ୍ଦା କରନ୍ତି। ଜନବସତି, ଶକ୍ତି ଓ ପରିବହନ ଭିତ୍ତିଭୂମି ଉପରେ ଏଭଳି ଆକ୍ରମଣ କରି ନାଗରିକଙ୍କ ଜୀବନ ନେବା ଅନ୍ତର୍ଜାତୀୟ ଆଇନ ତଥା ଜାତିସଂଘ ଅଧିକାରପତ୍ରର ସମ୍ପୂର୍ଣ୍ଣ ଉଲ୍ଲଂଘନ। ଏହା ହିଁ ବାସ୍ତବତା। କିନ୍ତୁ ଏସ୍‌ସିଓ ବିବୃତି ଦେଇଥିବା ସମାନ ଦିନରେ ଭାରତ ଏହା ବିରୋଧରେ ଏକ ବିବୃତି ଜାରି କରିଥିଲା। ଏଥିରେ ଦର୍ଶାଇଥିଲା ଯେ, ଏସ୍‌ସିଓ ଦେଇଥିବା ବିବୃତି ଉପରେ ହୋଇଥିବା ଆଲୋଚନାରେ ଭାରତ ଭାଗନେଇ ନ ଥିଲା। ଆମେ କାହିଁକି ଆଲୋଚନାରୁ ଦୂରେଇ ରହିଲୁ, ଯେଉଁଠି ଏକ ସଦସ୍ୟ ଭାବେ ଆମେ ଆମର ପ୍ରଭାବ ପ୍ରଦର୍ଶନ କରିପାରିଥାଆନ୍ତୁ। କିନ୍ତୁ ଏହା ନ କରି ଆମେ ଯେଉଁଠି କେବଳ ଦର୍ଶକ, ସେଭଳି ସମ୍ମିଳନୀରେ ଭାଗନେଲୁ। ୧୪ ଜୁନ୍‌ରେ ଅନ୍ୟ ଏକ ଖବରକାଗଜର ଶୀର୍ଷକ, ''ଗାଜା ଯୁଦ୍ଧବିରତି ପାଇଁ ଜାତିସଂଘ ପ୍ରସ୍ତାବକୁ ୧୪୯ ଦେଶର ସମର୍ଥନ, ଭାରତ ଏଥିରୁ ବିରତ ରହିଛି'' ପ୍ରକାଶ ପାଇଥିଲା। ସହାୟତା ବନ୍ଦ କରିବା ଏବଂ କ୍ଷୁଧାକୁ ଯୁଦ୍ଧ କୌଶଳ ଭାବେ ବ୍ୟବହାର କରାଯାଉଛି ବୋଲି ଏହି ପ୍ରସ୍ତାବରେ ନିନ୍ଦା କରାଯାଇଥିଲା। ଏହାସହ ଇସ୍ରାଏଲ ଲଗାଇଥିବା ଅବରୋଧକୁ ହଟାଇବା ଲାଗି ଏଥିରେ ଦାବି କରାଯାଇଥିଲା। ଭିଓଜିଏସ୍‌କୁ ଛାଡ଼ି ସବୁ ଦକ୍ଷିଣ ଏସୀୟ ଦେଶ ଏହା ସପକ୍ଷରେ ଭୋଟ ଦେଇଥିଲେ।

ବୈଦେଶିକ ମନ୍ତ୍ରଣାଳୟ ୱେବ୍‌ସାଇଟ୍‌ରେ କୁହାଯାଇଛି,୧୪ ଅଗଷ୍ଟ ୨୦୨୪ରେ ଭାରତ ଏହାର ତୃତୀୟ ଭଏସ୍ ଅଫ୍ ଗ୍ଲୋବାଲ ସାଉଥ୍ ସମ୍ମିଳନୀ ଆୟୋଜନ କରିଥିଲା। ଏଥିରେ ଆଉ ମଧ୍ୟ କୁହାଯାଇଛି ଯେ, ପ୍ରଧାନମନ୍ତ୍ରୀଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଔର୍ ସବ୍‌ର ପ୍ରୟାସ' ଦୃଷ୍ଟିକୋଣକୁ ବ୍ୟାପକ କରିବା ଲାଗି ଏହି ନିଆରା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ଏବଂ ଏହା ଭାରତୀୟ ସିଦ୍ଧାନ୍ତ 'ବସୁଧୈବ କୁଟୁମ୍ବକମ୍'କୁ ସମର୍ଥନ କରେ। ଭବିଷ୍ୟତରେ ଗ୍ଲୋବାଲ ସାଉଥ୍ ଦେଶଗୁଡ଼ିକୁ ଏକାଠି କରି ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କ ଦୃଷ୍ଟିକୋଣ ଓ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ଏକ ମିଳିତ ମଞ୍ଚରେ ଶେୟାର କରିବା ଲାଗି ଆଶା ରଖିଛି। ହେଲେ ୮ ମେ'ରେ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ରହିବା ଓ ଦେଶାନ୍ତର ସମ୍ପର୍କିତ ଏକ ଘଟଣାରେ ଭାରତ ସରକାର ସୁପ୍ରିମକୋର୍ଟଙ୍କୁ କହିଥିଲେ ଯେ, ଭାରତ ୧୯୫୧ ଜାତିସଂଘ ଶରଣାର୍ଥୀ ଚୁକ୍ତିରେ ସ୍ୱାକ୍ଷର କରି ନ ଥିବାରୁ ୟୁଏନ୍‌ଏଚ୍‌ସିଆର୍ ଜାରି କରିଥିବା ଶରଣାର୍ଥୀ କାର୍ଡ କିମ୍ବା ରୋହିଙ୍ଗ୍ୟାଙ୍କୁ ଶରଣାର୍ଥୀ ଭାବେ ସ୍ୱୀକାର କରିବ ନାହିଁ କିମ୍ବା ଶରଣାର୍ଥୀଙ୍କୁ କୌଣସି ସୁରକ୍ଷା ଦେବ ନାହିଁ। ଏହା ସ୍ପଷ୍ଟ ଯେ, ଭିଓଜିଏସ୍ ଏବଂ ବୈଶ୍ୱିକ ପରିବାର ସମ୍ପର୍କରେ କୁହାଯାଉଥିବା ବଡ଼ ବଡ଼ କଥା ପଛରେ ଅନେକ ଲୁକ୍କାୟିତ ସର୍ତ୍ତ ଓ ନିୟମ ରହିଛି। ଭାରତ ଜାତିସଂଘ ଶରଣାର୍ଥୀ ଚୁକ୍ତିରେ ସ୍ୱାକ୍ଷର କରିନି ସତ, ହେଲେ ଲୋକଙ୍କୁ ବିପଦ ଓ ନିର୍ଯ୍ୟାତନାରେ ରହିବାକୁ ବାଧ୍ୟ କରିବା ଏବଂ ସ୍ଥାୟୀ ଭାବେ ରହିବାର ସ୍ୱୀକୃତି ନ ଦେବାକୁ ଯୁକ୍ତିଯୁକ୍ତ ଦର୍ଶାଇପାରିବ ନାହିଁ। ଅନ୍ତଃରାଷ୍ଟ୍ରୀୟ ଆଇନରେ 'ନନ୍–ରିଫଲମେଣ୍ଟ' ନୀତି ଅନୁଯାୟୀ ଅର୍ଥାତ୍ ଯେଉଁ ସ୍ଥାନରେ ନିର୍ଯ୍ୟାତନା ଓ ଗମ୍ଭୀର ମାନବ ଅଧିକାର ଉଲ୍ଲଂଘନର ଆଶଙ୍କା ଥିବ ସେଠାକୁ ଲୋକଙ୍କୁ ଫେରିଯିବା ଲାଗି ବାଧ୍ୟ କରାଯାଉଥିବା ପଦକ୍ଷେପରୁ ଭାରତକୁ ରୋକାଯିବା ଦରକାର। ଏହା ଏକ ବଡ଼ ଆଇନଗତ ଦାୟିତ୍ୱ ଏବଂ ଇଣ୍ଟରନ୍ୟାଶନାଲ କୋଭେନାଣ୍ଟ ଅନ୍ ସିଭିଲ ଆଣ୍ଡ ପଲିଟିକାଲ୍ ରାଇଟ୍‌ସ(ଆଇସିସିପିଆର୍) ଚୁକ୍ତିରେ ଭାରତ ସ୍ୱାକ୍ଷର କରିଥିବାରୁ ଏହା କରାଯାଇପାରିବ। ଆମେ ସାଉଥ୍ ଗ୍ଲୋବାଲ ସମ୍ପର୍କରେ ବଡ଼ ଭାଷଣ ଦେଉଛୁ। ବିପରୀତ ଦିଗରେ କାମ କରି ଭାଗୀଦାରି ମାନବିକତା ଦେଖାଉନାହୁଁ। ଏଣୁ ନାଟକବାଜି ବା ପ୍ରହେଳିକା ଚାଲିବ।

Email:aakar.patel@gmail.com

# କାହିଁକି ଏତେ ଭାବପ୍ରବଣତା



**ପ୍ରକାଶ ତ୍ରିପାଠୀ**

ଆରସିବି ଟିମ୍ ଅଠର ବର୍ଷ ପରେ ଆଇପିଏଲ୍ କପ୍ ପାଇଲା, ସେମାନଙ୍କୁ ଦେଖିବାକୁ ଯାଇଥିବା ମୋ ପୁଅ କ'ଣ ପାଇଲା? ଜୁନ୍ ୪ରେ ବେଙ୍ଗାଲୁରୁରେ ଆର୍‌ସିବିର ବିଜୟ ଉତ୍ସବ ପାଳନ ସମୟରେ ଦଳାଚକଟାରେ ମୃତ୍ୟୁବରଣ କରିଥିବା ୨୧ ବର୍ଷୀୟ ଭୂମିକା ଲକ୍ଷ୍ମଣଙ୍କ ପିତାଙ୍କର ଏହା ଥିଲା ପ୍ରଶ୍ନ। କର୍ଣ୍ଣାଟକର ହାସନ ଜିଲାର ବାସିନ୍ଦା ଭୂମିକା ମାତାପିତାଙ୍କ ଏକମାତ୍ର ପୁଅ ଏବଂ ଶେଷ ବର୍ଷର ଇଞ୍ଜିନିୟରିଂ ଛାତ୍ର ଥିଲେ। ସେହିପରି ବିବିଏର ଛାତ୍ର ମନୋଜ କୁମାରଙ୍କ ମୃତ ଶରୀର ପାଖରେ ତାଙ୍କ ମା' କାନ୍ଦିକାନ୍ଦି କହୁଥିଲେ, ମୋ ପୁଅର କ'ଣ ଭୁଲ୍ ଥିଲା? ଖେଳ ସେଲିବ୍ରେଶନ ଦେଖିବାକୁ ଯାଇଥିଲା ଯେ ଆଉ ଫେରିଲାନି। ମୋ ପୁଅର ମୃତ୍ୟୁ ବାବଦକୁ ଟଙ୍କା ଦେଇଦେଲେ ମୋ ପୁଅ ଆଉ କ'ଣ ଫେରି ଆସିବ କି?

ମାର୍ଚ୍ଚ ୨୨ ରୁ ଜୁନ୍ ୩ ପର୍ଯ୍ୟନ୍ତ ଦେଶର ବିଭିନ୍ନ କ୍ରିକେଟ ଷ୍ଟାଡିୟମରେ ଚାଲିଥିଲା ଇଣ୍ଡିଆନ ପ୍ରିମିୟର ଲିଗ୍ ବା ଆଇପିଏଲ୍‌ର ଅଠରତମ ସଂସ୍କରଣ। ଫାଇନାଲ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସକୁ ହରାଇ ଦୀର୍ଘ ୧୮ ବର୍ଷ ପରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବା ଆରସିବି ଇଣ୍ଡିଆନ ପ୍ରିମିୟର ଲିଗ୍ କପ୍ ଜିତିଲା। ଠିକ୍ ଏହାର ପରଦିନ ବେଙ୍ଗାଲୁରୁରେ ଆୟୋଜିତ ହୋଇଥିଲା ବିଜୟ ଉତ୍ସବ। ବିଜୟ ଉତ୍ସବ ପାଳନରେ ଲକ୍ଷ ଲକ୍ଷ ପ୍ରଶଂସକ ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମ ଏବଂ ବିଧାନସୌଧ ନିକଟରେ ଏକତ୍ରିତ ହୋଇଥିଲେ ଓ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଏହାପରେ ଆରମ୍ଭ ହୋଇଥିଲା ଦଳାଚକଟା। ପୋଲିସ ଲୋକମାନଙ୍କୁ ଘରକୁ ଫେରିଯିବାକୁ ଅନୁରୋଧ କରିଚାଲିଥିଲେ ବି ଟ୍ରାଫିକ୍ ଜାମ୍ ଯୋଗୁ ଘରକୁ ସେଠାରୁ ଫେରିବା ସମ୍ଭବ ହୋଇ ନ ଥିଲା। ଟ୍ରେନ୍‌ଗୁଡ଼ିକ ବି.ଆର. ଆମ୍ବେଦକର ବିଧାନସୌଧ ଏବଂ କ୍ୟୁବନ ପାର୍କ ଷ୍ଟେଶନରେ ଘଣ୍ଟା ଘଣ୍ଟା ଧରି ଅଟକି ଥିଲା। ପୋଲିସ ଆକଳନ ଅନୁଯାୟୀ, ଷ୍ଟାଡିୟମ ଚାରିପାଖରେ ଦୁଇ ଲକ୍ଷରୁ ଅଧିକ ଲୋକ ଥିଲେ। ଗୋଟିଏ ସ୍ଥାନରେ ଏତେ ଲୋକ ଥିବାରୁ, ମୋବାଇଲ ଟାୱାରଗୁଡ଼ିକ ଖରାପ ହୋଇଗଲା ଏବଂ ଶୀଘ୍ର କାହାରି ଫୋନରେ କୌଣସି ଦୃଢ଼ ସିଗ୍ନାଲ ନ ଥିଲା, ଯାହା ପରିସ୍ଥିତିକୁ ଆହୁରି ଖରାପ କରିଦେଇଥିଲା। ବାହାରେ ଏହି ଦୁଃଖଦ ଘଟଣାରେ ୧୧ ଜଣ କ୍ରିକେଟପ୍ରେମୀ ମୃତ୍ୟୁବରଣ ଓ ଅନେକ ଆହତ ହେବା ଘଟଣା ଘଟିବା ପରେ ମଧ୍ୟ ଷ୍ଟାଡିୟମ ଭିତରର ପରିସ୍ଥିତି ସମ୍ପୂର୍ଣ୍ଣ ବିପରୀତ ଥିଲା। ବିରାଟ କୋହଲି, ଘନଘନ କରତାଳି ମଧ୍ୟରେ, ଆର୍‌ସିବି ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇ ଏକ ଛୋଟ ଭାଷଣ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ଓ ପରେ ଜଣକ ପରେ ଜଣେ ଭାଷଣ ଦେଇଥିଲେ। ଏଭଳି ଦୁଃଖଦ ଘଟଣାରେ ସରକାରଙ୍କ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟିକୁ ତ ନିଶ୍ଚିତ ଦାୟୀ କରାଯିବ, ତେବେ କୌଣସି ଖେଳ ବା ଖେଳାଳିଙ୍କ ପ୍ରତି ଜନସାଧାରଣଙ୍କ ଏପରି ମାତ୍ରାଧିକ ପାଗଳପଣ କ'ଣ ଠିକ୍?



ଅନେକଥର ଦେଖାଯାଉଛି ଯେ ନିଜର ପ୍ରିୟ ଖେଳାଳି ବା କଳାକାରମାନଙ୍କୁ ଦେଖିବା ପାଇଁ ବେଳେବେଳେ ଲୋକମାନେ ଅତି ଭାବପ୍ରବଣ ହୋଇଯାଆନ୍ତି। ଏପରି କି ନିଜର ଜୀବନକୁ ବାଜି ଲଗାଇଦେଇଥାନ୍ତି। ଏଭଳି ଘଟଣା ପାଇଁ ଆମେ ଦୁଇଟି ପ୍ରସଙ୍ଗକୁ ଦୃଷ୍ଟି ଦେଇପାରିବା। ଗୋଟିଏ ହେଲା ସରକାରଙ୍କ ସୁରକ୍ଷା ବ୍ୟବସ୍ଥାରେ ଢିଲା ବା ଜନସମାଗମକୁ ଠିକ୍ ଆକଳନ ନ କରି ଉତ୍ସବ ଆୟୋଜନ ପାଇଁ ଅନୁମତି ଦେବା ଓ ଅନ୍ୟଟି ହେଲା ଜନସାଧାରଣଙ୍କ ଅତ୍ୟଧିକ ଭାବପ୍ରବଣତା। ଆମ ଦେଶରେ କ୍ରିକେଟ ଖେଳାଳିଙ୍କୁ ଦେବତା ଆସନରେ ବସାଇବାକୁ ଲୋକମାନେ ପଛାଇ ନ ଥା'ନ୍ତି। ଖେଳକୁ ସେମାନେ ଖେଳ ଭାବେ ନେଇ ନ ଥା'ନ୍ତି। ଖେଳରେ ହାର ଜିତ୍‌କୁ ସେମାନେ ଗୁରୁତ୍ୱର ଭାବେ ଗ୍ରହଣ କରିଥାନ୍ତି। ସତେ ଯେମିତି କ୍ରିକେଟ ଖେଳ ନୁହେଁ, ଯୁଦ୍ଧ ଚାଲିଛି। ହାରିଗଲେ ଭଙ୍ଗାରୁଜା ଓ ଜିତିଗଲେ ବିଜୟ ଉତ୍ସବ ପାଳନରେ ଦଳାଚକଟା। ଥରେ ଭାବନ୍ତୁ ତ, ଏହି ସବୁ ଦୁର୍ଘଟଣାରେ ଯେଉଁମାନେ ପ୍ରାଣ ହରାଇଲେ, ସେମାନଙ୍କ ପରିବାରର ଲୋକଙ୍କର ଅବସ୍ଥା କ'ଣ ହେଉଥିବ। ଏପରି ଭାବପ୍ରବଣତାର ମୂଲ୍ୟ କ'ଣ? ଆଇପିଏଲ୍ କ୍ରିକେଟ ମ୍ୟାଚ୍ ଟି–୨୦ ଫର୍ମାଟର ଏକ ଖେଳ। ଇଣ୍ଡିଆନ ପ୍ରିମିୟର ଲିଗ୍ ହେଉଛି ଭାରତରେ ଏକ ବୃତ୍ତିଗତ ଟ୍ୱେଣ୍ଟି୨୦ କ୍ରିକେଟ ଲିଗ୍, ଯାହା ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଆୟୋଜିତ ହୋଇଥାଏ। ଏହି ପ୍ରିମିୟର ଲିଗ୍‌ରେ ଦଶଟି ସହର–ଭିତ୍ତିକ ଫ୍ରାଞ୍ଚାଇଜ ଦଳ ରହିଛି ଓ ଆଇପିଏଲ୍ ହେଉଛି ସବୁଠାରୁ ଲୋକପ୍ରିୟ ଏବଂ ଧନୀ କ୍ରିକେଟ ଲିଗ। ଏହା ବିଶ୍ୱର ଦ୍ୱିତୀୟ ସବୁଠାରୁ ଧନୀ କ୍ରୀଡ଼ା ଲିଗ୍। ଏହି କ୍ରୀଡ଼ା ପ୍ରତିଯୋଗିତା ପ୍ରତିବର୍ଷ ମାର୍ଚ୍ଚ ଏବଂ ମଇ ମଧ୍ୟରେ ଅନୁଷ୍ଠିତ ହୁଏ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦର ଫ୍ୟୁଚର୍ ଟୁର୍ ପ୍ରୋଗ୍ରାମରେ ଏହାର ଏକ ସ୍ୱତନ୍ତ୍ର ୱିଣ୍ଡୋ ଅଛି, ଯାହା ଫଳରେ କ୍ରିକେଟ ଋତୁ ସମୟରେ ଅନ୍ତର୍ଜାତୀୟ ଭ୍ରମଣକୁ ହ୍ରାସ କରାଯାଇ ଏହି ମ୍ୟାଚ ଆୟୋଜିତ ହୁଏ। ବ୍ରଡକାଷ୍ଟ ଅଡିଅନ୍ସ ରିସର୍ଚ୍ଚ କାଉନସିଲ ଅନୁଯାୟୀ, ଏହି ଭାରତୀୟ କ୍ରୀଡ଼ା ଇଭେଣ୍ଟକୁ ସର୍ବାଧିକ ଲୋକ ଦେଖନ୍ତି। ସହରଭିତ୍ତିକ ଫ୍ରାଞ୍ଚାଇଜ ଦଳମାନେ ସେମାନଙ୍କର ପ୍ରିୟ ଖେଳାଳିମାନଙ୍କୁ କୋଟି କୋଟି ଟଙ୍କାରେ ବର୍ଷକ ପାଇଁ ନିଲାମ ମାଧ୍ୟମରେ ଅନୁବନ୍ଧିତ କରିଥାନ୍ତି। ଫୋର୍ବସ ଇଣ୍ଡିଆର ୨୦୨୪ ରିପୋର୍ଟ ଅନୁଯାୟୀ ଶ୍ରେଷ୍ଠ ଦଶଜଣ ସର୍ବାଧିକ ଦରମା ପାଉଥିବା ଆଇପିଏଲ୍ ଖେଳାଳିଙ୍କ ମଧ୍ୟରେ ହାରାହାରି ଦରମା ହେଉଛି ୧୨.୩୭ କୋଟି ଟଙ୍କା। ସେଥିପାଇଁ ଆଇପିଏଲ୍‌କୁ ବିଶ୍ୱର ଦ୍ୱିତୀୟ ସର୍ବାଧିକ କ୍ରୀଡ଼ା ଲିଗ୍ ଭାବେ ଗ୍ରହଣ କରାଯାଏ। କାରଣ ଆଇପିଏଲ୍‌ରେ ଖେଳାଳିମାନେ କେବଳ ଟୁର୍ନାମେଣ୍ଟର ଅବଧି– ଦୁଇ ମାସରୁ କମ୍ ସମୟରେ ଖେଳିବା ପାଇଁ ଚୁକ୍ତିବଦ୍ଧ ହୁଅନ୍ତି, ବର୍ଷ ତମାମ ନୁହେଁ ଓ ଏହି ଦୁଇ ମାସ ଖେଳିବା ପାଇଁ ସେମାନେ କୋଟି କୋଟି ଟଙ୍କା ପାରିଶ୍ରମିକ ପାଇଥାନ୍ତି।। ଆଇପିଏଲ୍‌ରେ, ଫ୍ରାଞ୍ଚାଇଜିଦଳ, ଖେଳାଳି, ପ୍ରାୟୋଜକ, ମିଡିଆ ଏବଂ ମନୋରଞ୍ଜନ ଶିଳ୍ପ ସମେତ ବିଭିନ୍ନ ଅଂଶୀଦାରମାନେ କୋଟି କୋଟି ଟଙ୍କାର ଉପକୃତ ହୁଅନ୍ତି। ସମସ୍ତେ ତ ମାଲାମାଲ ହୁଅନ୍ତି, ହେଲେ ବିଚରା ଦର୍ଶକ କ'ଣ ପାଆନ୍ତି?

ନିକଟରେ ସରିଥିବା ଆଇପିଏଲ୍‌ର ୧୮ତମ ସଂସ୍କରଣ ଯଦି ଦେଖିବା, ତେବେ ସମଗ୍ର ଦେଶ ଦୁଇମାସରୁ ଊର୍ଦ୍ଧ୍ୱ ସତେ ଯେମିତି କ୍ରିକେଟ ମନସ୍କ ହୋଇଯାଇଥିଲା। ବିଶେଷ କରି ମାଇଁ ଇଲେଭେନ ସର୍କଲ ଓ ଡ୍ରିମ୍ ଏଲେଭେନ ନାମକ ଭର୍ଚୁଆଲ ଟିମ୍ ଗଠନ ମାଧ୍ୟମରେ ଯୁବ ଗୋଷ୍ଠୀଙ୍କୁ ଏକ ପ୍ରକାର ଅନ୍‌ଲାଇନ ଜୁଆଖେଳ ପ୍ରତି ଆକର୍ଷିତ କରାଯାଇ କୋଟି କୋଟି ଟଙ୍କା ଜିତିବାର ସ୍ୱପ୍ନ ଦେଖାଯାଇଥିଲା ଓ ଏହାକୁ ବିଭିନ୍ନ ଗଣମାଧ୍ୟମରେ ବଡ଼ ବଡ଼ କ୍ରିକେଟ ଖେଳାଳିମାନେ ପ୍ରଚାର କରୁଥିଲେ। 'ମାଇଁ ଇଲେଭେନ ସର୍କଲ' ଓ ଡ୍ରିମ–୧୧ ହେଉଛି ଏକ ଫାଣ୍ଟାସି ସ୍ପୋର୍ଟସ ପ୍ଲାଟଫର୍ମ ଏବଂ ଟାଟା ଆଇପିଏଲ୍–୨୦୨୫ର ଏକ ସହଯୋଗୀ ପ୍ରାୟୋଜକ। ଏହା ଏକ ପ୍ଲାଟଫର୍ମ, ଯେଉଁଠାରେ ବ୍ୟବହାରକାରୀମାନେ ଆଇପିଏଲ୍‌ରେ ଅଂଶଗ୍ରହଣ କରୁଥିବା ବାସ୍ତବ ଦୁନିଆର ଖେଳାଳିମାନଙ୍କ ମଧ୍ୟରୁ ଏଗାର ଜଣ ଖେଳାଳିଙ୍କର ଭର୍ଚୁଆଲ ଦଳ ଗଠନ କରିପାରିବେ ଏବଂ ଖେଳାଳିଙ୍କ ଅନ–ଫିଲ୍ଡ ପ୍ରଦର୍ଶନ ଆଧାରରେ ପ୍ରତିଯୋଗିତା କରିପାରିବେ। ପ୍ରାରମ୍ଭିକ ଭାବେ ଏକ ଟଙ୍କା ଓ ପରବର୍ତ୍ତୀ ସମୟରେ ୩୯ ଓ ୪୯ ଟଙ୍କା ଦାଖଲ କରି ମାଇଁ ଇଲେଭେନ ସର୍କଲରେ ଭାଗ ନେଇଥାନ୍ତି। ଭାରତୀୟ ବିଜ୍ଞାପନ ମାନକ ପରିଷଦ (ASCI) ପକ୍ଷରୁ ଅବଶ୍ୟ ସତର୍କ କରାଇ ଦିଆଯାଏ ଯେ ଏହି ଖେଳରେ ଆର୍ଥିକ ବିପଦର ସମ୍ଭାବନା ଅଛି ଓ ଏହା ନିଶାକାରକ ହୋଇପାରେ। ଦୟାକରି ଦାୟିତ୍ୱର ସହ ଖେଳନ୍ତୁ। ମାତ୍ର ଏହା ଏକ ନିଶା ଭାବେ କ୍ରିକେଟକୁ ଭଲପାଉଥିବା ଯୁବ ଗୋଷ୍ଠୀଙ୍କୁ ଆକ୍ରାନ୍ତ କରିଥାଏ। ଏହା ସ୍ୱୀକାର କରିବାକୁ ପଡ଼ିବ ଯେ ଯୁବପିଢ଼ି ଏହି ବାଣିଜ୍ୟିକ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଶାଗ୍ରସ୍ତ ହୋଇ ସେମାନଙ୍କର ମୂଲ୍ୟବାନ ସମୟ ନଷ୍ଟ କରୁଛନ୍ତି। ପ୍ରଚୁର ଆର୍ଥିକ ଏବଂ କ୍ୟାରିୟର କ୍ଷତି ସହୁଛନ୍ତି। ଏହାର ଗମ୍ଭୀରତାକୁ ସରକାର ଗୁରୁତ୍ୱର ସହ ଚିନ୍ତା କରିବା ଦରକାର। କ୍ରିକେଟକୁ କେବଳ ଏକ ଖେଳ ଭାବେ ଦେଖାଯାଉ। ଖେଳରେ ପାଗଳପଣ ଓ ଅତ୍ୟଧିକ ଭାବପ୍ରବଣତା ଗ୍ରହଣୀୟ ନୁହେଁ, ଯାହା ବେଙ୍ଗାଲୁରୁ ଦୁର୍ଘଟଣାରୁ ଶିକ୍ଷା ମିଳିଲା।

ମୋ– ୯୪୩୭୨୩୨୪୬୩

# ଦାମ୍ପତ୍ୟ ଦ୍ୱନ୍ଦ୍ୱ ଓ ଆଇନର ରଜ୍ଜୁ



**ଡ. ସତ୍ୟ ନାରାୟଣ ମିଶ୍ର**

ବିବାହର ସଂଯୋଗକୁ ଜୀବନର ଶୃଙ୍ଖଳିତ ଜୀବନ ଧାରାରେ ଧାବମାନ କରିପାରିଲେ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ। ଦମ୍ପତିର ଉଚିତ ଆଦର୍ଶକୁ ଚରିତାର୍ଥ କରିବାକୁ ଦାମ୍ପତ୍ୟ ଜୀବନର ଅନେକ ଶାସନ, ଅନୁଶାସନ ତଥା ବିଭକ୍ତୀକରଣ ନୀତି ନିୟମକୁ ପ୍ରଣିଧାନ କରାଯାଇଥାଏ। ଉକ୍ତ ଅନୁଶାସନରେ ଦାମ୍ପତ୍ୟରେ ଥାଏ ତ୍ୟାଗ, ସ୍ନେହ, କର୍ତ୍ତବ୍ୟ, ବିଚାରଧାରା, ସନ୍ତୋଷ ଓ ଆତ୍ମସନ୍ତୋଷ। ଅନେକେ ବିବାହକୁ ଜୀବନର ଆବଶ୍ୟକତାକୁ ଗୁରୁତ୍ୱ ଦେଉଥିବା ବେଳେ ଅନେକେ ଏହାକୁ ଜୀବନର ଅନ୍ୟମାନଙ୍କ ପାଇଁ କର୍ତ୍ତବ୍ୟ ମଣିଥାନ୍ତି। ଜଣେ ପୁଅ ଯେତେବେଳେ ଜଣେ ଝିଅକୁ ବା ଜଣେ ଝିଅ ଜଣେ ପୁଅକୁ ବିବାହ କରେ, ସେତେବେଳେ ତାହା ଥାଏ ପାରିବାରିକ ସହମତି ବା ପୁଅ ଝିଅ ଓ ଝିଅ ପୁଅର ବ୍ୟକ୍ତିଗତ ନିର୍ଣ୍ଣୟ। ଦାମ୍ପତ୍ୟ ଜୀବନ ସେତେବେଳ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଥାଏ, ଯେତେବେଳ ଯାଏ ଉଭୟଙ୍କ ମଧ୍ୟରେ ବୁଝାମଣା ଓ ସହାନୁଭୂତି ନିହିତ ଥାଏ। ଅବିଶ୍ୱାସ,ଅହଂକାର,ଆତ୍ମସ୍ୱାର୍ଥ, ଆତ୍ମବଡ଼ିମା ଓ ଅସହିଷ୍ଣୁତା ଆଦି ଦାମ୍ପତ୍ୟ ଜୀବନର ଦ୍ୱନ୍ଦ୍ୱକୁ ବୃଦ୍ଧି କରିଥାଏ ଓ ବୈବାହିକ ଜୀବନ ହୋଇଥାଏ ଅଭିଶପ୍ତ। ଦାମ୍ପତ୍ୟରେ ଦ୍ୱନ୍ଦ୍ୱର ଉପସ୍ଥିତି ହେଲେ ତାହା କେବଳ ଦମ୍ପତିଙ୍କୁ ଆଘାତ ଦେଇ ନ ଥାଏ, ତାହା ଉଭୟ ପରିବାର ଓ ଆତ୍ମୀୟ ସ୍ୱଜନଙ୍କୁ ମଧ୍ୟ ବିଭ୍ରାନ୍ତ କରିଥାଏ। ତେବେ ଦାମ୍ପତ୍ୟ ଜୀବନରେ ମତପାର୍ଥକ୍ୟ କେତେକାଂଶରେ ସ୍ୱୀକାର କରାଯାଇପାରେ ଓ ଅପରପକ୍ଷରେ ମନ ପାର୍ଥକ୍ୟକୁ କେବେହେଲେ ଗ୍ରହଣ କରିବା ଉଚିତ ନୁହେଁ। ମତ ଓ ମନ ପାର୍ଥକ୍ୟ ଯେତେବେଳେ ସଂଯୋଗ ହୋଇଥାଏ, ସେତେବେଳେ ଦ୍ୱନ୍ଦ୍ୱ ଉପୁଜି ଦାମ୍ପତ୍ୟ ଜୀବନରେ କଳଙ୍କ ଲାଗିବା ଆରମ୍ଭ ହୋଇଯାଏ। ଯେତେବେଳେ ପରିସ୍ଥିତି ଅସହନୀୟ ହୋଇଥାଏ ଓ ଦମ୍ପତି ନିଜ ନିଜର ସ୍ଥିତି ଓ ପରିସ୍ଥିତିକୁ ହୃଦୟଙ୍ଗମ କରିବାରେ ଅସମର୍ଥ ପ୍ରକାଶ କରିଥାନ୍ତି, ସେତେବେଳେ ଆଇନଗତ ବ୍ୟବସ୍ଥାରେ ଧାରାର ପ୍ରୟୋଗ ହୋଇ ଜୀବନ ଦ୍ୱନ୍ଦ୍ୱ ରଜ୍ଜୁରେ ବାନ୍ଧି ହୋଇଯାଏ। ଦାମ୍ପତ୍ୟ ଜୀବନ ହୋଇଯାଏ ଶତ୍ରୁ ଓ ଦ୍ୱନ୍ଦ୍ୱର ପରିସ୍ଥିତି, ଯେଉଁଥିରେ ଦମ୍ପତି ନିଜ ନିଜର ଜିଦ୍‌କୁ ଚରିତାର୍ଥ କରିବା ପାଇଁ ଆଇନର ଧାରା ପ୍ରୟୋଗ କରିଥାନ୍ତି। ଶାରୀରିକ କିମ୍ବା ମାନସିକ ଚାପ ବା ଆତ୍ମହତ୍ୟା ଭାବନା ସୃଷ୍ଟି କରିବାର ସମ୍ଭାବନା ଥାଏ କିମ୍ବା ମନ୍ଦ ଉଦ୍ଦେଶ୍ୟରେ ମହିଳାଙ୍କୁ ହଇରାଣ କରିବା ଆଦି ନିହିତ ରହିଥାଏ, ତେବେ ଧାରାର ରଜ୍ଜୁରେ ଅପରାଧୀ ଦଣ୍ଡନୀୟ ହୋଇଥାନ୍ତି। ଆଇନର ଧାରା ସୃଷ୍ଟି ହୋଇଥିଲା ମହିଳାମାନଙ୍କ ସୁରକ୍ଷା ନିମିତ୍ତ ଓ ଏକ ମହତ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ। ମାତ୍ର ସମ୍ପ୍ରତି ଦାମ୍ପତ୍ୟ ଜୀବନର ଦ୍ୱନ୍ଦ୍ୱର ଏକ ବଳିଷ୍ଠ ଧାରା ହେଉଛି ୪୯୮(ଏ), ଯାହାର ଅପପ୍ରୟୋଗ କରି ଅନେକ ମହିଳା



ପ୍ରତିଶୋଧ ନେଉଛନ୍ତି। ଏଥିରେ ଅନେକ ମହିଳା ମିଥ୍ୟା ଅଭିଯୋଗ କରି ସ୍ୱାମୀଙ୍କଠାରୁ ଅନେକ ଅର୍ଥ ଆଦାୟ କରିଥାନ୍ତି। ସ୍ୱାମୀଙ୍କ ପରିବାରକୁ ଯଥେଷ୍ଟ ନିର୍ଯାତନା ମଧ୍ୟ ଦେଇଥାନ୍ତି, ଯାହାର ଅପପ୍ରୟୋଗ ବର୍ତ୍ତମାନ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଓ ରାଜ୍ୟ ଉଚ୍ଚ ନ୍ୟାୟାଳୟମାନେ ମଧ୍ୟ ହୃଦ୍‌ବୋଧ କରି କ୍ଷୋଭ ପ୍ରକାଶ କରିଛନ୍ତି। ୪୯୮(ଏ)ର ପରିକଳ୍ପନା କରାଯାଇ ଆଇନଶୃଙ୍ଖଳା ପରିସରରେ ମହିଳାମାନଙ୍କୁ ନିର୍ଦ୍ଦୟତା, ନିର୍ଯାତନା ଓ ଅନ୍ୟାନ୍ୟ ଅପରାଧରୁ ରକ୍ଷା କରିବା ପାଇଁ ଧାରଣା ଦିଆଯାଇଥିଲା। କିନ୍ତୁ ଯେତେବେଳେ ଏହି ନିୟମର ବୈଧତା ପରୀକ୍ଷା କରିବା ପାଇଁ ପୁନଃ ଅନୁସନ୍ଧାନ କରାଯାଏ, ସେତେବେଳେ ସ୍ଥିତି ସମ୍ପୂର୍ଣ୍ଣ ଭାବେ ଭିନ୍ନ ଥାଏ।

ତେଣୁ ମହିଳାଙ୍କ ପ୍ରତି ନିର୍ଦ୍ଦୟତା ବିରୋଧରେ ଯେଉଁ ଉଦ୍ଦେଶ୍ୟ ନେଇ ଆଇନ ପ୍ରଣୟନ କରାଯାଇଥିଲା ତାହା ବର୍ତ୍ତମାନ ମାନ୍ୟବର ସୁପ୍ରିମକୋର୍ଟ ଆଇନଗତ ଆତଙ୍କବାଦ ବୋଲି ବିଚାର କରୁଛନ୍ତି, କାରଣ ଧାରା ୪୯୮(ଏ)ର ଅପବ୍ୟବହାର ଏହାର ପ୍ରକୃତ ବିଶ୍ୱସନୀୟତା ହ୍ରାସ କରୁଛି। ଆଇନ ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ ହେଉଛି ସତ୍ୟରେ ପହଞ୍ଚିବା, ଦୋଷୀଙ୍କୁ ଦଣ୍ଡ ଦେବା ଓ ନିର୍ଦ୍ଦୋଷମାନଙ୍କୁ ସୁରକ୍ଷା ଦେବା। ମାତ୍ର ଧାରାର ରଜ୍ଜୁ ଧୀରେ ଧୀରେ ଓଲଟା ହୋଇଯାଉଛି, ଯେଉଁଥିରେ ସତ୍ୟର ଉଦ୍‌ଘାଟନ ହୋଇ ପ୍ରକୃତ ଉଦ୍ଦେଶ୍ୟ ଦୃଶ୍ୟମାନ ହେଉଅଛି। ମିଥ୍ୟା ଅଭିଯୋଗ ଓ ଧାରା ୪୯୮(ଏ)ର ଅନୈତିକ ଅଭ୍ୟାସ ହେତୁ ନିରୀହ ସ୍ୱାମୀ ଓ ତାଙ୍କ ପରିବାର ଅନେକ ଅକଥନୀୟ ଯନ୍ତ୍ରଣା ଭୋଗ କରୁଛନ୍ତି ଓ ଉକ୍ତ ପରିବାରରେ ଅଶାନ୍ତିର ଝଡ଼ ସୃଷ୍ଟି ହୋଇ ସାମାଜିକ ଅସ୍ଥିରତା ସୃଷ୍ଟି ହେଉଛି। ଅନେକ ସମୟରେ ଲଜ୍ଜା ଓ ନିର୍ଯାତନାରେ ମ୍ରିୟମାଣ ହୋଇ ଅନେକ ପୁରୁଷ ହାର ମାନି ଆତ୍ମହତ୍ୟା ମଧ୍ୟ କରୁଛନ୍ତି। ଅତଏବ ଆଇନ ଠିକ୍ ଭାବରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ ତଥା ପ୍ରକୃତ ପରୀକ୍ଷଣ ସହିତ ଶକ୍ତି ପ୍ରୟୋଗ କରିବା ଆବଶ୍ୟକ, ଯେଉଁଥିରେ ପ୍ରତିଶୋଧର ସ୍ଥାନ ନ୍ୟୂନ ହୋଇ ଦ୍ୱନ୍ଦ୍ୱର ସମାଧାନ ହେବ। ଧାରା ୪୯୮(ଏ) ଆଇପିସିର ଅପବ୍ୟବହାର ବୃଦ୍ଧି ହୋଇଚାଲିଛି ଓ ପତ୍ନୀଙ୍କ ଦ୍ୱାରା ସ୍ୱାମୀଙ୍କଠାରୁ କିଛି ନଗଦ ଅର୍ଥ ସଂଗ୍ରହ କରିବା ପାଇଁ ଏହି ଧାରା ଏକ ଅସ୍ତ୍ର ଭାବରେ ବ୍ୟବହୃତ ହେଉଛି। ମହିଳାମାନଙ୍କୁ ସୁରକ୍ଷା ଦେବା ପାଇଁ ଧାରା ୪୯୮(ଏ)ର ପ୍ରୟୋଗ ଯଥାର୍ଥ, ଯଦି ଏହା ପ୍ରକୃତରେ ନିର୍ଯାତନା ଦେଇଥାଏ, ମାତ୍ର ଏହାର ଅପପ୍ରୟୋଗ ସମାଜକୁ ପ୍ରଭାବିତ କରେ। ତେଣୁ ଦାମ୍ପତ୍ୟ ଦ୍ୱନ୍ଦ୍ୱକୁ ପ୍ରଶମିତ କରିବା ପାଇଁ ମାନସିକ ଜୀବନ ଧାରାର ପ୍ରବାହକୁ ଗତିଶୀଳ କରିପାରିଲେ ଆଇନ ରଜ୍ଜୁର ଅପପ୍ରୟୋଗ ନ୍ୟୂନ ହୋଇପାରିବ।

ସହାୟକ ନିର୍ଦ୍ଦେଶକ,ଜାତୀୟ ଅଭିଲେଖାଗାର,
ଭାରତ ସରକାର, ଭୁବନେଶ୍ୱର
ମୋ: ୯୯୩୭୩୪୫୯୦୦

## ଏଇ ଭାରତରେ

ଉତ୍ତରାଖଣ୍ଡର ଏକ ଛୋଟ ଗାଁରୁ ଆରମ୍ଭ ହୋଇଥିବା ବିହନ ବଞ୍ଚାଅ ଆନ୍ଦୋଳନ ତାହାର ଲକ୍ଷ୍ୟ ପଥରେ ଆଗକୁ ବଢ଼ିଚାଲିଛି। ଏହି ଆନ୍ଦୋଳନର ସ୍ରଷ୍ଟା ବିଜୟ ଜରଧାରୀ ଏବେ ୩୦୦ କିସମର ପାରମ୍ପରିକ ଧାନ ସଂଗ୍ରହ କରି ତାହାର ସଂରକ୍ଷଣ କରିପାରିଛନ୍ତି। ୧୯୮୦ ଦଶକରେ ତେହରି ଗଡ଼ୱାଲର ଜରଧାରଗାଁଓରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ବିଜୟଙ୍କ ସହ ଗ୍ରାମବାସୀ ଯୋଗଦେଇ ଏହି ଆନ୍ଦୋଳନକୁ ସକ୍ରିୟ କରିଥିଲେ। ଏମାନେ କେବଳ ଧାନ ନୁହେଁ, ୨୦୦ କିସମ ରାଜମା ସହ ଅନେକ କିସମର ପନିପରିବା, ଶସ୍ୟ, ତୈଳବୀଜ ଓ ଶାଗ ମଞ୍ଜି ସଂଗ୍ରହ କରିବାକୁ ସକ୍ଷମ ହୋଇଛନ୍ତି। ଏହା ବ୍ୟତୀତ କମ୍ ପାଣିରେ ଚାଷ ହୋଇପାରୁଥିବାରୁ କେତେକେ ଶସ୍ୟ ବିହନ ପାଇବାକୁ ସକ୍ଷମ ହୋଇପାରିଛନ୍ତି। ପାରମ୍ପରିକ ଶସ୍ୟ ଓ ପନିପରିବା ଜୀବନକୁ ସୁସ୍ଥ ରଖିବ ବୋଲି ବିଜୟଙ୍କ ମତ। ସେଠାରେ ବିହନ ସଂରକ୍ଷଣକୁ ଉତ୍ସାହିତ କରିବା ପାଇଁ ବିହନ ଉତ୍ସବ ପାଳନ କରାଯାଏ।

## ୫୦ ବର୍ଷ ତଳର ଧରିତ୍ରୀ

୨୨ ଜୁନ୍ ୧୯୭୬

- ଭାରତ ଓ ସୋଭିଏତ୍ ରୁଷ ମଧ୍ୟରେ ଜାହାଜ ଚଳାଚଳ ବ୍ୟବସ୍ଥାର ଅଭିବୃଦ୍ଧି ପାଇଁ ଏକ ପ୍ରୋଟୋକଲ ସ୍ୱାକ୍ଷରିତ।
- ଭାରତରେ ପ୍ରଥମଥର ପାଇଁ କୋଲ ଇଣ୍ଡିଆ ଜରିଆରେ ପାରାଦୀପରୁ ଆରାଧନା ଜାହାଜ ଯୋଗେ ବେଲଜିୟମ ଅଭିମୁଖେ କୋଇଲା ରପ୍ତାନି ଆରମ୍ଭ।
- ଆଠଗଡ଼ ନିକଟସ୍ଥ ପୁରୁଣା କଟକ–ସମ୍ବଲପୁର ରାସ୍ତାର କଣ୍ଟିଆ ନଦୀ ଉପରେ ୯ ଲକ୍ଷ ୪୧ ହଜାର ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ପୋଲ ଉଦ୍‌ଘାଟିତ।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | 4 | | | | |
| | | | | 7 | | 9 | | 8 |
| | | 3 | | | | | 7 | 6 |
| 1 | 8 | | | | | 2 | | |
| | | | | | | 6 | 4 | |
| 3 | 5 | 4 | | | | | | |
| | | 1 | 7 | | | | | 3 |
| 7 | | 2 | | 5 | | | | |
| 8 | | | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 5 | 8 | 6 | 2 | 3 | 1 | 7 |
| 2 | 8 | 1 | 5 | 3 | 7 | 9 | 4 | 6 |
| 6 | 3 | 7 | 9 | 4 | 1 | 2 | 8 | 5 |
| 3 | 4 | 2 | 1 | 9 | 6 | 7 | 5 | 8 |
| 5 | 1 | 9 | 7 | 8 | 3 | 6 | 2 | 4 |
| 8 | 7 | 6 | 2 | 5 | 4 | 1 | 3 | 9 |
| 7 | 6 | 3 | 4 | 1 | 8 | 5 | 9 | 2 |
| 9 | 2 | 4 | 3 | 7 | 5 | 8 | 6 | 1 |
| 1 | 5 | 8 | 6 | 2 | 9 | 4 | 7 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଖଜଣା ଡାକଘର ଓ ବ୍ୟାଙ୍କରେ ଦାଖଲ ବ୍ୟବସ୍ଥା କରାଯାଉ

ମହାଶୟ,

ଏଇ କିଛିଦିନ ତଳେ ଜଣେ ବନ୍ଧୁଙ୍କ ସହ ସ୍ଥାନୀୟ ଏକ 'ଜନସେବା କେନ୍ଦ୍ର'କୁ ଯାଇଥିଲି। ବନ୍ଧୁଙ୍କ ଖଜଣା ପୈଠ କରିବାର ଥିଲା। ଜନସେବା କେନ୍ଦ୍ରବାଲା କେବଳ ନଗଦ ବର୍ଷର ଖଜଣା ଗ୍ରହଣ କରି ସେବା ମୂଲ୍ୟ ବାବଦରେ ୩୦ ଟଙ୍କା ନେବେ ବୋଲି କହିବାରୁ ତୁରନ୍ତ ସ୍ଥାନୀୟ ଆର୍‌ଆଇ କାର୍ଯ୍ୟାଳୟକୁ ଜମା ଦେବା ପାଇଁ ଗଲୁ। ୪ ବର୍ଷର ଖଜଣା ଓ ଜରିମାନା ବାବଦରେ ସବୁ ମିଶି ୧୪ ଟଙ୍କା ପଡ଼ିଥିଲା। ତେବେ ବନ୍ଧୁଜଣଙ୍କ ୧୦୦ ଟଙ୍କିଆ ନୋଟଟି ଦେଲେ। ଉକ୍ତ କର୍ମଚାରୀ ୫୦ ଟଙ୍କା ଟଙ୍କିଆ ନୋଟ୍ ପକେଟରୁ କାଢ଼ି ଫେରାଇ ଦେଇ ଅବଶିଷ୍ଟ ଟଙ୍କା ଚା'ପିଆ ବାବଦରେ କାଟି ରଖିଲେ। ହିସାବ କରି ଦେଖିଲୁ ଯେତେ ଲୋକ ପୈଠ କରିବାକୁ ଆସୁଛନ୍ତି, ସେମାନଙ୍କଠାରୁ ଉକ୍ତ କର୍ମଚାରୀ ଚା'ପିଆ ଖର୍ଚ୍ଚ ଯଦି ରଖେ, ତେବେ ଦୈନିକ ୫୦୦ ଟଙ୍କାରୁ କମ୍ ରୋଜଗାର ହେଉ ନ ଥିବ (ଖଜଣା ପ୍ରଦାନ ବେଳେ)। ଯଦି ସରକାର ସମସ୍ତ ପ୍ରକାର ଡାକଘର ଯଥା ଶାଖା, ଉପମୁଖ୍ୟ ଓ ପ୍ରଧାନ ଡାକଘର ଏବଂ ବ୍ୟାଙ୍କରେ ସମସ୍ତ ସରକାରୀ ପୈଠ ଦାଖଲ କରିବାର ବ୍ୟବସ୍ଥା କରନ୍ତେ, ତେବେ ଲୋକେ ଦୁର୍ନୀତିରୁ ମୁକ୍ତି ପାଆନ୍ତେ।

**–ଶ୍ରୀଜଗନ୍ନାଥ ବେହେରା, ଚରମ୍ପା, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E–mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E–mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜୀବନର ପ୍ରତି କ୍ଷେତ୍ରେ ତୋଳି ତୁଙ୍ଗ
କୀରତି ଦେଉଳ
ଦେଶେ ଦେଶେ ଉଡ଼ାଇଲ ବିଜୟର
କେତନ ବହୁଳ।
(ପ୍ରାଚୀନ ଓ ନବୀନ)
(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସ୍ୱାମୀଙ୍କୁ ମାରି ଝୁଲାଇଦେଲେ

## ସ୍ତ୍ରୀ, ପୁରୁଷବନ୍ଧୁ ମିଶି ହତ୍ୟା କରିଥିବା ସନ୍ଦେହ

ଜଳେଶ୍ୱର, ୨୧।୬(ନବୀନ ସାହୁ)

ସ୍ତ୍ରୀଙ୍କ ପରକୀୟା ପ୍ରୀତିକୁ ବିରୋଧ କରିବାରୁ ଜଣେ ସ୍ୱାମୀଙ୍କୁ ଜୀବନ ଦେବାକୁ ପଡ଼ିଛି। ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଗୋବରଘଟା ପଞ୍ଚାୟତର ଅଗ୍ରୱାଲ ଛକ ନିକଟସ୍ଥ ଏକ ଘରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତକ ହେଲେ ରମାକାନ୍ତ ଘୋଷ। ରମାକାନ୍ତଙ୍କୁ ତାଙ୍କ ସ୍ତ୍ରୀ ଏବଂ ପୁରୁଷ ବନ୍ଧୁ ହତ୍ୟା କରିବା ପରେ ମୃତଦେହକୁ ଟାଙ୍ଗି ଦେଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜଳେଶ୍ୱର ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତ ରମାକାନ୍ତଙ୍କ ଭାଇ ରବୀନ୍ଦ୍ରଙ୍କ ଲିଖିତ ଅଭିଯୋଗ ଆଧାରରେ ବିଏନ୍ଏସ୍ ଦଫା ୧୦୮, ୩(୫)ରେ ଏକ ମାମଲା(ନଂ. ୮୬/୨୦୨୫) ରୁଜୁ କରି ରମାକାନ୍ତଙ୍କ ସ୍ତ୍ରୀ ଏବଂ ତାଙ୍କ ପୁରୁଷବନ୍ଧୁ ଜନ୍ମେଜୟ


ରମାକାନ୍ତ ଘୋଷ

ଘୋଷଙ୍କୁ ଅଟକ ରଖିବା ସହ ତଦନ୍ତ ଆରମ୍ଭ କରିଥିବା ପୋଲିସ କହିଛି।

ମିଳିଥିବା ସୂଚନାନୁସାରେ, ମୃତ ରମାକାନ୍ତଙ୍କ ଘର ଦକ୍ଷିଣ ହରିରାଜପୁର ମାଗୁଣିଆପଡ଼ାରେ ହୋଇଥିବାବେଳେ ସେ ଅଗ୍ରୱାଲ ଛକ ନିକଟରେ ଏକ ଘର କରିଛନ୍ତି। ରମାକାନ୍ତ ହାଇଦ୍ରାବାଦର ଏକ କମ୍ପାନୀରେ କାର୍ଯ୍ୟ କରୁଥିବାବେଳେ ସ୍ତ୍ରୀ ଘର ନିକଟରେ ଏକ ପାନ ଏବଂ ଚା' ଦୋକାନ କରିଛନ୍ତି। ଘରେ ବିଧବା ମା', ୧୨ ବର୍ଷର ପୁଅ ଏବଂ ସ୍ତ୍ରୀ ରୁହନ୍ତି। ସ୍ୱାମୀ ବାହାରେ ରହିବାର ସୁଯୋଗ ନେଇ ତାଙ୍କ ସ୍ତ୍ରୀ ବିଭିନ୍ନ ସମୟରେ ଅନ୍ୟ ପୁରୁଷଙ୍କ ସହିତ ଫୋନ୍‌ରେ ଗପିବା ଏବଂ ସେମାନଙ୍କ ସହ ମିଳାମିଶା କରିଥାନ୍ତି। ସ୍ତ୍ରୀଙ୍କ ଏଭଳି କାର୍ଯ୍ୟକୁ ନେଇ ସ୍ୱାମୀସ୍ତ୍ରୀ ମଧ୍ୟରେ ଅନେକ ସମୟରେ ଝଗଡ଼ା ହୋଇଥାଏ। ୨୦ ଦିନ ତଳେ ରମାକାନ୍ତ ହାଇଦ୍ରାବାଦରୁ ଗାଁକୁ ଫେରିଥିଲେ। ନିକଟସ୍ଥ ଦକ୍ଷିଣ ପ୍ରହରାଜପୁରର ଜନ୍ମେଜୟ ଅନେକ ସମୟରେ ରମାକାନ୍ତଙ୍କ ସ୍ତ୍ରୀ ଖୋଲିଥିବା ପାନ ଦୋକାନରେ ଆସି ବସିବା ସହ ଗପସପ କରିଥାନ୍ତି। ଏହାଦେଖି ପଡ଼ୋଶୀ ଲୋକେ ଜନ୍ମେଜୟଙ୍କୁ ଅନେକ ଥର ଚେତାବନୀ ମଧ୍ୟ ଦେଇଥିଲେ। ଗତ ୨ଦିନ ତଳେ ଏହି ଘଟଣାକୁ ନେଇ ରମାକାନ୍ତ ଏବଂ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ରମାକାନ୍ତଙ୍କ ସ୍ତ୍ରୀ ଏବଂ ଜନ୍ମେଜୟ ମିଶି ରମାକାନ୍ତଙ୍କୁ ହତ୍ୟା କରିବା ପରେ ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଘରେ ଝୁଲାଇ ଦେଇଥିବା ଗ୍ରାମବାସୀ ସନ୍ଦେହ କରିଛନ୍ତି। ଏନେଇ ପୋଲିସକୁ ଖବର ଦେବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

# ଟିଆଇ ପରେଡ୍‌ରେ ଚିହ୍ନଟ ହେଲେ ନାବାଳକ

ବ୍ରହ୍ମପୁର, ୨୧।୬
(ସୁବାସ ଚନ୍ଦ୍ର ପାଢ଼ୀ)

## ବେଳାଭୂମିରେ ଛାତ୍ରୀ ଗଣବଳାତ୍କାର ଘଟଣା

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ଛାତ୍ରୀ ଗଣବଳାତ୍କାର ମାମଲାରେ ଗତ ୪ ଦିନ ଧରି କ୍ରାଇମବ୍ରାଞ୍ଚ ଟିମ୍ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ବ୍ରହ୍ମପୁର ମଣ୍ଡଳ କାରାଗାରରେ ଶୁକ୍ରବାର ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୀଡ଼ିତା ଓ ତାଙ୍କ ପୁରୁଷବନ୍ଧୁ ସମ୍ପୃକ୍ତ ୬ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ। ଶନିବାର ବାଳ ସୁଧାର ଗୃହରେ ଥିବା ୪ଜଣ ନାବାଳକଙ୍କୁ ଟିଆଇ ପରେଡ୍‌ରେ ପୀଡ଼ିତା ଓ ତାଙ୍କ ପୁରୁଷବନ୍ଧୁ ଚିହ୍ନଟ ମଧ୍ୟ କରିଥିବା ଜଣାପଡ଼ିଛି। ଘଟଣାଟି ସମ୍ବେଦନଶୀଳ ହୋଇଥିବାରୁ ଏହାକୁ କ୍ରାଇମବ୍ରାଞ୍ଚ ଟିମ୍ ଗୁରୁତର ସହ ନେଇଛି। ଜେଲରେ ଥିବା ଅଭିଯୁକ୍ତଙ୍କୁ କିପରି ଜାମିନ ନ ମିଳିବ ସେନେଇ ଟିମ୍ ସରକାରୀ ଓକିଲଙ୍କ ସହ ଆଲୋଚନା କରୁଛି। ଅନ୍ୟପକ୍ଷରେ ନିର୍ଦ୍ଧାରିତ ସମୟ ପୂର୍ବରୁ କୋର୍ଟରେ ମାମଲାର ଚାର୍ଜଶିଟ୍ ଦାଖଲ ପାଇଁ ମଧ୍ୟ କ୍ରାଇମବ୍ରାଞ୍ଚ ଟିମ୍ ଏ ସମ୍ପର୍କିତ ସମସ୍ତ କାଗଜପତ୍ର ପ୍ରସ୍ତୁତ କରୁଛି।

ସୂଚନାଯୋଗ୍ୟ, ଗତ ୧୫ ତାରିଖ ଅପରାହ୍ନରେ ଜଣେ ଯୁକ୍ତ ୩ ଶେଷବର୍ଷ ଛାତ୍ରୀ ତାଙ୍କ ପୁରୁଷବନ୍ଧୁଙ୍କ ସହ ଗୋପାଳପୁର ବେଳାଭୂମିକୁ ବୁଲିବାକୁ ଯାଇଥିଲେ। ସନ୍ଧ୍ୟାରେ ସେମାନେ ଏକ ନିରୋଳା ସ୍ଥାନରେ ବସିଥିବାବେଳେ ୪ନାବାଳକଙ୍କ ସମେତ ୧୦ଜଣ ଯୁବକ ସେଠାରେ ପହଞ୍ଚି ପ୍ରଥମେ ଛାତ୍ରୀଙ୍କ ପୁରୁଷବନ୍ଧୁଙ୍କୁ ଆକ୍ରମଣକରି କାବୁ କରିଥିଲେ। ପରେ ସେଠାରେ ଛାତ୍ରୀଙ୍କୁ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ଏନେଇ ଗୋପାଳପୁର ଥାନାରେ ଅଭିଯୋଗ ପରେ ପୋଲିସ ଉକ୍ତ ଘଟଣାରେ ସମ୍ପୃକ୍ତ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ୪ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ(ଜେଜେବି)ରେ ହାଜର କରିଥିଲା। ପରେ ସେମାନଙ୍କୁ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଥିଲା। ଏଭଳି ଏକ ଲଜ୍ଜାଜନକ ଘଟଣା ଏବେ ଜାତୀୟସ୍ତରରେ ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି। ଘଟଣାକୁ ସବୁ ମହଲରୁ ଦୃଢ଼ ନିନ୍ଦା କରାଯାଉଛି। ପୀଡ଼ିତା ଛାତ୍ରୀଙ୍କ ସୁରକ୍ଷା ସହ ତାଙ୍କର ଶିକ୍ଷା ଗ୍ରହଣରେ ଯେପରି ବାଧା ନ ହୁଏ ସେଥିପ୍ରତି କ୍ରାଇମବ୍ରାଞ୍ଚ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ମତ ପ୍ରକାଶ ପାଉଛି।

# ବୋମାମାଡ଼ ପରେ ବୁଲିଲା ଖଣ୍ଡା

ଭୁବନେଶ୍ୱର,୨୧।୬(ଅନୁରାଧା ମହାରଣା)– ଭରତପୁର ଥାନା ଶ୍ୟାମପୁର ଅଞ୍ଚଳରେ ଏକ ଜମି ଜବରଦଖଲକୁ ନେଇ କେତେଜଣ ଦୁର୍ବୃତ୍ତ ଆତଙ୍କ ଖେଳାଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ବୋମାମାଡ଼ ଘଟଣାର ଦିନକ ପରେ ଶନିବାର ପୁଣି ଖଣ୍ଡା ବୁଲିଛି। ସଂଘବଦ୍ଧ ଆକ୍ରମଣରେ ଶ୍ୟାମପୁର ଅଞ୍ଚଳର ଦାଦା ପୁତୁରା ସମେତ ୩ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ବିଶୁ, ବାପି ଓ ସଂଗ୍ରାମ। ସେମାନଙ୍କ ହାତ,ପେଟ ଓ ପିଠିରେ ଗଭୀର ଆଘାତ

## ୩ ଆହତ, ଅଭିଯୁକ୍ତ ଫେରାର

ଲାଗିଛି। ଆକ୍ରମଣ ପରେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ଆକ୍ରମଣକାରୀମାନେ ଭରତପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ଖବରପାଇ ଭରତପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନାନୁସାରେ ବିଶୁ, ବାପି ଓ ସଂଗ୍ରାମଙ୍କ ଶ୍ୟାମପୁର ଅଞ୍ଚଳର ଭୂଦାନ ମୌଜାରେ ଜମି ଅଛି। ଗତ ୩୦ବର୍ଷ ହେଲା ଉକ୍ତ ଜମିକୁ ସେମାନେ ଭୋଗଦଖଲ କରି ଆସୁଛନ୍ତି। ଶନିବାର ୨୦ରୁ ୨୫ ଜଣ ଯୁବକ ଉକ୍ତ ଅଞ୍ଚଳରେ ଥିବା ଜମିକୁ ଯାଇ ଜେସିବି ଲଗାଇ ସଫା କରିବା ସହ ଜବରଦଖଲ କରୁଥିଲେ। ଖବରପାଇ ସଂଗ୍ରାମ, ବାପି ଓ ବିଶୁ ଜମି ଉପରେ ପହଞ୍ଚିଥିଲେ। ଆମ ଜମିକୁ କାହିଁକି ଜବରଦଖଲ କରୁଛ କହି ବିରୋଧ କରିଥିଲେ। ଏହାପରେ ଉଭୟ ପକ୍ଷ ମଧ୍ୟରେ କଥା କଟାକଟି ହୋଇଥିଲା। ଉତ୍ତେଜନା ବଢ଼ିବା ସହ ୪ରୁ ୫ଜଣ ଦୁର୍ବୃତ୍ତ ଖଣ୍ଡା ଧରି ସେମାନଙ୍କ ଆଡ଼କୁ ମାଡ଼ି ଆସିଥିଲେ। କିଛି ବୁଝିବା ପୂର୍ବରୁ ପ୍ରଥମେ ସଂଗ୍ରାମଙ୍କୁ ଗୋଟିଏ ଚୋଟ ପକାଇଥିଲେ। ଜୀବନ ବଞ୍ଚାଇବା ପାଇଁ ସଂଗ୍ରାମ ହାତ ଦେଖାଇ ଦେଇଥିଲେ। ଫଳରେ ତାଙ୍କ ହାତରେ ଗଭୀର ଆଘାତ ଲାଗି ହାତ କଟି ଯାଇଥିଲା। ପୁଣି ଏକ ଚୋଟ ତାଙ୍କ ପିଠିକୁ ମାରିଥିଲେ। ସେହି ସମୟରେ ବାପି ଓ ବିଶୁ ବିରୋଧ କରିବାରୁ ଦୁର୍ବୃତ୍ତମାନେ ସେମାନଙ୍କୁ ମଧ୍ୟ ଗୋଡ଼ାଇ ହାଣିଥିଲେ। ୩ଜଣଙ୍କ ହାତ,ପିଠି ଓ ପେଟରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ସେମାନଙ୍କୁ ପରିବାର ଲୋକ ଡାକ୍ତରଖାନା ପଠାଇଥିଲେ। ଚିକିତ୍ସା ପରେ ଭରତପୁର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବାକୁ ପୋଲିସ ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି।

# ବନ୍ଦ ଘରେ ନାତୁଣୀନାତିଙ୍କୁ ନିର୍ଯାତନା ଦେଲେ ଜେଜେମା'


ନିର୍ଯାତନାର ଶିକାର ହୋଇଥିବା ନାବାଳକ।

ଭୁବନେଶ୍ୱର,୨୧।୬(ଅନୁରାଧା ମହାରଣା)

ମା' ଆରପାରିକୁ ଚାଲିଗଲେ। ବାପା ମାନସିକ ବିକାରଗ୍ରସ୍ତ। ଭାବିଥିଲେ ଜେଜେ ମା' କୋଳରେ ବଢ଼ି ପାଠପଢ଼ି ମଣିଷ ହେବେ। ହେଲେ ସେ ସ୍ୱପ୍ନ ଚୂରମାର ହୋଇଗଲା। ଜୀବନର ପରିଭାଷା କ'ଣ ଜାଣିବା ପୂର୍ବରୁ ନିଜେ ନିର୍ଯାତନାର ଶିକାର ହେଲେ। ୨ ନାବାଳକ ଭଉଣୀଭାଇଙ୍କୁ ଗୋଟେ ଘରେ କବାଟ ବନ୍ଦ କରି ଅମାନୁଷିକଭାବେ ମାଡ଼ ମାରି ନିର୍ଯାତନା ଦେଲେ ଜେଜେମା'। ମନରେ ଦୟା କି ବିକଳ ଟିକେ ଆସିଲା ନାହିଁ। ପଡ଼ୋଶୀଙ୍କ ଠାରୁ ସୂଚନା ପାଇ ମଞ୍ଚେଶ୍ୱର ଥାନା ପୋଲିସ ଆହତ ଅବସ୍ଥାରେ ଭଉଣୀଭାଇଙ୍କୁ ଉଦ୍ଧାର କରିଛି। ଏଥିସହିତ ବୃଦ୍ଧା ଜେଜେମା'ଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ରାଜଧାନୀ ଭୁବନେଶ୍ୱର ରସୁଲଗଡ଼ ଜିଜିପି କଲୋନୀରେ।

## ୨ଦିନ ପରେ ଉଦ୍ଧାର କଲା ପୋଲିସ

ପୋଲିସ ଏନେଇ କୌଣସି ମାମଲା ରୁଜୁ କରି ନ ଥିବାବେଳେ ୨ପିଲାଙ୍କ ଅନ୍ୟ ସମ୍ପର୍କୀୟମାନଙ୍କୁ ଡାକି ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ଜିଜିପି କଲୋନୀରେ ରହୁଥିବା ୨ନାବାଳକ ଭଉଣୀଭାଇଙ୍କ କିଛିଦିନ ତଳେ ମା'ଙ୍କ ପରଲୋକ ଘଟିଥିଲା। ବାପା ମାନସିକ ବିକାରଗ୍ରସ୍ତ ହୋଇଥିବାରୁ ଭଲମନ୍ଦ କିଛି ବୁଝିପାରୁ ନାହାନ୍ତି। ଜେଜେମା'ଙ୍କ ପାଖରେ ୨ ଭଉଣୀଭାଇ ରହୁଥିବାବେଳେ ଅନେକ ସମୟରେ ନିର୍ଯାତନାର ଶିକାର ହେଉଥିଲେ। କୌଣସି କାରଣରୁ ଜେଜେ ମା' ୨ଦିନ ହେବ ନାତୁଣୀନାତିଙ୍କୁ ଗୋଟିଏ ଘରେ ବନ୍ଦ କରି ମାଡ଼ ମାରିବା ସହ ଖାଇବାକୁ ଦେଉ ନ ଥିଲେ। ଏନେଇ ପଡ଼ୋଶୀ ସହି ନ ପାରି ପୋଲିସକୁ ଖବର କରିଥିଲେ।

# ସ୍ତ୍ରୀଙ୍କୁ କଟୁରିରେ ହାଣି ହତ୍ୟା

ନୟାଗଡ଼,୨୧।୬
(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଫତେଗଡ଼ ଥାନା ରାଣିଛେଲି ପଞ୍ଚାୟତ ଗୋହିରିଆପଡ଼ା ଗାଁରେ ଅମୂଲି ନାୟକ ନାମ୍ନୀ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ କଟୁରିରେ ହାଣି ଶନିବାର ହତ୍ୟା କରିଛନ୍ତି। ଫତେଗଡ଼ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୨୦୨/୨୫) ରୁଜୁ ହୋଇଛି। ପୋଲିସ ଓ ସାଇଣ୍ଟିଫିକ ଟିମ୍ ତଦନ୍ତ କରି ଫେରିଛି।

ସୂଚନା ଅନୁଯାୟୀ, ଆଜିକୁ ୧୫ ବର୍ଷ ତଳେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଗୋଡିଆଲି ଗାଁର ଅମର ନାୟକଙ୍କ ଝିଅ ଅମୂଲି(୩୫) ଗୋହିରିଆପଡ଼ା ଗାଁର ଶିବ ପ୍ରସାଦ ନାୟକଙ୍କୁ ବିବାହ କରଥିଲେ। ଦମ୍ପତିଙ୍କ ୨ଟି ପୁଅ ଅଛନ୍ତି। ତେବେ ସ୍ତ୍ରୀଙ୍କ ପରକୀୟା ପ୍ରୀତିକୁ ନେଇ କିଛି ମାସ ହେବ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ଭଦ୍ରଲୋକଙ୍କ ଦ୍ୱାରା ବିଭିନ୍ନ ସମୟରେ ଏହାର ଆପୋସ ସମାଧାନ ହୋଇଥିବା ଗାଁଲୋକ, ପଡୋଶୀ କହୁଛନ୍ତି। ପରକୀୟା ପ୍ରୀତିକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି ବୋଲି ଚର୍ଚ୍ଚା ହେଉଛି। ତେବେ ଲୋକଙ୍କ ଚର୍ଚ୍ଚାକୁ ମିଛ ବୋଲି ଦର୍ଶାଇଛନ୍ତି ମୃତକଙ୍କ ଭାଇ ଚଗଲା ନାୟକ। ଚଗଲାଙ୍କ ଅଭିଯୋଗ ଅନୁଯାୟୀ, ଏକ ସୁନା ଚେନ ହଜିବାକୁ ନେଇ ଭଉଣୀଙ୍କୁ ଦୋଷୀ କରାଯାଇଥିଲା। ଭିଣୋଇ ଚେନ୍ ରଖି ମିଛଟାରେ ଭଉଣୀକୁ ଦୋଷ ଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଶନିବାର ସକାଳେ ଭଉଣୀଙ୍କୁ ହତ୍ୟା କରି ଭିନ୍ନ ରୂପ ଦେଇ ଭିଣୋଇ ଖସି ଯିବାକୁ ଉଦ୍ୟମ କରୁଛନ୍ତି ବୋଲି ସେ କହିଛନ୍ତି। ଭଉଣୀଙ୍କୁ ଶନିବାର ସକାଳେ ହାଣିବା ପରେ ସ୍ଥାନୀୟ ଲୋକେ ଖଣ୍ଡପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁତର ଅବସ୍ଥାରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫତେଗଡ଼ ଥାନା ଆଇଆଇସି ପଞ୍ଚାନନ ପରିଡ଼ା କହିଛନ୍ତି, ଅମୂଲିଙ୍କୁ ତାଙ୍କ ସ୍ୱାମୀ କଟୁରିରେ ହାଣି ହତ୍ୟା କରିଛନ୍ତି। ସୁନାଚେନ୍ ହଜିବାକୁ ନେଇ ଭିଣୋଇ ଭଉଣୀଙ୍କୁ ହତ୍ୟା କରିଥିବା ଭାଇ ଅଭିଯୋଗ କରିଥିବାବେଳେ ଏହା ପଛରେ ପରକୀୟାପ୍ରୀତି ରହିଥିବା ଆଲୋଚନା ହେଉଛି। ହତ୍ୟାର କାରଣ ଜଣାପଡିନି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ବୋଲି ସେ କହିଛନ୍ତି।


**LARAMBHA COLLEGE, LARAMBHA**
BRAJA VIHAR (ESTD.1964)
P.O. : LARAMBHA, DIST : BARGARH, ODISHA-768102
(E-mail : larambhacollege.larambha@gmail.com)
Web : www.larambhacollege.ac.in
Contact No. : 8917267993, 9938129996

**QUOTATION CALL NOTICE**

Sealed quotations are invited from the authorized suppliers/ dealers/registered firms having valid GSIN for the supply of following IT equipment's.

The sealed quotation must reach the undersigned on or before 28.06.2025

Items for IT Infrastructure
1. i5 13th Generation Desktop (12 Nos.)
2. UPS (12 Nos.)
3. MFM Printer (2 Nos.)
4. LED TV 65 inch (1 No.)
5. Wireless mic & Camera (Logitech Master Series 4k ultra HD) for Virtual Meeting (1 No.)

For details specification of the above items visit our college website **larambhacollege.ac.in**

Sd./- Principal
Larambha College, Larambha



**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors/suppliers for the following packages :
1. **TPWODL/TP/O/SU/2500000992 : RC for supply of Earthing Coil & Earthing Device.**
2. **TPWODL/HS/O/SU/2500000993 : RC for Supply of Safety Shoes at TPWODL, Odisha.**
3. **TPWODL/PJ/O/SU/2500000994 : RC for Supply of Various Sizes of GI Wire.**
4. **TPWODL/PJ/O/SU/2500000995 : RC for Supply of 11KV DO Fuse with DD Link**

Interested bidders are to submit Tender Participation Fee and Authorization Letter through email on or before **2nd July 2025, 15:00 Hrs,** (for Srl. No.1) & **30th June 2025, 18:00 Hrs,** (for Srl. No. 2 to 4) respectively, after which link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in the tender is given in the tender document.

All future correspondences regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Head- Contracts & Procurement**


# ସାଙ୍ଗଙ୍କୁ ଛୁରି ଭୁସି ହତ୍ୟା, ଅଭିଯୁକ୍ତ ଥାନାରେ ଅଟକ

ସେମିଳିଗୁଡ଼ା/ସୁନାବେଡ଼ା,୨୧।୬
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡ଼ା ଥାନା ଅଧୀନ ପେଟକଣା ବ୍ରିଜ୍ ନିକଟରେ ଜଣେ ଯୁବକ ସାଙ୍ଗଙ୍କୁ ଗୁରୁବାର ରାତିରେ ଛୁରି ଭୁସି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ନେଇ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି। ମୃତକ ହେଲେ ଲୁଙ୍ଗୁରି ଅଞ୍ଚଳର ଦେବେନ୍ଦ୍ର କୁନ୍ଦ୍ରିଆ(୩୨)।

ସୂଚନା ଅନୁଯାୟୀ, ଦେବେନ୍ଦ୍ର ରାତିରେ ଯାଉଥିବା ବେଳେ ତାଙ୍କ ସାଙ୍ଗ ମାନିଆ ଏମ୍ ଦଳେଇଗୁଡ଼ା ଅଞ୍ଚଳର କୁନୁ ଗଲୋରି ଏକ ବାଇକ୍‌ରେ ଆସି ଛୁରିରେ ଆକ୍ରମଣକରି ଫେରାର ହୋଇଯାଇଥିଲେ। ଏ ନେଇ ଦେବେନ୍ଦ୍ରଙ୍କ ସମ୍ପର୍କୀୟ ଭାଇ ଦଇତାରି ଧାଡି ସେମିଳିଗୁଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଦେବେନ୍ଦ୍ରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ଘରୋଇ କ୍ଲିନିକ୍‌କୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏ ନେଇ କେସ୍ ନଂ. ୭୬/୨୫ ରେ ଏକ ହତ୍ୟା ମାମଲା ରୁଜୁକରି ପୋଲିସ ତଦନ୍ତ କରୁଛି।

# ଘର ସାମ୍ନାରେ ବ୍ୟବସାୟୀଙ୍କୁ ଗୁଳିମାଡ଼


ଗୁଳିମାଡ଼ରେ ଆହତ ବ୍ୟବସାୟୀ।

## ଲୁଟିନେଲେ ଟଙ୍କା ବ୍ୟାଗ୍

ଭଦ୍ରକ,୨୧।୬(ସନାତନ ରାଉତ)

ଭଦ୍ରକ ସହର ଚରମ୍ପାରେ ଶନିବାର ସନ୍ଧ୍ୟାରେ ସର୍ବସମ୍ମୁଖରେ ଘର ସାମ୍ନାରେ ଜଣେ ଗୋଖାଦ୍ୟ ବ୍ୟବସାୟୀଙ୍କୁ ଗୁଳିମାଡ଼ କରାଯାଇଛି। ଦୁର୍ବୃତ୍ତମାନେ ବାଇକ୍‌ରେ ଆସି ବ୍ୟବସାୟୀଙ୍କୁ ଗୁଳି କରି ଟଙ୍କା ବ୍ୟାଗ୍ ନେଇ ଫେରାର ହୋଇଯାଇଛନ୍ତି। ଗୁଳିର ଶିକାର ହୋଇଥିବା ବ୍ୟବସାୟୀ ହେଲେ ଭଦ୍ରକ ଟାଉନ ଥାନା ଅଧୀନ ସରଗଡ଼ିଆ ଗ୍ରାମର ବିଦ୍ୟାଧର ପାତ୍ର(୬୦)। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ବିଦ୍ୟାଧର ଚରମ୍ପା ରାମମନ୍ଦିର ନିକଟସ୍ଥ ବେଲମଳା ଛକରେ ରହୁଥିବା ବେଳେ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ସେ ଟଙ୍କା ବ୍ୟାଗ୍ ଧରି ଚରମ୍ପା ବଜାରସ୍ଥିତ ଗୋଦାମରୁ ଘରକୁ ଆସିଥିଲେ। ଘର ନିକଟରେ ପହଞ୍ଚିବା ପରେ ଏକ ବାଇକ୍‌ରେ ୩ଜଣ ଦୁର୍ବୃତ୍ତ ଆସି ଅତର୍କିତ ଭାବେ ତାଙ୍କୁ ଗୁଳି କରି ତାଙ୍କଠାରୁ ଟଙ୍କା ବ୍ୟାଗ୍ ଲୁଟିନେଇ ବାଲେଶ୍ୱର ଆଡ଼କୁ ଦ୍ରୁତଗତିରେ ପଳାଇ ଯାଇଥିଲେ। ଖବର ପାଇ ଏସ୍‌ପି ମନୋଜ ରାଉତ ଦୁର୍ବୃତ୍ତଙ୍କୁ ପିଛା କରିବା ସହ ସହରର ପ୍ରବେଶ ପଥରେ ନାକାବନ୍ଦୀ କରି ତଦନ୍ତ ଆରମ୍ଭ କରିଛନ୍ତି। ଗୁରୁତର ଅବସ୍ଥାରେ ବିଦ୍ୟାଧରଙ୍କୁ ପରିବାର ଲୋକେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ଡାକ୍ତରଖାନାରେ ପହଞ୍ଚି ବିଦ୍ୟାଧରଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ତଦନ୍ତ କରିଛନ୍ତି। ଅବସ୍ଥା ଗୁରୁତର ଥିବାରୁ ବିଦ୍ୟାଧରଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଲେଖାହେବା ସୁଦ୍ଧା ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବାବେଳେ ଉକ୍ତ ବ୍ୟାଗ୍‌ରେ କେତେ ଟଙ୍କା ଥିଲା ଜଣାପଡ଼ି ନାହିଁ। ତେବେ ଚରମ୍ପା ଅଞ୍ଚଳରେ ବାରମ୍ବାର ଏପରି ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି।


**OFFICE OF THE DISTRICT JUDGE, NABARANGPUR**
Dated : Nabarangpur, this the 21st day of June, 2025

**ADVERTISEMENT**

Applications in the prescribed format given below are invited from the intending candidates for filling up of the following Group - "C" posts in the Judgeship of Nabarangpur under Odisha District and Civil Courts Judicial Staff Services (Method of Recruitment and conditions of Service) Rules 2008 and amendments made thereto and subject to result of W.P. (C) No.1273/2014 of the Hon'ble High Court of Orissa.

| Sl. No. | Name of the Post | Group | Level as per Pay Matrix under ORSP Rules, 2017 | Category | | | | Total |
|---|---|---|---|---|---|---|---|---|
| | | | | Unreserved | S.T. | S.C. | SEBC | |
| 1 | Stenographer Grade-III | C | Level-7 (Rs.25500-81100) | 1 | 1 (W-1) | - | - | 2 (W-1) |
| 2 | Jr. Clerk-cum-Copyist | C | Level-4 (Rs.19900-63200) | 2 (W-1) | 6 (W-3) | 3 (W-2) | - | 11 (W-6) |
| 3 | Jr.Typist | C | Level-4 (Rs.19900-63200) | - | 1 (W-1) | - | - | 1 (W-1) |

**The reservation of Women/Physically Handicapped/Ex-Serviceman/Sports Persons as per rule**. The number of posts in each cadre may increase or decrease in future. For details please visit our official website i.e. https://nabarangpur.dcourts.gov.in/. The candidates who are interested in applying for the above posts are asked to submit the application by **23.07.2025**.

Sd./- 21.06.2025
District Judge-cum-Chairman,
District Recruitment Committee, Nabarangpur



Estd. 2010

**SUIIT**
Sambalpur University Institute of Information Technology
(A Constituent Autonomous Unit of Sambalpur University)
Accredited by NAAC with 'A' Grade, Approved by AICTE
Advt. No: 914 / SUIIT Dt: 21 / 06 / 2025

**ADMISSION OPENS FOR 2025-26**

**Programmes Offered:**
- B. Tech (Regular):
  - ✓ Computer Sc. & Engineering (CSE)
  - ✓ Computer Sc. & Engineering with specialization in AI&ML
  - ✓ Computer Sc. & Engg. with specialization in Information & Cyber Security
  - ✓ Electronics & Communication Engineering (ECE)
  - ✓ Electrical & Electronics Engineering (EEE)
- B. Tech (Lateral Entry): CSE (all streams), ECE and EEE
- Master of Computer Application (MCA)
- M. Tech Computer Science & Engineering (CSE)

✓ All B. Tech admissions are done exclusively through OJEE Councelling-2025
✓ Application forms for all PG programs are now available in the institute website.

LAST DATE FOR SUBMISSION OF APPLICATION FORM IS 10th July, 2025.
FOR DETAILS OF ADMISSION PROCESS AND INFORMATION BROCHURE
VISIT: www.suiit.ac.in and Email- admin.office@suiit.ac.in

CONTACT NUMBERS: 9938983624 / 9438074077 / 9437284982

Sd./-
Director, SUIIT



**कार्यपालक अभियंता का कार्यालय**
**पथ निर्माण विभाग, पथ प्रमंडल, राँची**

**ई-प्रोक्योरमेंट सूचना**

टेन्डर रेफरेंन्स नं0–प0नि0वि0/राँची–06/2025–26 दिनांक :– 21.06.2025

| | | |
|---|---|---|
| 1. | कार्य का नाम | बरियातु पथ से जिमखाना क्लब तक भाया मेडिका हॉस्पिटल (कुल लम्बाई–1. 00 कि0मी0) पथ के IRQP/ मजबूतीकरण कार्य वर्ष 2025–26. |
| 2. | प्राक्कलि राशि (रू0 लाख में) | रू0 142.55478 लाख (रूपये एक करोड़ बयालीस लाख पचपन हजार चार सौ अठहत्तर) मात्र। |
| 3. | अग्रधन की राशि (रू0 लाख में) | रू0 2.86 लाख (रूपये दो लाख छयासी हजार) मात्र। |
| 4. | कार्य पूर्ण करने की अवधि | 03 (तीन) महीना |
| 5. | वेबसाईड पर निविदा प्रकाशन की तिथि | 23.06.2025 10.30 बजे पूर्वाह्न |
| 6. | निविदा प्राप्ति की अंतिम तिथि/ समय | 14.07.2025 12.00 बजे दोपहर तक |
| 7. | निविदा खोलने तिथि/ समय | 15.07.2025 12.30 बजे |
| 8. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमंडल राँची, मोहराबादी, राँची–834008. |
| 9. | प्रोक्योरमेंट पदाधिकारी का सम्पर्क संख्या | 0651–2361018 |
| 10. | ई–प्रोक्योरमेंट सेल का हेल्पलाईन संख्या | 0651–2403007 |

- प्राक्कलित राशि एवं अग्रधन की राशि घट–बढ़ सकती है, जिसे Tender Online Upload में देखा जा सकता है, एवं किसी भी प्रकार का बदलाव http://jharkhandtenders.gov.in पर देखा जा सकता है।
- पथ निर्माण विभाग, झारखण्ड सरकार में निबंधित संवेदकों के लिए UCAN निबंघन आवश्यक है।
- नियम एवं शर्ते के लिए वेबसाईट http://jharkhandtenders.gov.in पर देखें।

PR 355682 Road Construction Dept Road Division Ranchi (25-26)_D

कार्यपालक अभियंता
पथ निर्माण विभाग, पथ प्रमंडल, राँची

# ଶରୀରକୁ ସୁସ୍ଥ, ମନକୁ ସନ୍ତୁଳିତକରେ ଯୋଗ

## ଜିଲାସ୍ତରୀୟ ଯୋଗ ଦିବସ ସମାରୋହ

**ଖୋର୍ଦ୍ଧା,୨୧।୬(ପ୍ରଭାତ ପାଣିଗ୍ରାହୀ)**



ଜିଲାସ୍ତରୀୟ ଯୋଗ ଦିବସ ସମାରୋହରେ ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ସାଗରିକା ନାଥ ଏବଂ ଅନ୍ୟମାନେ।

ଯୋଗ ଶରୀରକୁ ସୁସ୍ଥ ରଖେ। ଏଥିସହିତ ମାନସିକ, ଶାରୀରିକ, ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ। ଦୈନିକ ଯୋଗଭ୍ୟାସ ଦ୍ୱାରା ଶରୀର ଆଭ୍ୟନ୍ତରୀଣ ଅଙ୍ଗପ୍ରତ୍ୟଙ୍ଗ ସନ୍ତୁଳିତ ରହିବା ସହ ଏକାଗ୍ରତା ବୃଦ୍ଧି ଘଟିଥାଏ। ଯୋଗ ଶରୀରକୁ ସୁସ୍ଥ, ମନକୁ ସନ୍ତୁଳିତ କରିଥାଏ। ଯୋଗ ବିଶ୍ୱକୁ ବସୁଧୈବ କୁଟୁମ୍ବକମ୍ ବାର୍ତ୍ତା ଦେଇଥାଏ। ନିତ୍ୟ ଯୋଗଭ୍ୟାସ ଦ୍ୱାରା ସକରାତ୍ମକ ଉର୍ଜା, ସାତ୍ୱିକତା, ଅଧ୍ୟାତ୍ମିକତା ଏବଂ ଜ୍ଞାନୋନ୍ଦ୍ରିୟ ବୃଦ୍ଧି ଘଟିଥାଏ। ଭାରତୀୟ ପ୍ରାଚନ ସଂସ୍କୃତି ପରମ୍ପରା ଜଡ଼ିତ ଯୋଗ ବିଶ୍ୱକୁ ଶାନ୍ତି ମୈତ୍ରୀ, ଭାତୃତ୍ୱର ବାର୍ତ୍ତା ପ୍ରଦାନ କରିଥାଏ ବୋଲି ଶନିବାର ହାବେଳି ପଡ଼ିଆରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ଯୋଗ ଦିବସ ସମାରୋହରେ ମତପ୍ରକାଶ ପାଇଛି।

ଏହି ସମାରୋହରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ସ୍ୱେଚ୍ଛାସେବୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ, କ୍ରୀଡାବିତ୍, ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇ ଯୋଗ, ପ୍ରାଣାୟମ, ଧ୍ୟାନ କରିଥିଲେ। ପତଞ୍ଜଳି ଯୋଗକେନ୍ଦ୍ର ଖୋର୍ଦ୍ଧାର ଯୋଗ ଗୁରୁ ଗୌରାଙ୍ଗ ଚନ୍ଦ୍ର ମଣ୍ଡଳ, ଯୋଗ ଗୁରୁମା ଲଳିତା ସ୍ୱାଇଁଙ୍କ ସମେତ ସହକର୍ମୀ ବିଜୟ କୁମାର ମହାନ୍ତି, ନଗେନ ଚମ୍ପତି, ପ୍ରତାପ କୁମାର ସାହୁ, କବିତା ହରିଚନ୍ଦନ, ବବିତା ଚୌଧୁରୀ ପ୍ରମୁଖ ଯୋଗଭ୍ୟାସ କରାଇଥିଲେ। ପ୍ରାରମ୍ଭରେ ସରୋଜକାନ୍ତ ମହାପାତ୍ର ଯୋଗମନ୍ତ୍ରପାଠ କରିଥିଲେ। ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୋଗଶିକ୍ଷାର ଉପକାରିତା ସମ୍ପର୍କରେ ଆଲୋକପାତ କରି ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଦେଇଥିଲେ। ପ୍ରତିଦିନ ଯୋଗଭ୍ୟାସ, ସାଧନା ଦ୍ୱାରା ଇଶ୍ୱରତ୍ୱ ପ୍ରାପ୍ତି ହୋଇଥାଏ ବୋଲି କହିଥିଲେ। ଜିଲାପାଳ ଚଞ୍ଚଳ ରାଣା କହିଥିଲେ ଯେ, ଯୋଗାଭ୍ୟାସ ଦ୍ୱାରା ଶରୀର ଅନ୍ତଶୁଦ୍ଧି ସହ ସୁସ୍ଥତା, ସାତ୍ୱିକତା ଭାବ ଜାଗ୍ରତ ହୋଇଥାଏ। ମନ ପ୍ରଫୁଲ୍ଲିତ ରହିଥାଏ। ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ତଥା ନିଶାଜନିତ ବ୍ୟାଧିରୁ ମୁକ୍ତି ମିଳିଥାଏ। ଅନ୍ୟମାନଙ୍କ ଏସ୍‌ପି ସାଗରିକା ନାଥ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ଲାଡେ ଗଜାନନ ଦୟାନନ୍ଦ, ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ, ଜିଲା ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ସେନାପତି, ଅତିରିକ୍ତ ଏସପି ଶାନ୍ତନୁ ମହାନ୍ତିଙ୍କ ସମେତ ବିଭାଗୀୟ ଅଧିକାରୀ, ଜନ ପ୍ରତିନିଧି, ସ୍ୱେଚ୍ଛାସେବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଯୋଗ ଦ୍ୱାରା ମନରେ ଏକାଗ୍ରତା ରହେ

**ବେଗୁନିଆ,୨୧।୬ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ବେଗୁନିଆ ମହାବିଦ୍ୟାଳୟରେ ଅନୁଷ୍ଠିତ ଯୋଗ ଶିବିରକୁ ଅଧ୍ୟକ୍ଷା ଡ.ସବିତାଞ୍ଜଳି ସେନାପତି ଶୁଭାରମ୍ଭ କରିଥିଲେ। ଅଧ୍ୟାପକ ବିଦ୍ୟୁଭୂଷଣ ରାଉତଙ୍କ ପରିଚାଳନାରେ ପ୍ରଶିକ୍ଷକଭାବେ ରମେଶ ଚନ୍ଦ୍ର ସାହୁ, ବିରଞ୍ଚି ନାରାୟଣ ସାହୁ ଏବଂ ପ୍ରଶାନ୍ତ କୁମାର ପଣ୍ଡିତରାୟ ଯୋଗଦେଇଥିଲେ। ଜାତୀୟ ସେବା ଯୋଜନା ଅଧିକାରିଣୀ ବିଜୟଲକ୍ଷ୍ମୀ ସୁବୁଦ୍ଧି, ସୁବାଷ ଚନ୍ଦ୍ର ମେଲକା, ନବକିଶୋର ବିଶୋୟୀ, ଦେବଜାନୀ ପାଇକରାୟ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବିଜୁ ପଟ୍ଟନାୟକ ଟାଉନ ହଲ୍ ପରିସରରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଯୋଗ ଦିବସରେ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ପୌରୋହିତ୍ୟରେ ବିଡିଓ ସନ୍ତୋଷ କୁମାର ଜେନା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଭକ୍ତି ଚରଣ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ଯୋଗ ଶରୀରକୁ ସୁସ୍ଥ ରଖିବାର ଏକ ମାଧ୍ୟମ ବୋଲି କହିଥିଲେ। ସେହିପରି ଚକାପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ବସନ୍ତ ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଦୀନବନ୍ଧୁ ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ସେହିପରି ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପରିଛଲସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୂଳ ପରିସରରେ ଯୋଗ ଦିବସ ପାଳିତ ହୋଇଯାଇଛି।



ବେଗୁନିଆ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଯୋଗ କରୁଛନ୍ତି।

# ଶାରୀରିକ ସୁସ୍ଥତା ପାଇଁ ଯୋଗ ନିତାନ୍ତ ଜରୁରୀ



**ଜଟଣୀ,୨୧।୬(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ସହର ଏବଂ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳତ ହୋଇଯାଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଜଟଣୀ ପୌର ପରିଷଦ ଏବଂ ବ୍ଲକ ପକ୍ଷରୁ ଯୋଗ ଦିବସ ପାଳନ ହୋଇଥିଲା। ଏଥିରେ ପୌର ପରିଷଦ ଅଧ୍ୟକ୍ଷ ଅନନ୍ତ ବେହେରା, ଉପାଧ୍ୟକ୍ଷା ଆରତୀ ରାଉତ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରଶ୍ମିତା ନାଥ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୌର ପରିଷଦ ପକ୍ଷରୁ ଷଣ୍ଢପୁରସ୍ଥିତ ମଳ ଉପଚାର କେନ୍ଦ୍ର, ସମ୍ପଦ କେନ୍ଦ୍ର ଏବଂ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ସେହିପରି ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ପକ୍ଷରୁ ମଣ୍ଡଳ ରେଲୱେ ଖେଳପଡ଼ିଆରେ ଯୋଗ ଦିବସ ପାଳନ କରାଯାଇଥିଲା। ଏଥିରେ ରେଲୱେ ମଣ୍ଡଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା, ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ(ଅପରେସନ)ପି.କେ. ବେହେରା, ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ(ଇନଫ୍ରା)ଶୁଭ୍ରଜ୍ୟୋତି ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଯୋଗ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧାରୋଡ୍ ମଣ୍ଡଳର ବରିଷ୍ଠ କାର୍ମିକ ଅଧିକାରୀ ଆର୍.ଏନ୍.ଏ.ପରିଡ଼ା ପରିଚାଳନା କରିଥିଲେ। ସେହିପରି ଜଟଣୀ ମହାବିଦ୍ୟାଳୟ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜୀବ କୁମାର କରଙ୍କ ପୌରୋହିତ୍ୟରେ ଏକ ସଭା ହୋଇଥିଲା। ଏଥିରେ ପ୍ରାଧ୍ୟାପକ ଡ.ଅନୁପ କୁମାର ମହାନ୍ତି, ଡ.ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଅଜିତ କୁମାର ସୁନ୍ଦରାୟ, ଡ.ଅମିତ ବିକ୍ରମ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଯୋଗ ପ୍ରଶିକ୍ଷିକା ପ୍ରତିଭରାଣୀ ପାଢ଼ୀ ଓ ପ୍ରଶିକ୍ଷକ ପ୍ରଦୀପ କୁମାର ଶତପଥୀ ଯୋଗଦେଇ ସୁସ୍ଥ ଜୀବନ ପାଇଁ ଯୋଗ ଅପରିହାର୍ଯ୍ୟ ବୋଲି କହିଥିଲେ। ପରେ ପ୍ରଶିକ୍ଷଙ୍କ ମାର୍ଗଦର୍ଶରେ ସମସ୍ତେ ଯୋଗଭ୍ୟାସ କରିଥିଲେ। ମହାବିଦ୍ୟାଳର ଜାତୀୟ ସେବା ସଂସ୍ଥାନର କାର୍ଯ୍ୟକ୍ରମ ଅଧିକାରୀ ଡ.ବିଜୟ ଶଙ୍କର, ଡ.ସୁଶାନ୍ତ ବାରିକ ପ୍ରମୁଖ ସଂଯୋଜନା କରିଥିଲେ। ସ୍କାଉଟ୍ସ ଏବଂ ଗାଇଡ୍ସର ଅଧ୍ୟାପକ ଗଣେଶ୍ୱର ମଲିକ ଏବଂ ଅଧ୍ୟାପିକା ସୁପ୍ରଭା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଭିନ୍ନ ସ୍ଥାନରେ ଯୋଗ ଦିବସ



**ଟାଙ୍ଗୀ,୨୧।୬(ରଘୁନାଥ ସାହୁ):** ଟାଙ୍ଗୀ ପଞ୍ଚାୟତ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ସରପଞ୍ଚ କିଶୋର କୁମାର ବେହେରା ଯୋଗଦେଇ ଦୈନନ୍ଦିନ ଯୋଗାଭ୍ୟାସ ଦ୍ୱାରା ଶରୀର, ମନ ସୁସ୍ଥ ରହିଥାଏ ବୋଲି କହିଥିଲେ। ଯୋଗ ପ୍ରଶିକ୍ଷକ ବିଜୟ କୁମାର ରାଉତ ଯୋଗଦେଇ କହିଥିଲେ ଯେ, ନିୟମିତ ଯୋଗାଭ୍ୟାସ କରୁଥିବା ବ୍ୟକ୍ତିଙ୍କ ଅଙ୍ଗପ୍ରତ୍ୟଙ୍ଗ ମଜବୁତ ହେବା ସହ ମନସ୍ଥିର ଓ ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇଥାଏ। ପ୍ରାଣାୟାମ ଦ୍ୱାରା ମଣିଷର ମାନସିକ ଅବସାଦ ହ୍ରାସ ହୋଇଥାଏ, ତେଣୁ ସମସ୍ତେ ନିୟମିତଭାବେ ଯୋଗ କରିବା ଆବଶ୍ୟକ। ଏହି ଅବସରରେ ଯୋଗ ପ୍ରଶିକ୍ଷକ ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ଆଇନଜୀବୀ ବିଶ୍ୱମ୍ଭର ସୁବୁଦ୍ଧି, ସୁନିଲ ମହାନ୍ତି, ରମେଶ ବେହେରା, ୱାର୍ଡସଭ୍ୟ ଦୁର୍ଯ୍ୟୋଧନ ସାହୁ, ପ୍ରମୋଦ ପାତ୍ର, କାମଦେବ ଜେନା, ସମର ମାଝୀ, ପବିତ୍ର ମହାପାତ୍ର, ଗୁଲିଆ ମହାରଣା, ସର୍ବେଶ୍ୱର ପ୍ରଧାନଙ୍କ ସମେତ ଶତାଧିକ ବ୍ୟକ୍ତି ଏହି ଶିବିରରେ ଯୋଗଦେଇଥିଲେ। ସେହିପରି କୁହୁଡ଼ି ପଞ୍ଚାୟତରେ ପୂର୍ବତନ ସରପଞ୍ଚ ଜୟଦେବ ବେହେରାଙ୍କ ଉପସ୍ଥିତିରେ ଯୋଗ ପ୍ରଶିକ୍ଷକ ରମେଶ ନାଇଡୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ସୁନ୍ଦରପୁର କଲୋନୀ ପ୍ରାଥମିକ ମଣ୍ଡଳ ପକ୍ଷରୁ ଅରଖକୁଦା ଠାରେ ମଣ୍ଡଳ ସଭାପତି ପ୍ରଦୀପ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଯାଇଛି। ସିଆଣି ପଞ୍ଚାୟତଠାରେ ସରପଞ୍ଚ ଆଦିତ୍ୟ ରଞ୍ଜନ ପଲାଇ, ବଡ଼ଅଁଳ ପଞ୍ଚାୟତ ପରିସରରେ ସରପଞ୍ଚ ବୀଣାପାଣି ପ୍ରଧାନ, କୃଷ୍ଣପ୍ରସାଦ ପଞ୍ଚାୟତରେ ସରପଞ୍ଚ ଇତିଶ୍ରୀ ସିଂହ, ଅଲଣ୍ଡା ପଞ୍ଚାୟତ ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳଙ୍କ ନେତୃତ୍ୱରେ ଯୋଗ ଦିବସ ପାଳନ କରାଯାଇଥିଲା। ହରିହର ବିଦ୍ୟାପୀଠ ପରିସରରେ ଆୟୋଜିତ ଯୋଗ ଦିବସରେ ସହକାରୀ ଶିକ୍ଷକ ଯୁଧିଷ୍ଠିର ପଲେଇ ଉଦ୍‌ଘାଟନ କରିଥିବା ବେଳେ ଅତିରିକ୍ତ ଶିକ୍ଷା ଅଧିକାରୀ ବଳଭଦ୍ର ସାହୁ, ସିଆର୍‌ସିସି ଧ୍ରୁବ ଚରଣ ପ୍ରଧାନଙ୍କ ସମେତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

**ନିରାକାରପୁର (ମାନସ ଚନ୍ଦ୍ର ପଟ୍ଟନାୟକ):** ଭାରତୀୟ ଯୋଗ ସଂସ୍ଥାନ ପକ୍ଷରୁ ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଯୋଗ ଗୁରୁ ଦିବାକର ସାହୁଙ୍କ ପୌରୋହିତ୍ୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ଅଞ୍ଚଳର ବହୁ ମହିଳା ପୁରୁଷଙ୍କ ସମେତ ବର୍ଷିଆନ ବ୍ୟକ୍ତିମାନେ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ବିହାରୀ ସାହୁ, ଓମ୍‌ପ୍ରକାଶ ମିଶ୍ର, ସରୋଜ କୁମାର ପରିଡା, ଶ୍ୟାମସୁନ୍ଦର ସାହୁ, ସ୍ୱର୍ଣ୍ଣଲତା ଦଳେଇ, ମାନସ ଚନ୍ଦ୍ର ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ସସହଯୋଗ କରିଥିଲେ। ସେହିପରି ଦିବ୍ୟସିଂହପୁରସ୍ଥିତ ଦେବୌ ଶୁକ୍ଳ ଯଜୁର୍ବେଦ କାଣ୍ୱ ବେଦପାଠଶାଳାରେ ଅନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠାନର ଅଧ୍ୟକ୍ଷ ଡ.କୃପାସିନ୍ଧୁ ପଣ୍ଡାଙ୍କ ପୌରୋହିତ୍ୟରେ ଏବଂ ତପନ କୁମାର ମହାପାତ୍ରଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି।



ବିଦ୍ୟାଳୟରେ ମଧ୍ୟ ଯୋଗ ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଉପସ୍ଥିତିରେ ଅତିଥିଭାବେ ଜ୍ୟୋର୍ତିର୍ବିଦ କିଶୋର କୁମାର ଯୋଗଦେଇଥିଲେ।

**କୃଷ୍ଣପ୍ରସାଦ,୨୧।୬ (କୈଳାସ ଚନ୍ଦ୍ର ପଟ୍ଟନାୟକ):** କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳିତ ହୋଇଯାଇଛି। ଚିଲିକା ନୂଆପଡ଼ା ନାରାୟଣ ବିଦ୍ୟାପୀଠ ପରିସରରେ ଆୟୋଜିତ ଯୋଗ ଶିବିରକୁ ବିଡିଓ ଅମିୟ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରବୀର ଚନ୍ଦ୍ର ଜେନା, ସିପି ପ୍ରଭାତ ଜେନା, ଏପିଓ ଅଭିନ୍ନ କୁମାର ପଲେଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, କନିଷ୍ଠ ଯନ୍ତ୍ରୀ ବିପିନ ବିହାରୀ ମଙ୍ଗରାଜ, ମହେନ୍ଦ୍ର ରଞ୍ଜନ ସାହୁ, ବିଜୟ ତରେଇ, ସିଧେଶ୍ୱର କରଣ, କାଶିମ ମହମ୍ମଦ, ଜିତେନ୍ଦ୍ର ପାତ୍ର, ଆଲୋକ ଖୁଣ୍ଟିଆ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ରହି ଯୋଗ କରିଥିଲେ। ସେହିପରି କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ପକ୍ଷରୁ ମାଲୁଦ ପଞ୍ଚୁଦୋଳ ପଡ଼ିଆଠାରେ ମଣ୍ଡଳ ସଭାପତି ସଂଗ୍ରାମ କେଶରୀ ଜେନାଙ୍କ ନେତୃତ୍ୱରେ ଏବଂ ସାତପଡ଼ା

**ଯାଁଳା (ବୁଲା ବାରିକ):** ଯାଁଳା ପଞ୍ଚାୟତରେ ଯୋଗ ଦିବସ ପାଳିତ ହୋଇଯାଇଛି। ଆର୍‌ଏସ୍‌ଏସ୍ ନେତାଜୀ ସୁବାଷ ବୋଷ ପ୍ରଭାତ ଶାଖାର ସ୍ୱୟଂ ସେବକ ଏବଂ ଭାଜପା କାର୍ଯ୍ୟକର୍ତ୍ତାଙ୍କ ମିଳିତ ଉଦ୍ୟମରେ ଏହି ଦିବସ ପାଳନ ହୋଇଥିଲା। ଯାଁଳା ପଞ୍ଚାୟତର ଜାତୀୟ ରାଜପଥ କଡ଼ରେ ଥିବା ଗଡ଼ସାହି ଖେଳ ପଡ଼ିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍‌ଏସ୍‌ଏସ୍ ଜଟଣୀ ଖଣ୍ଡ ସଂଘ ଚାଳକ ସୁଧାଂଶୁ ଶେଖର ପଟ୍ଟନାୟକ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ।

# ଅନ୍ତର୍ଜାତୀୟ ଯୋଗ ଦିବସ

**ବାଣପୁର,୨୧।୬(ଦିଲୀପ କୁମାର ସ୍ୱାଇଁ)**

ବାଣପୁର ସ୍ଥିତ ଗୋଦାବରୀଶ ମହାବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ଏହି ଅବସରରେ ମନ୍ତ୍ରୀ ହରିଚନ୍ଦନ କହିଥିଲେ ଯେ, ସୁସ୍ଥ ଶରୀର ପାଇଁ ଯୋଗ ନିତ୍ୟାନ୍ତ ଆବଶ୍ୟକ। ପ୍ରତିଦିନ ଯୋଗ କରିବା ଦ୍ୱାରା ମାନସିକ ସ୍ଥିରତା ଆସିବା ସହ ବୌଦ୍ଧିକ ବିକାଶ ହୋଇଥାଏ। ତେଣୁ ସମସ୍ତେ ଯୋଗାଭ୍ୟାସ କରି ସୁସ୍ଥ ରହିବା ସହ ଏକ ସୁସ୍ଥ ସମାଜ ଗଠନ ପାଇଁ ସଂକଳ୍ପ ନେବା ଆବଶ୍ୟକ। ଉପଜିଲାପାଳ କିଶୋର ପଣ୍ଡା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ବାଣପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଶୀତଲ ଅଗ୍ରୱାଲ, ବାଣପୁର ତହସିଲଦାର ଟି.ପଦ୍ମନାଭ ଦୋରା ପ୍ରମୁଖ ଯୋଗାଭ୍ୟାସ କରିଥିଲେ।



# ମନ, ଶରୀର ସୁସ୍ଥ ରଖେ ଯୋଗ

**ବାଲୁଗାଁ,୨୧।୬(ସଂଗ୍ରାମ ପାଇକରାୟ)**

ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଡ.ଲକ୍ଷ୍ମୀଧର ସୁବୁଦ୍ଧି ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଡ.ସନ୍ତୋଷ କୁମାର ରଥ ଚଳିତ ବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସର ପ୍ରସଙ୍ଗ 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ'ର ପ୍ରାସଙ୍ଗିକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ କେନ୍ଦ୍ର ସରକାରଙ୍କ ଯୋଗ ମାର୍ଗଦର୍ଶିକା ନିୟମ ଆଧାରରେ ରାଜ୍ୟସ୍ତରୀୟ ଯୋଗ ପ୍ରଶିକ୍ଷକ ଦୁର୍ଗା ପ୍ରସାଦ ପାଢ଼ୀ, ଦିଲୀପ କୁମାର ସୁବୁଦ୍ଧି, ପ୍ରଦୀପ ବଳବନ୍ତରାୟ ଓ ଅଧ୍ୟାପକ ବିଦ୍ୟାଧର ଜୁଝାରସିଂଙ୍କ ଦିଗଦର୍ଶନରେ ଅନୁଷ୍ଠିତ ହୋଇଥିଲା।



ଏଥିରେ ମହାବିଦ୍ୟାଳୟର ୨୬୦ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଜାତୀୟ ସେବା ଅନୁଷ୍ଠିତ ମହାବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଶିବ ମହାରଣା, ପ୍ରଜ୍ଞାସ୍ମିତା ସାହୁ, ପ୍ରାଚୀ ସାହୁ, ଦେବିସ୍ମିତା ସାହୁ, ରାଜଲକ୍ଷ୍ମୀ ଜେନାଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଅଭି ଜାଲିଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବ ରେଡକ୍ରସ ଦିଗଦର୍ଶକ ଅଧ୍ୟାପକ ଧୋବୀ ଚରଣ ପରିଡା ସମସ୍ତଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ ।

# 'ସୁସ୍ଥ ଶରୀର ପାଇଁ ଯୋଗାଭ୍ୟାସ ଭିଟାମିନ ସଦୃଶ'

**ବେଗୁନିଆ,୨୧।୬(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ସଦର ମହକୁମା ସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଯୋଗ ଶିବିରରେ ପ୍ରଶିକ୍ଷକ ତଥା ଅତିଥିଭାବେ କେଶବ ନାୟକ ଯୋଗଦେଇଥିଲେ। ସୁସ୍ଥ ଶରୀର ଏବଂ ନିରୋଗ ଜୀବନଯାପନ ପାଇଁ ଦୈନିକ ଯୋଗାଭ୍ୟାସ କଲେ ଏହା ଭିଟାମିନ ପରି ସହଯୋଗ କରିଥାଏ ବୋଲି ପ୍ରଧାନ ଶିକ୍ଷକ ସାଇଁ ମତବ୍ୟକ୍ତ କରିଥିଲେ। ପରେ ପିଲାମାନେ ପ୍ରାଣାୟମ, ଆସନ ଓ ମୁଦ୍ରା ଉପରେ ପ୍ରଶିକ୍ଷଣ ନେଇଥିଲେ। ଏହି ଅବସରରେ ଏନସିସି ଶିକ୍ଷକ ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା। ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରା, ସୁରଜିତା ଦଳେଇ, ରିଷ୍ମାରଶ୍ମି ପାଇକରାୟ, ସୁନିତା ପୃଷ୍ଟି, ମୋହିନୀକାନ୍ତି ଦାସ, ଲକ୍ଷ୍ମୀପ୍ରିୟା ତ୍ରିପାଠୀ, ଶିକ୍ଷକ ଅଜିତ କୁମାର ପୁରୀ, ଶ୍ରୀକାନ୍ତ ପଣ୍ଡା, ବିଦ୍ୟାଳୟ ପରିଚାଳନା ପରିଷଦ ଓ ପଞ୍ଚସଖା ଶିକ୍ଷା ସେତୁ ସଙ୍ଗଠନର ସଭ୍ୟା ସଭ୍ୟ ଅଂଶଗ୍ରହଣ କରିଥିଲେ। ଯୋଗାସନକୁ ନେଇ ପ୍ରତିଯୋଗିତା ଆୟୋଜନ କରାଯାଇଛି। ଶିକ୍ଷୟିତ୍ରୀ ସସ୍ମିତା ସାହୁ, ଆଶା ମୁର୍ମୁ ଏବଂ ଶୁଭଲକ୍ଷ୍ମୀ ସାହୁ ବିଚାରକଭାବେ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରୀ ସୁସ୍ମିତା ପାଲଟାସିଂହ, ଛାତ୍ର ଅଭିମନ୍ୟୁ କର ଓ ଏନସିସି କ୍ୟାଡେଟ ବିଶ୍ୱଜିତ ପାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଶ୍ୱରଞ୍ଜନ ପରିଡ଼ା, ବିରଞ୍ଚି ନାରାୟଣ ସାହୁ ଓ ସୁରଥ ନାୟକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିକ୍ଷକ ସୌମ୍ୟରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।



# ଯୋଗ ଦ୍ୱାରା ମାନସିକ, ଆଧ୍ୟାତ୍ମିକ ବିକାଶ ହେବ

**ଖୋର୍ଦ୍ଧା,୨୧।୬(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ସଦର ମହାକୁମା ସମେତ ବ୍ଲକ, ପୌରାଞ୍ଚଳ ଏବଂ ଶିକ୍ଷାନୁଷ୍ଠାନରେ ଅନ୍ତର୍ଜାତୟ ଯୋଗ ଦିବସ ପାଳିତ ହୋଇଯାଇଛି। ସେହିପରି ସମସ୍ତ ସରକାରୀ, ବେସରକାରୀ ବିଦ୍ୟାଳୟ, ସାମାଜିକ ଅନୁଷ୍ଠାନ ପକ୍ଷରୁ ଯୋଗ ଦିବସ ପାଳନ ହୋଇଥିଲା। ଏହିକ୍ରମରେ ଖୋର୍ଦ୍ଧା କୋର୍ଟ ପରିସରରେ ଯୋଗ ଦିବସ ପାଳିତ ହୋଇଥିଲା। ଏଥିରେ ଦ୍ୱିତୀୟ ଅତିରିକ୍ତ ଜିଲା ଦୌରାଜଜ୍ ସୁଷମା ସ୍ୱାଇଁ, ସିଜେଏମ୍ ଶରତ ଚନ୍ଦ୍ର ଜେନା, ସିଭିଲ ଜଜ୍(ବରିଷ୍ଠ) ରାଜେଶ ରୋଷନ ନନ୍ଦ, ଦେୱାନି ଜଜ୍(କନିଷ୍ଠ) ଶ୍ରୀପର୍ଣ୍ଣା ମହାପାତ୍ର, ଓକିଲ ସଂଘ ସଭାପତି ଜୀବନଜ୍ୟୋତି ମିଶ୍ର, ସମ୍ପାଦକ କ୍ଷୀରୋଦ ପ୍ରସାଦ ସ୍ୱାଇଁଙ୍କ ସମେତ ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ।

ସେହିପରି ସ୍ଥାନୀୟ ବିଜେବି ହାଇସ୍କୁଲରେ ଯୋଗ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏନ୍‌ସିସି କ୍ୟାଡେଟ, ଛାତ୍ର ଏବଂ ଶିକ୍ଷକ ଏକାଠି



ବସି ଯୋଗ କରିଥିଲେ। ସୁସ୍ଥତାର ବାର୍ତ୍ତା ଦେଇଥିଲେ। ଏନ୍‌ସିସି ଅଫିସର ବିଭୂ ପ୍ରସାଦ ସେନାପତି ଯୋଗର ଆବଶ୍ୟକତା ଏବଂ ଉପକାରିତା ସମ୍ପର୍କରେ କହିଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ପଞ୍ଚାୟତ ହାଇସ୍କୁଲ, ହଳଦିପଦାଠାରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗଗୁରୁ ଲଳିତ କୁମାର ସ୍ୱାଇଁ ଓ ଭ୍ରମରବର ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଯୋଗାଭ୍ୟାସ କରାଇଥିଲେ। ପ୍ରଧାନଶିକ୍ଷକ ସୁଧାକର ମହାପାତ୍ର ପରିଚାଳନା କରିଥିଲେ। ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ବିଂକୁଡିଆ ବାଲୁଙ୍କେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟଠାରେ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗଗୁରୁ କୋଦାରନାଥ ସାହୁ ପିଲାଙ୍କୁ ଯୋଗଶିକ୍ଷା ଦେଇଥିଲେ। ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ, ଅଭିଭାବକମାନେ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ନରହରି ନନ୍ଦ ଓ ଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନ ସଂଯୋଜନା କରିଥିଲେ। ମଳିପଡ଼ାସ୍ଥିତ କବି ପ୍ରସନ୍ନ ପାଟଣାଶୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। କ୍ରୀଡ଼ାବିତ୍ ଦେବେନ୍ଦ୍ର କୁମାର ନନ୍ଦ ଯୋଗର ଉପକାରିତା ସମ୍ପର୍କରେ ପିଲାଙ୍କୁ ବୁଝାଇଥିଲେ। ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର, ଜାତୀୟ ସେବା ଯୋଜନା ଓ ରେଡକ୍ରସର ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ। ଜାଗୃତି ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କହିଥିଲେ ଯେ, ଯୋଗ ଏକ ସାଧନା। ନିରନ୍ତର ସାଧନା ଦ୍ୱାରା ଏହାର ଜୀବନଶୈଳୀରେ ବିଶେଷ ପ୍ରଭାବ ପଡିଥାଏ। ଦିଲୀପ ପଟ୍ଟନାୟକ, ଗୋପାଳ ଦାସ, ଶୁଭ୍ରାଂଶୁ ଦାସ, ମୀନକେତନ ସୁବୁଦ୍ଧି, ଜିତେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଡିଏ କଲୋନୀସ୍ଥିତ ସିଗ୍‌ମା ପବ୍ଲିକ ସ୍କୁଲ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଯୋଗଗୁରୁ ବସନ୍ତ କୁମାର ଖୁଣ୍ଟିଆ, ବିରଞ୍ଚି ନାରାୟଣ ପଣ୍ଡା ପିଲାଙ୍କୁ ସୂର୍ଯ୍ୟ ନମସ୍କାର, ବିଭିନ୍ନ ଆସନ, ପ୍ରାଣାୟମ, ଧ୍ୟାନ ଶିକ୍ଷା ଦେଇଥିଲେ। ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଯୋଗର ଆବଶ୍ୟକତା ଉପରେ କହିଥିଲେ। ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୬।୨୦୨୫

| ୧,୬୬,୦୪୩ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ନିଆଳିରୁ ମହାପ୍ରଭୁଙ୍କ ପାଇଁ ଆସିଲା ଅଣସର ଭାର

ପୁରୀ,୨୧।୬(ଅଜିତ୍ ମହାନ୍ତି)

ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଚତୁର୍ଦ୍ଧାବିଗ୍ରହ ସ୍ନାନ କରି ଜ୍ୱରରେ ପୀଡ଼ିତ ଅଛନ୍ତି। ମହାପ୍ରଭୁଙ୍କୁ ଦଇତାପତି ସେବକମାନେ ଅଣସର ପିଣ୍ଡିରେ ଗୁପ୍ତସେବା କରୁଛନ୍ତି। ସେହିପରି ରାଜବୈଦ୍ୟଙ୍କ ପରାମର୍ଶକ୍ରମେ ମହାପ୍ରଭୁଙ୍କ ଉପଚାର ଚାଲିଛି। ଏହି ପରିପ୍ରେକ୍ଷୀରେ ଏକାଦଶୀ ଅବସରରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅଣସର ଭାର ଶ୍ରୀମନ୍ଦିରକୁ ଆସିଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ମହାପ୍ରଭୁଙ୍କ ମାମୁଘର ନିଆଳି ମାଧବ ଜିଉଙ୍କ ମନ୍ଦିରରୁ ଶ୍ରୀମନ୍ଦିରକୁ ଫଳଭାର ଆସି ପହଞ୍ଚିଛି। ଫଳଭାର ମଧ୍ୟରେ ଆମ୍ବ, ପଣସ, ସପୁରି, ନଡ଼ିଆ, ସେଓ, ଡାଳିମ୍ବ, କମଳା ଆଦି ବିଭିନ୍ନ ପ୍ରକାରର ଫଳ ରହିଛି। ସେହିପରି ଫୁଲ, ପଦ୍ମମାଳ, ତୁଳସୀ ଆଦି ରହିଥିଲା। କେଉଁ ଆବହମାନ କାଳରୁ ଅଣସର ସମୟରେ ମହାପ୍ରଭୁଙ୍କ ଲାଗି ନିଆଳିରୁ ଫଳଭାର ପଠାଯାଉଥିବା ନେଇ ସୂଚନା ମିଳିଛି।

### ରଥଯାତ୍ରା ପାଇଁ ପ୍ରସ୍ତୁତ ପୋଲିସ ବ୍ୟବସ୍ଥାବଳୀ ପୁସ୍ତକ ସମର୍ପଣ

ପୁରୀ,୨୧।୬(ଅଜିତ୍ କୁମାର ମହାନ୍ତି)

ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲଙ୍କ ନେତୃତ୍ୱରେ ବରିଷ୍ଠ ପଦାଧିକାରୀଙ୍କ ଉପସ୍ଥିତିରେ ରଥଯାତ୍ରା-୨୦୨୫ ପାଇଁ ରଚିତ ପୋଲିସ ବ୍ୟବସ୍ଥା ଉପରେ ଆଧାରିତ ୮ଟି ପୁସ୍ତକର ପୂଜା ଓ ସମର୍ପଣ କାର୍ଯ୍ୟକ୍ରମ ଶନିବାର ବୀରଗୋବିନ୍ଦପୁରସ୍ଥିତ ମା' ଦକ୍ଷିଣକାଳୀ ପୀଠରେ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନରେ ବୈଦିକ ମନ୍ତ୍ରୋଚ୍ଚାରଣ ଓ ପାଣିଗ୍ରହଣ ଅନୁସାରେ ବିଧିବଦ୍ଧ ଭାବେ ମା'ଙ୍କ ଅନୁଗ୍ରହ ନିବେଶନା ସହିତ ବିଭିନ୍ନ ବିଭାଗର ବ୍ୟବସ୍ଥାପନ ଦିଗ ଉପରେ ଆଧାରିତ ପୁସ୍ତକ ପୂଜା କରାଯାଇଛି। ଆରକ୍ଷୀ ଅଧୀକ୍ଷକ ଅଗ୍ରୱାଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବ ପ୍ରତାପ, ଡିସି ଜିତେନ୍ଦ୍ର କୁମାର ଦେହୁରୀ, ଏସି ସୌମ୍ୟରଞ୍ଜନ ଦାଶ, ଇନ୍ସପେକ୍ଟର ଗାୟତ୍ରୀ ମିଶ୍ର, ଆର୍‌ଆଇ ଚିତ୍ତରଞ୍ଜନ ମହାନ୍ତି, ସତ୍ୟବାଦୀ ଥାନାଧିକାରୀ ବିଜୟ କେତନ ବେହେରା, ଯଯାତି କିଶୋରୀ ଦାଶ, ଦୁଷ୍ମନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପୋଲିସ ପକ୍ଷରୁ ଏହି ବ୍ୟବସ୍ଥା ସମସ୍ତ ନିୟୋଜିତ ଅଧିକାରୀ ଓ ଜନସାଧାରଣ ସହଯୋଗ ମାଧ୍ୟମ ହେବା ସହ ଶାନ୍ତିପୂର୍ଣ୍ଣ ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହେବ ବୋଲି ଆଶା ରଖାଯାଇଛି। ଏହି ଅବସରରେ ଆରକ୍ଷୀ ଅଧୀକ୍ଷକ ଅଗ୍ରୱାଲଙ୍କ ପକ୍ଷରୁ ସମସ୍ତ ଅଧିକାରୀଙ୍କୁ ତାଙ୍କ ଦୈନନ୍ଦିନ ବଢୁଥିବା ଶ୍ରମ ଓ ନିଷ୍ଠା ପାଇଁ ଧନ୍ୟବାଦ ଓ ଶୁଭେଚ୍ଛା ଜଣାଇ ଆଗାମୀ ଦିନରେ ଏହାକୁ ଆହୁରି ସଫଳ ରୂପାୟନ କରିବାକୁ ଆହ୍ୱାନ ଦେଇଛନ୍ତି।

# ୨୩ରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

## ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ବୈଠକ

ପୁରୀ,୨୧।୬(ଅଜିତ୍ କୁମାର ମହାନ୍ତି)

ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ଏକ ସାଧାରଣ ବୈଠକ ଅବକାଶଲେନସ୍ଥିତ ମା' ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସଭାପତି ପ୍ରଫେସର ଲକ୍ଷ୍ମୀଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଛି। ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀଙ୍କ ଜରୁରୀ ସମସ୍ୟା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଅପ୍ରତ୍ୟାଶିତ ଭାବେ ଲୋକସଭାରେ ପେନସନ ନିୟମ ପାରିତ କରାଇବା ଫଳରେ ୮ମ ବେତନ କମିଶନ ସୁପାରିଶ କାର୍ଯ୍ୟକାରୀ ହେବା ତାରିଖ ୦୧.୦୧.୨୦୨୬ ପୂର୍ବ ପେନ୍‌ସନ୍ ଭୋଗୀଙ୍କର ପେନସନ ସଂଶୋଧନ କେଉଁ ତାରିଖ ଓ କେଉଁ ଆକାରରେ ହେବ ତାହା କେନ୍ଦ୍ର ସରକାରଙ୍କ ଇଚ୍ଛା ଉପରେ ନିର୍ଭର କରିବ।

ଏହି ନିଷ୍ପତ୍ତି ଅର୍ଥ ବିଲ୍ ୨୦୨୫ର ଅଂଶବିଶେଷ ଭାବରେ ଭାଲିଡେଶନ ଅଫ ସେଣ୍ଟ୍ରାଲ ସିଭିଲ ସର୍ଭିସେସ୍ ଗତ ମାର୍ଚ୍ଚରେ ଲୋକସଭାରେ ପାରିତ ହୋଇଛି। ଫଳରେ କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ୦୧.୦୧.୨୬ରୁ ୮ମ ବେତନ କମିଶନ ସୁପାରିଶ କାର୍ଯ୍ୟକାରୀ ହେଲେ ଏହି ତାରିଖ ପରେ ଅବସର ନେଲେ ଶିକ୍ଷକ, କର୍ମଚାରୀଙ୍କ ପ୍ରତି ଲାଗୁ ହେବ ଓ ଏହାପୂର୍ବରୁ ଅବସର ନେଇଥିବା ଶିକ୍ଷକ କର୍ମଚାରୀଙ୍କ ପ୍ରତି ଲାଗୁହେବ ନାହିଁ। ଏଭଳି ପେନସନ ଭାଲିଡେଶନ ନିୟମ ଦେଶର ସୁପ୍ରିମ୍ କୋର୍ଟ ଓ ବିଭିନ୍ନ ହାଇକୋର୍ଟଙ୍କ ଆଦେଶକୁ ଉଲ୍ଲଂଘନ କରିବା ସହିତ ଦେଶର ପ୍ରଚଳିତ ପେନସନ ନିୟମକୁ ମଧ୍ୟ ଉଲ୍ଲଂଘନ କରୁଛି। ଏହା ଫଳରେ ପେନସନ ଅଧିକାର ନ ହୋଇ ସରକାରଙ୍କ ଦୟା ଉପରେ ନିର୍ଭର କରିବ ଓ ପେନସନଭୋଗୀମାନେ ସେମାନଙ୍କର ଅଧିକାରରୁ ବଞ୍ଚିତ ହେବେ, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ଓ ସଭାପତି ଲକ୍ଷ୍ମୀଧର ମିଶ୍ର ଉଦ୍‌ବେଗ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ଉକ୍ତ ନିୟମକୁ ପ୍ରତ୍ୟାହାର କରିବାକୁ ନିବେଦନ କରିଛନ୍ତି।

ସର୍ବଭାରତୀୟ ରାଜ୍ୟ ପେନସନର୍ସ ଫେଡରେଶନ ନୂଆଦିଲ୍ଲୀ ଓ ରାଜ୍ୟ ସଂଗଠନର ନିଷ୍ପତ୍ତିକ୍ରମେ ଆସନ୍ତା ୨୩ରେ ପ୍ରଧାନମନ୍ତ୍ରୀଙ୍କୁ ଜିଲାପାଳଙ୍କ ଜରିଆରେ ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ପ୍ରତିନିଧି ଦଳ ପେନସନ ଭାଲିଡେଶନ ରୁଲ୍ସ ନ କରିବା ନିମନ୍ତେ ଗଣଆବେଦନ ପତ୍ର ପ୍ରଦାନ କରିବେ ବୋଲି ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ଜଣାଇଛନ୍ତି। ଆଲୋଚନାରେ ପ୍ୟାରୀମୋହନ ପଟ୍ଟନାୟକ, ମିନତୀ ହୋତା, ସୁରେନ୍ଦ୍ର ଜେନା, ପୂର୍ଣ୍ଣଚନ୍ଦ୍ର ଭଞ୍ଜ, ବ୍ରହ୍ମାନନ୍ଦ ଦାସ, ମନୋଜ କୁମାର ସାମନ୍ତରାୟ, ଚନ୍ଦ୍ରଶେଖର ମିଶ୍ର, ସନ୍ତୋଷ କୁମାର ମହାନ୍ତି, ଲକ୍ଷ୍ମୀକାନ୍ତ ମିଶ୍ର, ସୁରେନ୍ଦ୍ର ନାଥ ଦାଶ, ଦୁର୍ଗବତୀ ପ୍ରଧାନ, ରମେଶଚନ୍ଦ୍ର ବଳିୟାରସିଂହ ଓ ମୋଚିରାମ ତ୍ରିପାଠୀ ଅଂଶଗ୍ରହଣ କରିଥିଲେ।



ନୀଳାଦ୍ରି କଲ୍‌ଚରାଲ୍ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ରଜ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ସମ୍ବର୍ଦ୍ଧିତ ରଜକୁମାରୀମାନେ।

# ଅଲାରନାଥ, ଶ୍ରୀମନ୍ଦିର ସମ୍ମୁଖରେ ଦୀପଦାନ

## ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା

ପୁରୀ,୨୧।୬(ଅଜିତ୍ କୁମାର ମହାନ୍ତି)

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିକିତ୍ସା ପାଇଁ ମୁମ୍ବାଇ ଗସ୍ତ କରିଛନ୍ତି। ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ଶନିବାର ବ୍ରହ୍ମଗିରି ସ୍ଥିତ ଅଲାରନାଥଙ୍କ ମନ୍ଦିର ଠାରେ ସାଧାରଣଜନତାଙ୍କ ପକ୍ଷରୁ ସମୂହ ଦୀପଦାନ ଓ ପୂଜାର୍ଚ୍ଚନା କରାଯାଇଛି। ଏହି ସମୟରେ ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ବ୍ରହ୍ମଗିରି ସରପଞ୍ଚ ରାଧାରାଣୀ ବିଶ୍ୱାଳ, ସାମାଜିକ କର୍ମୀ ମାନସୀ ହରିଚନ୍ଦନ, ପ୍ରତିମା ଜେନା, ଶକୁନ୍ତଳା ମିଶ୍ର, ବ୍ରହ୍ମଗିରି ବ୍ଲକ ବିଜେଡି ସଭାପତି ବିଦ୍ୟାଧର ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ରାୟ, ଉପାଧ୍ୟକ୍ଷ ଯୁଧିଷ୍ଠିର ନାୟକ, ବରିଷ୍ଠ ନେତା ଭଗବାନ ନାୟକ, ଯୁବ ସାମାଜିକ କର୍ମୀ ଜୟନ୍ତ କୁମାର ମହାନ୍ତି, ବିଜୟ ଦଳାଇ, ସରପଞ୍ଚ ଅମୂଲ୍ୟ କୁମାର ଜେନା, ଭୁବନପୁର ସମିତିସଭ୍ୟ ତ୍ରିନାଥ ପଲେଇଙ୍କ ସମେତ ବହୁ ମହିଳା ଓ ସାମାଜିକ କର୍ମୀ ଏବଂ ସାଧାରଣଜନତା ଉପସ୍ଥିତ ଥିଲେ। ସେହିପରି ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ସମ୍ମୁଖରେ ବିଜେଡି ପକ୍ଷରୁ ଦୀପଦାନ କରାଯାଇ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରାଯାଇଛି। ବିଜେଡିର ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।




ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ବିଜେଡି ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଉଛି।

# ଅପରାହ୍ନ ୩ଟାରୁ ରଥଟଣା ଆରମ୍ଭ

କୋଣାର୍କ,୨୧।୬(ଜ୍ୟୋତିରାଜ ମହାନ୍ତି)

କୋଣାର୍କଠାରେ ପବିତ୍ର ରଥଯାତ୍ରା ନିମନ୍ତେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଶ୍ରୀଜଗନ୍ନାଥ ଟ୍ରଷ୍ଟ ବୋର୍ଡ ପକ୍ଷରୁ ରାଜାରାମ ମଠ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ବୋର୍ଡ ସଭାପତି ଅମରେଶ୍ୱର ନାୟକଙ୍କ ଅଧ୍ୟକ୍ଷତାରେ ଗୁଣ୍ଡିଚା ମନ୍ଦିର ସଭାପତି, ମାଉସୀ ମା' ମନ୍ଦିର ସଭାପତି, ଟ୍ରଷ୍ଟବୋର୍ଡ କର୍ମକର୍ତ୍ତା, ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଓ ସେବାୟତ ଉପସ୍ଥିତ ରହି ରଥଯାତ୍ରା ନିମନ୍ତେ ନୀତିନିର୍ଘଣ୍ଟ ସ୍ଥିର କରିଥିଲେ। ଶ୍ରୀଗୁଣ୍ଡିଚା ଦିନ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥଟଣା କାର୍ଯ୍ୟ ଅପରାହ୍ନ ୩ଟାରୁ ଆରମ୍ଭ ହୋଇ ୫ଟା ୩୦ରେ ଶେଷ ହେବ ବୋଲି ନିଷ୍ପତ୍ତି ହୋଇଛି। ଏହି ପରିପ୍ରେକ୍ଷୀରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ପାନୀୟ ଜଳ ବଣ୍ଟନ, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ସେବାକାର୍ଯ୍ୟ ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ବୈଠକରେ ରାସ୍ତା ମରାମତି, ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଗଛ ସଫେଇ ଓ ରଥଯାତ୍ରା ସମୟରେ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ରଥଯାତ୍ରା ସମ୍ପନ୍ନ ନିମନ୍ତେ ପୋଲିସ ଓ ସ୍ୱେଚ୍ଛାସେବୀ ନିୟୋଜନ ବିଷୟରେ ଆଲୋଚନା କରାଯାଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ପ୍ରସ୍ତୁତି ବୈଠକରେ ଟ୍ରଷ୍ଟ ବୋର୍ଡର କର୍ମକର୍ତ୍ତା, ସେବାୟତ, ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଟ୍ରଷ୍ଟ ବୋର୍ଡ ପରିଚାଳକ ନିରଞ୍ଜନ ବାରିକ ଧନ୍ୟବାଦ ଦେଇଥିଲେ।

# ଅପହୃତ ନାବାଳକ ଉଦ୍ଧାର

ସାକ୍ଷୀଗୋପାଳ,୨୧।୬(ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅଞ୍ଚଳର ଜଣେ ଅପହୃତ ନାବାଳକ ଶନିବାର ଉଦ୍ଧାର ହୋଇଛନ୍ତି। ନାବାଳକ ଜଣଙ୍କ ଅପହରଣକାରୀଙ୍କ କବଳରୁ କୌଶଳକ୍ରମେ ଖସିଆସି ଏକ ଗାଡ଼ିରେ ଆସି ସାକ୍ଷୀଗୋପାଳରେ ପହଞ୍ଚିଥିଲେ। ପୋଲିସ ଉକ୍ତ ନାବାଳକଙ୍କୁ ପୁରୀସ୍ଥିତ ବନ୍ଦୀ ସ୍ଥାନକୁନେଇ ଅନୁସନ୍ଧାନ ଜାରି ରଖିଛି। ତେବେ ଅପହରଣକାରୀଙ୍କ ଗାଡ଼ି ଜବତ ହୋଇଥିବାବେଳେ ସମ୍ପୃକ୍ତ ଅଭିଯୁକ୍ତ ଫେରାର ଅଛନ୍ତି। କୋର୍ଟରେ ନାବାଳକଙ୍କ ବୟାନ ରେକର୍ଡ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଥିବା ସତ୍ୟବାଦୀ ଥାନା ଆଇଆଇସି ବିଜୟକେତନ ବେହେରା କହିଛନ୍ତି। ୧୫ ବର୍ଷୀୟ ଅପହୃତ ନାବାଳକ ଗତ ୧୯ ତାରିଖରେ ଟ୍ୟୁଶନ ଯାଇ ଘରକୁ ଫେରି ନ ଥିଲେ। ପୁଅକୁ ନ ପାଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

## ରଥଖଳାରୁ...

### ରଥରେ ଲାଗିଲା ୨ଟି ଲେଖାଏ ଦୁଆରବେଢ଼ା



ପୁରୀ,୨୧।୬(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ୫୨ତମ ଦିବସରେ ଦୁଇଟି ଲେଖାଏ ଦୁଆରବେଢ଼ାକୁ ବାଉଁଶ ଟେଣ୍ଟିଆ ସହାୟତାରେ ଉଠାଇ ନାଟଗୋଡ଼ ସହ ସଂଯୋଗପୂର୍ବକ ରଥରେ ଦଉଡ଼ି ଦ୍ୱାରା ବାନ୍ଧେଣୀ କରିଛନ୍ତି। ରବିବାର ବାକି ଦୁଇପାର୍ଶ୍ୱର ଦୁଆରବେଢ଼ା ରଥ ଉପରକୁ ଉଠିଲାପରେ ଉପରିଭାଗ ଚନ୍ଦ୍ରଶାଳୀରେ ଧ୍ୱଜବତା ସଂଯୋଗ କରାଯିବ। ରଥରେ ତାଳଗଡ଼ ପଡ଼ି ପତନ ପରୀକ୍ଷଣ ଶେଷ ହୋଇଛି। ତିନିରଥର ମୁଖ୍ୟ ରୂପକାର ସେବକ ଓ ତାଙ୍କ ସହଯୋଗୀମାନେ ପ୍ରଭାରେ ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ମୁଖ୍ୟ ଚିତ୍ରକର ସେବକ ଦେବରାଜ ମହାପାତ୍ରଙ୍କ ମାର୍ଗଦର୍ଶନରେ ସହଯୋଗୀ ଚିତ୍ରକରମାନେ ଶନିବାର ସୁଦ୍ଧା ତିନିରଥର ୮୧ଟି ଦେବଦେବୀଙ୍କ ରଙ୍ଗକାର୍ଯ୍ୟ ଶେଷ ହୋଇଛି। ଦରଜି ସେବକମାନେ ବତା କନାରେ ଲେସ୍ କାର୍ଯ୍ୟ ଶେଷକରି ୧୨ଗୋଟି ଦୁଆରବେଢ଼ା କଟିଂ କନାରେ ଜରି ଲେସ୍, ଚାନ୍ଦି ଜରିରେ ଫୁଲପକା କାର୍ଯ୍ୟ ଜରି ରଖିଛନ୍ତି। ଏଥିସହ ପୋଟଳ କନା କଟିଙ୍ଗ୍ ସହ ରଥଘେର କନା ପ୍ରସ୍ତୁତି ଚାଲିଛି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନିରଥର ଦୁଆରବେଢ଼ା ପାଇଁ ଧ୍ୱଜବତା କଣ୍ଟା, ଘୋଡ଼ା ସାରଥିଙ୍କ ପାଇଁ ବାଗିଆ କଣ୍ଟା ନିର୍ମାଣ କରୁଛନ୍ତି।

# ପୂର୍ବତନ କାଉନ୍‌ସିଲର ବିଜୟ ନନ୍ଦୀଙ୍କ ଦେହାନ୍ତ

କୋଣାର୍କ,୨୧।୬(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନ ରାଉଳପାଟଣା ଗ୍ରାମର ପୂର୍ବତନ କଂଗ୍ରେସ କାଉନ୍‌ସିଲର ବିଜୟ କୁମାର ନନ୍ଦୀଙ୍କ ଶୁକ୍ରବାର ରାତିରେ ହୃଦ୍‌ଘାତରେ ଦେହାନ୍ତ ହୋଇଛି। ଶୁକ୍ରବାର ରାତି ୮ଟାରେ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। ସ୍ୱର୍ଗତ ନନ୍ଦୀ ଜଣେ ମିଷ୍ଟଭାଷୀ, ମେଳାପୀ ଓ ପରୋପକାରୀ ଜନସେବକ ଭାବେ କୋଣାର୍କ ତଥା ଆଖପାଖ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ସେ କୋଣାର୍କ ସୂର୍ଯ୍ୟମନ୍ଦିରର ସରକାରୀ ସ୍ୱୀକୃତିପ୍ରାପ୍ତ ଗାଇଡ୍ ଆସୋସିଏଶନର ସଭାପତି ଭାବେ ଦକ୍ଷତାର ସହ କାର୍ଯ୍ୟକରି ବେଶ୍ ସୁନାମ ଅର୍ଜିଥିଲେ। ତାଙ୍କ ମୃତ୍ୟୁରେ କୋଣାର୍କ ନଗର କଂଗ୍ରେସ କମିଟି, କୋଣାର୍କ ସୂର୍ଯ୍ୟମନ୍ଦିର ସରକାରୀ ସ୍ୱୀକୃତିପ୍ରାପ୍ତ ଗାଇଡ୍ ଆସୋସିଏଶନ ସମେତ ବିଭିନ୍ନ ସାମାଜିକ ଓ ରାଜନୈତିକ ଦଳର ନେତା ଶୋକପ୍ରକାଶ କରିଛନ୍ତି। ତାଙ୍କ ଶବାଧାରକୁ ଶୋଭାଯାତ୍ରାରେ ନିଆଯାଇ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁତ୍ର କାହ୍ନୁଚରଣ ମୁଖାଗ୍ନି ଦେଇଥିଲେ।

# ଓଡ଼ିଶାର ଜନଜୀବନକୁ ନେଇ ନିର୍ମିତ 'ଆଜିର ରେବତୀ'

ପୁରୀ ୨୧।୬ (ଅଜିତ୍ କୁମାର ମହାନ୍ତି )

ଓଡ଼ିଶାର ଜନଜୀବନକୁ ନେଇ ନିର୍ମାଣ ହୋଇଛି 'ଆଜିର ରେବତୀ'। ଆମ ଚଳଚ୍ଚିତ୍ର ଆମ ମାଟିର କଥା କହୁ, ସଂସ୍କୃତିର ଗାଥା ଗାଉ ବୋଲି ଫିଲ୍ମୱାଲା, ମାଷ୍ଟର ମାଇଣ୍ଡ ମିଡିଆ ସଲ୍ୟୁଶନ ଓ ଏଆରସି ଇଭେଣ୍ଟ ଏବଂ ଏକ୍ଜିବିସନ ପକ୍ଷରୁ ଆୟୋଜିତ 'ସେ ଦିନର ସିନେମା ଓ ଆଜିର ସିନେମା' ଶୀର୍ଷକ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ଶ୍ୟାମାପ୍ରସାଦ ମିଶ୍ର, ମଧୁସୂଦନ ମିଶ୍ର ଓ ବିଭୁପ୍ରସାଦ ମିଶ୍ରଙ୍କ ମିଳିତ ପରିଚାଳନା ଓ ଅଧ୍ୟାପକ ବିଶ୍ୱନାଥ ମିଶ୍ରଙ୍କ ସଂଯୋଜନାରେ କୈଳାଶ ଚନ୍ଦ୍ର ଟିକାୟତରାୟ, ପଦ୍ମନାଭ ପଣ୍ଡା, ଚକ୍ରଧର ମହାପାତ୍ର, ରାଜେଶ ମହାନ୍ତି, ହେକ୍ଟର ମିଶ୍ର ଯୋଗଦେଇ ଅତୀତ ସିନେମାର ସଙ୍ଗୀତ, କଥାବସ୍ତୁ ଓ ସଂଳାପର ପ୍ରଶଂସା କରିଥିଲେ। ଅଣ-ଓଡ଼ିଆ ସଙ୍ଗୀତ, ଡବିଂ ଚଳଚ୍ଚିତ୍ର ବିଶେଷକରି ନିଶା ଓ ହିଂସାଯୁକ୍ତ ଚଳଚ୍ଚିତ୍ର ପ୍ରଭାବରେ ଚଳଚ୍ଚିତ୍ର ପ୍ରତି ଦର୍ଶକ ବିମୁଖ ହେଉଥିବା କହିଥିଲେ। ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପୁରୀ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ପୁରୀ ହୋଟେଲ ଆସୋସିଏଶନ ସମ୍ପାଦକ ରାଜକିଶୋର ପାତ୍ର, ଶ୍ରୀଜଗନ୍ନାଥ ମନ୍ଦିରର ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ, ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ମାଧବ ଚନ୍ଦ୍ର ପୂଜାପଣ୍ଡା ସାମନ୍ତ, କସ୍ତୁରୀ ସୁଆର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଡ. ଶ୍ରୀନିବାସ ବରଖେଡ଼ି ଓ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ରଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ପରେ ଚଳଚ୍ଚିତ୍ର 'ଆଜିର ରେବତୀ' ପ୍ରଦର୍ଶିତ ହୋଇଥିଲା।



ଚଳଚ୍ଚିତ୍ର 'ଆଜିର ରେବୀତ'ର ପ୍ରିମିୟର ଉତ୍ସବରେ ସମ୍ବର୍ଦ୍ଧିତ କଳାକାରମାନେ।

# ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଅଧିକାରୀଙ୍କ ତଦନ୍ତ

- ସ୍କୁଲ୍‌ରେ ମଇଳା ପାଣିରେ ମଧ୍ୟାହ୍ନଭୋଜନ ଘଟଣା
- ସ୍ୱଚ୍ଛତାକୁ ଗୁରୁତ୍ୱ ଦିଅ, ନଚେତ୍ କାର୍ଯ୍ୟାନୁଷ୍ଠାନ

ଗୋପ,୨୧।୬(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅଞ୍ଚଳର କେତେକ ସ୍କୁଲରେ ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯିବା ସହ ମଇଳା ପାଣିରେ ମଧ୍ୟାହ୍ନଭୋଜନ ରୋଷେଇ ହେବା ନେଇ ଶନିବାର ଜିଲା ଓ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ସ୍କୁଲରେ ତଦନ୍ତ କରାଯାଇଛି। ଏହି ତଦନ୍ତବେଳେ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଓ ବ୍ଲକ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର କର ମଧ୍ୟାହ୍ନଭୋଜନ ରୋଷେଇ ସମୟରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଯଦି ଏପରି ନିର୍ଦ୍ଦେଶକୁ କୌଣସି ସ୍କୁଲ କର୍ତ୍ତୃପକ୍ଷ ଗୁରୁତ୍ୱ ନ ଦିଅନ୍ତି ତା'ହେଲେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

ପ୍ରକାଶ ଯେ, ଖରାଦିନ ଛୁଟିରେ ଦେଢ଼ମାସ ପରେ ଶୁକ୍ରବାର ସ୍କୁଲଗୁଡ଼ିକ ଖୋଲିଥିଲା। ଏହିସବୁ ସ୍କୁଲ ଖୋଲିବା ପୂର୍ବରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠି ନମ୍ବର-୧୬୭୬୮ରେ ସମସ୍ତ ସ୍କୁଲର ପିଇବା ପାଣି, ମଧ୍ୟାହ୍ନ ଭୋଜନ, ସ୍କୁଲ ପରିବେଶ ସହ ଅନ୍ୟାନ୍ୟ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଏପରି ଏକ ସରକାରୀ ନିର୍ଦ୍ଦେଶକୁ ଗୋପ ବ୍ଲକର କେତେକ ସ୍କୁଲ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇ ନ ଥିଲେ। ଶନିବାର ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲରେ ମଇଳା ପାଣିରେ ମଧ୍ୟାହ୍ନଭୋଜନ ରୋଷେଇ ନେଇ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀ ପହଞ୍ଚି ଏହାର ତଦନ୍ତ କରିଥିଲେ। ଅସ୍ୱାସ୍ଥ୍ୟକର ପରିବେଶରେ ମଧ୍ୟାହ୍ନଭୋଜନ ହେଉଥିବା ଦେଖିବାକୁ ପାଇବା ପରେ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଗିଦା କରିଥିଲେ। ପୂର୍ବାହ୍ନରେ ମଧ୍ୟ ୨ ଶିକ୍ଷା ଅଧିକାରୀ ଗୋପ ବ୍ଲକର ଛଇତନା ନୋଡାଲ ସ୍କୁଲ ସମେତ ଆଉ କେତେକ ସ୍କୁଲକୁ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିବା ଜଣାପଡ଼ିଛି। ଏହି ପ୍ରସଙ୍ଗରେ ଜିଲା ଶିକ୍ଷାଧିକାରୀ ପାଢ଼ୀଙ୍କୁ ପଚାରିବାରେ, ଖବର ପ୍ରକାଶିତ ହେବା ପରେ ସେମାନେ ବିଭିନ୍ନ ସ୍କୁଲ ବୁଲି ଦେଖିଥିଲେ। ଯଦି କୌଣସି ସ୍କୁଲ ଏହି ନିର୍ଦ୍ଦେଶକୁ ବେଖାତିର କରନ୍ତି, ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ଦୃଷ୍ଟିରୁ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ନିଆଯିବ। ୨ ଦିନ ମଧ୍ୟରେ ସ୍କୁଲଗୁଡ଼ିକର ପାଣିଟାଙ୍କି ସଫା କରାଯିବା ସହ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ପାଢ଼ୀ କହିଥିଲେ।



ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀ ଏକ ସ୍କୁଲରେ ପହଞ୍ଚି ତଦନ୍ତ କରୁଛନ୍ତି ।

## ଫଟୋରେ ଖବର



ଏନ୍‌ସିସି କ୍ୟାଡେଟ୍‌ଙ୍କ ପକ୍ଷରୁ ଯୋଗ କରାଯାଉଛି।



ପତଞ୍ଜଳି ପକ୍ଷରୁ ଅନୁଷ୍ଠିତ ଅନ୍ତର୍ଜାତୀୟ ଯୋଗ ଶିବିର।

# ଯୋଗ ଶାନ୍ତି, ଆତ୍ମସଚେତନତା ଜାଗ୍ରତ କରେ



## ଯୋଗାଭ୍ୟାସ କଲେ ରାଜ୍ୟପାଳ

ଭୁବନେଶ୍ୱର, ୨୧।୬ (ସୌମ୍ୟରଞ୍ଜନ ରାଉତ)

ଅନ୍ତର୍ଜାତୀୟ ଯୋଗ ଦିବସ ଶନିବାର ରାଜଭବନସ୍ଥିତ ନ୍ୟୁ ଅଭିଷେକ ହଲ୍‌ଠାରେ ପାଳିତ ହୋଇଯାଇଛି। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ଯୋଗଦେଇ ଯୋଗ ଅଭ୍ୟାସ କରିଥିଲେ। ଏହି ଅବସରରେ ରାଜ୍ୟପାଳ କହିଲେ, ଯୋଗ କେବଳ ଏକ ଶାରୀରିକ କାର୍ଯ୍ୟକଳାପ ନୁହେଁ, ଏହା ଏକ ଜୀବନଶୈଳୀ, ଯାହା ଅନ୍ତରରେ ଶାନ୍ତି, ସ୍ଥିରତା ଏବଂ ଆତ୍ମସଚେତନତାକୁ ଜାଗ୍ରତକରେ। ପ୍ରାଚୀନ ଭାରତୀୟ ଜ୍ଞାନର ମୂଳ ଯୋଗ ଶରୀର, ମନ ଏବଂ ଆତ୍ମାରେ ସମନ୍ୱୟ ଆଣେ। ପ୍ରକୃତି ସହ ଆମର ସମ୍ପର୍କକୁ ସୁଦୃଢ଼ କରିଥାଏ। ଯୋଗ ପରି କାଳଜୟୀ ଅଭ୍ୟାସ ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଏବଂ ସନ୍ତୁଳିତ ଜୀବନ ଆଡ଼କୁ ମାର୍ଗଦର୍ଶନ କରିବ ବୋଲି ରାଜ୍ୟପାଳ କହିଛନ୍ତି। ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବା ପାଇଁ ଯୋଗର ଆବଶ୍ୟକତା ଏବଂ ଏହାର ବିଭିନ୍ନ ପଦ୍ଧତି ସମ୍ପର୍କରେ ଯୋଗ ପ୍ରଶିକ୍ଷକ ଅଜିତ କୁମାର ରଣାଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷକ ଡ. ସୁଶୀଲ ପଟ୍ଟନାୟକ ଏବଂ କ୍ରିତିଷ୍ଣା ମହାପାତ୍ର ଯୋଗଶିକ୍ଷା ପ୍ରଦାନ କରିଥିଲେ। ଚଳିତବର୍ଷ ଯୋଗ ଦିବସର ଶୀର୍ଷକ ଥିଲା 'ଏକ ପୃଥିବୀ ଏବଂ ଏକ ସ୍ୱାସ୍ଥ୍ୟ'। କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତଙ୍କ ସମେତ ରାଜଭବନର ଅଧିକାରୀ,କର୍ମଚାରୀ ଅଂଶ ଗ୍ରହଣ କରି ଯୋଗାଭ୍ୟାସ କରିଥିଲେ।



ଭୁବନେଶ୍ୱରସ୍ଥିତ ବିଜେଇଏମ୍ ସ୍କୁଲରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ଆୟୋଜିତ ଯୋଗ କାର୍ଯ୍ୟକ୍ରମ।

## ନିସ୍ ଶିକ୍ଷାନୁଷ୍ଠାନରେ ଯୋଗ ଦିବସ

ଭୁବନେଶ୍ୱର,୨୧।୬ (ଅନୁରାଧା ମହାରଣା)

ନିସ୍ ଶିକ୍ଷାନୁଷ୍ଠାନ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଯୋଗ ଶିବିରରେ ମୁଖ୍ୟ ଅତିଥି ଭାବେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡ. ସୁଭାଷ ଚନ୍ଦ୍ର ନାୟକ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଶିକ୍ଷା ସହ ଯୋଗକରନ୍ତୁ। ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଯୋଗ ଏକ ଶକ୍ତିଶାଳୀ ମାଧ୍ୟମ ବୋଲି ସେ କହିଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ରାଜେଶ ସ୍ୱାଇଁ, ଡେପୁଟି ଡାଇରେକ୍ଟର ଡ. ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଜଏଣ୍ଟ ରେଜିଷ୍ଟ୍ରାର ଡ. ଭବାନୀ ଶଙ୍କର ରଥ, ପ୍ରଶାସନିକ ଅଧିକାରୀ ପୀ ତାମ୍ବର ଚୟନୀ ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ଆଇଟି, କମ୍ପ୍ୟୁଟରସାଇନ୍ସ, ମ୍ୟାନେଜ୍‌ମେଣ୍ଟ, ଇଞ୍ଜିନିୟରିଂ ଓ ଡିପ୍ଲୋମାର ଛାତ୍ରୀଛାତ୍ରମାନେ ଯୋଗାଭ୍ୟାସ କରିଥିଲେ।

## ଓଏଚ୍‌ପିସିରେ ଅନ୍ତର୍ଜାତୀୟ ଯୋଗ ଦିବସ

ଭୁବନେଶ୍ୱର,୨୧।୬(ଅନୁରାଧା ମହାରଣା)

ଓଡ଼ିଶା ଜଳବିଦ୍ୟୁତ୍ ନିଗମର କର୍ପୋରେଟ କାର୍ଯ୍ୟାଳୟ ଏବଂ ୟୁନିଟ୍‌ଗୁଡ଼ିକରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ସତ୍ୟାନନ୍ଦ ଯୋଗ ବିଦ୍ୟାଳୟର ସହଭାଗିତାରେ ଓଏଚ୍‌ପିସି ପ୍ରଶିକ୍ଷଣ କେନ୍ଦ୍ରରେ ସକାଳ ଅଧିବେଶନରେ ସତ୍ୟାନନ୍ଦ ଯୋଗ ବିଦ୍ୟାଳୟ ପକ୍ଷରୁ ଯୋଗଗୁରୁ ପ୍ରକାଶ ଚନ୍ଦ୍ର ଗଜେନ୍ଦ୍ର ଏବଂ ଆୟସାକାନ୍ତା ଦାସଙ୍କ ଦ୍ୱାରା ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ଅଧିବେଶନରେ ନିଗମର ଯୋଗଗୁରୁ ତଥା ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ଉପପ୍ରବନ୍ଧକ ଶୁଭେନ୍ଦୁ କୁମାର ବିଶ୍ୱାଳ ଯୋଗାସନର ବିଭିନ୍ନ କ୍ରମ ଉପରେ ଅଂଶଗ୍ରହଣକାରୀମାନଙ୍କୁ ଜ୍ଞାନ ପ୍ରଦାନ କରିଥିଲେ। ଓଏଚ୍‌ପିସିର ମାନବ ସମ୍ବଳ ନିର୍ଦ୍ଦେଶକ ସନ୍ଦୀପ ପଟ୍ଟନାୟକଙ୍କ ଗରିମାମୟ ଉପସ୍ଥିତିରେ ଉଦ୍‌ଘାଟନୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସମାବେଶକୁ ସମ୍ବୋଧିତ କରି ପଟ୍ଟନାୟକ କହିଲେ, 'ଯୋଗ ଗୋଟିଏ ଦିନର ଅଭ୍ୟାସ ନୁହେଁ, ଏହା ଆମର ଦୈନନ୍ଦିନ କାର୍ଯ୍ୟରେ ଏକ ନିୟମିତ ଅଭ୍ୟାସ ହେବା ଉଚିତ।' ପ୍ରକାଶ ଚନ୍ଦ୍ର ଗଜେନ୍ଦ୍ର ଶରୀରରେ ଶକ୍ତି ସ୍ତର ବୃଦ୍ଧି ପାଇଁ ଯୋଗ ନିଦ୍ରା ଏବଂ କପାଳଭାତି, ଅନୁଲୋମ ବିଲୋମ ଇତ୍ୟାଦି ବିଭିନ୍ନ ପ୍ରାଣାୟାମ ବିଷୟରେ ବୁଝାଇଥିଲେ।

## ପ୍ରଭୁଜୀରେ ହଟ୍ଟଯୋଗ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ




ଭୁବନେଶ୍ୱର,୨୧।୬(ଅନୁରାଧା ମହାରଣା)

ଭିଏସ୍‌ଏସ୍ ନଗରସ୍ଥିତ ପ୍ରଭୁଜୀ ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶିକ୍ଷାନୁଷ୍ଠାନର କୋଷାଧ୍ୟକ୍ଷ ଶୋଭାକର ଦାସ ଫତେସିଂହ ବିଦ୍ୟାଳୟ ପରିସରରେ ହଟ୍ଟଯୋଗ ଶିକ୍ଷାକେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ସେ କହିଲେ, ଯୋଗ ଶରୀର ମନ ପ୍ରାଣ ଓ ଆତ୍ମା ଭିତରେ ଏକ ସମନ୍ୱୟ ଆଣିବା ସହ ଆମକୁ ଦୀର୍ଘଜୀବୀ କରାଇବାରେ ସାହାଯ୍ୟ କରିଥାଏ। ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱାମୀ ଶଙ୍କରାନନ୍ଦ ଗିରି ମହାରାଜ କହିଲେ, ଯୁଦ୍ଧ ଓ ବିଭୀଷିକାମୟ ପୃଥିବୀରେ ଯୋଗ ହିଁ ଏକ ମାତ୍ର ଔଷଧୀ। ଏହା ସମଗ୍ର ପୃଥିବୀରେ ଶାନ୍ତି ଓ ମୈତ୍ରୀ ଆଣିପାରିବ ବୋଲି ସେ ମତ ଦେଇଥିଲେ। ବିଦ୍ୟାଳୟର ସହ-ସମ୍ପାଦିକା ପ୍ରୀତିନନ୍ଦା ମହାପାତ୍ର, ଅଧ୍ୟକ୍ଷ ଅଲେଖ ଚରଣ ନାୟକ ପ୍ରମୁଖ ଯୋଗ ଉପରେ ମତ ରଖିଥିଲେ। ବିଦ୍ୟାଳୟର ଶୈକ୍ଷିକ ପ୍ରମୁଖ କିଷ୍ଟୁଚାନ୍ଦ ପୃଷ୍ଟି ସଂଯୋଜନା କରିଥିବାବେଳେ ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଯୋଗ ଶିକ୍ଷକ ଅଶୋକ କୁମାର ସାହୁ ଏବଂ ଯୋଗ ଶିକ୍ଷୟିତ୍ରୀ ସ୍ନେହାସିନୀ ମହାନ୍ତି ଯୋଗଶିକ୍ଷା ପ୍ରଦାନ କରିଥିଲେ। ସାଂସ୍କୃତିକ ମୁଖ୍ୟ ତପସ୍ୱିନୀ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଯୋଗ ଦିବସ ପରିଚାଳିତ ହୋଇଥିଲା।

## ଟାଉନ କ୍ଲବ୍ ଭଙ୍ଗା ନ ଯାଉ

ପୁରୁଣା ଭୁବନେଶ୍ୱର,୨୧।୬(ସୁବାସ ଚନ୍ଦ୍ର ପ୍ରଧାନ)

ପୁରୁଣା ଭୁବନେଶ୍ୱରର ଟାଉନ କ୍ଲବର ସ୍ୱତନ୍ତ୍ର ପରିଚୟ ରହିଛି। ଭାରତର ପୂର୍ବତନ ପ୍ରଧାମନ୍ତ୍ରୀ ଜବାହାରଲାଲ ନେହେରୁ ଏହି ଟାଉନ କ୍ଲବ ଚାଳ ଘରେ କିଛି ସମୟ ବିତାଇଥିବା ଇତିହାସ ରହିଛି। ଏହି କ୍ଲବକୁ ଏକାମ୍ର ମେଗା ଯୋଜନାରେ ସାମିଲ କରାଯାଇଛି। ବିଏମ୍‌ସି ପକ୍ଷରୁ କ୍ଲବ୍ ଉଚ୍ଛେଦ ପାଇଁ ନୋଟିସ ଜାରି କରାଯାଇଥିବା କ୍ଲବ ଉପସଭାପତି ସନତ ମିଶ୍ର କହିଛନ୍ତି। ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷତା କରି କ୍ଲବ ସଭାପତି ସୁରେଶ କୁମାର ରାଉତରାୟ କହିଲେ, କ୍ଲବର ଚାଳ ଘରେ ବିଦ୍ୟାଳୟ ଏବଂ ପରେ ବୀଣାପାଣି ପାଠାଗାର ଏଠାରେ ଚାଲିଥିଲା। ଏକଦା ଡ.ହରେକୃଷ୍ଣ ମହତାବ, ନୀଳମଣି ରାଉତରାୟ, ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ମାନେ ଆଜୀବନ ସଭ୍ୟ ଥିଲେ। ତେଣୁ ଏହି କ୍ଲବକୁ ଭଙ୍ଗା ନ ଯାଉ ବୋଲି କ୍ଲବ ସମ୍ପାଦକ ପୃଥ୍ୱୀରାଜ ମହାପାତ୍ର, ଉପଦେଷ୍ଟା ମଣ୍ଡଳୀ ସଦସ୍ୟା ରଶ୍ମି ମହାପାତ୍ର, ବ୍ରାହ୍ମଣ ନିଯୋଗ ସମ୍ପାଦକ କହିଛନ୍ତି।

## ମାନସ ରଞ୍ଜନ ଭୀମେଶ୍ୱର ମନ୍ଦିର ସମିତି ସଭାପତି

### ପଦ୍ମନାଭ ସମ୍ପାଦକ

ପୁରୁଣା ଭୁବନେଶ୍ୱର,୨୧।୬(ସୁବାସ ଚନ୍ଦ୍ର ପ୍ରଧାନ)

ଶ୍ରୀଭୀମେଶ୍ୱର ମନ୍ଦିର ସମିତିର ତ୍ରୟୋବିଂଶତମ ସାଧାରଣ ଅଧିବେଶନ ଭୀମେଶ୍ୱର ମନ୍ଦିର ପୀଠରେ ଶୁକ୍ରବାର ସନ୍ଧ୍ୟାରେ ମାନସ ରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ସଦସ୍ୟଙ୍କ ନାମ ପଞ୍ଜୀକରଣ ପରେ ସଭା ଆରମ୍ଭ ହୋଇଥିଲା। ଏହି ସାଧାରଣ ଅଧିବେଶନ ନିମିତ୍ତ ମୁଦ୍ରିତ ପୁସ୍ତିକା ଉପଦେଷ୍ଟା କାଶୀନାଥ ସାହୁ ଉନ୍ମୋଚନ କରିବା ପରେ ସଦସ୍ୟଙ୍କ ମଧ୍ୟରେ ଏହା ବଣ୍ଟନ କରାଯାଇଥିଲା। ସଭାପତିଙ୍କ ସ୍ୱାଗତ ଅଭିଭାଷଣ ପରେ ଦିବଂଗତ ସଦସ୍ୟଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ନୂତନ ସଦସ୍ୟଙ୍କୁ ସାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଦ୍ୱାବିଂଶତମ ଅଧିବେଶନର ବିବରଣୀ, ସମ୍ପାଦକୀୟ ବିବରଣୀ, ବିଗତ ବର୍ଷର ହିସାବ ବିବରଣୀ, ଆଗାମୀ ବର୍ଷ ପାଇ ବଜେଟ, ବିଭିନ୍ନ ସାଂଗଠନିକ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଏହା ପରେ ନୂତନ କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟି ସଭ୍ୟମାନଙ୍କ ନିର୍ବାଚନ ହୋଇଥିଲା। ନିର୍ବାଚନ ଅଧିକାରୀ କାଶୀନାଥ ସାହୁ ଓ ସହଯୋଗୀ ବିଶ୍ୱରଞ୍ଜନ ଚୌଧୁରୀ ନିର୍ବାଚନ ପରିଚାଳନା କରିଥିଲେ। ମାନସ ରଞ୍ଜନ ପଟ୍ଟନାୟକ ସଭାପତି, ଗଣେଶ କୁମାର ପ୍ରଧାନ କାର୍ଯ୍ୟକାରୀ ସଭାପତି, ଶିବ ନାରାୟଣ ରାୟ ଉପସଭାପତି, ପଦ୍ମନାଭ ଷଡ଼ଙ୍ଗୀ ସମ୍ପାଦକ, ଶଙ୍କର ମହାପାତ୍ର ଯୁଗ୍ମ ସମ୍ପାଦକ, ଉପେନ୍ଦ୍ର ବରାଳ ସାଙ୍ଗଠନିକ ସମ୍ପାଦକ, ଶଙ୍କର ସାହୁ କୋଷାଧ୍ୟକ୍ଷ, ରଞ୍ଜନ କୁମାର ରାଉତ ଯୁଗ୍ମ କୋଷାଧ୍ୟକ୍ଷ,ଅଜିତ କୁମାର ମହାପାତ୍ର ସମୀକ୍ଷକ ଭାବେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟଭାବେ ବିଷ୍ଣୁ ଚରଣ ପ୍ରଧାନ, ବାଇଧର ପାତ୍ର, ମଧୁସୂଦନ ସ୍ୱାଇଁ, ନୀଳ ମୋହନ ତ୍ରିପାଠୀ, ସୁଧାଂଶୁ ଶେଖର ହରିଚନ୍ଦନ, ଚିନାମୟୀ ପାତ୍ର, ମନୋଜ ଜେନା, ବିଶ୍ୱଜିତ ପାଳ, କେଳୁଚରଣ ପାହାଡ଼ ସିଂହ ମନୋନୀତ ହୋଇଛନ୍ତି। ନୀଳମୋହନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ସୁରେନ୍ଦ୍ର ମହାନ୍ତି ଓଡ଼ିଆ ସାହିତ୍ୟ ଜଗତର ବିସ୍ମୟ ପୁରୁଷ

### 'ଓଡ଼ିଆ ସାହିତ୍ୟର ଆଦିପର୍ବ', 'ଓଡ଼ିଆ ସାହିତ୍ୟର ମଧ୍ୟପର୍ବ ଓ ଉତ୍ତର ମଧ୍ୟପର୍ବ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୨୧।୬ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ସାହିତ୍ୟ ଜଗତର ବିସ୍ମୟ ପୁରୁଷ ହେଉଛନ୍ତି ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି। କେବଳ କବିତାକୁ ଛାଡ଼ି ସାହିତ୍ୟର ସମସ୍ତ ବିଭାଗରେ ତାଙ୍କର ଅନେକ ଅବଦାନ ରହିଛି। ଜୀବନୀ, ଆତ୍ମଜୀବନୀ, ନାଟକ, ପ୍ରବନ୍ଧ, ଭ୍ରମଣ ବୃତ୍ତାନ୍ତ, ସମାଲୋଚନା, ସ୍ତମ୍ଭଲେଖ ଆଦି ସହିତ ସେ ଖବରକାଗଜର ଜଣେ ସଫଳ ସମ୍ପାଦକ ହୋଇଥିଲେ। ରାଜନୀତିରେ ପାଦ ଥାପି ସେ ଏମ୍‌ପି ନିର୍ବାଚିତ ହୋଇଥିଲେ। ସାହିତ୍ୟରେ ଏଭଳି ବ୍ୟକ୍ତିତ୍ୱ ବିରଳ ବୋଲି ସୁରେନ୍ଦ୍ର ମହାନ୍ତିଙ୍କ ୧୦୪ତମ ଜୟନ୍ତୀ ଉତ୍ସବ ଅବସରରେ ସାହିତ୍ୟିକ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ କହିଛନ୍ତି। ଏଥିସହ ସେ ସୁରେନ୍ଦ୍ର ମହାନ୍ତିଙ୍କ ଲିଖିତ 'ଓଡ଼ିଆ ସାହିତ୍ୟର ଆଦିପର୍ବ' ଓ 'ଓଡ଼ିଆ ସାହିତ୍ୟର ମଧ୍ୟପର୍ବ ଓ ଉତ୍ତର-ମଧ୍ୟପର୍ବ' ପୁସ୍ତକକୁ ଉନ୍ମୋଚନ କରିଥିଲେ। 'ଆମ ଓଡ଼ିଶା' ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଶନିବାର ଗୀତଗୋବିନ୍ଦ ସଦନରେ ଆୟୋଜିତ ଏହି ଉତ୍ସବରେ ସମ୍ମାନିତ ଅତିଥିରୂପେ ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି ଯୋଗଦେଇ କହିଲେ, ମୁଁ ତାଙ୍କ ରକ୍ତର ହୋଇଥିଲେ ହେଁ ପାଠକ ପାଠିକା ବାପାଙ୍କ ପ୍ରକୃତ ସନ୍ତାନ ସନ୍ତତି ଥିଲେ। କଥାକାର ଗୌରହରି ଦାସ କହିଲେ, ସକଳ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସୁରେନ୍ଦ୍ର ମହାନ୍ତି ଜଣେ ସମର୍ଥ ଲେଖକ ହୋଇପାରିଥିଲେ। ଶ୍ରୀଜଗନ୍ନାଥ, ମଧୁସୂଦନ ଦାସ ଓ ଗୌତମ ବୁଦ୍ଧ ହେଉଛନ୍ତି ତାଙ୍କର ତିନି ପ୍ରମୁଖ ସାରସ୍ୱତ ଆଧାର। ସେ ଥିଲେ ସମୟାନୁବର୍ତ୍ତୀ ଓ ସ୍ୱାଭିମାନୀ। କେବଳ ସାହିତ୍ୟ ନୁହେଁ, ସାମାଜିକ ବିଧି ବ୍ୟବସ୍ଥାକୁ ସେ ପ୍ରଭାବିତ କରିପାରିଥିଲେ। ସେ ଥିଲେ ଶବ୍ଦର ସବ୍ୟସାଚୀ। ଏହି ଅବସରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ଲେଖକ ଡ. ରାଜକିଶୋର ପାଢ଼ୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ସୁରେନ୍ଦ୍ରଙ୍କ ଗଳ୍ପ 'ମାଂସର କୋଣାର୍କ'କୁ ନେଇ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ବିଶ୍ୱଜିତ ସାହୁ ଏହାର ନିର୍ଦ୍ଦେଶନା ଦେଇଥିବାବେଳେ ଅଭିନେତା ପାର୍ଥସାରଥି ରାୟ, ସାଇଶ୍ରେଷ୍ଠ ଦାସ ଓ ଅଭିନେତ୍ରୀ ଜ୍ୟୋତିର୍ମୟୀ କର ଏଥିରେ ଅଭିନୟ କରିଥିଲେ। ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଧନ୍ୟବାଦ ଦେଇଥିଲେ।

## ଅନ୍ତର୍ଜାତୀୟ ଯୋଗ ଦିବସ

### ଭୁବନେଶ୍ୱର ଏମ୍ସ



ଭୁବନେଶ୍ୱର, ୨୧।୬ (ବନ୍ଦନା ସେଠୀ)

ଏମ୍ସ ଭୁବନେଶ୍ୱରରେ ଶନିବାର ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ପାଳିତ ହୋଇଯାଇଛି। ଆୟୁଷ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ସହିତ ଯୋଗ ଆଧାରିତ ପଦ୍ଧତିକୁ ସଂଯୋଜିତ କରିବା ପାଇଁ ପ୍ରତିଷ୍ଠାନର ଚାଲିଥିବା ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ଏମ୍ସ ଭୁବନେଶ୍ୱର ବିଭିନ୍ନ ଚିକିତ୍ସା କ୍ଷେତ୍ରରେ ଯୋଗର ଚିକିତ୍ସା ସମ୍ଭାବ୍ୟତା ଅନୁସନ୍ଧାନ କରିବା ପାଇଁ ସହଯୋଗପୂର୍ଣ୍ଣ ଗବେଷଣା, କ୍ଲିନିକାଲ ସେବା ଏବଂ ସାମୁଦାୟିକ ପ୍ରସାରରେ ସକ୍ରିୟ ଭାବରେ ନିୟୋଜିତ ଥିବା ଡା. ବିଶ୍ୱାସ କହିଥିଲେ। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଯୁଗ୍ମ ସଚିବ ବିଜୟ ବେହେରା ଯୋଗଦେଇଥିଲେ। ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ଆୟୁଷ ବିଭାଗ ମୁଖ୍ୟ ଡା. ପ୍ରଶାନ୍ତ କୁମାର ସାହୁଙ୍କ ସମେତ ଅଧାପକ, ଡାକ୍ତରୀ, ନର୍ସିଂ ଏବଂ ପାରା-ମେଡିକାଲ ଛାତ୍ରୀଛାତ୍ର, କର୍ମଚାରୀ ଏବଂ ସାଧାରଣ ଜନତା ଏଥିରେ ଅଂଶଗ୍ରହଣ କରିଥିଲେ।

### ପାର୍କ ଆସୋସିଏଶନ



ଭୁବନେଶ୍ୱର, ୨୧।୬(ସୌମ୍ୟରଞ୍ଜନ ରାଉତ)

ଆଧୁନିକ ଜୀବନର ଚାପ, ବିଭିନ୍ନ ରୋଗ ଓ ଭାବପ୍ରବଣତା ଅଶାନ୍ତି ବୃଦ୍ଧିର ପ୍ରମୁଖ କାରଣ। ଏଥିପାଇଁ ଯୋଗ ଶାରୀରିକ, ମାନସିକ ଶାନ୍ତି ଭାବପ୍ରବଣତା ନିୟନ୍ତ୍ରଣ ଓ ସ୍ଥିରତା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ବୋଲି ମତପ୍ରକାଶ ପାଇଛି। ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ବିଜୁ ପଟ୍ଟନାୟକ ପାର୍କ ପରିସରରେ ପାର୍କ ଆସୋସିଏଶନ ପକ୍ଷରୁ ଯୋଗ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଆସୋସିଏଶନର ଦୁର୍ଯ୍ୟୋଧନ ପରିଡା, ଉତ୍କଳ କୁମାର ଆଇଚ, ଅନିରୁଦ୍ଧ ସାହୁ, ନାରାୟଣ ସାହୁ, ପୂର୍ଣ୍ଣ ରଥ, ରାଜେଶ, ବିଜୟ, ମନୋଜ ପାତ୍ର ଏବଂ ଦିବାକର ମିଶ୍ର ପ୍ରମୁଖ ସାମିଲ ଥିଲେ।

## ପୂର୍ବତଟ ରେଳପଥ ପାଳିଲା ଯୋଗ ଦିବସ



ଭୁବନେଶ୍ୱର,୨୧।୬(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ପକ୍ଷରୁ ଭୁବନେଶ୍ୱରସ୍ଥିତ ରେଲ୍‌ୱେ ଇନ୍‌ଡୋର ଷ୍ଟାଡିୟମରେ ଯୋଗ ଦିବସ ପାଳିତ ହୋଇଯାଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲାଙ୍କ ନେତୃତ୍ୱରେ ଆୟୋଜିତ ଏହି ଯୋଗ କାର୍ଯ୍ୟକ୍ରମରେ ରେଳ କର୍ମଚାରୀ ଏବଂ ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରି ଯୋଗାଭ୍ୟାସ କରିଥିଲେ। ସମାବେଶକୁ ସମ୍ବୋଧିତ କରି ଫୁଙ୍କୱାଲା କହିଲେ, ମାନସିକ ସ୍ୱଷ୍ଟତା ବୃଦ୍ଧି, ଚାପ ହ୍ରାସ ଏବଂ ଶାରୀରିକ ସୁସ୍ଥତାରେ ଉନ୍ନତି ଆଣିବାରେ ଯୋଗର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

### ଦକ୍ଷିଣ ପୂର୍ବ ରେଳପଥ



ଭୁବନେଶ୍ୱର,୨୧।୬(ଅନୁରାଧା ମହାରଣା)

ଦକ୍ଷିଣ-ପୂର୍ବ ରେଳପଥ ଶନିବାର ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଛି। ଏହି ବର୍ଷର ବିଷୟବସ୍ତୁ ଥିଲା 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇ ଯୋଗ'। କୋଲକାତା ଗାର୍ଡେନରିଚସ୍ଥିତ ଦକ୍ଷିଣ ପୂର୍ବ ରେଳପଥ ମୁଖ୍ୟାଳୟର ଅଧିକାରୀ କ୍ଲବ୍‌ରେ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମକୁ ମହାପ୍ରବନ୍ଧକ ଅନିଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅପର ମହାପ୍ରବନ୍ଧକ ସୌମିତ୍ର ମଜୁମଦାର, ପ୍ରମୁଖ ବିଭାଗୀୟ ମୁଖ୍ୟ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଦି ଆର୍ଟ ଅଫ୍ ଲିଭିଂ କୋଲକାତା ସେଣ୍ଟରର ବିଶେଷଜ୍ଞ ଯୋଗ ପ୍ରଶିକ୍ଷକମାନେ କମନ ଯୋଗ ପ୍ରୋଟୋକଲ (ସିଓୱାଇପି) ଅଭ୍ୟାସ କରାଇଥିଲେ। ଦକ୍ଷିଣ ପୂର୍ବ ରେଳପଥର ଚାରୋଟି ମଣ୍ଡଳ ଖଡ଼ଗପୁର, ଆଦ୍ରା, ଚକ୍ରଧରପୁର ଏବଂ ରାଞ୍ଚିରେ ମଧ୍ୟ ଯୋଗ ଦିବସ ପାଳିତ ହୋଇଥିଲା।

## ଫଟୋ ରେ ଖବର



ଭୁବନେଶ୍ୱରର ସିଆରପିଏଫ୍ କ୍ୟାମ୍ପସରେ ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ଯୋଗାଭ୍ୟାସ।




ଅନ୍ତର୍ଜାତୀୟ ଯୋଗ ଦିବସରେ ଶନିବାର ପ୍ରୟାସ ପକ୍ଷରୁ ବୁଦ୍ଧ ମନ୍ଦିରରେ ଯୋଗ ଅଭ୍ୟାସ କରାଯାଇଛି।

## ସଂକ୍ଷେପରେ

### ବୈଶ୍ୟ ସମାଜ ପକ୍ଷରୁ ଚାରାରୋପଣ

**ବାଙ୍କୀ,୨୧।୬(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ବ୍ଲକ ସୁବର୍ଣ୍ଣପୁର ପଞ୍ଚାୟତ ଅନ୍ତର୍ଗତ ଘୋଡ଼ାବର ଗ୍ରାମ ତୈଳିକ ସମାଜ ପକ୍ଷରୁ ଯୋଗ ଦିବସ ଉପଲକ୍ଷେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ସରପଞ୍ଚ ପ୍ରତିନିଧି ଭ୍ରମରବର ଦଳେଇ, ପୂର୍ବତନ ସରପଞ୍ଚ ତରୁଣ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଚାରା ରୋପଣ କରିଥିଲେ। ପ୍ରକୃତି ଓ ପରିବେଶକୁ ସନ୍ତୁଳିତ ରଖିବାକୁ ହେଲେ ବୃକ୍ଷର ଆବଶ୍ୟକତା ରହିଛି। ଏଣୁ ପ୍ରତ୍ୟେକ ବ୍ୟକ୍ତି, ନାଗରିକ, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜଙ୍ଗଲ, ଖୋଲାପଡିଆ, ରାସ୍ତାକଡରେ ଚାରା ରୋପଣ କରିବା ଏବଂ ତାହାର ଯତ୍ନ ନେବା ଆବଶ୍ୟକ ବୋଲି ବିଧାୟକ ତ୍ରିପାଠୀ ଉପସ୍ଥିତ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତୈଳିକ ସମାଜ ସଭାପତି ପୀତାମ୍ବର ସାହୁ, ସମ୍ପାଦକ ରମାକାନ୍ତ ସାହୁ, ସପ୍ତରାଜ୍ୟ ସଭାପତି ଶରତ ସାମନ୍ତରାୟ, ପ୍ରଶାନ୍ତ ସାମନ୍ତରାୟ, ପୂର୍ବତନ ସଭାପତି ଚନ୍ଦ୍ରମଣି ସାହୁ, ଉପସଭାପତି ପ୍ରଫୁଲ୍ଲ ସାହୁ, ପୂର୍ବତନ ସମ୍ପାଦକ ନରୋତ୍ତମ ସାହୁ ପ୍ରମୁଖ ଯୋଗଦେଇ ଆମ୍ବ, ବଉଳ , ଅଶୋକ ଦେବଦାରୁ ଆଦି ୫୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରିଥିଲେ ।

### ପୂର୍ବତନ ସରପଞ୍ଚ ଭବାନୀ ପ୍ରସାଦ ପଟ୍ଟନାୟକଙ୍କ ପରଲୋକ

**ଟିଗିରିଆ,୨୧।୬(ଜାଫର ଖାଁ)** ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତର ପୂର୍ବତନ ସରପଞ୍ଚ ଭବାନୀ ପ୍ରସାଦ ପଟ୍ଟନାୟକ(୬୯)ଙ୍କ ଶନିବାର ଅପରାହ୍ନରେ ନିଜିଗଡ଼ସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ୨୦୧୭ ରୁ ୨୦୨୨ ପର୍ଯ୍ୟନ୍ତ ଏହି ପଞ୍ଚାୟତର ସରପଞ୍ଚ ଭାବେ କାର୍ଯ୍ୟ କରିଥିଲେ। କିଛିଦିନ ହେବ ସେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଜଣେ ମେଳାପି, ଉତ୍ତମ ସଙ୍ଗଠକ, ସ୍ପଷ୍ଟବାଦୀ,ଧର୍ମ ପରାୟଣ ବ୍ୟକ୍ତି ଭାବେ ଭବାନୀ ସ୍ଥାନୀୟ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଭବାନୀଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଏକମାତ୍ର ପୁତ୍ର ସୋମେଶ କୁମାର ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ।

### ତାଲା ଭାଙ୍ଗି ରୁପା ମୁକୁଟ, ପିତ୍ତଳ ସାମଗ୍ରୀ ଚୋରି

#### ନାହାଳପୁର ହନୁମାନ ମନ୍ଦିରରୁ ଚୋରି

**ନିଶ୍ଚିନ୍ତକୋଇଲି,୨୧।୬(ଅଶୋକ କୁମାର ମହାପାତ୍ର) :** ନିଶ୍ଚିନ୍ତକୋଇଲି ବ୍ଲକ ଦାଉଦପୁର ପଞ୍ଚାୟତ ନାହାଳପୁରସ୍ଥିତ ହନୁମାନ ମନ୍ଦିରର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଶୁକ୍ରବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମହାବୀରଙ୍କ ଏକ ରୁପା ମୁକୁଟ, ପିତଳ ଘଣ୍ଟ, ଘଣ୍ଟି, ବାସନକୁସନ ସମେତ ବିଭିନ୍ନ ପୂଜା ସାମଗ୍ରୀ ଓ ଏକ ମାଇକ୍ ସେଟ୍ ଆଦି ଚୋରି କରି ନେଇଛନ୍ତି। ଏସମ୍ପର୍କରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ନେମାଳ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏହାକୁ ଭିତ୍ତି କରି ନେମାଳ ଥାନା ପକ୍ଷରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ।

### ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ

**ବାଙ୍କୀ,୨୧।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ରାଜ୍ୟରେ ଭାଜପା ସରକାରଙ୍କ ଏକବର୍ଷ ପୂର୍ତ୍ତି ଅବସରରେ ବାଙ୍କୀ ଏନ୍‌ଏସି ପକ୍ଷରୁ ଆରମ୍ଭ ହୋଇଥିବା ବିକାଶ ବାହାନ ପରିକ୍ରମା ଆନୁକୂଲ୍ୟରେ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଆଦର୍ଶ ଶ୍ମଶାନ ପରିସରରେ ବଉଳଗଛ ଲଗାଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ ରଣା, କାଉନସିଲର ସନାତନ ବେହେରା, ରାଜେନ୍ଦ୍ର ମହାପାତ୍ର, ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ସହକାରୀ ଯନ୍ତ୍ରୀ ରମେଶ ଚନ୍ଦ୍ର ସେଠୀ, ପ୍ରେସ୍‌କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର ଓ ସୀତାକାନ୍ତ ବେହେରା ପ୍ରମୁଖ ଯୋଗଦେଇ ଅର୍ଜୁନ, ପିଜୁଳି, ଅଁଳା, ଲିମ୍ବ ଆଦି ଚାରାରୋପଣ କରିଥିଲେ।



ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ଏନ୍‌ସିସି ଗ୍ରୁପ କଟକ ପକ୍ଷରୁ ସିଲଭର ସିଟି ବୋଟ୍ କ୍ଲବ ନିକଟରେ ଯୋଗାଭ୍ୟାସ କରୁଥିବା କ୍ୟାଡେଟ୍ ଓ ଅତିଥିମାନେ।



ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଶନିବାର ଯୋଗ ଦିବସ ପାଳନ କରାଯାଉଛି।

# ଯୋଗକୁ ଦୈନନ୍ଦିନ ଜୀବନରେ ସାମିଲ କର: ଉପମୁଖ୍ୟମନ୍ତ୍ରୀ

**କଟକ,୨୧।୬(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ସହରର ସରକାରୀ, ବେସରକାରୀ ଓ ବିଭିନ୍ନ ସଂସ୍ଥା, ସଙ୍ଗଠନ, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ପକ୍ଷରୁ ବିଭିନ୍ନ ସ୍ଥାନରେ ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କଟକସ୍ଥିତ ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଜିଲା ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଯୋଗଦେଇ ଯୋଗକୁ ଦୈନନ୍ଦିନ ଜୀବନରେ ସାମିଲ କରିବା ଆବଶ୍ୟକ, ଯୋଗ ହିଁ ଜୀବନ ବୋଲି ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ଯୋଗଦେଇଥିଲେ। କଟକ ଜିଲା ପ୍ରଶାସନ ଓ ଜିଲା ଅବକାରୀ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଯୋଗ ଦିବସରେ ଅତିରିକ୍ତ ଜିଲାପାଳ ଶିବ ଟପୋ, ଅତିରିକ୍ତ ଜିଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଉପଜିଲାପାଳ କଟକ




ଓଏମ୍‌ପିସ୍ଥିତ ୬ଷ୍ଠ ବାଟାଲିୟନ ଗ୍ରାଉଣ୍ଡରେ ପତଞ୍ଜଳି ଯୋଗ ପୀଠ ପକ୍ଷରୁ ଆୟୋଜିତ ଯୋଗାଭ୍ୟାସ।

ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଜିଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସିଲଭରସିଟି ବୋଟ୍ କ୍ଲବଠାରେ କଟକ ଗ୍ରୁପ ଏନ୍‌ସିସି ପକ୍ଷରୁ ଯୋଗ ଦିବସ ଗ୍ରୁପ କମାଣ୍ଡର କର୍ନେଲ ସତ୍ୟବ୍ରତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ ଏବଂ ବିଶିଷ୍ଟ ଅତିଥି ଭାବେ ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ବରିଷ୍ଠ ଅଧିକାରୀ ସନ୍ତୋଷ କୁମାର ପତି ଯୋଗଦେଇ ଶାରୀରିକ ଓ ମାନସିକ ସୁସ୍ଥତା ବଜାୟ ରଖିବାରେ ଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସ୍ଥଳସେନା, ନୌସେନା ଏବଂ ବାୟୁସେନା ବିଭାଗ ଏନ୍‌ସିସିର ବହୁ କ୍ୟାଡେଟ୍‌ମାନେ ଯୋଗଦେଇ ଯୋଗ କରିଥିଲେ। କଟକ ପତଞ୍ଜଳୀ ଯୋଗ ସମିତିର ଯୋଗଗୁରୁମାନେ ବିଭିନ୍ନ ଯୋଗାସନ ପରିବେଷଣ କରିଥିଲେ। ସେହିପରି ମୋକିମ ଫାଉଣ୍ଡେଶନ ପକ୍ଷରୁ ସିଡିଏସ୍ଥିତ ଉଇଣ୍ଡସର ପ୍ୟାଲେସଠାରେ ଅନ୍ତର୍ଜାତୀୟ ଯୋଗ ଦିବସରେ ବିଧାୟିକା ତଥା ଫାଉଣ୍ଡେଶନର ଟ୍ରଷ୍ଟି ସୋଫିଆ ଫିର୍ଦ୍ଦୋସ ଓ କଂଗ୍ରେସ ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମ ଯୋଗଦେଇ ଯୋଗ ସୁସ୍ଥ ଶରୀର ଗଠନ କରିବାରେ ସହାୟକ ହୋଇଥାଏ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଅଭିନେତା ଶୁଭାଶିଷ ଶର୍ମା, ଦୀପକ ଦାସ, ଅଭିନେତା ପୁନମ ମିଶ୍ର, ମେଘ୍ନା ମିଶ୍ର, ଶୀତଲ ପାତ୍ର ଯୋଗଦେଇ ଯୋଗର ଉପାଦୟତା ବିଷୟରେ ଆଲୋକପାତ କରିଥିଲେ। ଯୋଗ ଶିକ୍ଷକ ଦେବାଶିଷ ହଲଧର ଯୋଗାଭ୍ୟାସ କରାଇଥିଲେ। ଫାଉଣ୍ଡେଶନର ଅନ୍ୟତମ ଟ୍ରଷ୍ଟି ମହମ୍ମଦ ଅଲିମ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଖ୍ରୀଷ୍ଟ କଲେଜ ପରିସରରେ ଯୋଗ ଦିବସକୁ କଲେଜ ଉପାଧକ୍ଷା ଡ. କ୍ଷଣପ୍ରଭା ନନ୍ଦ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗ ଶିକ୍ଷକ ସୂର୍ଯ୍ୟକାନ୍ତ ଧୀରଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଓ କର୍ମଚାରୀ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ସେହିପରି ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ଅନୁଷ୍ଠାନ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସରେ ଅନୁଷ୍ଠାନର ନିର୍ଦ୍ଦେଶକ ଡା. ଦୀପକ ରାଉତରାୟ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଡିନ୍ ପ୍ରଫେସର ଡା. ରେଖା ଦାସ, ଅଧୀକ୍ଷକ ପ୍ରଫେସର ଡା. ନିହାରିକା ପଣ୍ଡା ଯୋଗଦେଇ ଯୋଗର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ପ୍ରତିଭା ପୃଷ୍ଟି, ପ୍ରଫେସର ସୁମିତା ମହାନ୍ତି, ପ୍ରଫେସର ଭାଗ୍ୟଲକ୍ଷ୍ମୀ ନାୟକ, ପ୍ରଫେସର ସାଗରିକା ସାମନ୍ତରାୟ, ଡା. ସସ୍ମିତା ପଣ୍ଡା, ଡା. ପ୍ରଶାନ୍ତ ପରିଡା, ବାସନ୍ତୀଲତା ନାୟକ, ସୁବ୍ରତ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ଜୁନିୟର ଡାକ୍ତର ଆସୋସିଏଶନ ଓ ୟୁଜି ଛାତ୍ର ସଂଘ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ମେଡିକାଲ କଲେଜ ଅଧକ୍ଷା ପ୍ରଫେସର ଡା. ଲୁସି ଦାସ ଯୋଗଦେଇ ଯୋଗ ମଣଷ ଶରୀରକୁ ସୁସ୍ଥ ରଖିଥାଏ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଅଧୀକ୍ଷକ ପ୍ରଫେସର ଡା. ଜ୍ୟୋତିର୍ମୟ ନାୟକ, ପ୍ରଫେସର ଡା. ମନୋରଞ୍ଜନ ଦାସ, ପ୍ରଫେସର ଡା. ଲକ୍ଷ୍ମୀଧର ଦାସ, ଜେଡିଏ ସଭାପତି ଡା. ଚିନ୍ମୟ କୁମାର ପ୍ରଧାନ, ସମ୍ପାଦକ ବିକାଶ କୁମାର ପଣ୍ଡା, ୟୁଜି ଛାତ୍ର ସଂଘ ସଭାପତି ସନାତନ ସତ୍ୟଜିତ, ସମ୍ପାଦକ ଚିନ୍ମୟ ବେହେରାଙ୍କ ସମେତ ସମସ୍ତ ଡାକ୍ତର ଓ ଡାକ୍ତରୀ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




ବାଙ୍କୀରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଯୋଗ ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ର, ଅତିଥି ଓ ଅନ୍ୟମାନେ।



ଟିଗିରିଆ ବ୍ଲକ ଅନ୍ତର୍ଗତ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଯୋଗାଭ୍ୟାସ କରୁଛନ୍ତି।

## ଶାରୀରିକ, ମାନସିକ ସୁସ୍ଥତା ପାଇଁ ଯୋଗ ଅମୋଘ ଅସ୍ତ୍ର

**ଟିଗିରିଆ, ୨୧।୬ (ଜାଫର ଖାଁ) :** ଟିଗିରିଆ ବ୍ଲକ ନୂଆପାଟଣାସ୍ଥିତ ପିଏମ୍‌ଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟଠାରେ ବ୍ଲକଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଶନିବାର ଆନ୍ତର୍ଜାତିକ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକଶିକ୍ଷା ଅଧିକାରୀ ଅମର କୁମାର ମହାରଣା ଯୋଗଦେଇ କହିଥିଲେ, ଶାରୀରିକ ମାନସିକ ସୁସ୍ଥତା ପାଇଁ ଯୋଗ ଏକ ଅମୋଘ ଅସ୍ତ୍ର ବୋଲି କହିଥିଲେ। ସେହିପରି ଭାରତୀୟ ଯୋଗ ସଂସ୍ଥାନ ନୂଆଦିଲ୍ଲୀ ଦ୍ୱାରା ପରିଚାଳିତ ନୂଆପାଟଣା ଯୋଗ ଜିଲାର ୧୭ଟି କେନ୍ଦ୍ରର ଯୋଗ ସାଧିକା ସାଧକଙ୍କୁ ନେଇ ନୂଆପାଟଣା ସରସ୍ୱତୀ ଶିଶୁ ମନ୍ଦିରଠାରେ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି।
**ବଡମ୍ବା,(ମାୟାଧର ମଲ୍ଲିକ):** ବଡ଼ମ୍ବାସ୍ଥିତ ମହର୍ଷି ଦୟାନନ୍ଦ ଯଜ୍ଞ ମଣ୍ଡପରେ ପ୍ରାଣ ଯୋଗ ପ୍ରତିଷ୍ଠାନ ପକ୍ଷରୁ ଅନୁଷ୍ଠିତ ଆନ୍ତର୍ଜାତିକ ଯୋଗ ଦିବସରେ ପ୍ରତିଷ୍ଠାନର ଅଧ୍ୟକ୍ଷ ଯୋଗ ଗୁରୁ ଚନ୍ଦ୍ରଶେଖର ମହାନ୍ତି ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ବଡମ୍ବା ଶାଖା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ରତ୍ନମଣି ଭଉଣୀ ଯୋଗଦେଇଥିଲେ।
**ଆଠଗଡ,(ସତ୍ୟ ପ୍ରସାଦ ରଥ):** ଆଠଗଡ଼ ଯୋଗସେବା କେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଯୋଗ ଦିବସରେ ମୁଖ୍ୟ ଅତିଥି ଭାବେ ଆଠଗଡ ତହସିଲଦାର କୁଞ୍ଜବିହାରୀ ବଡଜେନା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଆଠଗଡ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଭୁବନାନନ୍ଦ ଦାସ ଯୋଗ ଦେଇଥିଲେ। ସେହିପରି ଶୁଭଦୀପା କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଯୋଗ ଦିବସରେ ଅବସରପ୍ରାପ୍ତ ସେନା କର୍ମଚାରୀ ଯୋଗ ଦେଇଥିଲେ। ଆଠଗଡ ବିକାଶ ପରିଷଦ ସଭାପତି ରାମନାରାୟଣ ମହାନ୍ତି ଏହାର ନେତୃତ୍ୱ ନେଇଥିଲେ। ସେହିପରି ସରସତୀ ଶିଶୁ ବିଦ୍ୟାମନ୍ଦିର, ବାଣୀକଣ୍ଠନଗରରେ ଆୟୋଜିତ ଯୋଗଦିବସରେ ଭାଜପା ନେତା ଅଭୟ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।
**ସାଲେପୁର,(ଅରବିନ୍ଦ ଭୂୟାଁ):** ସାଲେପୁରରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଆନ୍ତର୍ଜାତୀୟ ଯୋଗଦିବସରେ ପତଞ୍ଜଳି ଯୋଗ ସମିତିର ତହସିଲ ପ୍ରଭାରୀ ପ୍ରତାପ କୁମାର ମହାନ୍ତିଙ୍କ ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହ, ଅନ୍ୟତମ ଅତିଥିଭାବେ ଆଜୀବନ ସଦସ୍ୟ ଶ୍ରୀକାନ୍ତ କୁମାର ଭୂୟାଁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଫାର୍ମାସୀ କଲେଜ ପରିସରରେ ଅଧ୍ୟକ୍ଷ ଡ. ପ୍ରବୀର କୁମାର ସିହ୍ନା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆନ୍ତର୍ଜାତିକ ଯୋଗଦିବସ ପାଳିତ ହୋଇଯାଇଛି।
**ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର):** ବାଙ୍କୀ ଚକାପଦା-ହରିରାଜପୁରସ୍ଥିତ ପ୍ରସିଦ୍ଧ ଶୈବପୀଠ ଅଖଣ୍ଡେଶ୍ୱର ପରିସରରେ ଶିଶୁଆ ସେବା ମୈତ୍ରୀ ସଙ୍ଗଠନ ପକ୍ଷରୁ ଆନ୍ତର୍ଜାତିକ ଯୋଗଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ତଥା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇଥିଲେ। ସେହିପରି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଙ୍କୀ ବ୍ଲକ୍ ଜଗନ୍ନାଥପୁର ପଞ୍ଚାୟତ କାର୍ଯ୍ୟାଳୟ, ଡମପଡ଼ା ବ୍ଲକ ସଭାଗୃହ, ବାଙ୍କୀ ଆଦିମାତା ଛକସ୍ଥିତ ଭାଜପା କାର୍ଯ୍ୟାଳୟ ଓ ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି।

## ଯୋଗାଭ୍ୟାସ ଦ୍ୱାରା ମାନସିକ ଚାପ ଦୂରହୁଏ

**କଟକ ସଦର,୨୧।୬(ସୁଶାନ୍ତ କୁମାର ଜେନା)**

୪୨ମୌଜାସ୍ଥିତ ସୁଦର୍ଶନ ଡିଗ୍ରୀ ମହାବିଦ୍ୟାଳୟରେ ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଗଣେଶ୍ୱର ଦାଶ, ଯୋଗ ଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତ, ବିରଞ୍ଚି କୁମାର ମହାପାତ୍ର, ଅଧ୍ୟାପିକା ସଂଘମିତ୍ରା ବିଶାଳ, ଡ.ସ୍ମୃତିସ୍ମିତା ବିଭୂତି ରାୟ, ରୁପାନନ୍ଦା କାନୁନଗୋଙ୍କ ସମେତ ଛାତ୍ରୀଛାତ୍ର ଯୋଗରେ ଅଂଶ ଗ୍ରହଣ କରିଥିଲେ। ୪୨ ମୌଜା ଭାଜପା ମଣ୍ଡଳ କଦମପଡ଼ା ନିକଟସ୍ଥ ମା' ସାରଳା ମନ୍ଦିର ପ୍ରାଙ୍ଗଣରେ ସାମାଜିକ କର୍ମୀ ଇଂ.ଆଶୋକ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଯୋଗ ଗୁରୁ ବିମଳ କିଶୋର ମହାନ୍ତି ଓ ସୁବାସ ଚନ୍ଦ୍ର ଗୋଛାୟତ ଯୋଗ ଶିବିର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସୁଧାଂଶୁ ଶେଖର ଦାସ, ପ୍ରିୟରଞ୍ଜନ ଖଟୁଆ, ଅଭିରାମ ଦଳାଇ, ବିଶ୍ୱଜିତ୍ ଭୋଳ, ସନ୍ତୋଷ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ। କିଶୋରନଗର ସ୍ଥିତ କଲ୍ୟାଣ ମଣ୍ଡପରେ ଆୟୋଜିତ ଯୋଗ ଶିବିରରେ ବ୍ରହ୍ମା କୁମାରୀ ରାଜ ଯୋଗିନୀ ସସ୍ମିତା, ଯୋଗ ପ୍ରଶିକ୍ଷକ ବିଶ୍ୱ ରଞ୍ଜନ ବିଶୋୟୀ ସ୍ଥାନୀୟ ଅଞ୍ଚଳ ଲୋକଙ୍କୁ ଯୋଗର ଉପକାରିତା ସମ୍ପର୍କରେ ଶିକ୍ଷା ଦେଇଥିଲେ।

### ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳନ

**କଣ୍ଟାପଡା,୨୧।୬(ସୁରନାରାୟଣ ସାହୁ)** ଓଲଟପୁରସ୍ଥିତ ଏସ୍‌ଭି ନିରତାର ଛାତ୍ରାବାସ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ଶନିବାର ପାଳିତ ହେଇଯାଇଛି। ଅନୁଷ୍ଠାନ ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ବିଶ୍ୱରଞ୍ଜନ ସାମଲ ଯୋଗଦେଇ ବିଭିନ୍ନ ଚାପରୁ ନିଜକୁ ମୁକ୍ତ ରଖିବା ପାଇଁ ନିୟମିତ ଯୋଗାଭ୍ୟାସ ଜରୁରି ବୋଲି କହିଥିଲେ। ବରିଷ୍ଠ ଯୋଗ ଓ ପ୍ରାକୃତିକ ଚିକିତ୍ସକ ସୁରେନ୍ଦ୍ର ପ୍ରଧାନ ଓ ନିବେଦିତା ସାହୁ ଯୋଗଦେଇ ଉପସ୍ଥିତ ଦିବ୍ୟାଙ୍କ ଓ ୧୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ନିରତାର କର୍ମଚାରୀଙ୍କୁ ଯୋଗାଭ୍ୟାସ କରାଇଥିଲେ। କାର୍ଯ୍ୟକ୍ରମ ଡ. ମୋନାଲିସା ପଟ୍ଟନାୟକ, ଡା. ପ୍ରଜ୍ଞା ସିଂ, କିରଣ କୁମାର ସୁବୁଦ୍ଧି, ରଞ୍ଜିତ ବେହେରା, ତପନ ପୃଷ୍ଟି ଓ ଅନ୍ତରା ଘୋଷ ପ୍ରମୁଖ ପରିଚାଳନା କରିଥିଲେ। ବିନୟ କୁମାର ଧନ୍ୟବାଦ ଦେଇଥିଲେ।
**ଚୌଦ୍ୱାର,୨୧।୬(ଆଶୁତୋଷ ଦାସ)** ଚୌଦ୍ୱାର ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ, ସାମାଜିକ ଅନୁଷ୍ଠାନ, ଶିଳ୍ପାନୁଷ୍ଠାନ ତଥା ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକ ପକ୍ଷରୁ ଯୋଗାଭ୍ୟାସ ଓ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶିଶୁ ସଦନରେ ଅନ୍ତେବାସୀ ଓ କର୍ମୀମାନେ ଯୋଗାଭ୍ୟାସ କରିଥିଲେ। ହିନ୍ଦ୍ ସେବକ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଶିଶୁ ସଦନ ମୁଖ୍ୟ ଦାମୋଦର ସାହୁ ସୁସ୍ଥ ଜୀବନରେ ଯୋଗର ଉପଯୋଗିତା ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ। ଅନୁରୂପ ଭାବେ ସ୍ଥାନୀୟ ଇମ୍ପା ଶିଳ୍ପାନୁଷ୍ଠାନ, ଚୌଦ୍ୱାର ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ସ୍ୱାଗତିକା ଫାଉଣ୍ଡେଶନ୍, ପ୍ରେସ୍‌କ୍ଲବ୍, ବରିଷ୍ଠ ନାଗରିକ କ୍ଲବ୍ ଆଦି ସହିତ ଅଞ୍ଚଳର ସମସ୍ତ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ, ଯୁବକ ସଂଘ ଓ ବିଭିନ୍ନ ସାମାଜିକ ସଙ୍ଗଠନରେ ଯୋଗାଭ୍ୟାସ ଅନୁଷ୍ଠିତ ହୋଇଛି।
**ଖୁଣ୍ଟୁଣୀ,୨୧।୬(ସଚ୍ଚିଦାନନ୍ଦ ପଣ୍ଡା)** ଖୁଣ୍ଟୁଣୀ ରାଧାନାଥ ରଥ ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ. ଶଶୀଭୂଷଣ ମିଶ୍ର, ଇତିହାସ ବିଭାଗ ମୁଖ୍ୟ ଅଧାପକ ମନୋରଞ୍ଜନ ମହାନ୍ତି, ଇତିହାସ ବିଭାଗ ଅଧାପକ ନିରଞ୍ଜନ ପତ୍ରି, ପ୍ରାଣୀ ବିଜ୍ଞାନ ଅଧାପକ ଉଦୟନାଥ ପରିଡା, ସଂସ୍କୃତ ବିଭାଗ ଅଧାପିକା କୁନ୍ତଳା ବେହୁରାୟ, ପିଇଟି ବାଦଲ ଚୌଧୁରୀ ପ୍ରମୁଖ ଯୋଗଦେଇ ଚଳିତବର୍ଷର ବାର୍ତ୍ତା 'ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ' ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଅଧାପକ ଦୀପ୍ତିରଞ୍ଜନ ବାରିକଙ୍କ ସଂଯୋଜନାରେ ଆୟୋଜିତ ଯୋଗ ଶିବିରରେ ଉପସ୍ଥିତ ଅଧ୍ୟକ୍ଷ, ଅଧାପିକା/ଅଧାପକ ଓ କର୍ମଚାରୀ ଏବଂ ଛାତ୍ରୀଛାତ୍ର ଯୋଗାଭ୍ୟାସ କରିଥିଲେ।



ଓଲଟପୁରସ୍ଥିତ ଏସ୍‌ଭି ନିରତାର ଛାତ୍ରାବାସ ପରିସରରେ ଯୋଗାଭ୍ୟାସ କରାଯାଉଛି।

**ସଂକ୍ଷେପରେ**

## ସ୍ୱେଚ୍ଛାସେବୀ ଅନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି

### ପୋଲିସ, ଏନ୍‌ଜିଓ ସଂଗଠନର ରଥଯାତ୍ରା ବୈଠକ

ପୁରୀ,୨୧।୬(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୨୭ରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହେବ। ଏହି ସମୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ରଥଯାତ୍ରାରେ ସ୍ୱେଚ୍ଛାସେବୀଙ୍କ ସେବା ଯେପରି ଶୃଙ୍ଖଳିତ ଓ ଭଲ ଭାବେ ହୋଇପାରିବ ସେ ନେଇ ଏସ୍‌ପି ବିନୀତ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସେବା ପ୍ରଦାନ କରୁଥିବା ୪୬୯ଟି ଏନ୍‌ଜିଓର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସଭାରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବୀ ପ୍ରତାପ, ଡିସି ଜିତେନ୍ଦ୍ର କୁମାର ଦେହୁରୀ, ଟ୍ରାଫିକ ଡିସିପି ରାଜକୁମାର ପରିଡ଼ା, ସିଂହଦ୍ୱାର, ଟାଉନ୍, କୁମ୍ଭାରପଡ଼ା ଓ ସମୁଦ୍ରକୂଳ ଥାନା ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ବଡ଼ଦାଣ୍ଡ ରାସ୍ତା ଜାମ ନ ହେବାକୁ ଦେବା ଏବଂ ଅନାବଶ୍ୟକ ବସ୍ତୁ ରାସ୍ତାରେ ନ ରଖିବାକୁ ଅନୁରୋଧ କରିଥିଲେ। ଖାଦ୍ୟ ଓ ପାନୀୟ ବଣ୍ଟନ ସମୟରେ ସଫାସୁତୁରା ଓ ପରିଚ୍ଛନ୍ନତା ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରାଥମିକ ଚିକିତ୍ସା ସେବାରେ ବ୍ୟବହୃତ ଇଞ୍ଜେକ୍ସନ, ସିରିଞ୍ଜ୍ ଓ ନିଡିଲ୍ ଠିକ୍ ଭାବେ ରଖିବା, ଏନ୍‌ଜିଓ ଆମ୍ବୁଲାନ୍ସ ସେବା ନିର୍ଦ୍ଦିଷ୍ଟ ଅଞ୍ଚଳରେ ପାର୍କିଂ କରିବେ। ଏହି ପରିପ୍ରେକ୍ଷୀରେ ଏସ୍‌ପି ଅଗ୍ରୱାଲ୍ କହିଛନ୍ତି, 'ରଥଯାତ୍ରା ହେଉଛି ଏକ ପବିତ୍ର ଉତ୍ସବ। ଏହାକୁ ସଫଳ କରିବା ପାଇଁ ଏନ୍‌ଜିଓମାନଙ୍କ ସେବାଦାନ ଅମୂଲ୍ୟ। ଆପଣମାନେ ଭାବନା ଓ ସମର୍ପଣ ନେଇ ଯେମିତି ଅଗ୍ରସର ହେଉଛନ୍ତି, ସେଥିପାଇଁ ପୁରୀ ପୋଲିସ ଏବଂ ଭକ୍ତମାନେ ଆପଣମାନଙ୍କୁ ଧନ୍ୟବାଦ ଜଣାଉଛନ୍ତି ବୋଲି ସେ କହିଥିଲେ।

# ସୁସ୍ଥ ଜୀବନଯାପନ ପାଇଁ ଯୋଗାଭ୍ୟାସ ଜରୁରୀ

**ଜିଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ**

କୋଣାର୍କ,୨୧।୬(ଜ୍ୟୋତିରାଜ ମହାନ୍ତି)

କୋଣାର୍କସ୍ଥିତ ସୂର୍ଯ୍ୟମନ୍ଦିର ସମ୍ମୁଖରେ ପୁରୀ ଜିଲା ପ୍ରଶାସନ, ଏଏସ୍‌ଆଇ କର୍ତ୍ତୃପକ୍ଷ ଓ କୋଣାର୍କ ଏନ୍‌ଏସିର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ସଙ୍ଗଠନ, ମହିଳା ସଙ୍ଗଠନ, ମାଇଁ ଯୁବ ଭାରତ, ଶିକ୍ଷାବିତ୍, ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ର ପ୍ରମୁଖ ସାମିଲ ହୋଇ ସମୂହ ଯୋଗାଭ୍ୟାସ କରିଥିଲେ।

ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଲେ, ସୁସ୍ଥ ସମାଜ ଗଠନ ଏବଂ ଦୈନନ୍ଦିନ ଜୀବନରେ ସୁସ୍ଥ ଓ ନିରାମୟ ଜୀବନଯାପନ ନିମନ୍ତେ ନିୟମିତ ଯୋଗ ଅଭ୍ୟାସ କରିବା ଅପରିହାର୍ଯ୍ୟ। ଯୋଗ ଶରୀରକୁ ସୁସ୍ଥ, ନୀରୋଗ ଓ କ୍ରିୟାଶୀଳ କରିବା ଦିଗରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥାଏ ବୋଲି ଉପମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ



ସୂର୍ଯ୍ୟମନ୍ଦିର ପରିସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ଚାରା ରୋପଣ କରୁଛନ୍ତି ।

ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ପୁରୀ ଏମ୍‌ପି ସମ୍ବିତ୍ ପାତ୍ର, ଭାସ୍କର୍ଯ୍ୟଶିଳ୍ପୀ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ଜଗତ୍‌ସିଂହପୁର ଏମ୍‌ପି ଡ. ବିଭୁପ୍ରସାଦ ତରାଇ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, କାକଟପୁର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ନିମାପଡ଼ା ପୂର୍ବତନ ବିଧାୟକ ବାଇଧର ମଲ୍ଲିକ ଓ ଏଏସ୍‌ଆଇ ପୁରୀ ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଡିବି ଗଡ଼ନାୟକ ପ୍ରମୁଖ ଯୋଗଦେଇ ଯୋଗ ଦିବସର ତାତ୍ପର୍ଯ୍ୟ ଓ ମାନବ ସମାଜ ପାଇଁ ଏହାର ଉପାଦେୟତା ସମ୍ପର୍କରେ କହିଥିଲେ। ପରେ ଅତିଥିମାନେ ସାମୂହିକ ଯୋଗାଭ୍ୟାସ ପରେ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ପୁରୀ ଜିଲାର ୧୧ଟି ବ୍ଲକ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ, ଶିକ୍ଷାବିତ୍, ଏନ୍‌ସିସି, ସ୍କାଉଟ୍‌ସ ଓ ଗାଇଡ୍‌ସ ଛାତ୍ରୀଛାତ୍ର ସମ୍ମିଳିତ ହୋଇ ସୂର୍ଯ୍ୟ ନମସ୍କାର, ପ୍ରାଣାୟାମ ଓ ଯୋଗର ବିଭିନ୍ନ ଆସନ ମାନ ପ୍ରଦର୍ଶନ କରିଥିଲେ।



ପୁରୀ ବେଳାଭୂମିରେ ଅନୁଷ୍ଠିତ ଯୋଗ ଶିବିରରେ ଯୋଗ ପ୍ରଶିକ୍ଷଣ ଦିଆଯାଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗ ଆବଶ୍ୟକ

**ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଯୋଗ ଦିବସ ପାଳିତ**

ପୁରୀ,୨୧।୬(ଅଜିତ୍ କୁମାର ମହାନ୍ତି)

ବିଶ୍ୱ ଯୋଗ ଦିବସ ଅବସରରେ ପୁରୀର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଛି। ପୁରୀ ଜିଲା ସ୍ୱେଚ୍ଛାସେବୀ ସଂଗଠନ ଦ ବେଲ୍ ଓ ୟୁଥ୍ ହଷ୍ଟେଲର ମିଳିତ ଆନୁକୂଲ୍ୟରେ ଯୋଗ ଦିବସ ପାଳନ ଅବସରରେ 'ଆମ ସ୍ୱାସ୍ଥ୍ୟ ଆମ ସମ୍ପତ୍ତି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଓ ପ୍ରଶିକ୍ଷକ ଭାବେ ପତଞ୍ଜଳି ଯୋଗ ପୀଠ ଟ୍ରଷ୍ଟ, ହରିଦ୍ୱାରର ଯୋଗ ପ୍ରଶିକ୍ଷିକା ମୋନାଲିସା ଦାସ ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗ ଓ ପ୍ରାଣାୟମ କରିବା ଆବଶ୍ୟକ ବୋଲି କହିଥିଲେ। ଶିବିରରେ ଶ୍ରୀଜଗନ୍ନାଥ ଫାଉଣ୍ଡେଶନ, ଶିଶୁ ସମାଚାର, ଦ ମିରର, କ୍ଷେତ୍ରମୋହନ ଫାଉଣ୍ଡେଶନ, ଶ୍ରୀ ସାଇ ଉଦୟ ଲକ୍ଷ୍ମୀ ଟ୍ରଷ୍ଟ ଭାରତ ଯୋଗ କେନ୍ଦ୍ର, ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ସହ ଏକଲବ୍ୟ ପାଠଶାଳାର ଛାତ୍ରୀଛାତ୍ରମାନେ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ।

ସେହିପରି ପୁରୀସ୍ଥିତ ୬ଷ୍ଠ ଓଡ଼ିଶା ବାଟାଲିୟନର ଏନ୍‌ସିସିରେ ଯୋଗ ଦିବସ ପାଳନ କରାଯାଇଛି। ବାଟାଲିୟନର ପ୍ରଶାସନିକ ଅଧିକାରୀ ଲେଫ୍ଟନାଣ୍ଟ କର୍ଣ୍ଣେଲ ଜେ. ବି. ସିଂହ ପରିଚାଳନା କରୁଥିଲେ। ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଆସୋସିଏଟ ଏନ୍‌ସିସି ଅଫିସର୍ କ୍ୟାପଟେନ ସଚ୍ଚିଦାନନ୍ଦ ସାହୁ, ଏସଏମଏସ ମହାବିଦ୍ୟାଳୟର କେୟାର ଟେକିଙ୍ଗ ଅଫିସର ରିତେଶ ମହାନ୍ତି ଏବଂ ବାଟାଲିୟନ ସ୍ଥାୟୀ ପ୍ରଶିକ୍ଷକମାନେ ସଂଯୋଜନା କରିଥିଲେ। ଏଥିରେ ପୁରୀର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରାୟ ୨୭୫ଜଣ କ୍ୟାଡେଟ ଅଂଶଗ୍ରହଣ କରିଥିଲେ। ସେହିପରି କଲେଜ୍ ଅଫ ଫାର୍ମାସୁଟିକାଲ ସାଇନସେସ୍ ମହାବିଦ୍ୟାଳୟରେ ଯୋଗ ଦିବସ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ କଲେଜ୍‌ଅଫ ଫାର୍ମାସୁଟିକାଲ ସାଇନ୍‌ସେସର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଏବଂ କର୍ମଚାରୀଙ୍କୁ ସଦାଶିବ ସଂସ୍କୃତ ମହାବିଦ୍ୟାଳୟର ପୂର୍ବତନ ପ୍ରଫେସର ସ୍ନେହା ନନ୍ଦ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସେହିପରି ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର କର୍ମମାର୍ଗ ଓ ଏନଏସ୍ଏସ୍, ଯୁବ ରେଡକ୍ରସର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଯୋଗ ଦିବସ ପାଳନ କରାଯାଇଛି।

## ଜୀବନଚର୍ଯ୍ୟାରେ ଯୋଗକୁ ସାମିଲ କରନ୍ତୁ

**ପୁରୀ ବ୍ଲୁ ଫ୍ଲାଗ ବିଚରେ ଅନ୍ତର୍ଜାତୀୟ ଯୋଗ ଦିବସ**

ପୁରୀ,୨୧।୬(ଅଜିତ୍ କୁମାର ମହାନ୍ତି)

ଜୀବନଚର୍ଯ୍ୟାର ପ୍ରତ୍ୟେକ ଦିନରେ ଯୋଗକୁ ସାମିଲ କରିବାକୁ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଶନିବାର ପୁରୀ ବ୍ଲୁ-ଫ୍ଲାଗ ବିଚ୍‌ଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଯୋଗ ଦିବସରେ ଆହ୍ୱାନ ଦେଇଛନ୍ତି। ଚଳିତ ବର୍ଷ ଯୋଗ ଦିବସର ଥିମ ରହିଛି 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ'। ଏଥିରେ ଯୋଗଦେଇ ଅତିରିକ୍ତ ଜିଲାପାଳ ଭୋଇ ଯୋଗ ଜୀବନକୁ ସୁସ୍ଥ ଓ ନୀରୋଗ ରଖିବା ସହ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିଥାଏ ବୋଲି କହିଥିଲେ। ଆଜିର ସମୟରେ ପ୍ରାୟ ଅଧିକାଂଶ ବ୍ୟକ୍ତି ବିଭିନ୍ନ ରୋଗର ଶିକାର ହେଉଛନ୍ତି। କିନ୍ତୁ ପ୍ରତ୍ୟହ ଯଦି ଯୋଗ କରିବା ନିଶ୍ଚିତ ରୋଗରୁ ମୁକ୍ତି ମିଳିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅବକାରୀ ଅଧୀକ୍ଷକ ଜଗଦୀଶ ସାମଲ, ସହକାରୀ ଜିଲାପାଳ ତନ୍ମୟ କୁମାର ଦାସ, କୃଷ୍ଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଯୋଗଗୁରୁ ରମାବଲ୍ଲଭ ମହାପାତ୍ର, ଡ. ଆଲୋକ ସ୍ୱାଇଁ ଓ ତାଙ୍କର ସହଯୋଗୀମାନେ ଯୋଗଶିକ୍ଷା ପ୍ରଦାନ କରିଥିଲେ। ଏହି ଯୋଗ କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଓ ଅବକାରୀ ବିଭାଗର କର୍ମଚାରୀମାନେ ଯୋଗ ଦେଇଥିଲେ। ଅବକାରୀ ବିଭାଗ ପକ୍ଷରୁ ନିଶାମୁକ୍ତ ଜୀବନ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ରୀଡ଼ା ବିଭାଗ କର୍ମଚାରୀ ସୌମ୍ୟ ପୂଜାରୀ, ଅବିନାଶ ମହାପାତ୍ର, ସୂଚନା ଓ ଲୋକ ସମ୍ପର୍କ କର୍ମଚାରୀ ସୁବ୍ରତ କୁମାର ସାହୁ, ତ୍ରିନାଥ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ୨ ମାସ ପରେ ଅପହୃତା ଉଦ୍ଧାର, ଜେଲ ଗଲେ ଅଭିଯୁକ୍ତ

ଗୋପ, ୨୧।୬
(ଭାରତୀ ଭୂଷଣ ଉପାଧ୍ୟାୟ)

ଦୀର୍ଘ ୨ ମାସ ପରେ କଲେଜରୁ ଅପହରଣ ହୋଇଥିବା ଗୋପ ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ଗୋପ ପୋଲିସ ଶୁକ୍ରବାର ସୁନ୍ଦରଗଡ଼ ଜିଲା ଅଧୀନ ରାଜଗାଙ୍ଗପୁର ଅଞ୍ଚଳରୁ ଉଦ୍ଧାର କରିଛି। ଏଥିସହ ପୋଲିସ ଅଭିଯୁକ୍ତ ଗୋପ ଥାନା ଅଧୀନ ତିରୁଣା ଅଞ୍ଚଳର ଯୁବକ ସିଦ୍ଧାନ୍ତ କୁମାର ସ୍ୱାଇଁ (୨୫)ଙ୍କୁ ପୋକ୍‌ସୋ ଆକ୍ଟରେ ଗିରଫକରି ଶନିବାର କୋର୍ଟ ଚାଲାଣ କରିଛି। ପରେ ତାଙ୍କୁ ଜେଲ ହାଜତକୁ ପଠାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିହାରୀ କହିଛନ୍ତି। ନାବାଳିକାଙ୍କ ଡାକ୍ତରୀମାଇନା କରାଯାଇଛି।

ପ୍ରକାଶ ଯେ, ନାବାଳିକା ଛାତ୍ରୀ ଏପ୍ରିଲ ୧୦ରେ କଲେଜ ଆସିଥିବାବେଳେ ସିଦ୍ଧାନ୍ତ ତାଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିଲେ। ପରିବାର ପକ୍ଷରୁ ଥାନାରେ ନାବାଳିକା ଅପହରଣ ଅଭିଯୋଗ ହେବାରୁ ପୋଲିସ ୧୧୪/୨୫ରେ ମାମଲା ରୁଜୁ ସହ ତଦନ୍ତ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ୨ ଦିନ ତଳେ ଅପହୃତା ତାମିଲନାଡୁରେ ଥିବା ଜଣାପଡ଼ିବା ପରେ ଗୋପ ଥାନା ଏସ୍‌ଆଇ ବୁଦ୍ଧରାୟ ମାଝୀ ଏକ ଟିମ୍ ସହ ସେଠାକୁ ଯିବାବେଳକୁ ଅଭିଯୁକ୍ତ ସେଠାରୁ ଚମ୍ପଟ ମାରି ଓଡ଼ିଶା ଆସିଯାଇଥିଲେ। ଥାନା ଅଧିକାରୀ ପଡ଼ିହାରୀଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ଦେବସ୍ମିତା ସିଂଙ୍କ ନେତୃତ୍ୱରେ ଆଉ ଗୋଟିଏ ଟିମ୍ ରାଜଗାଙ୍ଗପୁରର ବଡ଼ମାଳି ଗ୍ରାମର ଏକ ଭଡ଼ାଘରୁ ଶୁକ୍ରବାର ଭୋର ସମୟରେ ଅପହୃତାଙ୍କ ସମେତ ଅଭିଯୁକ୍ତ ସିଦ୍ଧାନ୍ତଙ୍କୁ ଗିରଫ କରିଥିଲା।

## ମିଲର ଧାନ ଉଠାଉ ନ ଥିବାରୁ ପ୍ରଶାସନର ଦ୍ୱାରସ୍ଥ ଚାଷୀ

**ଜିଲାପାଳ, ବିଡିଓ, ତହସିଲଦାର, ଥାନାବାବୁଙ୍କୁ ଦାବିପତ୍ର**

କଣାସ,୨୧।୬(ବିଭୂତି ଭୂଷଣ ତ୍ରିପାଠୀ)

ରାଜ୍ୟ ସରକାର ବହୁ ବିଳମ୍ବରେ କଣାସ ବ୍ଲକରେ ଧାନମଣ୍ଡି ଖୋଲିଥିଲେ। ହେଲେ ଚାଷୀ ଆଗରୁ ଆନ୍ଧ୍ର ବେପାରୀଙ୍କୁ ଶାଗ ମାଛ ଦରରେ ଧାନ ବିକି ଦେଇଥିଲେ। ତେବେ ଶନିବାର କଣାସ ବ୍ଲକ ସିରେଇ ସମବାୟ ସମିତି ଧାନମଣ୍ଡିରୁ ମିଲର ଧାନ ଉଠାଉ ନ ଥିବା ଅଭିଯୋଗରେ ଶତାଧିକ ଚାଷୀ ଜିଲାପାଳ, ସ୍ଥାନୀୟ ବିଡିଓ, ବ୍ଲକ ଯୋଗାଣ ଅଧିକାରୀ, ତହସିଲଦାର, ଥାନା ଅଧିକାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ଧାନ ଉଠା ନ ଯାଏ, ଆଗାମୀ ଦିନରେ ଚାଷୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଖବର ନେବାରେ ଜଣାପଡ଼ିଛି, ସିରେଇ ସମବାୟ ସମିତିର ୩୩୦ ଜଣ ଚାଷୀ ଅନ୍‌ଲାଇନରେ ଧାନ ବିକ୍ରି ପାଇଁ ନାମ ଦେଇଛନ୍ତି। ଚାଷୀଙ୍କ ପାଖରେ ୧୫,୦୦୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ବିକ୍ରି କରିବାକୁ ଥିବାବେଳେ ରାଜ୍ୟ ସରକାର ମାତ୍ର ୫,୨୫୨. ୪୧ କୁଇଣ୍ଟାଲ ଧାନ କିଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗୋପାଳଜୀ ରାଇସ୍ ମିଲ୍‌କୁ ୩,୦୫୨. ୪୧ କୁଇଣ୍ଟାଲ ଧାନ ଉଠାଇବାକୁ ନିର୍ଦ୍ଦେଶ ଦେଇଥିବାବେଳେ ଅଭିରାମ ରାଇସ୍ ମିଲ୍‌କୁ ୨,୦୦୦ କୁଇଣ୍ଟାଲ ଧାନ କିଣିବାକୁ ନିର୍ଦ୍ଦେଶ ରହିଛି। ସେଥିମଧ୍ୟରୁ ଗୋପାଳଜୀ ରାଇସ୍ ମିଲ୍ ୮୩୪ ଏବଂ ଅଭିରାମ ରାଇସ୍ ମିଲ୍ ୧,୭୭୭ କୁଇଣ୍ଟାଲ ଧାନ ଚାଷୀଙ୍କଠାରୁ ନେଇଥିବାବେଳେ ଅବଶିଷ୍ଟ ୨,୪୪୦ କୁଇଣ୍ଟାଲ ଧାନ ନ ଉଠାଇବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

# ସୁସ୍ଥ ସମାଜ ପାଇଁ ଯୋଗ ଅପରିହାର୍ଯ୍ୟ

ସାକ୍ଷୀଗୋପାଳ,୨୧।୬(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ସତ୍ୟବାଦୀ ବ୍ଲକ ପ୍ରଶାସନ ଓ ଭାରତ ସ୍ୱାଭିମାନ ପାତଞ୍ଜଳି ଯୋଗ ସମିତି ପକ୍ଷରୁ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ସତ୍ୟବାଦୀ ଉଚ୍ଚବିଦ୍ୟାଳୟରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ସୁସ୍ଥ ଜୀବନ ଯାପନ ପାଇଁ ନିୟମିତ ଯୋଗାଭ୍ୟାସ ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ତହସିଲଦାର ସନ୍ତୋଷ ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ ଓ ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ ଯୋଗଦେଇଥିଲେ। ମୁଖ୍ୟ ସଂଯୋଜକ ଯୋଗଗୁରୁ ସୁବାଷ ଚନ୍ଦ୍ର ମିଶ୍ର ଯୋଗାଭ୍ୟାସ କରାଇଥିଲେ। ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଯୋଗଗୁରୁ ଭଗବାନ ପାଲ ପିଲାଙ୍କୁ ଯୋଗାଭ୍ୟାସ କରାଇଥିଲେ। ପରେ କଲେଜରେ ଚାରାରୋପଣ କରାଯାଇଥିଲା।

**ପିପିଲି(ପ୍ରଭାତ କୁମାର ମହାପାତ୍ର/ଦୁର୍ଗା ମାଧବ ମିଶ୍ର):** ଜବାହର ବିଦ୍ୟାପୀଠରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପିପିଲି ଏନ୍‌ଏସି ଓ କନକ ଦୁର୍ଗା ଯୋଗ ସମିତି ମିଳିତ ଆନୁକୂଲ୍ୟରେ ଏହି ଯୋଗ ଦିବସ ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ



ପିପିଲିସ୍ଥିତ ଜବାହର ବିଦ୍ୟାପୀଠରେ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଯୋଗ କରୁଛନ୍ତି ।

ପଟ୍ଟନାୟକ ସମୂହ ଯୋଗ କରିଥିଲେ। ସୁସ୍ଥ ସମାଜ ଗଠନ ପାଇଁ ସମସ୍ତେ ଦୈନିକ ଯୋଗ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା, ସାମାଜିକକର୍ମୀ ପ୍ରଭାତ କୁମାର ମହାପାତ୍ର, ଅବସରପ୍ରାପ୍ତ ସେନା ଅଧିକାରୀ ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ଯୋଗ ଗୁରୁ ଦୀପକ ସ୍ୱାଇଁ ସମସ୍ତଙ୍କୁ ଯୋଗାଭ୍ୟାସ କରାଇଥିଲେ।

**ଡେଲାଙ୍ଗ,(ରଶ୍ମିରଞ୍ଜନ ପ୍ରଧାନ):** ଡେଲାଙ୍ଗ ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ତାଡାସନ, ବୃକ୍ଷାସନ, ଅର୍ଦ୍ଧକଟି ଚକ୍ରାସନ, ପାଦ ହସ୍ତାସନ ଆଦି ବିଭିନ୍ନ ଯୋଗାଭ୍ୟାସ କରାଯାଇଥିଲା। ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୋଗାଭ୍ୟାସ, ଶପଥ ପାଠ ଓ ଆଲୋଚନା ଚକ୍ର ହୋଇଥିଲା। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖେଲାଉର, ରାଧାକାନ୍ତ ବିଦ୍ୟାପୀଠ, ଗଡେଶ୍ୱର ଦେବ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୋଗର ମହତ୍ୱ ବାବଦରେ ଶିକ୍ଷା ଓ ଯୋଗାଭ୍ୟାସ କରାଯାଇଥିଲା।

**କୋଣାର୍କ,୨୧।୬(ଜ୍ୟୋତିରାଜ ମହାନ୍ତି):** ମାଇଁ ଯୁବ ଭାରତ ପକ୍ଷରୁ ସୂର୍ଯ୍ୟ ମନ୍ଦିର ସମ୍ମୁଖରେ ପୁରୀ ଜିଲା କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ସଙ୍ଗୀତା ମହାପାତ୍ର ଓ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ଯୋଗାଭ୍ୟାସ କରିଥିଲେ। ଗୋପ ବ୍ଲକ ବିଡିଓ ଛବିରାଣୀ ସାହୁ, ଗୋପ ତହସିଲଦାର ଅନିଲ ମହାନ୍ତି, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ ରଞ୍ଜନ ସେଠୀ, କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ ଓ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ ପ୍ରମୁଖ ପରିଚାଳନା କରିଥିଲେ।

**ନିମାପଡ଼ା,(ବିଚିତ୍ରାନନ୍ଦ ସାହୁ):** ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ନିମାପଡ଼ା ଏନ୍‌ଏସି ପଞ୍ଚାୟତ ସମିତି, ଯୋଗ ମହୋତ୍ସବ ସମିତିର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଯୋଗ ମହୋତ୍ସବ ପାଳିତ ହୋଇଯାଇଛି। ଅତିଥି ଭାବେ ତହସିଲଦାର ମନୋଜ ପ୍ରଧାନ, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, ସିଡିପିଓ ମାଧବୀ ମହାପାତ୍ର, ଯୋଗ ମହୋତ୍ସବ ସମିତି ସଭାପତି ପ୍ରମୋଦ ଚନ୍ଦ୍ର ମହାନ୍ତି, ସଂଯୋଜକ ସତ୍ୟାନାରାୟଣ ମିଶ୍ର, ଉମାଶଙ୍କର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୪୫ଟି ସରକାରୀ, ବେସରକାରୀ ଅନୁଷ୍ଠାନର ପ୍ରାୟ ୯୦୦ ବ୍ୟକ୍ତି, ପ୍ରଶାସନିକ ଅଧିକାରୀ ସାମିଲ ହୋଇଥିଲେ।

**କଣାସ,୨୧।୬(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକ ପକ୍ଷରୁ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ଓ କଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଲେଖା ମହାପାତ୍ର, ଯୋଗ ଶିକ୍ଷକ ରାମଚନ୍ଦ୍ର ସାମନ୍ତରାୟ, ଶାରୀରକ ଶିକ୍ଷା ଶିକ୍ଷକ ବିଭୁତି ଭୂଷଣ ରାଉତ, କଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗଙ୍ଗାଧର ମହାପାତ୍ର, ନିରଞ୍ଜନ ସ୍ୱାଇଁ ଯୋଗ ଶିକ୍ଷା ଓ ଯୋଗାଭ୍ୟାସ କରାଇଥିଲେ। ସେହିପରି ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟଙ୍କ ତତ୍ତ୍ୱାବଧାନରେ ଛାତ୍ରୀଙ୍କୁ ଯୋଗଶିକ୍ଷା ପ୍ରଦାନ କରାଯାଇଥିଲା।

**ଚାରିଛକ(ଶିଶିର କୁମାର ସ୍ୱାଇଁ ):** ଚାରିଛକସ୍ଥିତ ଏକାନ୍ତ ଆଶ୍ରମ ପରିସରରେ ଚାରିଛକ ପ୍ରେସ୍‌କ୍ଲବ ପକ୍ଷରୁ ଯୋଗ ଦିବସରେ ଯୋଗ ଗୁରୁ ବେଣୁଧର ନାୟକ ଯୋଗ ଶିକ୍ଷା ଦେଇଥିଲେ। ପ୍ରେସ୍‌କ୍ଲବ ଉପଦେଷ୍ଟା ପ୍ରଫେସର ଗୋପୀନାଥ କର, ଡ. ସନ୍ତୋଷ କୁମାର ମିତ୍ର, ସଭାପତି ପ୍ରଫୁଲ୍ଲ କର, କାର୍ଯ୍ୟକାରୀ ସଭାପତି ଶିଶିର ସ୍ୱାଇଁ ପ୍ରମୁଖ ଯୋଗ ଶିକ୍ଷା କରିଥିଲେ। ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଗୁରୁ ଶରତ ବେହେରା ଯୋଗଶିକ୍ଷା ଦେଇଥିଲେ। ସେହିପରି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ସଦସ୍ୟ, କବିରାଜ କୁଳମଣୀ ସାହୁ ମେମୋରିଆଲ ଟ୍ରଷ୍ଟ, ବରିଷ୍ଠ ନାଗରିକ ମଞ୍ଚ, ପ୍ରାଚୀ ସାହିତ୍ୟ ସଂସଦ, ଭଗବାନ ସାହୁ ଚାରିଟେବୁଲ ଟ୍ରଷ୍ଟ ଓ ଦିବାକର ସ୍ମୃତି ସଂସଦ ଓ ପାଠାଗାରର ସଦସ୍ୟମାନେ ଯୋଗଶିକ୍ଷା କରିଥିଲେ।

**ଗୋପ,୨୧।୬(ଭାରତୀ ଭୂଷଣ ଉପାଧ୍ୟାୟ):** ଗୋପ ହାପି କଲୋନୀସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଏବଂ ଜୟଦୁର୍ଗା ପ୍ରଭାତ ଶାଖା ତତ୍ତ୍ୱାବଧାନରେ ନିଗମାନନ୍ଦ ହାଇସ୍କୁଲ ଖେଳ ପଡ଼ିଆରେ ଯୋଗ ଶିବିର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୋଗ ଗୁରୁ ବ୍ରଜକିଶୋର ସ୍ୱାଇଁ ଏବଂ ସରସ୍ୱତୀ ଶିଶୁ ମନ୍ଦିରର ଆଚାର୍ଯ୍ୟ ଗୁରୁମାଙ୍କ ସମେତ ବିଦ୍ୟାଳୟ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

**ଅସ୍ତରଙ୍ଗ,୨୧।୬(ମମତା ଜେନା):** ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସ୍ଥାନ ସହ ବ୍ଲକ ପଡ଼ିଆଠାରେ ବ୍ଲକସ୍ତରୀୟ ଯୋଗଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଡିଓ ସସ୍ମିତା ବେହେରା, ଜଗତ୍‌ସିଂହପୁର ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସସ୍ମିତା ବେହେରା, ଛାତ୍ରୀଛାତ୍ର, ସ୍ଥାନୀୟ ବ୍ୟକିତଙ୍କ



ଗୋପ ବ୍ଲକ ଅନ୍ତର୍ଗତ ହାପି କଲୋନିସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରେ ଶିଶୁମାନେ ଯୋଗ କରୁଛନ୍ତି ।

ଉପସ୍ଥିତିରେ ଯୋଗ ପ୍ରଶିକ୍ଷକ ପ୍ରଶାନ୍ତ କୁମାର ନାୟକ, ଜୟୀରାମ ମୁଦୁଲି, ପ୍ରଫୁଲ୍ଲ ମହାନ୍ତି ଯୋଗଶିକ୍ଷା ଦେଇଥିଲେ। କାକଟପୁର ବ୍ଲକର ବିଭିନ୍ନ ସ୍ଥାନରେ ଯୋଗ କରାଯାଇଥିଲା।

**ଯୋଗେଶ୍ୱରପୁର(ରଶ୍ମିରଞ୍ଜନ ସାହୁ):** ନୟାହାଟ ଫାଣ୍ଡି ଅଧୀନ ଧୂମାଳ ପଞ୍ଚାୟତ କାର୍ଯ୍ୟାଳୟରେ ଯୋଗ ଦିବସରେ ପଞ୍ଚାୟତର ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଯୋଗାସନ, ପଦ୍ମାସନ, ଶୀର୍ଷାସନ ଭଳି ଅନେକ ଯୋଗ ଶିଖାଇଥିଲେ। ଏଥିରେ ସାମାଜିକ କର୍ମୀ ଅଭିମନ୍ୟୁ ସିଂହ, ଦିଲ୍ଲୀପ ରାୟ, ଦେବେନ୍ଦ୍ର ମହାନ୍ତି, ମୁଲୁ ରାୟ, ମିଟୁ ସେନାପତି, ସଚିନ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

**ବଳଙ୍ଗା,୨୧।୬(କେଦାରେଶ୍ୱର ନନ୍ଦ):** ସ୍ଥାନୀୟ ବଳଙ୍ଗା ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ଯୋଗ ଦିବସରେ 'ଯୋଗ ସମାଗମ' ଓ 'ଯୋଗ ପ୍ରଭା' ଆୟୋଜିତ ହୋଇଯାଇଛି। ପୁରୀ, ନୟାଗଡ଼ ଓ ଖୋର୍ଦ୍ଧା ଜିଲାର ସଂଘ ପରିବାର ସଂଯୋଜକ ଯୋଗଗୁରୁ କୈଳାସ ଚନ୍ଦ୍ର ମହାପାତ୍ର ସହଯୋଗୀ ଯୋଗ ପ୍ରଶିକ୍ଷକ ଲକ୍ଷ୍ମୀକାନ୍ତ ମହାପାତ୍ର ଓ ଅଶୋକ କୁମାର ବେହେରା ସମସ୍ତଙ୍କୁ ବୃକ୍ଷାଶନ, ଶୀର୍ଷାସନ, ତାଡ଼ାସନ ସମେତ ଅନେକ ପ୍ରାଣାୟମ ଅଭ୍ୟାସ କରାଇଥିଲେ।

# ପୂର୍ବ ପଦ ବଜାୟ ରଖିଲେ ୭, ବଦଳିଲେ ୨




ନବନିର୍ବାଚିତ କମିଟି ଅଧକ୍ଷା ଓ ଅଧକ୍ଷଙ୍କ ସହ ମେୟର ସୁଲୋଚନା ଦାସ, ଡେପୁଟି ମେୟର, ଅତିରିକ୍ତ କମିଶନର ଓ ଅନ୍ୟମାନେ।

ଭୁବନେଶ୍ୱର,୨୧।୬(ବନ୍ଦନା ସେଠୀ)

- ସରିଲା ବିଏମ୍‌ସି ଷ୍ଟାଣ୍ଡିଂ କମିଟି ଅଧକ୍ଷ ନିର୍ବାଚନ
- ମିହିରଙ୍କୁ ହରାଇ ରାମଚନ୍ଦ୍ର, କୁମାରେନ୍ଦ୍ରଙ୍କ ବଦଳରେ ଦୀପକ କମିଟି ଅଧକ୍ଷ

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୯ଟି ଷ୍ଟାଣ୍ଡିଂ କମିଟି ଅଧକ୍ଷ ଓ ଅଧକ୍ଷା ପଦ ପାଇଁ ଶନିବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ୭ କମିଟିର ଅଧକ୍ଷ ପଦ ଲାଗି ଅନ୍ୟ କେହି ପ୍ରାର୍ଥିପତ୍ର ଦାଖଲ ନ କରିବାରୁ ସେମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ସହ ପୂର୍ବପଦ ବଜାୟ ରଖିଥିଲେ। ସେମାନେ ହେଲେ ଟାକ୍ସେସନ, ଫାଇନାନ୍ସ ଆଣ୍ଡ ଆକାଉଣ୍ଟ୍ସ ଷ୍ଟାଣ୍ଡିଂ କମିଟିର ଅଧକ୍ଷ ରାଜକିଶୋର ଦାସ, ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରିସିଟି, ୱାଟର ସପ୍ଲାଏ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭାଇରନ୍‌ମେଣ୍ଟ କମିଟିର ବିରଞ୍ଚି ନାରାୟଣ ମହାସୂପକାର, ପବ୍ଲିକ୍ ୱାର୍କସ୍‌ର ଶ୍ରୀଧର ବେହେରା, ପ୍ଲାନିଂ ଆଣ୍ଡ ଡେଭଲପମେଣ୍ଟର ଶ୍ରୀଧର ଜେନା, ଲାଇସେନ୍ସ ଆଣ୍ଡ ଅପିଲ୍ସର ପ୍ରେମାନନ୍ଦ ଜେନା, ଗ୍ରିଭାନ୍‌ସେସ୍ ଆଣ୍ଡ ସୋସିଆଲ ଜଷ୍ଟିସ୍‌ର ବିନୟିନୀ ଜେନା ଏବଂ ସ୍ଲମ୍ ସେଟଲମେଣ୍ଟ ଆଡିଶନାଲ ଷ୍ଟାଣ୍ଡିଂ କମିଟିର ଅଧକ୍ଷ ମହାମାୟା ସ୍ୱାଇଁ। ସେହିପରି ଏଷ୍ଟାବ୍ଲିଶମେଣ୍ଟ କମିଟି ଅଧକ୍ଷ ଭାବେ ପୂର୍ବରୁ କୁମାରେନ୍ଦ୍ର ମହାପାତ୍ର ଥିବାବେଳେ ଏଥର ସେ ନାମାଙ୍କନପତ୍ର ଦାଖଲ କରି ନ ଥିଲେ। ତାଙ୍କ ସ୍ଥାନରେ ଦୀପକ ମିଶ୍ର ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଫଳରେ କେବଳ ଗୋଟିଏ କମିଟି ଅଧକ୍ଷ ପଦ ପାଇଁ ନିର୍ବାଚନ କରାଯାଇଥିଲା। ଏଜୁକେଶନ, ରିକ୍ରେଶନ ଆଣ୍ଡ କଲ୍‌ଚର ଷ୍ଟାଣ୍ଡିଂ କମିଟି ଅଧକ୍ଷ ପଦ ପାଇଁ ୱାର୍ଡ ନଂ.୨ର ବିଜେଡି କର୍ପୋରେଟର ମୋନାଲିସା ବେହେରା ଏବଂ ୱାର୍ଡ ନଂ.୫୦ର ଭାଜପା କର୍ପୋରେଟର ରାମଚନ୍ଦ୍ର ରଣସିଂହଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ରାମଚନ୍ଦ୍ର ବିଜୟୀ ହୋଇଛନ୍ତି। ସୂଚନାଯୋଗ୍ୟ, ବିଏମ୍‌ସି ଅଧୀନରେ ମୋଟ୍ ୧୦ଟି ଷ୍ଟାଣ୍ଡିଂ କମିଟି ଥିବାବେଳେ କଣ୍ଟ୍ରାକ୍ଟ କମିଟି ଅଧକ୍ଷ ଦାୟିତ୍ୱ ନିଜେ ମେୟର ସୁଲୋଚନା ଦାସ ସମ୍ଭାଳୁଛନ୍ତି। ବାକି ୯ କମିଟି ଅଧକ୍ଷ ପଦ ପାଇଁ ନିର୍ବାଚନ କରାଯାଇଥିଲା। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ବିଏମ୍‌ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲ୍‌ରେ ପୂର୍ବାହ୍ନ ୧୦ଟା ୩୦ରେ ସମସ୍ତ ଷ୍ଟାଣ୍ଡିଂ କମିଟି ଅଧକ୍ଷ ଓ ଅଧକ୍ଷା ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରାଯାଇଥିଲା। ଯାଞ୍ଚ ପରେ କାଏମ ରହିଥିବା ପ୍ରାର୍ଥୀଙ୍କ ନାମ ପ୍ରିଜାଇଡିଂ ଅଫିସର ଦାୟିତ୍ୱରେ ଥିବା ମେୟର ଘୋଷଣା କରିଥିଲେ। ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିଶନର ରତ୍ନାକର ସାହୁ, ସସ୍ମିତା ସାହୁ, ଡେପୁଟି କମିଶନର କାଜଲ ପ୍ରଧାନ, ଅଜୟ କୁମାର ମହାନ୍ତି ପ୍ରମୁଖ ସହାୟତା କରିଥିଲେ।

## ବିଜେଡିକୁ ହରାଇଲା ଭାଜପା

ଗତ ବିଏମ୍‌ସି ନିର୍ବାଚନରେ ବିଜେଡିର ଅଧାରୁ ଅଧିକ କର୍ପୋରେଟର ବାଜିମାତ୍ କରିବା ପରେ ଷ୍ଟାଣ୍ଡିଂ କମିଟିଗୁଡ଼ିକର ଅଧକ୍ଷ ପଦ ମଧ୍ୟ ସେମାନଙ୍କ ଖାତାକୁ ଯାଇଥିଲା। ଭାଜପା କର୍ପୋରେଟରମାନେ ସେମାନଙ୍କୁ ଟକ୍କରଦେଇ ପାରି ନ ଥିଲେ। ତେବେ ଏଥର ଭାଜପା କର୍ପୋରେଟର ରାମଚନ୍ଦ୍ର ରଣସିଂହ ବିଜେଡିର ମୋନାଲିସା ବେହେରାଙ୍କୁ ହରାଇ ଅଧକ୍ଷ ପଦ ହାତେଇଛନ୍ତି। ଏଜୁକେଶନ, ରିକ୍ରେସନ ଆଣ୍ଡ କଲ୍‌ଚର ଷ୍ଟାଣ୍ଡିଂ କମିଟି ଅଧକ୍ଷ ପଦରେ ପୂର୍ବରୁ ୱାର୍ଡ ନଂ.୧ର କର୍ପୋରେଟର ମିହିର ରାଉତ ରହିଥିବାବେଳେ ଏଥର ସେ ନାମାଙ୍କନ ଦାଖଲ କରି ନ ଥିଲେ। ତାଙ୍କ ବଦଳରେ ୱାର୍ଡ ନଂ. ୨ର କର୍ପୋରେଟର ମୋନାଲିସା ବେହେରା ନାମାଙ୍କନ ଭରିଥିଲେ। ଫଳରେ ରାମଚନ୍ଦ୍ର ଏବଂ ମୋନାଲିସାଙ୍କ ମଧ୍ୟରେ ନିର୍ବାଚନ ହୋଇଥିଲା। ସମ୍ପୃକ୍ତ ଷ୍ଟାଣ୍ଡିଂ କମିଟିରେ ୩ ଜଣ ବିଜେଡି, ୩ ଜଣ ଭାଜପା ଏବଂ ଜଣେ ସ୍ୱାଧୀନ କର୍ପୋରେଟର ରହିଛନ୍ତି। ପୂର୍ବରୁ ସ୍ୱାଧୀନ କର୍ପୋରେଟର

### ବାଜି ପଲଟାଇଲେ ରଶ୍ମିରଞ୍ଜନ

ରଶ୍ମିରଞ୍ଜନ ପାଇଁଶାଣୀ ବିଜେଡିକୁ ଭୋଟ ଦେଇ ଜିତାଇଥିବାବେଳେ ଏଥର ରାମଚନ୍ଦ୍ରଙ୍କୁ ଭୋଟ୍ ଦେଇ ବାଜି ପଲଟାଇ ଦେଇଛନ୍ତି। ମିହିର କହିଛନ୍ତି, ପୂର୍ବଥର ନିର୍ବାଚନ ବେଳେ ରଶ୍ମିରଞ୍ଜନ ଏନେଇ ସୂଚନା ଦେଇଥିଲେ। ଏଥର ସେ ଭାଜପାକୁ ଭୋଟ୍ ଦେବାକୁ ମନ କରିଥିବା ମଧ୍ୟ ଜଣାଇଥିଲେ। ତେଣୁ ଅଧକ୍ଷ ପଦ ପାଇଁ ନାମାଙ୍କନ ଭରି ନ ଥିଲି ବୋଲି ମିହିର କହିଛନ୍ତି। ସେହିପରି ଅଧକ୍ଷ ହେବା ପରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ସବୁଜିମା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ରାମଚନ୍ଦ୍ର କହିଛନ୍ତି। ଏଥିସହ ମହାନଗର ନିଗମରେ ଥିବା ବିଦ୍ୟାଳୟରେ ଶିକ୍ଷା ଏବଂ ଚାରାରୋପଣକୁ ଗୁରୁତ୍ୱ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

## ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷରେ ଅନୁକମ୍ପାମୂଳକ ସହାୟତା ରାଶି ବୃଦ୍ଧି ନେଇ ବିଜ୍ଞପ୍ତି

ଭୁବନେଶ୍ୱର, ୨୧।୬(ବନ୍ଦନା ସେଠୀ)

ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ରାଶିକୁ ବୃଦ୍ଧି କରାଯାଇଛି। ପୂର୍ବରୁ ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷରେ କୌଣସି ଲୋକଙ୍କ ମୃତ୍ୟୁ ହେଲେ କ୍ଷତିପୂରଣ ବାବଦକୁ ୬ଲକ୍ଷ ଟଙ୍କା ପ୍ରଦାନ କରାଯାଉଥିଲା। ତେବେ ଗତ ୯ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ରାଶିକୁ ବୃଦ୍ଧି କରି ୧୦ଲକ୍ଷ ଟଙ୍କା ଘୋଷଣା କରିଥିଲେ। ବନ୍ୟପ୍ରାଣୀ (ସୁରକ୍ଷା) (ଓଡ଼ିଶା) ଆଇନ, ୧୯୭୪ର ନିୟମ ୪୫-କେକେ ଦ୍ୱାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି ରାଜ୍ୟ ସରକାର ଅନୁକମ୍ପାମୂଳକ ରାଶିରେ ସଂଶୋଧନ କରିଛନ୍ତି। ଏନେଇ ଶନିବାର ଜଙ୍ଗଲ, ଜଳବାୟୁ ଓ ପରିବେଶ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ସଂଶୋଧିତ କ୍ଷତିପୂରଣ ଭାବେ ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷରେ ମୃତ୍ୟୁ ହେଲେ ୧୦ଲକ୍ଷ ଟଙ୍କା, ଆଂଶିକ ଘର କ୍ଷତିହେଲେ ୧୦ହଜାର ଟଙ୍କା, ରୋଷେଇ ଘର, ଧାନ ଗୋଦାମ, ଗୋରୁ ଗୁହାଳ, ଛେଳି ଆଶ୍ରୟସ୍ଥଳ ଆଦି କ୍ଷତି ହେଲେ ୩ହଜାର ଟଙ୍କା, ପକ୍କା ପାଚେରି, କାନ୍ଥ ଆଦି ଭାଙ୍ଗିଲେ ୫ହଜାର ଟଙ୍କା ଏବଂ ସର୍ବାଧିକ ୨୫ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ। ସେହିପରି ସଂଘର୍ଷରେ ସମ୍ପୂର୍ଣ୍ଣ ଘର ଭାଙ୍ଗିଲେ ଅନ୍ତ୍ୟୋଦୟ ଗୃହ ଯୋଜନା କିମ୍ବା ସମତୁଲ୍ୟ ଆର୍ଥିକ ସହଯୋଗ ପ୍ରଦାନ କରାଯିବ। ତେବେ ଅନ୍ୟ ପ୍ରକାର କ୍ଷୟକ୍ଷତି ପାଇଁ ପୂର୍ବରୁ ରହିଥିବା ଅନୁକମ୍ପାମୂଳକ ଦେୟ ହାର ଅପରିବର୍ତ୍ତିତ ରହିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

## ଲୋକମେଳାରେ ପୂର୍ବତଟ ରେଳପଥକୁ ପ୍ରଥମ ପୁରସ୍କାର



ଲୋକମେଳାରେ ପୂର୍ବତଟ ରେଳପଥକୁ ପୁରସ୍କୃତ କରାଯାଉଛି।

ଭୁବନେଶ୍ୱର,୨୧।୬(ଅନୁରାଧା ମହାରଣା)

ପୁରୀ ବେଳାଭୂମିରେ ଆୟୋଜିତ ରାଜ୍ୟସ୍ତରୀୟ ୨୩ତମ ଲୋକମେଳା ଏବଂ କୃଷି ପ୍ରଦର୍ଶନୀ - ୨୦୨୫ରେ ପୂର୍ବତଟ ରେଳପଥକୁ ପ୍ରଥମ ପୁରସ୍କାର ମିଳିଛି। ଉଲ୍ଲେଖନୀୟ ଏବଂ ସୂଚନାତ୍ମକ ପ୍ୟାଭିଲିୟନ ମାଧ୍ୟମରେ ରେଳପଥର ଭୂମିକା, ଯୋଗାଯୋଗ ବିକାଶ ଓ ଆଞ୍ଚଳିକ ଅଭିବୃଦ୍ଧିରେ ପୂର୍ବତଟ ରେଳପଥର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥ ସମେତ ବିଭିନ୍ନ ସରକାରୀ ବିଭାଗ ଓ ଉଦ୍ୟୋଗ, କୃଷି ଅନୁଷ୍ଠାନ ଓ ସାଂସ୍କୃତିକ ସଂଗଠନ ଏବଂ ଦେଶ ବିଦେଶରୁ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଷ୍ଟଲରେ ଭାରତୀୟ ରେଳପଥର ବୈଷୟିକ ପ୍ରଗତି, ଭିତ୍ତିଭୂମି ବିକାଶ ଏବଂ ଭବିଷ୍ୟତର ଦୃଷ୍ଟିକୋଣ ଉପରେ ଆଲୋକପାତ କରାଯାଇଥିଲା, ଯେଉଁଥିରେ ଜାତୀୟ ସଂଯୋଗ ଏବଂ ଆଞ୍ଚଳିକ ଅଭିବୃଦ୍ଧିରେ ପୂର୍ବତଟ ରେଳପଥ ଦ୍ୱାରା ଗ୍ରହଣ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଥିମାଟିକ ଉପସ୍ଥାପନା ସମାଜ ଓ ଅର୍ଥନୀତି ପ୍ରତି ପୂର୍ବତଟ ରେଳପଥର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ପ୍ରଦର୍ଶିତ କରିଥିଲା।

## ସୁରଭି ଜୈନ ଇନ୍‌ସ୍ପାୟାର ଫେଲୋଶିପ ପାଇଁ ମନୋନୀତ

ଭୁବନେଶ୍ୱର,୨୧।୬(ଅନୁରାଧା ମହାରଣା) - ଓଡ଼ିଶାର ଗବେଷିକା ଡ. ସୁରଭି ଜୈନଙ୍କୁ ୨୦୨୪ ବର୍ଷ ପାଇଁ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ (ଡିଏସଟି) ଦ୍ୱାରା ଦିଆଯାଉଥିବା 'ଇନ୍‌ସ୍ପାୟାର୍ ଫେଲୋଶିପ' ପାଇଁ ଚୟନ କରାଯାଇଛି। ଦେଶସାରା ଚୟନ ହୋଇଥିବା ୩୬ଜଣ ଇଞ୍ଜିନିୟରିଂ ଫେଲୋମାନଙ୍କ ମଧ୍ୟରୁ ଡ. ଜୈନଙ୍କ ସମେତ ୬ଜଣ ସିଭିଲ ଇଞ୍ଜିନିୟରିଂ ବର୍ଗରୁ ରହିଛନ୍ତି। ସେ ଏନ୍‌ଆଇଟି ରାଉରକେଲା ଓ ଆଇଆଇଟି ମାଡ୍ରାସର ପୂର୍ବତନ ଛାତ୍ରୀ। ସେ ଜିଟିଆଇଆଇଟି ଚାଇନା ଓ ଆଇଆଇଟି ଧାନବାଦରେ ପୋଷ୍ଟଡକ୍ଟୋରାଲ ଗବେଷଣା କରିଛନ୍ତି। ୨୦୨୨ରେ ତାଙ୍କୁ ପିଇସିଏଫ୍‌ଏଆର୍ ଫେଲୋଶିପ୍ ପାଇଁ ଭାରତରୁ ଚୟନ ହୋଇଥିବା ଏକମାତ୍ର ମହିଳା ଗବେଷିକା ଭାବେ ବଛାଯାଇଥିଲା, ଯାହା ମାଧ୍ୟମରେ ସେ ଜର୍ମାନୀର ଟେକ୍ନିକାଲ ୟୁନିଭର୍ସିଟି ଅଫ୍ ମ୍ୟୁନିକ ସହିତ ଗଠନାତ୍ମକ ଗବେଷଣାରେ ସହଯୋଗ କରିଥିଲେ। ଡ. ଜୈନ ଔଦ୍ୟୋଗିକ ତ୍ୟାଗାବଶେଷକୁ ପରିବେଶ ମିତ୍ର ନିର୍ମାଣ ସାମଗ୍ରୀରେ ପରିଣତ କରିବା ଏବଂ ପ୍ରଦୂଷଣ ନିରାକରଣ ପାଇଁ ନୂତନ ବୈଜ୍ଞାନିକ ପ୍ରୟୋଗ ଆବିଷ୍କାର ଦିଗରେ କାର୍ଯ୍ୟ କରୁଛନ୍ତି। ଶିଳ୍ପ ଅବଶେଷ ମାଧ୍ୟମରେ ବିକାଶ କରାଯାଇଥିବା ଗ୍ରୀନ୍ ବିଲ୍ଡିଂ ପ୍ରଡକ୍ଟ ପାଇଁ ଡ. ଜୈନ ପେଟେଣ୍ଟ ମଧ୍ୟ ପାଇଛନ୍ତି। ସେ ଓଡ଼ିଶା ପରିବେଶ ସମିତିର ସଂଯୁକ୍ତ ସଚିବ ଭାବେ କାର୍ଯ୍ୟ କରୁଛନ୍ତି।

## ବୁଦ୍ଧ ଆର୍ଟ ଗ୍ୟାଲେରିରେ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ



ଉଦ୍‌ଘାଟନ ଅବସରରେ କଳାପ୍ରେମୀମାନେ ଚିତ୍ରକଳା ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

ଭୁବନେଶ୍ୱର,୨୧।୬(ସୌମ୍ୟରଞ୍ଜନ ରାଉତ)

ଏସ୍‌ଏନ୍‌ଏମ୍ ଆର୍ଟ ଆଣ୍ଡ କଲ୍‌ଚର୍ ଏକାଡେମୀ ଓ ବିଏମ୍‌ଏଚ୍ ହସ୍ପିଟାଲ ପକ୍ଷରୁ ଶନିବାର ଚିତ୍ରକଳା ପ୍ରଦର୍ଶନୀ ବୁଦ୍ଧ ଆର୍ଟ ଗ୍ୟାଲେରିଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧକ୍ଷ ପଞ୍ଚାନନ ସାମଲ, ଇସ୍କନ ମନ୍ଦିରର ମୁଖ୍ୟବକ୍ତା ସଂଗ୍ରାମଜିତ୍ ପ୍ରଭୁ, ବିଏମ୍‌ଏଚ୍‌ର ମାଲିକ ବିଜୟାଲକ୍ଷ୍ମୀ ଜେନା ଓ ଏସ୍‌ଏନ୍‌ଏମ୍‌ର ସଭାପତି ଶିବ ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ୪ଦିନ ଧରି ଚାଲିବାକୁ ଥିବା ଏହି ପ୍ରଦର୍ଶନୀରେ ୪୦ଜଣ ଶିଳ୍ପୀ ଭାଗନେଇଛନ୍ତି।

## ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱ ସଙ୍ଗୀତ ଦିବସ

ଭୁବନେଶ୍ୱର, ୨୧।୬
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଶନିବାର ସୂଚନା ଭବନଠାରେ ବିଶ୍ୱ ସଙ୍ଗୀତ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କାର୍ତ୍ତିକ ଚନ୍ଦ୍ର ସାହୁ ଓ ସାଥୀଙ୍କ ଦ୍ୱାରା ଓଡ଼ିଶୀ କଣ୍ଠ ସଙ୍ଗୀତ, ଯାମିନୀ ରଞ୍ଜନ ଦାଶ ଓ ସାଥୀଙ୍କ ଦ୍ୱାରା ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ, ବାସୁଦେବ ସ୍ୱାଇଁଙ୍କ ଦ୍ୱାରା ବାଦ୍ୟଯନ୍ତ୍ର ଏବଂ ଦେବେନ୍ଦ୍ରନାଥ ଦାଶ ଓ ସାଥୀଙ୍କ ଦ୍ୱାରା ଦାସକାଠିଆ ପରିବେଷଣ କରାଯାଇଥିଲା। ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ନେହପ୍ରଭା, ମନୋଜ ପାଇଲେ 'ଆଳାପ ସମ୍ମାନ'

ଭୁବନେଶ୍ୱର, ୨୧।୬
(ସୌମ୍ୟରଞ୍ଜନ ରାଉତ)

ଆଳାପ କଲ୍‌ଚରାଲ ଟ୍ରଷ୍ଟର ନବମ ବାର୍ଷିକ ମହୋତ୍ସବ ଶନିବାର ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ନାରାୟଣ ଚନ୍ଦ୍ର ସାହୁ, ଓଡ଼ିଶୀ ଗବେଷକ ଡ. କୀର୍ତ୍ତନ ନାରାୟଣ ପାଢ଼ୀ, ଲେଖିକା ଲକ୍ଷ୍ମୀ ମିଶ୍ର, ମର୍ଦ୍ଦଳବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ, ସାମାଜିକ କର୍ମୀ ମାନସ କୁମାର ଜେନା, ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ଅଳକା ନନ୍ଦ ପ୍ରମୁଖ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଡ. ସ୍ନେହପ୍ରଭା ସାମନ୍ତରାୟଙ୍କୁ 'ବିଷ୍ଣୁ ଚରଣ ରାଉତ ଆଳାପ ସମ୍ମାନ' ଓ ତବଲା ବାଦକ ଗୁରୁ ମନୋଜ କୁମାର ସାହୁଙ୍କୁ 'ଶରତ ଚନ୍ଦ୍ର ମହାପାତ୍ର ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅତିଥିମାନେ ମାନପତ୍ର, ପୁଷ୍ପଗୁଚ୍ଛ ସହ ପାଞ୍ଚ ହଜାର ଟଙ୍କା ଲେଖାଏ ଆର୍ଥିକ ରାଶି ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ଭକ୍ତି ବୈରାଗ୍ୟ ପର୍ଯ୍ୟାୟରେ ଓଡ଼ିଶୀ ସଙ୍ଗୀତ ଛାନ୍ଦ, ଚମ୍ପୂ, ଚଉପଦୀ, ଚଉତିଶା, ଗୀତଗୋବିନ୍ଦ, ଭଜନ ପରିବେଷଣ ହୋଇଥିଲା। ଡ. ମୃତ୍ୟୁଞ୍ଜୟ ରଥ ଓ ପ୍ରାଧ୍ୟାପକ ଲୋକନାଥ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବିଶ୍ୱ ମୋଟରସାଇକେଲ ଦିବସ ପାଳିତ




ବାଇକପ୍ରେମୀ ଯୁବକ ସଙ୍ଗଠନର ଯୁବକମାନେ କେକ୍ କାଟି ଦିବସ ପାଳନ କରୁଛନ୍ତି।

ଭୁବନେଶ୍ୱର, ୨୧।୬ (ସୌମ୍ୟରଞ୍ଜନ ରାଉତ)

ବାଇକପ୍ରେମୀ ଯୁବକ ସଙ୍ଗଠନ ପକ୍ଷରୁ ଶନିବାର ବିଶ୍ୱ ମୋଟରସାଇକେଲ ଦିବସ ଧଉଳିଠାରେ ପାଳିତ ହୋଇଯାଇଛି। ସଙ୍ଗଠନର ଯୁବକମାନେ ନିଜ ବାଇକ ଧରି ସକାଳ ୮ରୁ ପାହାଳଠାରୁ ବାହାରି ଧଉଳି ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଯାତ୍ରା କରିଥିଲେ। ସମସ୍ତେ ନିଜେ ହେଲ୍‌ମେଟ ପିନ୍ଧିବା ସହ ଅନ୍ୟମାନଙ୍କୁ ହେଲ୍‌ମେଟ ପିନ୍ଧିବା ପାଇଁ ପରାମର୍ଶ ଦେବା ସହ ମଦ୍ୟପାନ କରି ଗାଡି ନ ଚଳାଇବା ପାଇଁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ସମସ୍ତେ ଏକତ୍ର ହୋଇ ଧଉଳିରେ କେକ୍ କାଟି ଖୁସି ମନାଇବା ସହ ବିଶ୍ୱ ମୋଟରସାଇକେଲ ଦିବସ ପାଳନ କରିଥିଲେ। ଆଗାମୀ ଭବିଷ୍ୟତରେ ଆଗକୁ ମଧ୍ୟ ଏହି ପ୍ରୟାସ ଜାରି ରଖିବା ସହ କିଛି ଭିନ୍ନ କରିବା ନେଇ ଆବାହକ ଦିଲୀପ କୁମାର ଷଡଙ୍ଗୀ କହିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମାନନ୍ଦ ବେହେରା, ଦିଲୀପ କୁମାର ସାହୁ, ବିଶ୍ୱନାଥ ବେହେରା, ପ୍ରଜ୍ଞାଂଶୁ ମହାପାତ୍ର, ମନୋଜ ବେହେରା, ଗୁରୁପଦ ନାଥ, ସଞ୍ଜୀବ ବାହାଦୁର, ସନ୍ତୋଷ ସାହୁ, ନିରଞ୍ଜନ ସାହୁ, ସେଉଲ ସାଗର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଶନିବାର ଆୟୋଜିତ ଗନ୍ଧର୍ବକଳା ମହୋତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ନରାଜ ଆମ ବସ୍ ଡିପୋ ପରିଦର୍ଶନକଲେ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ

### ସଡ଼କ ସୁରକ୍ଷା ନେଇ ଶପଥ ପାଠ କଲେ କର୍ମଚାରୀ

ଭୁବନେଶ୍ୱର, ୨୧।୬(ବନ୍ଦନା ସେଠୀ)



ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ କ୍ରୁଟ୍‌ର ନରାଜ ଡିପୋରେ ବସ୍ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି।

ସଡ଼କ ନିରାପତ୍ତା ସୁନିଶ୍ଚିତ କରିବା ସହ ଅତୁଟ ପ୍ରତିବଦ୍ଧତାର ଏକ ଅଂଶ ଭାବରେ ଆମ ବସ୍ ସେବା ପରିଚାଳନା କରୁଥିବା କ୍ରୁଟ୍ ତା'ର 'ଶୂନ ଦୁର୍ଘଟଣା ଦିବସ' ପ୍ରୟାସକୁ ତୀବ୍ର କରିଛି। ସମସ୍ତ କ୍ରୁଟ୍ ଡିପୋ ଓ କାର୍ଯ୍ୟକ୍ଷମ ଟର୍ମିନାଲରେ ଦୈନିକ କାଉନ୍‌ସେଲିଂ ଅଧିବେଶନ କରାଯାଇଛି। ଏହି କ୍ରମରେ ଶନିବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ କ୍ରୁଟ୍‌ର ନରାଜ ଡିପୋ ପରିଦର୍ଶନ କରିଥିଲେ। ସେବା ଓ ନିରାପତ୍ତାର ସର୍ବୋଚ୍ଚ ମାନ ବଜାୟ ରଖିବାକୁ କର୍ମଚାରୀଙ୍କୁ ପରାମର୍ଶ ଦେବା ସହିତ ସଡ଼କ ନିରାପତ୍ତା ନେଇ ଶପଥପାଠ କରାଇଥିଲେ। ସୁରକ୍ଷା ଆମ ସମସ୍ତଙ୍କଠାରୁ ଆରମ୍ଭ ହୋଇଥାଏ। ଆଗଧାଡିର ସେବା ପ୍ରଦାନକାରୀ ଭାବରେ କ୍ୟାପ୍‌ଟେନ ଓ ଗାଇଡ୍‌ମାନେ ପ୍ରତିଦିନ ହଜାର ହଜାର ନାଗରିକଙ୍କ ବିଶ୍ୱାସ ବହନ କରନ୍ତି। ପ୍ରତ୍ୟେକ ଯାତ୍ରା ଯେପରି ଠିକ୍ ସମୟରେ ନିରାପଦ ଏବଂ ନିର୍ଭରଯୋଗ୍ୟ ହୁଏ, ତାହା ନିଶ୍ଚିତ କରିବାକୁ ଆମେ ଶପଥ ନେବା ବୋଲି ପ୍ରମୁଖ ସଚିବ କହିଥିଲେ। ସେହିପରି 'ନିରାପଦରେ ଘରକୁ ଆସ' ବାର୍ତ୍ତା ଉପରେ ଆଲୋକପାତ କରିବା ସହିତ ଯାତ୍ରୀ, କ୍ରୁଟ୍ ସଦସ୍ୟ ଏବଂ ସେମାନଙ୍କ ପରିବାରର କଲ୍ୟାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିରୋ ଆକ୍ସିଡେଣ୍ଟ ଡେ' ଅଭିଯାନ ମାଧ୍ୟମରେ ସଡ଼କ ଦୁର୍ଘଟଣା ହ୍ରାସ କରିବା, ଡ୍ରାଇଭିଂ ଶୃଙ୍ଖଳାରେ ଉନ୍ନତି ଆଣିବା ଏବଂ ରାଜଧାନୀ ଅଞ୍ଚଳରେ ସାମଗ୍ରିକ ଯାତାୟାତ ଅଭିଜ୍ଞତାକୁ ବୃଦ୍ଧି କରିବା କ୍ରୁଟ୍‌ର ଲକ୍ଷ୍ୟ ବୋଲି ସୂଚନା ଦିଆଯାଇଛି।

**୪୦ ଲିଟର ଦେଶୀ ମଦ ଜବତ: ଜଣେ ଗିରଫ**

ବାଙ୍କୀ,(ଶୁଭେନ୍ଦୁ ମହାପାତ୍ର): ବୈଦେଶ୍ୱର ଥାନା ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମ ପଞ୍ଚାୟତର ବାଲି ପାହାଡ ପାଇକ ସାହିରେ ପୋଲିସ ଚଢ଼ାଉ କରି ୪୦ ଲିଟର ଚୋରା ଦେଶୀ ମଦ ପ୍ୟାକେଟ ଜବତ କରିଛି। ଏହି ଅଭିଯୋଗରେ ଉକ୍ତ ଗ୍ରାମର ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି ବୋଲି ବୈଦେଶ୍ୱର ଥାନା ଆଇଆଇସି ସଞ୍ଜୟ କୁମାର ଜେନା ସୂଚନା ଦେଇଛନ୍ତି। ପୂର୍ଣ୍ଣଚନ୍ଦ୍ର ଦୀର୍ଘ ବର୍ଷ ଧରି ବେଆଇନଭାବେ ଚୋରା ମଦ କାରବାରରେ ସମ୍ପୃକ୍ତ ଥିଲେ ବୋଲି ଆଇଆଇସି ଜେନା କହିଛନ୍ତି।



ଏସ୍‌ସିବି ମେଡିକାଲରେ ରିପୋର୍ଟ ସଂଗ୍ରହ କେନ୍ଦ୍ର ସମ୍ମୁଖରେ ବର୍ଷାରେ ଭିଜି ଧାଡ଼ିବାନ୍ଧି ରୋଗୀଙ୍କ ସମ୍ପର୍କୀୟ ଅପେକ୍ଷା କରିଛନ୍ତି।



ଏସ୍‌ସିବିରେ ବ୍ୟାଟେରି ଗାଡ଼ି ସୁବିଧା ନ ପାଇ ବର୍ଷାରେ ଜଣେ ରୋଗୀଙ୍କୁ ଅନ୍ୟ ୱାର୍ଡକୁ ତାଙ୍କ ସମ୍ପର୍କୀୟ ହ୍ୱିଲଚେୟାର ସାହାଯ୍ୟରେ ନେଉଛନ୍ତି।

# ଏସ୍‌ସିବି: ବର୍ଷା ଦିନରେ ସ୍ଥିତି ସଙ୍ଗିନ

କଟକ,୨୧।୬(ଶିଲ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ସୁଧୁରୁନି ଅବ୍ୟବସ୍ଥା। ମେଡିକାଲରେ କିଛିଦିନ ପୂର୍ବେ ଖରାରେ ରୋଗୀ ଓ ସମ୍ପର୍କୀୟ ଛଟପଟ ହେଉଥିବାବେଳେ ଏବେ ବର୍ଷା ଆରମ୍ଭରୁ ସ୍ଥିତି ସଙ୍ଗିନ ହୋଇପଡ଼ିଛି। ଏପରିକି ଡାକ୍ତର ଦେଖାଇବା ପରେ ବିଭିନ୍ନ ପରୀକ୍ଷା ବା ରିପୋର୍ଟ ପାଇଁ ରୋଗୀ ଓ ସମ୍ପର୍କୀୟ ଖୋଲା ଆକାଶ ତଳେ ବର୍ଷାରେ ଭିଜି ଅପେକ୍ଷା କରୁଛନ୍ତି। କେବଳ ଏତିକି ନୁହେଁ ମେଡିକାଲରେ ବ୍ୟାଟେରି ଗାଡ଼ି ସୁବିଧା ନ ପାଇ ବର୍ଷାରେ ଛତା ଧରି ହ୍ୱିଲଚେୟାର ଯୋଗେ ରୋଗୀଙ୍କୁ ନେଉଥିବା ଦୃଶ୍ୟ ଶନିବାର ନଜରକୁ ଆସିଛି। ମେଡିକାଲ ପରିସରରେ ବର୍ଷାରେ ଡ୍ରେନ ସଫେଇ କାମ କରିବାର ଓ ଅଳିଆଗୁଡିକ ଆଶ୍ରୟସ୍ଥଳ ନିକଟରେ ପକାଇବାରୁ ଉକ୍ତ ଅଞ୍ଚଳ ଦୁର୍ଗନ୍ଧରେ ଫାଟି ପଡୁଛି। ଏବେ ଡାଇରିଆ ସଂକ୍ରମଣ ବ୍ୟାପୁଥିବାବେଳେ ଏସ୍‌ସିବିରେ ଆକ୍ରାନ୍ତ ଚିକିତ୍ସିତ ହେଉଥିବାବେଳେ ଏଭଳି ସ୍ଥିତିରେ ମେଡିକାଲ ପରିସରକୁ ଅପରିଷ୍କାର କରିବାରୁ ରୋଗୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାନୁଯାୟୀ, ଏସ୍‌ସିବି ମେଡିକାଲ ପରିସରରେ ଡ୍ରେନ୍ ସଫେଇ କାର୍ଯ୍ୟ କରାଯାଉଛି। ଏହାର ସଫେଇ କାର୍ଯ୍ୟ ହୋଇ ନ ଥିବାରୁ ଆମିକସ୍ କ୍ୟୁରି (କୋର୍ଟ ମିତ୍ର) ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଗତକିଛି ଦିନ ପୂର୍ବେ ମେଡିକାଲ ପରିଦର୍ଶନ କରି ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ଏହି ସଫେଇ କାମ ଆରମ୍ଭ ହୋଇଛି। ହେଲେ ଅଳିଆ ଆବର୍ଜନାଗୁଡିକ ଟ୍ରମା କାଜୁଆଲଟି ନିକଟରେ ଥିବା ନୂତନ ଆଶ୍ରୟସ୍ଥଳୀ, ନ୍ୟୁ ଭେଷଜ ବିଭାଗ ଓ ଅର୍ଥୋପେଡ଼ିକ ବିଭାଗ ନିକଟ ଆଶ୍ରୟସ୍ଥଳୀ ନିକଟରେ ପକାଯାଇଛି। ଶନିବାର ଅପରାହ୍ନରେ ହୋଇଥିବା ବର୍ଷା ଯୋଗୁ ଡ୍ରେନ୍ ପାଣି ମେଡିକାଲ ସାରା ଖେଳିଯାଇଥିଲା। ଅନ୍ୟପଟେ ଅଳିଆଗୁଡିକ ଆଶ୍ରୟସ୍ଥଳୀ ନିକଟରେ ପକାଯାଉଥିବାରୁ ଉକ୍ତ ସ୍ଥାନରେ ରୋଗୀ ଓ ସମ୍ପର୍କୀୟମାନେ ଉକ୍ତ ବାଟ ଦେଇ ଯିବାଆସିବା କରିବା ଏବଂ ରହିବା କଷ୍ଟକର ହୋଇ ପଡ଼ିଛି। ସେହିପରି ପରୀକ୍ଷା ରିପୋର୍ଟ ପାଇଁ ରଞ୍ଜନରଶ୍ମି ବିଭାଗ ନିକଟରେ ରିପୋର୍ଟ ସଂଗ୍ରହ ଗୃହରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ହେଲେ ଏଠାରେ ଟିଣ ଶେଡ଼ର ବ୍ୟବସ୍ଥା ନ ଥିବାରୁ ବର୍ଷାରେ ଓଦା ହୋଇ ରୋଗୀଙ୍କ ସମ୍ପର୍କୀୟ ରିପୋର୍ଟ ସଂଗ୍ରହ କରୁଥିବା ନଜରକୁ ଆସିଛି। ଏ ନେଇ ମେଡିକାଲକୁ କୋରାପୁଟ ଅଞ୍ଚଳରୁ ଚିକିତ୍ସା ପାଇଁ ଆସିଥିବା ଦିୱାନ ଘଡ଼େଇଙ୍କ ସମ୍ପର୍କୀୟ କହିଛନ୍ତି, ବର୍ଷା ଲାଗି ରହିବା ସତ୍ତ୍ୱେ ମଧ୍ୟ ଡାକ୍ତରଙ୍କୁ ଦେଖାଇ ପରୀକ୍ଷା ପାଇଁ ରଞ୍ଜନରଶ୍ମି ବିଭାଗକୁ ଆଣିଥିଲୁ। ରୋଗୀ ଚାଲି ପାରୁ ନ ଥିବାରୁ ବ୍ୟାଟେରୀ ଗାଡ଼ିକୁ ଯୋଗାଯୋଗ କରିଥିଲୁ ହେଲେ ଦୀର୍ଘ ସମୟ ଅପେକ୍ଷା କରିବା ପରେ ହ୍ୱିଲଚେୟାର ଯୋଗେ ସେଠାକୁ ଆଣିଥିଲୁ ଏବଂ ପରୀକ୍ଷା ପରେ ବର୍ଷାରେ ଭିଜି ରୋଗୀଙ୍କୁ ନେବାକୁ ବାଧ୍ୟ ହେଉଛୁ। ସେହିପରି ବାଲେଶ୍ୱର ଅଞ୍ଚଳରୁ ଆସିଥିବା ସୁକାନ୍ତ ମହାପାତ୍ର କହିଛନ୍ତି, ମେଡିକାଲରେ ବର୍ଷା ସମୟରେ ଡ୍ରେନ ସଫା କରାଯାଉଛି ଏବଂ ଅଳିଆଗୁଡ଼ିକ ଆଶ୍ରୟସ୍ଥଳୀ ନିକଟରେ ପକାଯାଉଛି। ଫଳରେ ସେଠାରେ ରହିବା କଷ୍ଟକର ହେବା ସହ ମଶାଙ୍କ ପାର୍ଦୁଭାବ ବଢୁଥିବା କହିଛନ୍ତି। ଏ ସମ୍ପର୍କରେ ମେଡିକାଲ ଭାରପ୍ରାପ୍ତ ଅଧିକାରୀ ପ୍ରଫେସର ଡା. ଗୌତମ ଶତପଥୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।



ଏସ୍‌ସିବି ମେଡିକାଲରେ ବର୍ଷା ସମୟରେ ଡ୍ରେନ ସଫେଇ କରାଯାଇ ଆଶ୍ରୟସ୍ଥଳୀ ନିକଟରେ ଗଦାଯାଇଛି।

- ବର୍ଷାରେ ଜାରି ରହିଛି ଡ୍ରେନ୍ ସଫେଇ କାର୍ଯ୍ୟ
- ଆଶ୍ରୟସ୍ଥଳ ନିକଟ ଦୁର୍ଗନ୍ଧରେ ଫାଟି ପଡୁଛି
- ବର୍ଷାରେ ଭିଜି ରିପୋର୍ଟ ଅପେକ୍ଷାରେ ରୋଗୀଙ୍କ ସମ୍ପର୍କୀୟ
- ମିଳୁନି ବ୍ୟାଟେରି ଗାଡ଼ି, ବର୍ଷାରେ ରୋଗୀଙ୍କୁ ହ୍ୱିଲ ଚେୟାର ଭରସା

# ଗାଈ ସହ ବାଇକ୍ ଧକ୍କା: ଜଣେ ମୃତ

ଖୁଣ୍ଟୁଣୀ,୨୧।୬(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ଆଠଗଡ଼-କଟକ ରାସ୍ତା ମହାକାଳବସ୍ତ ଗ୍ରାମ ନିକଟରେ ଶୁକ୍ରବାର ରାତିରେ ଏକ ଗାଈ ସହ ବାଇକ୍ ପିଟି ହୋଇଯିବାରୁ ୨ ଆରୋହୀଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଆଠଗଡ଼ ଥାନା ଦହିସରା ଗ୍ରାମର ମନୋଜ ବେହେରା। ଏ ନେଇ ଶନିବାର ମନୋଜଙ୍କ ଭିଣୋଇ ଖୁଣ୍ଟୁଣୀ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୨୬/୨୫) ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ସୂଚନା ମୁତାବକ ଶୁକ୍ରବାର ରାତି ସାଢ଼େ ୧୧ଟାରେ ଏକ ବାଇକ୍‌ରେ ୩ଜଣ ଯୁବକ ଘଣ୍ଟିଖାଲରୁ ଦହିସରା ଗ୍ରାମକୁ ଆସୁଥିଲେ। ମହାକାଳବସ୍ତ ଗ୍ରାମ ଛକଠାରେ ଏକ ଗାଈ ସହିତ ବାଇକ୍‌ର ଧକ୍କା ହେବାରୁ ଚାଳକଙ୍କ ସମେତ ବାଇକ୍ ପଛରେ ବସିଥିବା ମନୋଜ ଓ ଅନ୍ୟ ଜଣେ ରାସ୍ତାରେ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ମନୋଜଙ୍କ ମୃତ୍ୟୁ ଘଟିଛି। ୨ ଆହତ ଆଠଗଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

# ପ୍ରସ୍ତାବିତ ସ୍ଥାନରୁ ଦମକଳ କେନ୍ଦ୍ର ସ୍ଥାନାନ୍ତର କରାଯାଉ




ଖବରଦାତା ସମ୍ମିଳନୀରେ ଗ୍ରାମବାସୀ ସୂଚନା ଦେଉଛନ୍ତି।

ଫୁଲନଖରା,୨୧।୬(ସତ୍ୟ ରଞ୍ଜନ ଦାସମହାପାତ୍ର)

ବିଏମ୍‌ସି ୪ ୱାର୍ଡ ପାହାଳ ମୌଜାର ଗ୍ରାମ୍ୟ ଖେଳ ପଡ଼ିଆ ପ୍ଲଟ ନଂ. ୩୪୦ ଓ ଖାତା ନଂ. ୩୬ରେ ଥିବା ସ୍ଥାନରେ ସାଧାରଣ ପ୍ରଶାସନ ବିଭାଗ ଦମକଳ କେନ୍ଦ୍ର ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଗ୍ରାମବାସୀ ଦମକଳ କେନ୍ଦ୍ର ଖୋଲିବା ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। କିନ୍ତୁ ଉକ୍ତ ସ୍ଥାନରୁ ଦମକଳ କେନ୍ଦ୍ର ସ୍ଥାନାନ୍ତର କରିବାକୁ ସେମାନେ ଦାବି କରିଛନ୍ତି। ଗ୍ରାମବାସୀ ଶନିବାର ଖବରଦାତା ସମ୍ମିଳନୀରେ କହିଥିଲେ, ୧୬ ନମ୍ବର ଜାତୀୟ ରାଜପଥ ପାଖରେ ଅନ୍ୟାନ୍ୟ ସରକାରୀ ଜମି ଥିଲେ ମଧ୍ୟ ଏହି ଜାଗା ଅଗ୍ନିଶମ ବିଭାଗକୁ ହସ୍ତାନ୍ତର କରାଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ଉକ୍ତ ଅଞ୍ଚଳରେ କୌଣସି ଜନଶୁଣାଣି ନ କରି ସିଧାସଳଖ ଭାବେ ନିଷ୍ପତ୍ତି ନେଇଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମନରେ କ୍ଷୋଭ ପ୍ରକାଶ ପାଇଛି। ସାଧାରଣ ପ୍ରସାଶନ ବିଭାଗ ଉକ୍ତ ସ୍ଥାନରୁ ଦମକଳ କେନ୍ଦ୍ର ସ୍ଥାନାନ୍ତରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ ସାଧରଣ ପ୍ରଶାସନ ବିଭାଗ ସ୍ଥାନୀୟ ବିଧାୟକ, ମେୟର, କର୍ପୋରେଟର ଓ ସ୍ଥାନୀୟ ବାସିନ୍ଦାଙ୍କ ମତାମତ ନେଇ ସର୍ବସମ୍ମତିକ୍ରମେ ଅନ୍ୟ ଏକ ସ୍ଥାନରେ ଦମକଳ କେନ୍ଦ୍ର କରିବା ପାଇଁ ଗ୍ରାମବାସୀ ମତ ରଖିଛନ୍ତି। ସମ୍ମିଳନୀରେ ଗ୍ରାମ୍ୟ କମିଟି ସଭାପତି ପଦ୍ମନାଭ ପଟ୍ଟନାୟକ, କର୍ପୋରେଟର ସୁକୁମାର ସାହୁ, ସାମାଜିକ କର୍ମୀ ସାକ୍ଷର ରଞ୍ଜନ ମହାନ୍ତି, ପାହାଳ ରସଗୋଲା ବ୍ୟବସାୟୀକ ସଂଘ ସଭାପତି ଅକ୍ଷୟ କୁମାର ଲେଙ୍କା, ଗ୍ରାମ୍ୟ କମିଟି ସମ୍ପାଦକ ନିହାର ରଞ୍ଜନ ପଟ୍ଟନାୟକ, ସାମାଜିକ କର୍ମୀ ସୁଧୀର ପଟ୍ଟନାୟକ, ବିକଳ ପଟ୍ଟନାୟକ, ବିଶ୍ୱଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମା'ଙ୍କ ନାମରେ ଗୋଟିଏ ଗଛ, ଚାରା ରୋପଣ କାର୍ଯ୍ୟକ୍ରମ

ଚୌଦ୍ୱାର,୨୧।୬(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ପକ୍ଷରୁ ଶନିବାର ମା'ଙ୍କ ନାମରେ ଗୋଟିଏ ଗଛ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ପୌରହିତ୍ୟରେ ସ୍ଥାନୀୟ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମା'ଙ୍କ ନାମରେ ଗୋଟିଏ ଗଛ ପ୍ରକୃତିର ସମ୍ମାନ ପ୍ରତି ଏକ ବଡ ପ୍ରତିଜ୍ଞା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର, ଡା. ରବୀନ୍ଦ୍ର ମହାପାତ୍ର, କାଉନସିଲର ଦିଲୀପ ସାହୁ, ସୁଜାତା ସାହୁ ପ୍ରମୁଖ ଯୋଗଦେଇ ଏକ୍‌ପେଡ୍‌ମା କେ ନାମ ଏକ ଭାବନାତ୍ମକ ବିଚାର ବୋଲି ପ୍ରକାଶ କରିଥିଲେ। ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଯନ୍ତ୍ରୀ ସଞ୍ଜୟ ସାମଲ, ପିୟୁଷ କୁମାର ସାହୁଙ୍କଙ୍କ ସମେତ ସମସ୍ତ ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।

### ସ୍ୱର୍ଗତ ନିରଞ୍ଜନ ରଥଙ୍କ ବିୟୋଗରେ ଶୋକ

ଖୁଣ୍ଟୁଣୀ,୨୧।୬(ସଚ୍ଚିଦାନନ୍ଦ ପଣ୍ଡା)

ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ସ୍ୱର୍ଗତ ନିରଞ୍ଜନ ରଥଙ୍କ ଗତ ଗୁରୁବାର ରାତିରେ ଦେହାନ୍ତ ହୋଇଛି। ତାଙ୍କ ବିୟୋଗରେ ଅନୁଷ୍ଠିତ ଶୋକସଭାରେ ଖୁଣ୍ଟୁଣୀ ବୁଦ୍ଧିଜୀବୀ ନାଗରିକ ତଥା ଖୁଣ୍ଟୁଣୀ-ରମ୍ଫେଇ ଗ୍ରାମ କମିଟି ସଭାପତି ମନୋଜ କୁମାର ମିଶ୍ର, ବରିଷ୍ଠ ସଦସ୍ୟ ତଥା ଖବରଦାତା ସଚ୍ଚିଦାନନ୍ଦ ପଣ୍ଡା, କିଶୋର ସାମନ୍ତରାୟ, ଦିଲୀପ କୁମାର ଶେଠ, ବିପିନ ବିହାରୀ ପ୍ରଧାନ, ରଜନୀ କାନ୍ତ ଜେନା, ଅଶୋକ କୁମାର ସାମନ୍ତରାୟ, ମାୟାଧର ଦଳେଇ, ପ୍ରଫୁଲ୍ଲ କୁମାର ସାହୁ, ପ୍ରଦ୍ୟୁମ୍ନ ନାୟକ, ସୁଶାନ୍ତ କୁମାର ସାହୁ ଓ ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।



ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ(ଏସ୍‌ଭିଏଲ୍‌ଏସ୍)ର ପରଲୋକଗତ ସଭାପତି ରମାନାଥ ପଣ୍ଡାଙ୍କ ଏକାଦଶାହ ଅବସରରେ କଟକ ଦିବ୍ୟଜୀବନ ସଂଘ ପରିସରରେ ଅନୁଷ୍ଠିତ ସଭାରେ ତାଙ୍କ ସ୍ମରଣାର୍ଥେ ପ୍ରକାଶ ପାଇଥିବା 'ସ୍ମୃତିସୁଧା'କୁ ଶନିବାର ଉନ୍ମୋଚନ କରାଯାଉଛି। ଏହି ଅବସରରେ ଏସ୍‌ଭିଏଲ୍‌ଏସ୍, ଦିବ୍ୟଜୀବନ ସଂଘ କଟକର କାର୍ଯ୍ୟକର୍ତ୍ତା ଓ ଅନ୍ୟ ପ୍ରମୁଖ ବ୍ୟକ୍ତିମାନେ ଉପସ୍ଥିତ ଅଛନ୍ତି।

# ସିଡିଆଇଇଏର ବାର୍ଷିକ ସାଧାରଣ ସମ୍ମିଳନୀ

ଭୁବନେଶ୍ୱର,୨୧।୬

କଟକ ଡିଭିଜନ ବୀମା କର୍ମଚାରୀ ସଂଘ (ସିଡିଆଇଇଏ)ର ୬୯ତମ ବାର୍ଷିକ ସାଧାରଣ ସମ୍ମିଳନୀର ଏକ ଅଧିବେଶନ ଶନିବାର କଟକର ସାରଳା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତ ବୀମା କର୍ମଚାରୀ ସଂଘର ସର୍ବଭାରତୀୟ ସାଧାରଣ ସମ୍ପାଦକ ଶ୍ରୀକାନ୍ତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉକ୍ତ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ସରକାର ବୀମା କ୍ଷେତ୍ରରେ ବିଦେଶୀ ପୁଞ୍ଜିର ସୀମା ଶତ ପ୍ରତିଶତ ବୃଦ୍ଧି କରିବାକୁ ଯେଉଁ ପ୍ରସ୍ତାବ ରଖୁଛନ୍ତି, ତାହା ପାରିତ ହେଲେ ଦେଶବାସୀଙ୍କ ସଞ୍ଚୟ ବିଦେଶୀଙ୍କ ନିୟନ୍ତ୍ରଣକୁ ଚାଲିଯିବ ବୋଲି ମିଶ୍ର ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଇଷ୍ଟ ସେଣ୍ଟ୍ରାଲ ଜୋନ୍ ବୀମା କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ତ୍ରିନାଥ ଦୋରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟରେ ସରକାରଙ୍କ ପୁଞ୍ଜିପତି, ସପକ୍ଷବାଦୀ, ଆର୍ଥିକ ନୀତିର ତୀବ୍ର ବିରୋଧ କରିଥିଲେ। କଟକ ଡିଭିଜନର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅସୀମ କୁମାର ବୀମାଧାରକଙ୍କୁ ଉନ୍ନତ ସେବା ପ୍ରଦାନକରି ଏଲ୍‌ଆଇସିକୁ ବିଶ୍ୱର ସର୍ବୋତ୍ତମ ବୀମା ସଂସ୍ଥାରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ଅଖିଳ ଭାରତୀୟ ବୀମା କର୍ମଚାରୀ ସଂଘର ଓଡ଼ିଶାରେ ଥିବ ବାକି ୪ଟି ୟୁନିଟ୍‌ର ନେତୃତ୍ୱ ରମାକାନ୍ତ ଦାଶ, ସନ୍ତୋଷ ରଥ, ବୀରକିଶୋର ନାୟକ ଓ ଦେବାଶିଷ ନାୟକ ପ୍ରମୁଖ ଯୋଗଦେଇ ସରକାରଙ୍କ ଜନବିରୋଧୀ ଓ ଶ୍ରମିକ ବିରୋଧୀ ନୀତିର ସମାଲୋଚନା କରିଥିଲେ। ପେନ୍‌ସନ ସଂଘର ସମ୍ପାଦକ ମାନଗୋବିନ୍ଦ ବାରିକଙ୍କ ସମେତ ନିର୍ମଳ ଚନ୍ଦ୍ର ଦାସ, ରବୀନ୍ଦ୍ରନାଥ ଧଳ, ଫଣିଭୂଷଣ ତ୍ରିପାଠୀ, ରବିନାରାୟଣ ମଲ୍ଲିକ, ଜ୍ଞାନେନ୍ଦ୍ର ମିଶ୍ର, ସନ୍ତୋଷ ଭଟ୍ଟାଚାର୍ଯ୍ୟ,କାଳୀକିଙ୍କର ସାହୁ, ଦେଶରଞ୍ଜନ ମହାପାତ୍ର, ସଞ୍ଜୀବ ମହାନ୍ତି ଏବଂ ମଳୟ ନିଶିଥ ପଣ୍ଡା ପ୍ରମୁଖ ତାଙ୍କ ବକ୍ତବ୍ୟରେ ୨୦୨୫ ଜୁଲାଇ ୯ରେ ଦେଶର ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଦ୍ୱାରା ଆହୂତ ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ଅଭୟ କୁମାର ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସଂଘର ଉପ ସଭାପତି ଗୋଲକ ବିହାରୀ ମହାରାଜ, କୋଷାଧ୍ୟକ୍ଷ ଧନେଶ୍ୱର ନାଏକ ଓ ଯୁଗ୍ମ ସମ୍ପାଦକ ବସନ୍ତ ମହାନ୍ତି ଚାକିରିରୁ ଅବସର ନେଇଥିବାରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଆଇନସେବା ଭବନରେ ଯୋଗ ଦିବସ

କଟକ,୨୧।୬(କାର୍ତ୍ତିକ ସାହୁ)

ରାଜ୍ୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ଅନ୍ତର୍ଜାତୀୟ ଯୋଗ ଦିବସ କଟକସ୍ଥିତ ଆଇନ ସେବା ଭବନଠାରେ ଶନିବାର ପାଳିତ ହୋଇଯାଇଛି। ରାଜ୍ୟ ଆଇନ ସେବା ପ୍ରାଧିକରଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁଙ୍କ ପୌରୋହିତ୍ୟରେ ଯୋଗ ଶିବିର ଆୟୋଜିତ ହୋଇଥିଲା। ଯୋଗର ଉପକାରିତା ଏବଂ ଏକ ସୁସ୍ଥ ସମାଜ ପାଇଁ ଏହାର ଅବଦାନ ସମ୍ପର୍କରେ ବିଚାରପତି ଆଲୋକପାତ କରିଥିଲେ। ଉତ୍ତମ, ସୁସ୍ଥ ଶାରୀରିକ ଓ ମାନସିକ ପରିସ୍ଥିତି ତଥା ବିଭିନ୍ନ ବ୍ୟାଧିରୁ ମୁକ୍ତି ପାଇଁ ଯୋଗକୁ ନିଜ ଜୀବନ ଶୈଳୀରେ ସାମିଲ କରିବା ପାଇଁ ବିଚାରପତି ଆହ୍ୱାନ ଦେଇଛନ୍ତି। ଯୋଗ ପ୍ରଶିକ୍ଷିକା ଭାବେ ପ୍ରୀତିଶ୍ରୀତି ଗୁପ୍ତା ଶିବିର ପରିଚାଳନା କରିଥିଲେ। ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ, ଉପ ସଚିବ, ସହ ସଚିବ, କର୍ମଚାରୀବୃନ୍ଦ ଏବଂ କଟକ ଜିଲା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ଅଧ୍ୟକ୍ଷ ଏବଂ କର୍ମଚାରୀମାନେ ଯୋଗାଭ୍ୟାସ କରିଥିଲେ।



ଆଇନ ସେବା ପ୍ରାଧିକରଣ ଦ୍ୱାରା ଆୟୋଜିତ ଯୋଗ କାର୍ଯ୍ୟକ୍ରମରେ ଉପସ୍ଥିତ ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁଙ୍କ ସମେତ ଅନ୍ୟମାନେ।

# 'ନୂତନ ଉଦ୍ୟୋଗୀଙ୍କୁ ସଶକ୍ତ କରିବ ମୁଦ୍ରାରଣ'

କଟକ,୨୧।୬(କାର୍ତ୍ତିକ ସାହୁ)

ଜିଲାସ୍ତରୀୟ ସମୀକ୍ଷା ସମିତି ଓ ପରାମର୍ଶଦାତା ସମିତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ଭର୍ତ୍ତୃହରି ମହତାବ ଅଧ୍ୟକ୍ଷତା କରି ମାର୍ଚ୍ଚ-୨୦୨୫ ଅବଧି ପାଇଁ କରାଯାଇଥିବା ବାର୍ଷିକ କ୍ରେଡିଟ ପ୍ଲାନର ଲକ୍ଷ୍ୟ, ବଣ୍ଟନ ଓ କାର୍ଯ୍ୟାନ୍ୱୟନ ଉପରେ ଆଲୋଚନା କରିଥିଲେ। କ୍ରେଡିଟ-ଡିପୋଜିଟ ଅନୁପାତ, ଶାସନ ପ୍ରୋତ୍ସାହିତ ଋଣ ଦେୟ ଓ ମୁକ୍ତି, ଏବଂ ବ୍ଲକସ୍ତରୀୟ ବ୍ୟାଙ୍କ ବୈଠକ ଉପରେ ଏମ୍‌ପି ମହତାବ ସମୀକ୍ଷା କରିଥିଲେ। ଏହି ଅବସରରେ ଏମ୍‌ପି ଆଗାମୀ ମାର୍ଚ୍ଚ-୨୦୨୬ ବର୍ଷ ପାଇଁ କ୍ରେଡିଟ ପ୍ଲାନ ଉଦ୍‌ଘାଟନ କରିଥଲେ।

କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ବ୍ଲକସ୍ତରରେ ଆର୍ଥିକ ସାକ୍ଷରତା କ୍ୟାମ୍ପେନ ଓ ବ୍ଲକସ୍ତରୀୟ ବ୍ୟାଙ୍କ ବୈଠକ ପାଇଁ ବ୍ୟାଙ୍କମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯିବାକୁ ମତ ରଖିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ସଂକ୍ରାନ୍ତୀୟ ଆଗତ ପ୍ରସ୍ତାବଗୁଡ଼ିକ ଅନୁମୋଦନ କରି ଋଣ ପ୍ରଦାନ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମୁଦ୍ରାରଣ ମାଧ୍ୟମରେ ସମଗ୍ର ଜିଲାରେ ନୂତନ ଉଦ୍ୟୋଗୀମାନଙ୍କୁ ସଶକ୍ତ କରାଇବା ଦିଗରେ ସମସ୍ତ ବ୍ୟାଙ୍କ ପାଇଁ ଲକ୍ଷ୍ୟ ନିର୍ଦ୍ଧାରଣ କରାଯାଇଥିବା କହିଥିଲେ।

ସେହିପରି ମୁଖ୍ୟମନ୍ତ୍ରୀ ଉଦ୍ୟୋଗ ଯୋଜନା, ଏସ୍‌ଏଚ୍‌ଜି ବ୍ୟାଙ୍କ ଲିଙ୍କେଜ, ପିଏମ୍‌ଇଜିପି, ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଆଦି ଯୋଜନାଗୁଡ଼ିକର ସଫଳ ରୂପାୟନ ନିମନ୍ତେ ମୁଦ୍ରାରଣର ଆବଶ୍ୟକତା ଉପରେ ଆଲୋକପାତ କରାଯାଇଥିଲା। ଲିଡ ଜିଲା ପ୍ରବନ୍ଧକ ରମଣୀ ରଞ୍ଜନ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଚଳିତ ଆର୍ଥିକ ବର୍ଷରେ କଟକ ଜିଲା ବାର୍ଷିକ କ୍ରେଡିଟ ପାରାମିଟର୍ସରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିବା କହିଥିଲେ। ଓରମାସ ଯୁଗ୍ମ କାର୍ଯ୍ୟନିର୍ବାହୀ ବିପିନ ରାଉତ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ ସୁଚିସ୍ମିତା ତ୍ରିପାଠୀଙ୍କ ସମେତ ଆରବିଆଇ, ନାବାର୍ଡ, ବିଭିନ୍ନ ବ୍ୟାଙ୍କର ଅଧିକାରୀଗଣ, ମୁଖ୍ୟ ଜିଲା କୃଷି ଅଧିକାରୀ, ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।




ଜିଲାସ୍ତରୀୟ ସମୀକ୍ଷା ସମିତି, ପରାମର୍ଶଦାତା ସମିତି ବୈଠକରେ ଉପସ୍ଥିତ ଏମ୍‌ପି, ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

**ଜିଲାସ୍ତରୀୟ ସମୀକ୍ଷା ସମିତି, ପରାମର୍ଶଦାତା ସମିତି ବୈଠକ**

## ସଂକ୍ଷେପରେ

### ରଥଯାତ୍ରା ପାଇଁ ପାରିକୁଦ ରାଜାଙ୍କୁ ନିମନ୍ତ୍ରଣ

କୃଷ୍ଣପ୍ରସାଦ,୨୧।୬(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକର ପାରିକୁଦ ଗଡ଼ରେ ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ ରଥଯାତ୍ରାରେ ଛେରାପହଁରା କାର୍ଯ୍ୟ ସମ୍ପାଦନା ନିମନ୍ତେ ରଥଯାତ୍ରା ପରିଚାଳନା କମିଟି ପକ୍ଷରୁ ପାରିକୁଦ ରାଜା ସନ୍ତୋଷ ଚନ୍ଦ୍ର ଦେଓଙ୍କୁ ନିମନ୍ତ୍ରଣ କରାଯାଇଛି। ରଥଯାତ୍ରା କମିଟିର ସଭାପତି ଦୁର୍ଯ୍ୟୋଧନ ନାୟକ, ଉପସଭାପତି ମକଦ୍ଦମ ସିଂହ, କୃଷ୍ଣପ୍ରସାଦ ଗଡ଼ ୫ ମୌଜା ପରିଚାଳନା କମିଟି ସଭାପତି ଅଶୋକ ପଣ୍ଡା, ପୂର୍ବତନ ଅଧ୍ୟକ୍ଷ ପଣ୍ଡିତ ନୀଳକଣ୍ଠ ତ୍ରିପାଠୀ, ପୂର୍ବତନ ସରପଞ୍ଚ ବିଜୟ ଜେନା, ନୀଳାଚଳ ପାଣିଗ୍ରାହୀ, ସୁବାସ ଚନ୍ଦ୍ର ସିଂହସାମନ୍ତ, ରାଜାଙ୍କ ପାଇକ ଶରତ ଚନ୍ଦ୍ର ପଲେଇ, ପୂଜକ ଏବଂ ବହୁ ବ୍ୟକ୍ତି ଗୁଆ, ପାନ, ନଡ଼ିଆ, ମହାପ୍ରସାଦ ଧରି ଶୁକ୍ରବାର ରାଜବାଟିରେ ପହଞ୍ଚିବା ସହ ରାଜାଙ୍କୁ ଭେଟି ନିମନ୍ତ୍ରଣ କରିଥିଲେ। ମହାପ୍ରଭୁଙ୍କ ଘୋଷଯାତ୍ରାରେ ଉପସ୍ଥିତ ରହି ଜଣେ ସେବକଭାବେ ଦାୟିତ୍ୱ ତୁଲାଇବା ପାଇଁ ପାରିକୁଦ ରାଜା ସମ୍ମତି ପ୍ରଦାନ କରିଥିଲେ। ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମାପନ ହେବ ସେ ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ତେବେ ରଥଯାତ୍ରାରେ ଜନସାଧାରଣଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ କୃଷ୍ଣପ୍ରସାଦ ଥାନା ଉପଖଣ୍ଡ ପୋଲିସ ଅଧିକାରୀ ଭାବଗ୍ରାହୀ ରାଉତଙ୍କ ନେତୃତ୍ୱରେ ପୋଲିସ ମୁତୟନ ହେବେ।

### ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷରେ ଅନୁକମ୍ପାମୂଳକ ରାଶି ବୃଦ୍ଧି ନେଇ ବିଜ୍ଞପ୍ତି

ଭୁବନେଶ୍ୱର, ୨୧।୬(ବନ୍ଦନା ସେଠୀ)

ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ରାଶିକୁ ବୃଦ୍ଧି କରାଯାଇଛି। ପୂର୍ବରୁ ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷରେ କୌଣସି ଲୋକଙ୍କ ମୃତ୍ୟୁ ହେଲେ କ୍ଷତିପୂରଣ ବାବଦକୁ ୬ଲକ୍ଷ ଟଙ୍କା ପ୍ରଦାନ କରାଯାଉଥିଲା। ତେବେ ଗତ ୯ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ରାଶିକୁ ବୃଦ୍ଧି କରି ୧୦ଲକ୍ଷ ଟଙ୍କା ଘୋଷଣା କରିଥିଲେ। ବନ୍ୟପ୍ରାଣୀ (ସୁରକ୍ଷା) (ଓଡ଼ିଶା) ଆଇନ, ୧୯୭୪ର ନିୟମ ୪୫-କେକେ ଦ୍ୱାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି ରାଜ୍ୟ ସରକାର ଅନୁକମ୍ପାମୂଳକ ରାଶିରେ ସଂଶୋଧନ କରିଛନ୍ତି। ଏନେଇ ଶନିବାର ଜଙ୍ଗଲ, ଜଳବାୟୁ ଓ ପରିବେଶ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ସଂଶୋଧିତ କ୍ଷତିପୂରଣ ଭାବେ ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷରେ ମୃତ୍ୟୁ ହେଲେ ୧୦ଲକ୍ଷ ଟଙ୍କା, ଆଂଶିକ ଘର କ୍ଷତିହେଲେ ୧୦ହଜାର ଟଙ୍କା, ରୋଷେଇ ଘର, ଧାନ ଗୋଦାମ, ଗୋରୁ ଗୁହାଳ, ଛେଳି ଆଶ୍ରୟସ୍ଥଳ ଆଦି କ୍ଷତି ହେଲେ ୩ହଜାର ଟଙ୍କା, ପକ୍କା ପାଚେରି, କାନ୍ଥ ଆଦି ଭାଙ୍ଗିଲେ ୫ହଜାର ଟଙ୍କା ଏବଂ ସର୍ବାଧିକ ୨୫ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ। ସେହିପରି ସଂଘର୍ଷରେ ସମ୍ପୂର୍ଣ୍ଣ ଘର ଭାଙ୍ଗିଲେ ଅନ୍ତ୍ୟୋଦୟ ଗୃହ ଯୋଜନା କିମ୍ବା ସମତୁଲ୍ୟ ଆର୍ଥିକ ସହଯୋଗ ପ୍ରଦାନ କରାଯିବ। ତେବେ ଅନ୍ୟ ପ୍ରକାର କ୍ଷୟକ୍ଷତି ପାଇଁ ପୂର୍ବରୁ ରହିଥିବା ଅନୁକମ୍ପାମୂଳକ ଦେୟ ହାର ଅପରିବର୍ତ୍ତିତ ରହିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

### ସ୍ନେହପ୍ରଭା, ମନୋଜ ପାଇଲେ 'ଆଳାପ ସମ୍ମାନ'

ଭୁବନେଶ୍ୱର,୨୧।୬(ସୌମ୍ୟରଞ୍ଜନରାଉତ)

ଆଳାପ କଲ୍‌ଚରାଲ ଟ୍ରଷ୍ଟର ନବମ ବାର୍ଷିକ ମହୋତ୍ସବ ଶନିବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ନାରାୟଣ ଚନ୍ଦ୍ର ସାହୁ, ଓଡ଼ିଶୀ ଗବେଷକ ଡ. କୀର୍ତ୍ତନ ନାରାୟଣ ପାଢ଼ୀ, ଲେଖିକା ଲକ୍ଷ୍ମୀ ମିଶ୍ର, ମର୍ଦ୍ଦଳ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ, ସମାଜିକ କର୍ମୀ ମାନସ କୁମାର ଜେନା, ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ଅଳକା ନନ୍ଦ ପ୍ରମୁଖ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଡ. ସ୍ନେହପ୍ରଭା ସାମନ୍ତରାୟଙ୍କୁ 'ବିଷ୍ଣୁ ଚରଣ ରାଉତ ଆଳାପ ସମ୍ମାନ' ଓ ତବଲା ବାଦକ ଗୁରୁ ମନୋଜ କୁମାର ସାହୁଙ୍କୁ 'ଶରତ ଚନ୍ଦ୍ର ମହାପାତ୍ର ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅତିଥିମାନେ ମାନପତ୍ର, ପୁଷ୍ପଗୁଚ୍ଛ ସହ ପାଞ୍ଚ ହଜାର ଟଙ୍କା ଲେଖାଏ ଆର୍ଥିକ ରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ଭକ୍ତି ବୈରାଗ୍ୟ ପର୍ଯ୍ୟାୟରେ ଓଡ଼ିଶୀ ସଙ୍ଗୀତ ଛାନ୍ଦ, ଚମ୍ପୁ, ଚଉପଦୀ, ଚଉତିଶା, ଗୀତଗୋବିନ୍ଦ, ଭଜନ ପରିବେଷଣ ହୋଇଥିଲା। ଡ. ମୃତ୍ୟୁଞ୍ଜୟ ରଥ ଓ ପ୍ରାଧ୍ୟାପକ ଲୋକନାଥ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ୧୧ଟାରେ ପହଣ୍ଡି, ୩ଟାରେ ରଥଟଣା

ବୋଲଗଡ଼,୨୧।୬(ଦେବବ୍ରତ ହୋତା)


ପ୍ରସ୍ତୁତି ବୈଠକରେ ରଥଯାତ୍ରା ପରିଚାଳନା କମିଟି ସଦସ୍ୟ ଏବଂ ଅନ୍ୟମାନେ।

**ବୋଲଗଡ଼ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ**

ବୋଲଗଡ଼ରେ ପୂଜା ପାଉଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ (ତୃତୀୟାଦେବ)ଙ୍କ ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ପରିଚାଳନା କମିଟି ତତ୍ତ୍ୱାବଧାନରେ ବିଭିନ୍ନ ସରକାରୀ ବିଭାଗ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ୨୦୦୧ମସିହାରୁ ଅନୁଷ୍ଠିତ ହୋଇଆସୁଛି। ଚଳିତବର୍ଷ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ଆୟୋଜନ ନେଇ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କମିଟି ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ପୌରୋହିତ୍ୟ କରିଥିଲେ। ରଥଯାତ୍ରା ଓ ବାହୁଡ଼ା ଯାତ୍ରା ସହ ଏହି ଅବସରରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ପରିଚାଳନା ନେଇ ଆଲୋଚନା ହୋଇଥିଲା। ରଥର ପୁନଃ ନିର୍ମାଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ରଥଯାତ୍ରା ଦିନ ପୂର୍ବାହ୍ନ ୧୧ଟାରେ ପହଣ୍ଡି, ଅପରାହ୍ନ ୧ଟାରେ ଛେରାପହଁରା ନୀତି ଏବଂ ୩ ଟାରେ ରଥ ଟଣା ହେବା ପାଇଁ ନିଷ୍ପତ୍ତି ହୋଇଛି। ରଣପୁର ମଠ ମହନ୍ତ ପର୍ଶୁରାମ ଦାସ ମହାରାଜଙ୍କୁ ଛେରାପହଁରା କରିବାକୁ ଆମନ୍ତ୍ରଣ କରାଯିବାକୁ ସ୍ଥିର ହୋଇଛି। ତୃତୀୟାଦେବଙ୍କ ସେବାୟତ ସୂର୍ଯ୍ୟମଣି ପରମଗୁରୁ, ରାଧାଶ୍ୟାମ ରାୟଗୁରୁ ମହାପାତ୍ର, ଚୁଲିଆ ପରମଗୁରୁ, କୈଳାସ ମହାପାତ୍ର ପ୍ରମୁଖ ଠାକୁରଙ୍କ ପୂଜାନୀତି ସମ୍ପାଦନ କରିବା ନେଇ ଆଲୋଚନା ହୋଇଥିଲା। ଗୁଣ୍ଡିଚାରୁ ବାହୁଡ଼ା ମଧ୍ୟରେ ଜଗନ୍ନାଥ ମଣ୍ଡପଠାରେ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଏଥିସହ ବାହୁଡ଼ା ପର୍ଯ୍ୟନ୍ତ ଠାକୁର ଅବସ୍ଥାନ କରିବାକୁଥିବା ନନ୍ଦିଘୋଷ ଭବନଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ରଥଟଣା ଯିବା ରାସ୍ତା ମରାମତି ସହ ଗଛଡ଼ାଳ, ବିଦ୍ୟୁତ୍ ତାର, କେବୁଲ ତାର ସଂଯୋଗ ଅପସାରଣ ପାଇଁ ବ୍ୟବସ୍ଥା ହେବ। ଏହି ନବଦିନାତ୍ମକ ଯାତ୍ରା ଅବସରରେ ରାସ୍ତାପାର୍ଶ୍ୱରେ ଆମିଷ ବିକ୍ରିକୁ ବାରଣ କରାଯିବ। ଯାତ୍ରା ଏବଂ ଯଜ୍ଞରେ ସହଯୋଗ ପାଇଁ ବୈକୁଣ୍ଠ ମହାପାତ୍ର, ହରି ବନ୍ଧୁ ସାହୁ, ଗୋପୀନାଥ ଖାଡ଼ଙ୍ଗା, ଲଲାଟେନ୍ଦୁ ସିଂହ, ରଘୁନାଥ ଦଳବେହେରା,ରାଜେନ୍ଦ୍ର ପାଲଟାସିଂହ, ସଂସାରୀ ସାହୁ ପ୍ରମୁଖ ଅନୁରୋଧ କରିଛନ୍ତି। ଜୟକୃଷ୍ଣ ପଶ୍ଚିମକବାଟ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁସ୍ଥ ହେଲେ ଶ୍ରୀଅନନ୍ତ ପୁରୁଷୋତ୍ତମ

ଖୋର୍ଦ୍ଧା,୨୧।୬(ପ୍ରଭାତ ପାଣିଗ୍ରାହୀ)

ସୁସ୍ଥ ହୋଇଛନ୍ତି ଶ୍ରୀ ଅନନ୍ତ ପୁରୁଷୋତ୍ତମ (ପୂର୍ଣ୍ଣବିଗ୍ରହ)। ଆଷାଢ଼ କୃଷ୍ଣପକ୍ଷ ଏକାଦଶୀ ବା ଖଳିଲାଗି ଏକାଦଶୀ ଅବସରରେ ଶ୍ରୀବିଗ୍ରହମାନଙ୍କ ଖଳିଲାଗି ନୀତି ସମ୍ପନ୍ନ ହୋଇଛି। ପାରମ୍ପରିକ ରୀତିରେ ପ୍ରସ୍ତୁତ ଦଶମୂଳ ପାଚନ ମହାପ୍ରଭୁଙ୍କୁ ଲାଗି କରାଯାଇଛି। ଶ୍ରୀବିଗ୍ରହଙ୍କ ସୁସ୍ଥତା ନେଇ ମନ୍ଦିର ସେବାୟତ(ମହନ୍ତ, ବାବାଜୀ) ମନ୍ଦିର ପରିଚାଳନା କମିଟିକୁ ସୂଚନା ଦେଇଛନ୍ତି। ଦଶମୂଳ ଅର୍ପଣ ପରେ ମହାପ୍ରଭୁ ସୁସ୍ଥ ହୋଇଥିବା ନେଇ ମନ୍ଦିର ମୁଖ୍ୟ ପୂଜକ କମଳଲୋଚନ ମହାରାଜ ଜଣାଇଛନ୍ତି। ଆସନ୍ତା ୨୬ତାରିଖରେ ଶ୍ରୀଅନନ୍ତ ପୁରୁଷୋତ୍ତମ ଭକ୍ତଙ୍କୁ ନବଯୌବନ ବେଶରେ ଦର୍ଶନ ଦେବେ। ୨୭ ତାରିଖରେ ଚତୁର୍ଦ୍ଧାବିଗ୍ରହ ରଥାରୂଢ଼ ହୋଇ ଗୁଣ୍ଡିଚା ଯାତ୍ରା କରିବେ।

ଦେବସ୍ନାନ ଜ୍ୟେଷ୍ଠ ପୂର୍ଣ୍ଣିମାରେ ୧୦୮ଗଡ଼ୁ ସୁଭାଷିତ ଜଳରେ ସ୍ନାନ ପରେ ଶ୍ରୀଅନନ୍ତ ପୁରୁଷୋତ୍ତମ (ଶ୍ରୀଜଗନ୍ନାଥ), ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରା ଜ୍ୱରରେ ପୀଡ଼ିତ ହୋଇଥିଲେ। ଅଣସର ଗୃହରେ

**ବାଜିଲା ବିଜେ କାହାଳି**

ଶ୍ରୀଜୀଉମାନଙ୍କ ଗୁପ୍ତ ନୀତି ଆରମ୍ଭ ହୋଇଥିଲା। ଅଣସରର ତୃତୀୟ ଦିନରେ ଶ୍ରୀଜୀଉଙ୍କ ଓଦାବସ୍ତ୍ର ଫିଟା ନୀତି ସମ୍ପନ୍ନ ହୋଇଥିଲା। ପଞ୍ଚମ ଦିନରେ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗରେ ଫୁଲୁରି ତେଲ ଲାଗି ପରେ ସପ୍ତମୀରୁ ନବମୀ ଓଷୁଓ ଲାଗି ହୋଇଥିଲା। ଦଶମୀରେ ଚକାବିଜେ ନୀତି ସମ୍ପନ୍ନ ହୋଇଥିଲା। ଶନିବାର ଖଳିଲାଗି ନୀତି ସମ୍ପନ୍ନ ହୋଇଛି। ଏହା ପରେ ଚକଟା ଓ ପଣାଭୋଗ ଅର୍ପଣ କରାଯାଇଥିଲା। ସନ୍ଧ୍ୟା ଧୂପ ନୀତି ହେବା ପରେ ଶ୍ରୀବିଗ୍ରହମାନଙ୍କୁ ସର୍ବାଙ୍ଗ ନୀତି ହୋଇଥିଲା। ଚତୁର୍ଦ୍ଧାବିଗ୍ରହଙ୍କୁ ବେଶଲାଗି, ଫୁଲ ତୁଳସୀ ଲାଗି କରାଯାଇଥିଲା। ଦଶମୂଳ ସଂସ୍କାର ପରେ ମହାପ୍ରଭୁଙ୍କୁ ଲାଗି କରାଯାଇଥିଲା। ଏହା ପରେ ମନ୍ଦିର ପରିସରରେ ବିଜେ କାହାଳୀ, ଘଣ୍ଟା, ବାଦ୍ୟ ବାଜିଥିଲା। କମଳଲୋଚନ ମହାରାଜ କୁହନ୍ତି, ଏହି ମନ୍ଦିରରେ ସ୍ୱତନ୍ତ୍ର ଭାବେ କୌଣସି ସେବାୟତ କିମ୍ବା ପୂଜକ ନାହାନ୍ତି। ଏଠାରେ ରହୁଥିବା ବାବାଜୀମାନେ ଶ୍ରୀଜୀଉଙ୍କ ସମସ୍ତ ନୀତିକାନ୍ତି କରିଥାନ୍ତି।

# ଟାଙ୍ଗୀ ପଞ୍ଚାୟତରେ ବୁଲିଲା ବିକାଶ ବାହନ


ବିକାଶ ବାହନ ରଥକୁ ସ୍ୱାଗତ କରାଯାଉଛି।

ଟାଙ୍ଗୀ,୨୧।୬(ରଘୁନାଥ ସାହୁ)

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ସରକାରଙ୍କ ବିଭିନ୍ନ ବିଭାଗର ସଫଳତା ଏବଂ ଜନହିତକର ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଜଣାଇବା ପାଇଁ ବିକାଶ ବାହନ ରଥ ଶନିବାର ଟାଙ୍ଗୀ ପଞ୍ଚାୟତର ସମସ୍ତ ୱାର୍ଡ ପରିକ୍ରମା କରିଛି। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ କିଶୋର କୁମାର ବେହେରା ଏହି ବିକାଶ ବାହନ ରଥକୁ ସ୍ୱାଗତ କରିଥଲେ। ହରିବୋଲ, ହୁଳହୁଳି, ସଂକୀର୍ତ୍ତନ ସହ ରଥ ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ ଭଞ୍ଜ କିଶୋର ପାଣି, ବିପିସି ଦୀପକ କୁମାର ପ୍ରଧାନ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମଦନମୋହନ ସାହୁଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ଆଶା ଓ ଅଙ୍ଗନୱାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ବେଗୁନିଆ,୨୧।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ କରଡ଼ଗାଡ଼ିଆ ଗ୍ରାମରେ ଶନିବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ ଜିଲା ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଲପୁର ଗ୍ରାମର ଡି.ଜୁଗୁନି(୨୪)। ସୂଚନା ମୁତାବକ, ଜୁଗୁନି ବାଇକ୍‌ରେ ଅସରଳା ଗ୍ରାମକୁ ଆସୁଥିବା ବେଳେ କରଡ଼ଗାଡିଆ ଠାରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କାଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ଜୁଗୁନିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ସଦର ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁ କହିଛନ୍ତି।

# ମନ୍ଦିର ହୁଣ୍ଡି ଭାଙ୍ଗି ଲୁଟ୍ ଘଟଣାରେ ୩ ଗିରଫ

ଜଟଣୀ,୨୧।୬(ରବୀନ୍ଦ୍ରନାଥ ମହାକୁଡ଼)

**୫,୧୭୦ ଟଙ୍କା ଜବତ**



ଜଟଣୀ ଥାନା ଅଧୀନ ବୁଢ଼ାପଡ଼ାସ୍ଥିତ ସୋମନାଥ ଦେବଙ୍କ ମନ୍ଦିର ହୁଣ୍ଡି ଭାଙ୍ଗି ଲୁଟ୍ ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅଧୀନ ବୁଢ଼ାପଡ଼ା ଗ୍ରାମର ବିଭୂତି ଭୂଷଣ ପଣ୍ଡା ଓରଫ ବିଗା (୩୫), ବୃନ୍ଦାବନ ସାହୁ ଓରଫ ଚିକୁ (୨୬) ଏବଂ ସୁରେଶ ବେହେରା ଓରଫ ଚନ୍ଦା (୨୯)। ଏମାନଙ୍କ ନିକଟରୁ ୫,୧୭୦ଟଙ୍କା ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୭୩/୨୫) ରୁଜୁ ହୋଇଛି। ଅଭିଯୋଗ ମୁତାବକ, ସୋମନାଥ ଦେବ ମନ୍ଦିରର ମୁଖ୍ୟ ଦ୍ୱାର ତାଲା ଏବଂ ହୁଣ୍ଡି ଭଙ୍ଗାଯିବା ସହ ଟଙ୍କା ଲୁଟ୍ ହୋଇଥିବା ନେଇ ଗତ ୧୬ତାରିଖରେ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏନେଇ ଗ୍ରାମବାସୀ ପୋଲିସକୁ ଅବଗତ କରାଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିଥିଲା। ପରେ ଏନେଇ ସୁଧାଂଶୁ ଶେଖର ପଣ୍ଡାଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ କରିବା ସହ ସିସିଟିଭି କ୍ୟାମେରା ଯାଞ୍ଚ କରିଥିଲା। କୌଣସି ସୂତ୍ରରୁ ଖବରପାଇ ଶନିବାର ବୁଢ଼ାପଡ଼ା ଛକରେ ପୋଲିସ ଚଢ଼ାଉ କରି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ କାବୁ କରିଥିଲା। ଯାଞ୍ଚ ବେଳେ ଟଙ୍କା ଜବତ ହୋଇଥିଲା। ତେବେ ସିସିଟିଭି କ୍ୟାମେରାରୁ ବର୍ତ୍ତିବା ପାଇଁ ଅଭିଯୁକ୍ତମାନେ ଏକ ଲୁହାରଡ ଓ କମ୍ବଳ ବ୍ୟବହାର କରିଥିଲେ ବୋଲି ପୋଲିସ କହିଛି। ଅଭିଯୁକ୍ତ ବୃନ୍ଦାବନଙ୍କ ନାମରେ ପୂର୍ବରୁ ଜଟଣୀ ଥାନାରେ ୪ଟି ଆପରାଧିକ ମାମଲା ରହିଥିବା ବେଳେ ଅଭିଯୁକ୍ତ ସୁରେଶଙ୍କ ନାମରେ ଗୋଟିଏ ମାମଲା ରହିଛି।

# ଭାଜପାରେ ମିଶିଲେ ବହୁ ନେତା, କର୍ମୀ

ବାଣପୁର,୨୧।୬(ଦିଲୀପ କୁମାର ସ୍ୱାଇଁ)


ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଗହଣରେ ଯୋଗଦେଇଥିବା ନୂତନ କାର୍ଯ୍ୟକର୍ତ୍ତା।

ବାଣପୁର ସ୍ଥିତ କୃତ୍ତିବାସ ଭବନଠାରେ ଶନିବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ନୀଳାଦ୍ରିପ୍ରସାଦର ପୂର୍ବତନ ସରପଞ୍ଚ ଆଶାମଣୀ ସାହୁ, କୁଲେଇର ପୂର୍ବତନ ସରପଞ୍ଚ ପ୍ରସନ୍ନ କୁମାର ପ୍ରଧାନ, ନୀଳାଦ୍ରିପ୍ରସାଦ ପଞ୍ଚାୟତର ବହୁ ୱାର୍ଡ ସଭ୍ୟାସଭ୍ୟ, ବିଜେଡିର କାର୍ଯ୍ୟକର୍ତ୍ତା ଓ କୁଲେଇ ପଞ୍ଚାୟତର କେତେଜଣ ବିଜେଡି କାର୍ଯ୍ୟକର୍ତ୍ତା ଭାଜପାରେ ସାମିଲ ହୋଇଛନ୍ତି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଭାଜପାରେ ସାମିଲ ହୋଇଥିବା ସମସ୍ତ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବ ଚିଲିକା ନିର୍ବାଚନ ମଣ୍ଡଳୀ ସହିତ ଓଡ଼ିଶାରେ ଭାଜପାର ବିଜୟ ସଂକଳ୍ପ ଯାତ୍ରାକୁ ସୁଦୃଢ଼ କରିବ। ଏଥିସହ ସଙ୍ଗଠନକୁ ତୃଣମୂଳସ୍ତରରେ ଅଧିକ ମଜବୁତ କରିବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଥିଲେ। ଏହି ମିଶ୍ରଣ ପର୍ବ ସମାରୋହରେ ପୁରୀ ଏମ୍‌ପି ଡା.ସମ୍ବିତ ପାତ୍ର, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ଦୁଷ୍ମନ୍ତ ହରିଚନ୍ଦନ, ଜିତେନ୍ଦ୍ର କୁମାର ଭୋଳ, ମାଧବ ପ୍ରଧାନଙ୍କ ସମେତ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଏନ୍‌ପିଏସ୍-ୟୁପିଏସ୍ ଆଲୋଚନାଚକ୍ର

ଟାଙ୍ଗୀ,୨୧।୬(ରଘୁନାଥ ସାହୁ)


ଆଲୋଚନାଚକ୍ରରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ଟାଙ୍ଗୀ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଅବସରପ୍ରାପ୍ତ କର୍ମଚାରୀ ସେବା ସଂଘ ସଭାଗୃହରେ ଏନ୍‌ପିଏସ୍ ବନାମ ୟୁପିଏସ୍ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ବ୍ଲକ ଶିକ୍ଷକ ସଂଘ ସଭାପତି ସଲିଲ କୁମାର ସ୍ୱାଇଁ ପରିଚାଳନା କରିଥିବା ବେଳେ ଶିକ୍ଷକ ସଂଘ ସମ୍ପାଦକ ସନ୍ତୋଷ କୁମାର ବେହେରା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଦିତ୍ୟ ବିର୍ଲା କ୍ୟାପିଟାଲର ଅଧିକାରୀ ସାଇ ମହାନ୍ତି, ଲିଜାରାଣୀ ପାତ୍ର, ଖୋର୍ଦ୍ଧା ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଙ୍ଗଠନ ସମ୍ପାଦକ ସମରେଶ ବେହେରା ଏନ୍‌ପିଏସ୍ ଓ ୟୁପିଏସ୍'ର ବିଭିନ୍ନ ନିୟମ ସମ୍ପର୍କରେ ଆଲୋକପାତ କରିବା ସହିତ ଶିକ୍ଷକଙ୍କ ପକ୍ଷରୁ ଆଗତ ପ୍ରଶ୍ନର ଉତ୍ତର ଦେଇଥିଲେ। ସମରେଶ ବେହେରା ସରକାରୀ ଗେଜେଟରେ ଏ ସଂକ୍ରାନ୍ତୀୟ ପ୍ରଦତ୍ତ ନିର୍ଦ୍ଦେଶାବଳୀ ଗୁଡିକର ତର୍ଜମା କରିଥିଲେ। ଏହି ଆଲୋଚନାଚକ୍ରରେ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଯୁଧିଷ୍ଠିର ସାହୁ, ଗୌରାଙ୍ଗ ଶ୍ରୀଚନ୍ଦନ, ଜଳନ୍ଧର ଭଞ୍ଜ, ଗୋପାଳ କୃଷ୍ଣ ଲେଙ୍କା, ସରୋଜ ମାନ୍ଧାତା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ମମତା ବେହେରା ଧନ୍ୟବାଦ ଦେଇଥିଲେ।

# ବିଶ୍ୱ ମୋଟରସାଇକେଲ ଦିବସ ପାଳିତ




ଭୁବନେଶ୍ୱର, ୨୧।୬ (ସୌମ୍ୟରଞ୍ଜନ ରାଉତ)

ବାଇକ ପ୍ରେମୀ ଯୁବକ ସଙ୍ଗଠନ ପକ୍ଷରୁ ଶନିବାର ବିଶ୍ୱ ମୋଟର ସାଇକେଲ ଦିବସ ଧଉଳିଠାରେ ପାଳିତ ହୋଇଯାଇଛି। ସଙ୍ଗଠନର ଯୁବକମାନେ ନିଜ ବାଇକ ଧରି ସକାଳ ୮ରୁ ପାହାଲଠାରୁ ବାହାରି ଧଉଳି ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଯାତ୍ରା କରିଥିଲେ। ସମସ୍ତେ ନିଜେ ହେଲ୍‌ମେଟ ପିନ୍ଧିବା ସହ ଅନ୍ୟମାନଙ୍କୁ ହେଲ୍‌ମେଟ ପିନ୍ଧିବା ପାଇଁ ପରାମର୍ଶ ଦେବା ସହ ମଦ୍ୟପାନ କରି ଗାଡି ନ ଚଳାଇବା ପାଇଁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ସମସ୍ତେ ଏକତ୍ର ହୋଇ ଧଉଳିରେ କେକ୍ କାଟି ଖୁସି ମନାଇବା ସହ ବିଶ୍ୱ ମୋଟର ସାଇକେଲ ଦିବସ ପାଳନ କରିଥିଲେ। ଆଗାମୀ ଭବିଷ୍ୟତରେ ଆଗକୁ ମଧ୍ୟ ଏହି ପ୍ରୟାସ ଜାରି ରଖିବା ସହ କିଛି ଭିନ୍ନ କରିବା ନେଇ ଆବାହକ ଦିଲ୍ଲୀପ କୁମାର ଷଡଙ୍ଗୀ କହିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମାନନ୍ଦ ବେହେରା, ଦିଲୀପ କୁମାର ସାହୁ, ବିଶ୍ୱନାଥ ବେହେରା, ପ୍ରଜ୍ଞାସୁ ମହାପାତ୍ର, ମନୋଜ ବେହେରା, ଗୁରୁପଦ ନାଥ, ସଞ୍ଜୀବ ବାହାଦୁର, ସନ୍ତୋଷ ସାହୁ, ନିରଞ୍ଜନ ସାହୁ, ସେଉଲ ସାଗର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବଗୌରବ, ଅସ୍ମିତା ହେଉଛି ମାନବ ଜାତିର ପରିଚୟ

ବୋଲଗଡ଼,୨୧।୬ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ମାଣିବନ୍ଧ ପଞ୍ଚାୟତ ଏକଡାଳିଆ ଗ୍ରାମସ୍ଥିତ ନୀଳକଣ୍ଠେଶ୍ୱରଙ୍କ ମନ୍ଦିର ପରିସରରେ ଶନିବାର ଏକ ସାରସ୍ୱତ ଆସର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା ସମିତି ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ 'ପରିଚିତି ସଙ୍କଟ ଓ ସାମ୍ପ୍ରତିକ ସମାଜ' ଶୀର୍ଷକ ଆଲୋଚନା ଚକ୍ର ଏବଂ କବିତାପାଠ କରାଯାଇଥିଲା। ସାମାଜିକ କର୍ମୀ ନିରଞ୍ଜନ ମହାପାତ୍ରଙ୍କ ପୌରୋହିତ୍ୟରେ ସାହିତ୍ୟିକା ଡ.ବାସନ୍ତୀ ମହାନ୍ତି ମୁଖ୍ୟ ଅତିଥି, ଡା.ଅମରେନ୍ଦ୍ରନାଥ ମହାପାତ୍ର ମୁଖ୍ୟ ବକ୍ତା, ପ୍ରଫେସର ଡ.ହରିପ୍ରସାଦ ଦାସ, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଜଗତୀକରଣ ଓ ଉପଭୋକ୍ତାବାଦ ସଂସ୍କୃତିର ଉତ୍ତରଣରେ ମନୁଷ୍ୟ ସମାଜରେ ନିଜ ପରିଚୟ ହଜାଇ ବସିଥିବା ବେଳେ ଉତ୍ତରପିଢ଼ିଙ୍କୁ ନିଜ ଜାତିର ପୂର୍ବଗୌରବ ଓ ଅସ୍ମିତା ସମ୍ପର୍କରେ ସଚେତନ ଦ୍ୱାରା ସଙ୍କଟଗ୍ରସ୍ତ ପରିଚିତିରୁ ମୁକ୍ତି ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ନୀଳକଣ୍ଠେଶ୍ୱର ଦେବଙ୍କ ପୂଜାର୍ଚ୍ଚନା ପରେ ଗାୟକ ବସନ୍ତ କୁମାର ଦାସ ଓ ପଣ୍ଡିତ ଉଦ୍ୟନାଥ ପଣ୍ଡାଙ୍କ ମଙ୍ଗଳାଚରଣ ପାଠ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ ସ୍ୱରଚିତ ଆବାହନୀ ସଙ୍ଗୀତ ଗାନ ପରେ ସ୍ୱାଗତ ଭାଷଣ ଏବଂ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବୟିତ୍ରୀ ଡ.ଗୀତାଞ୍ଜଳି ମହାପାତ୍ର, ଗାୟିକା ମାନସୀ ଦାସ, ଗୀତାଞ୍ଜଳି ମହାପାତ୍ର, କବି ଦିବ୍ୟଲୋଚନ ଭାରିମଲ, ଧନଞ୍ଜୟ ଶ୍ରୀଚନ୍ଦନ ମହାପାତ୍ର, ଗୁରୁକୁମାର ପାଣିଗ୍ରାହୀ, ଭାଗବତ ମହାପାତ୍ର, ଅଶ୍ୱିନୀ କୁମାର ପଟ୍ଟନାୟକ, ଶିକ୍ଷାବତ୍ ହରିବନ୍ଧୁ ପଣ୍ଡା, ବ୍ରଜବନ୍ଧୁ ପଣ୍ଡା, ଡା.ପ୍ରମୋଦ କୁମାର କହଲସିଂହ, ସବିତା ରାୟ, ପତିତପାବନ ବଳବନ୍ତରାୟ, ଦୀନବନ୍ଧୁ ଦାଶ, ପୂର୍ବତନ ସେନା କର୍ମଚାରୀ ବସନ୍ତ କୁମାର ହୋତା, ଜୀବନାନନ୍ଦ ପାଣିଗ୍ରାହୀ, ବିପିନ ବିହାରୀ ପଣ୍ଡା, କୃଷ୍ଣ ଚନ୍ଦ୍ର ବଳବନ୍ତରାୟ, ଗୀତାଞ୍ଜଳି ସାହୁ, ଭି. ଲକ୍ଷ୍ମୀପ୍ରିୟା ସାହୁ, ସ୍ୱର୍ଣ୍ଣଲତା ସାହୁ, ସୁଧୀର କୁମାର ମହାପାତ୍ର, କାଞ୍ଚନବାଳା ସାହୁ, ଗୁନିବାଳା ପଣ୍ଡା, ସଚ୍ଚିଦାନନ୍ଦ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଗାୟକ ହରିହର ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଶିକ୍ଷକ ଜଗନ୍ନେଶ୍ୱର ମଙ୍ଗରାଜ ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ଓଡ଼ିଶା ଭିଜନ ସେଲ୍ ଗଠନ ପାଇଁ ପ୍ରସ୍ତାବ ଦେଲେ ନୀତି ଆୟୋଗ

**ଭୁବନେଶ୍ୱର, ୨୧।୬ (ବନ୍ଦନା ସେଠୀ)**



ଖାରବେଳ ଭବନଠାରେ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ବି.ଭି.ଆର୍ ସୁବ୍ରମଣ୍ୟମ୍‌ଙ୍କ ସହ ଆଲୋଚନାବେଳେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଅନ୍ୟମାନେ।

■ଓଡ଼ିଶା ଭିଜନ ୨୦୩୬ , ୨୦୪୭ କାର୍ଯ୍ୟକାରୀ ନେଇ ଆଲୋଚନା

■ରାଜ୍ୟ ସରକାରଙ୍କ '୩୬ ଫର୍ ୩୬' ଲକ୍ଷ୍ୟକୁ ପ୍ରଶଂସା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଶୁକ୍ରବାର ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା– 'ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭' ଉନ୍ମୋଚିତ ହୋଇଯାଇଛି। ଏଥିରେ ରହିଥିବା ଲକ୍ଷ୍ୟ ପୂରଣ ପାଇଁ ପଦକ୍ଷେପ ସମ୍ପର୍କରେ ଶନିବାର ଖାରବେଳ ଭବନଠାରେ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ବି.ଭି.ଆର୍. ସୁବ୍ରମଣ୍ୟମ୍ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ସଚିବମାନଙ୍କ ସହ ଆଲୋଚନା କରିଥିଲେ। ମାତ୍ର ୧୧ମାସ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା, ବିଭିନ୍ନ ବର୍ଗ ତଥା ଜନସାଧାରଣଙ୍କଠାରୁ ମତାମତ, ବିଭିନ୍ନ କ୍ଷେତ୍ରରୁ ମତାମତ ଗ୍ରହଣ ପରେ ଏହି ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବି.ଭି.ଆର୍. ମତ ରଖିଥିଲେ। ଓଡ଼ିଶା ଭିଜନକୁ କାର୍ଯ୍ୟକାରୀ କରିବା ପାଇଁ ହେଲେ ଏଥିରେ ଉଲ୍ଲିଖିତ ବିଭିନ୍ନ ପ୍ରସ୍ତାବକୁ ପ୍ରଥମେ ଭଲଭାବେ ବୁଝିବା ଆବଶ୍ୟକ, ଯାହାଦ୍ୱାରା କାର୍ଯ୍ୟକୁ ଶୀଘ୍ର ତ୍ୱରାନ୍ୱିତ କରାଯାଇପାରିବ ବୋଲି ସେ କହିଥିଲେ। ରାଜ୍ୟ ସରକାରଙ୍କ '୩୬ ଫର୍ ୩୬' ଲକ୍ଷ୍ୟ ଆଭିମୁଖ୍ୟକୁ ପ୍ରଶଂସା କରିବା ସହ ଓଡ଼ିଶା ଭିଜନ୍ ସେଲ୍ ଗଠନ ପାଇଁ ମଧ୍ୟ ପ୍ରସ୍ତାବ ଦେଇଥିଲେ। ଏହି ସେଲ ପ୍ରତି ମାସରେ 'ଓଡ଼ିଶା ଭିଜନ'ର ଲକ୍ଷ୍ୟ ସାଧନ ପାଇଁ କାର୍ଯ୍ୟର ଅଗ୍ରଗତିକୁ ଅନୁଧ୍ୟାନ କରିବ ଏବଂ ଆବଶ୍ୟକ ପଦକ୍ଷେପ ନେବ। ସେହିପରି ଜିଲାସ୍ତରରେ ଓଡ଼ିଶା ଭିଜନ ୟୁନିଟ୍ ସ୍ଥାପନ କରିବା, ରାଜ୍ୟସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ସ୍ତରରେ ଏବଂ ମୁଖ୍ୟ ଶାସନ ସଚିବଙ୍କ ସ୍ତରରେ ଉଚ୍ଚସ୍ତରୀୟ କମିଟି ଗଠନ ପୂର୍ବକ ବିଭିନ୍ନ ସମୟରେ ସମୀକ୍ଷାକରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରସ୍ତାବ ଦେଇଥିଲେ। ନୀତି ଆୟୋଗଙ୍କ ସହଯୋଗ ଏବଂ ରାଜ୍ୟ ସରକାରଙ୍କ ସାମଗ୍ରିକ ପ୍ରୟାସରେ ଏହି ଗୁଣାତ୍ମକ ଡକ୍ୟୁମେଣ୍ଟ ହୋଇପାରିଥିବା ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓଡ଼ିଶା ଭିଜନ ପ୍ରସ୍ତୁତିରେ ନୀତି ଆୟୋଗଙ୍କ ସହଯୋଗ ଓ ସମସ୍ତ ସଚିବଙ୍କ ପ୍ରଚେଷ୍ଟାକୁ ଧନ୍ୟବାଦ ଜଣାଇଥିଲେ। ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ।

## ଓଡ଼ିଶାର କଳା, ସଂସ୍କୃତିକୁ ବିଶ୍ୱବିଦିତ କରିବାକୁ ପ୍ରସ୍ତାବ ରଖିଲେ ନନ୍ଦିତା ଦାସ



ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ଚଳଚ୍ଚିତ୍ର ନିର୍ମାତା ନନ୍ଦିତା ଦାସ ଆଲୋଚନା କରୁଛନ୍ତି।

**ଭୁବନେଶ୍ୱର, ୨୧।୬ (ସୌମ୍ୟରଞ୍ଜନ ରାଉତ)**

ଅଭିନେତ୍ରୀ ତଥା ଚଳଚ୍ଚିତ୍ର ନିର୍ମାତା ନନ୍ଦିତା ଦାସ ଶନିବାର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ସେ ଓଡ଼ିଶାର କଳା, ସଂସ୍କୃତିକୁ ଆହୁରି ବିଶ୍ୱବିଦିତ କରାଇବା ସହ ଓଡ଼ିଶା ମାଟିକୁ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି କିଛି ପ୍ରସ୍ତାବ ଦେଇଛନ୍ତି। ପ୍ରସ୍ତାବଗୁଡ଼ିକ ଉପରେ ବିଭାଗୀୟ ଆଲୋଚନା ପରେ ସରକାରଙ୍କ ପକ୍ଷରୁ ଆବଶ୍ୟକ ସହାୟତା ଯୋଗାଇଦେବାକୁ ଉପମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ସାକ୍ଷାତକାର ସମୟରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ତାଙ୍କ ସହ ଆଲୋଚନା କରିଥିଲେ।

## ଶ୍ରୀମନ୍ଦିରରେ ଫଟୋ ଉଠାଇବାବେଳେ ଧରାପଡ଼ିଲେ ଅଣଓଡ଼ିଆ ଯୁବକ

**ପୁରୀ,୨୧।୬(ଅଜିତ୍ କୁମାର ମହାନ୍ତି)**

ମହାପ୍ରଭୁଙ୍କ ରଥଯାତ୍ରାକୁ ଆଉ କିଛିଦିନ ବାକି ଥିବାବେଳେ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପୋଲିସର ସୁରକ୍ଷା ବ୍ୟବସ୍ଥା ପୁଣି ପଦାରେ ପଡ଼ିଛି। ଶନିବାର ଶ୍ରୀମନ୍ଦିର ଭିତରେ ଜଣେ ଅଣଓଡ଼ିଆ ଭକ୍ତ ମୋବାଇଲ ନେଇ ଫଟୋ ଉଠାଇବା ବେଳେ ପୋଲିସ ଓ ଜେଟିପି ଦ୍ୱାରା ଧରାପଡ଼ିଛନ୍ତି। ପରେ ଭକ୍ତ ଜଣଙ୍କ ପୋଲିସ ସହ ଯୁକ୍ତିତର୍କ କରିଥିବା ଦେଖିବାକୁ ମିଳିଥିଲା।

ସୂଚନାଯୋଗ୍ୟ, ଶନିବାର ଶ୍ରୀମନ୍ଦିରକୁ ଜଣେ ଅଣଓଡ଼ିଆ ଭକ୍ତ ଦର୍ଶନ ପାଇଁ ଆସିଥିଲେ। ସେ କୌଶଳକ୍ରମେ ମୋବାଇଲ ନେଇ ଭିତର ଫଟୋ ଉଠାଇବାବେଳେ ଧରାପଡ଼ିଥିଲେ। ପୋଲିସ ସମ୍ପୃକ୍ତ ଅଣଓଡ଼ିଆ ବ୍ୟକ୍ତିଙ୍କଠାରୁ ମୋବାଇଲ ନେବାକୁ ଚେଷ୍ଟା କରିବା ବେଳେ ସେ ପାଟିତୁଣ୍ଡ ଆରମ୍ଭ କରି ମୋବାଇଲ ଦେଇ ନ ଥିଲେ। ପୋଲିସ କର୍ମଚାରୀଙ୍କୁ ଗାଳିଗୁଲଜ ମଧ୍ୟ କରିଥିଲେ। ଫଳରେ ପୋଲିସ କର୍ମଚାରୀମାନେ ତାଙ୍କୁ ସିଂହଦ୍ୱାର ଥାନାକୁ ନେଇଥିଲେ। ସେଠାରେ ଅଣଓଡ଼ିଆ ଯୁବକ ଜଣଙ୍କ ପୁଣି ଶ୍ରୀମନ୍ଦିର ଭିତରକୁ ମୋବାଇଲ ନେଇଯିବେ ବୋଲି କହିଥିଲେ। ଏନେଇ ସିଂହଦ୍ୱାର ପୋଲିସ ତାଙ୍କୁ ପଚରାଉଚରା କରିଥିବା ସୂଚନା ମିଳିଛି। ଶ୍ରୀମନ୍ଦିରକୁ ଯିବା ପୂର୍ବରୁ ପୋଲିସ ପକ୍ଷରୁ ଭକ୍ତଙ୍କୁ ଚେକିଂ କରାଯାଇଥାଏ। ତେବେ ପୋଲିସ ଚେକିଂ ସତ୍ତ୍ୱେ କିପରି ଯୁବକ ଜଣଙ୍କ ଶ୍ରୀମନ୍ଦିର ଭିତରକୁ ଫୋନ୍ ନେଇଗଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଦେଶର ୫ମ ସ୍ଥାନରେ କିଟ୍ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର,୨୧।୬(ଅନୁରାଧା ମହାରଣା)**

**ଟାଇମ୍ସ ହାୟର ଏଜୁକେଶନ ଇମ୍ପାକ୍ଟ ର୍‍ୟାଙ୍କିଙ୍ଗ୍**



ଟାଇମ୍ସ ହାୟର ଏଜୁକେଶନ (ଟିଏଚ୍‌ଇ) ଇମ୍ପାକ୍ଟ ର୍‍ୟାଙ୍କିଙ୍ଗ୍‌ରେ କିଟ୍ ଭଲ ପ୍ରଦର୍ଶନ କରିଛି। ଅସମାନତା ହ୍ରାସ (ଏସ୍‌ଡିଜି–୧୦) ଓ ଶାନ୍ତି, ନ୍ୟାୟ ଏବଂ ସଶକ୍ତ ପ୍ରତିଷ୍ଠାନ (ଏସ୍‌ଡିଜି–୧୬), ସୁଲଭ ଓ ସ୍ୱଚ୍ଛ ଉର୍ଜା (ଏସ୍‌ଡିଜି–୭)ରେ ଦେଶର ପ୍ରଥମ ସ୍ଥାନରେ କିଟ୍ ବିଶ୍ୱବିଦ୍ୟାଳୟ ରହିଥିବା ବେଳେ ଗୁଣାତ୍ମକ ଶିକ୍ଷା (ଏସ୍‌ଡିଜି–୪)ରେ ୩ୟ ସ୍ଥାନରେ ରହିଛି। ସାମଗ୍ରିକ ଭାବେ ଇମ୍ପାକ୍ଟ ର୍‍ୟାଙ୍କିଙ୍ଗରେ କିଟ୍ ବିଶ୍ୱବିଦ୍ୟାଳୟ ସମସ୍ତ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ୫ମ ସ୍ଥାନରେ ରହିଛି।

ସର୍ଜନାତ୍ମକ ପଦ୍ଧତିରେ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟର ସାମାଜିକ ପ୍ରଭାବ କ'ଣ ରହିଛି, ତାର ମୂଲ୍ୟାଙ୍କନ କରି ର୍‍ୟାଙ୍କ ପ୍ରଦାନ କରୁଛି ଟାଇମ୍ସ ହାୟର ଏଜୁକେଶନ। ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି)କୁ ଆଗକୁ ନେବାରେ ବିଶ୍ୱବିଦ୍ୟାଳୟର ପ୍ରଦର୍ଶନ ଉପରେ ମୂଲ୍ୟାଙ୍କନ ଆଧାରରେ ଚଳିତବର୍ଷ ବିଶ୍ୱର ୧୩୦ଟି ଦେଶର ପ୍ରାୟ ୨୪ଶହରୁ ଅଧିକ ଖ୍ୟାତିସମ୍ପନ୍ନ ବିଶ୍ୱବିଦ୍ୟାଳୟ ଏହି ର୍‍ୟାଙ୍କିଙ୍ଗରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ କିଟ୍ ବିଶ୍ୱରେ ୧୦୧ କୋହର୍ଟ ମଧ୍ୟରେ ରହିଛି। ଏ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, କିଟ୍ ଏକ ଛୋଟ ଅନୁଷ୍ଠାନରୁ ଆରମ୍ଭ ହୋଇଥିଲା ବେଳେ ଏହା ବିଶ୍ୱର ସମସ୍ତ ଅନୁବନ୍ଧନ ଓ ର୍‍ୟାଙ୍କିଙ୍ଗ୍‌ରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି । ଏହିସବୁ ର୍‍ୟାଙ୍କିଙ୍ଗରେ କିଟ୍‌ର ଲଗାତାର ସଫଳତା ନିରନ୍ତର ଶିକ୍ଷା, ସ୍ଥାୟିତ୍ୱ, ଅନ୍ତର୍ଭୁକ୍ତି ଏବଂ ବିଶ୍ୱ ସହଯୋଗ କ୍ଷେତ୍ରରେ ଉତ୍କର୍ଷତା ପ୍ରତି ଏହାର ପ୍ରତିବଦ୍ଧତା ପ୍ରତିପାଦନ କରୁଛି ବୋଲି ସେ କହିଛନ୍ତି।

## ଦେବଯାନୀ ଭୂୟାଁ ରାଜ୍ୟ ପ୍ରତ୍ନତତ୍ତ୍ୱ ଅଧୀକ୍ଷକ

**ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟର ସଚିବ ନିଯୁକ୍ତ**

**ଭୁବନେଶ୍ୱର/କଟକ,୨୧।୬ (ସୌମ୍ୟରଞ୍ଜନ ରାଉତ/ କାର୍ତ୍ତିକ ସାହୁ)**



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ଦେବଯାନୀ ଭୂୟାଁ ରାଜ୍ୟ ପ୍ରତ୍ନତତ୍ତ୍ୱ ଅଧୀକ୍ଷକ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିସହ କଟକ ଓଡ଼ିଆବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟର ସଚିବ ଭାବେ ନିଯୁକ୍ତ ହୋଇଛନ୍ତି। ରାଜ୍ୟ ପ୍ରତ୍ନତତ୍ତ୍ୱ ଅଧୀକ୍ଷକ ଅଶ୍ୱିନୀ କୁମାର ଶତପଥୀଙ୍କ ଅବସର ପରେ ଏହି ପଦ ଖାଲିପଡ଼ିଥିଲା। ତେବେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଦେବଯାନୀ ନୂଆ ଦାୟିତ୍ୱ ସମ୍ଭାଳିବେ। ଏନେଇ ସଂସ୍କୃତି ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଦେବଯାନୀ କାର୍ଯ୍ୟାଳୟରେ ପହଞ୍ଚିବା ପରେ ରାଜ୍ୟ ପ୍ରତ୍ନତତ୍ତ୍ୱର କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହି ଅବସରରେ ଆୟୋଜିତ ବୈଠକରେ ସେ ଆଗାମୀ ଦିନରେ ପ୍ରତ୍ନତତ୍ତ୍ୱ ବିଭାଗର ବିଭିନ୍ନ କାର୍ଯ୍ୟକୁ ଯେପରି ସୁଚାରୁରୂପେ ସମ୍ପାଦନ କରାଯାଇପାରିବ ସେସମ୍ପର୍କରେ ଆଲୋଚନା କରିଥିଲେ।

## ବାଲିହରଚଣ୍ଡୀଙ୍କ ଅମୋଘ ଅସ୍ତ୍ର ଅଣସରରେ ଦେଖିହୁଏ

**ପୁରୀ,୨୧।୬(ଅଜିତ୍ କୁମାର ମହାନ୍ତି)**



ପୁରୀରେ ଅବସ୍ଥାନ କରୁଥିବା ପ୍ରମୁଖ ଦେବୀପୀଠ ମଧ୍ୟରେ ବ୍ରହ୍ମଗିରିସ୍ଥିତ ମା' ବାଲିହରଚଣ୍ଡୀ ଅନ୍ୟତମ। ବାଲିହରଚଣ୍ଡୀଙ୍କୁ ପ୍ରମୁଖ ଦେବୀ ଭାବେ ବିବେଚନା କରାଯାଇଥାଏ। ମା' ବାଲିହରଚଣ୍ଡୀଙ୍କ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ସୂଚନା ଦେଇ କହିଛନ୍ତି, ନଦୀପଥରେ ଯାତାୟାତ ସମୟରେ ଓଡ଼ିଶାର ବିଭିନ୍ନ ଘାଟ ନିକଟରେ ଦେବୀ ଉପାସିତ ହେଉଥିଲେ। ଓଡ଼ିଆ ସାଧବପୁଅ ବୋଇତ–ବଣିଜ କଳାବେଳର କଥା। ହରଚଣ୍ଡୀ ବନ୍ଦର ଉତ୍ତର ଦିଗରେ ଭାରତର ଦକ୍ଷିଣ ଅଞ୍ଚଳକୁ ସଂଯୋଗ କରୁଥିବା ପାଦଚଲା ଜଗନ୍ନାଥସଡ଼କ ରହିଥିଲା। ଏବେ ବି ଭଗ୍ନାବଶେଷ ରହିଛି। ସଡ଼କର କେତେକ ସ୍ଥାନ ପିଚୁ ପଡ଼ିଗଲାଣି। ଏହି ସଡ଼କଟି ଅଲାରନାଥ ମନ୍ଦିରର ଦକ୍ଷିଣପଟେ ଜଙ୍ଗଲ ଦେଇ ମାଣିକପାଟଣାର ଶ୍ରୀଭାବକୁଣ୍ଡଳେଶ୍ୱରଙ୍କ ପର୍ଯ୍ୟନ୍ତ ଲମ୍ବିଥିଲା। ସେଠାରୁ ଅଳ୍ପ ଓସାରର ଚିଲିକା ଜଳ ଡେଇଁ ଦକ୍ଷିଣପଟକୁ ଗଲେ ସମୁଦ୍ର ଧାରରେ ଥିବା ସଡ଼କ ଦେଇ ପାଲୁର ଛକ ପର୍ଯ୍ୟନ୍ତ ତୀର୍ଥଯାତ୍ରୀ ଯାଇ ଗଞ୍ଜାମ ଜିଲା ଦେଇ ଦକ୍ଷିଣ ଭାରତର ବିଭିନ୍ନ ଅଞ୍ଚଳକୁ ଯାଉଥିଲେ। ମଝିରେ ବାଲିଆ ପୋଖରୀ ପୂର୍ବରୁ ପୋତ ମୁହାଁଣକୁ ଡଙ୍ଗାରେ ପାରିହେବାକୁ ପଡୁଥିଲା। ସେହି ସଡ଼କରେ ଦକ୍ଷିଣ ଭାରତରୁ ତୀର୍ଥଯାତ୍ରୀ ଆସି ମା' ହରଚଣ୍ଡୀଙ୍କ ଉତ୍ତରପାର୍ଶ୍ୱ ଦେଇ ଆସିଥିବା ସଡ଼କରେ ନରସିଂହ ପାଟଣା ଘାଟ ପାରି ହୋଇ ଗିରିନାରବନ୍ତ ଦାଣ୍ଡରେ ଶ୍ରୀଲୋକନାଥ ଘାଟ ଦେଇ ଶ୍ରୀଜଗନ୍ନାଥ ଧାମରେ ପ୍ରବେଶ କରୁଥିଲେ। ନଦୀର ପଶ୍ଚିମପଟେ ମା'ହରଚଣ୍ଡୀ ବିଜେ କରିଥିବା ବେଳେ ନଦୀର ପୂର୍ବପଟେ ଠିକ୍ ସିଧାରେ ଶ୍ରୀମୁକ୍ତେଶ୍ୱର ମହାଦେବ ଜଙ୍ଗଲଘେରା ପରିବେଶ ମଧ୍ୟରେ ବିଜେ କରିଛନ୍ତି।

ଶ୍ରୀଜଗନ୍ନାଥଙ୍କ ସହିତ ଗଜପତିଙ୍କ ଶାସନ କାଳରେ ମା' ହରଚଣ୍ଡୀଙ୍କ ଉପାସନାଗତ ସମ୍ପର୍କ ରହିଥିଲା। ଗଜପତିଙ୍କ ଶାସନ ଲୋପ ହୋଇଯିବା ପରେ ମଧ୍ୟ ଉପାସନାଗତ ସମ୍ପର୍କ ଏବେ ବି ଅଛି। ରଜପର୍ବ ଓ ଶାରଦୀୟ ଦୁର୍ଗାପୂଜା ସମୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚନ୍ଦନକାଠ, କର୍ପୂର, ଜାଇଫଳ, ଚୁଆ ଓ ଝୁଣା ପ୍ରଭୃତି ମାଜଣା ଦ୍ରବ୍ୟ ଯୋଗାଇ ଦିଆଯାଉଥିଲା। ବର୍ଷସାରା ମାଳ ଓ ମାହାର୍ଦ୍ଧ୍ୟ ଶ୍ରୀମନ୍ଦିରରୁ ମା'ଙ୍କ ପାଖକୁ ଯାଉଥିଲା। ଏବେ ବି ପରମ୍ପରା ରହିଛି। ଆଷାଢ଼ ମାସରେ ରଥଯାତ୍ରା ପୂର୍ବଦିନ ରଥଯାତ୍ରାର ସୁସମ୍ପାଦନ ନିମନ୍ତେ ଏକ ସ୍ୱତନ୍ତ୍ର ମାଜଣା ବ୍ୟବସ୍ଥା ଥିଲା। ଏହି ମାଜଣା ପାଇଁ ୧୮ ହାତର ଏକ ଖଣ୍ଡୁଆ ପାଟ, ଚନ୍ଦନକାଠ ସମେତ ମାଜଣା ଦ୍ରବ୍ୟ ଶ୍ରୀମନ୍ଦିରରୁ ଦେବୀ ହରଚଣ୍ଡୀଙ୍କ ନିମନ୍ତେ ଯାଏ।

ଦେବୀ ହରଚଣ୍ଡୀ ଓ ପନିକିକୁ ନେଇ ଅନେକ ଲୋକକଥା ରହିଛି। ବାସ୍ତବରେ ମା' ପନିକି ଉପରେ ବସିନାହାନ୍ତି, ମା'ଙ୍କ ଅମୋଘ ଅସ୍ତ୍ର ହେଉଛି ପନିକି। ଏହି ପନିକି ବର୍ଷସାରା ଫୁଲପାଣି ପଡ଼ି ଗୁପ୍ତରେ ରହେ, ସେତେବେଳେ ପନିକିରୁ ପଟା ଅଲଗା କରାଯାଇଥାଏ। ରଜପର୍ବ ଆରମ୍ଭଠାରୁ ଶ୍ରୀଜଗନ୍ନାଥଙ୍କର ଅଣସର ଶେଷ ପର୍ଯ୍ୟନ୍ତ ପନିକି ସହିତ ପଟା ଲାଗି ହୋଇ ବାହାରକୁ ବାହାରେ। ହରଚଣ୍ଡୀ ମନ୍ଦିରର ଦକ୍ଷିଣ ଦିଗକୁ ୧୬ ଏକର ବିଶିଷ୍ଟ 'ମଶାଣିକୁଦ' ରହିଛି। ବିଶ୍ୱାସ ଅଛି, ସମୁଦ୍ର ଓ ନଦୀ କୂଳ ଲଂଘନ କଲେ, ବାତ୍ୟା ପ୍ରଳୟଙ୍କରୀ ହେଲେ, ମା' ନିଶାର୍ଦ୍ଧରେ ତା' ଉପରେ ବିଜେ କରି ଏହି ଅମୋଘ ଅସ୍ତ୍ର ପ୍ରୟୋଗ କରିଥାନ୍ତି। ପ୍ରୟୋଗ ବେଳେ ମଶାଣିକୁଦରୁ ଏକ ଲାଲ ଆଲୋକ ସିଧା ନିକଟରେ ବହିଯାଇଥିବା ନଦୀ ଦେଇ ସମୁଦ୍ରରେ ପଡ଼େ। ନିକଟସ୍ଥ ମଙ୍ଗଳା ନଦୀର ନରସିଂହପାଟଣା ଘାଟର ପଶ୍ଚିମପଟେ ବାଲିବନ୍ତ ଉପରେ ଦେବୀଙ୍କର ଗୋଟିଏ ଛୋଟିଆ ମନ୍ଦିର ଥିଲା। ବର୍ତ୍ତମାନର ବଡ଼ମନ୍ଦିର ୧୮୧୦ରୁ ୧୮୧୮ ମସିହା (ଆନୁମାନିକ) ମଧ୍ୟରେ ଶ୍ରୀମନ୍ଦିରର 'ପ୍ରତିହାରୀ ନିଯୋଗ' ପକ୍ଷରୁ ନିର୍ମାଣ କରାଯାଇଥିଲା ବୋଲି ଲକ୍ଷ୍ମୀଧର ପୂଜାରୀ ମତ ଦିଅନ୍ତି। ଇଂରେଜ ସରକାରଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ପ୍ରତିହାରୀ ନିଯୋଗ ପ୍ରତି ଏକ ବିପଦରୁ ମା'ହରଚଣ୍ଡୀ ଉଦ୍ଧାର କରିଥିବାରୁ ନିଯୋଗ ପକ୍ଷରୁ ଏହି ମନ୍ଦିର ନିର୍ମାଣ ହୋଇଥିଲା ବୋଲି ମାଆଙ୍କ ସେବକମାନେ ମତ ଦିଅନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜିସାନ୍ତୁ



@ ଜୟାସୁଧା



@ ମୋନାଲିସା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଆଜି ଶ୍ରୀନଅରକୁ ରାଜପ୍ରସାଦ ବିଜେ

**ପୁରୀ,୨୧।୬(ଅଜିତ୍ କୁମାର ମହାନ୍ତି)**

**ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିହେଲା ଖଳି**

ଆଷାଢ଼ କୃଷ୍ଣପକ୍ଷ ଏକାଦଶୀ ବା ଖଳିଲାଗି ଏକାଦଶୀ ଶନିବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଖଳିଲାଗି ନୀତି ସମ୍ପନ୍ନ ହୋଇଛି। ସେହିପରି ରାଜବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳ ମୋଦକ ମଧ୍ୟ ମହାପ୍ରଭୁଙ୍କୁ ଅର୍ପଣ କରାଯାଇଛି। ମହାପ୍ରଭୁ ସୁସ୍ଥ ଅନୁଭବ କରିଥିବାରୁ ତୁଳସୀଲାଗି ହେବା ସହ ବାରଲାଗି ଖଣ୍ଡୁଆ ଲାଗି ହୋଇଛନ୍ତି।

ପରମ୍ପରା ଅନୁଯାୟୀ, ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନବେଦିରେ ଶ୍ରୀବିଗ୍ରହମାନେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ଚିକିତ୍ସିତ ହେବା ପାଇଁ ଗୁପ୍ତ ସେବା ଜାରି ରହିଛି। ପର୍ଯ୍ୟାୟକ୍ରମେ ଅଣସରର ପଞ୍ଚମୀ ତିଥିରେ ବଡ଼ଓଡିଆ ମଠରୁ ଆସିଥିବା ଫୁଲୁରି ତେଲ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିହେବା ପରେ ଶୁଦ୍ଧସୁଆର ସେବକମାନେ ଦେଇଥିବା ଓଷୁଅ ୩ଦିନ ଧରି ଲାଗି ହୋଇଥିଲା। ଦଶମୀ ତିଥିରେ ଶ୍ରୀବିଗ୍ରହମାନଙ୍କ ଚକାବିଜେ ନୀତି ସମ୍ପନ୍ନ ହେବା ସହ ଦଶମୂଳ ମୋଦକ ଶ୍ରୀମନ୍ଦିରକୁ ବିଜେ ହୋଇଥିଲା। ଏକାଦଶୀ ତିଥିରେ ଅଣସରଗୃହରେ ବିରାଜିତ ଶ୍ରୀବିଗ୍ରହଙ୍କୁ ଖଳିଲାଗି କରାଯିବା ସହ ତୁଳସୀଲାଗି କରାଯାଇଛି। ଏଥିସହ ମହାପ୍ରଭୁଙ୍କୁ ଦଶମୂଳ ମୋଦକ ମଧ୍ୟ ଲାଗି କରାଯାଇଛି। ମହାପ୍ରଭୁଙ୍କ ଉକ୍ତ ନୀତି ନିମନ୍ତେ ଶ୍ରୀମନ୍ଦିର ପଟିଦିଅାଁଙ୍କ ନିକଟରେ ମଧ୍ୟାହ୍ନ ଧୂପ ଏବଂ ଦକ୍ଷିଣୀ ଘର ଭୋଗ ବଢ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାରା ଖୋଲିଥିଲା। ପରେ ଅଣସର ଗୃହରେ ଦଇତାପତି ଏବଂ ପତି ମହାପାତ୍ର ପ୍ରବେଶ କରି ଦାରୁବିଗ୍ରହଙ୍କ ଅଣସର ନୀତି ଆରମ୍ଭ କରିଥିଲେ। ପଟିଦିଅାଁଙ୍କ ସର୍ବାଙ୍ଗ ହେବା ସହ ଅଣସର ଗୃହରେ ଥିବା ଶ୍ରୀବିଗ୍ରହଙ୍କ ସର୍ବାଙ୍ଗ ନୀତି ଅନୁଷ୍ଠିତ ହୋଇଥିଲା। ଅଣସର ଗୃହରେ ଚତୁର୍ଦ୍ଧା ବିଗ୍ରହ ପ୍ରଥମ ତୁଳସୀ ଧାରଣ କରିଥିଲେ। ବୈଦ୍ୟ ସେବକଙ୍କ ଘରୁ ଆସିଥିବା ଦଶମୂଳ ମୋଦକକୁ ପତି ମହାପାତ୍ର ସେବକ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କୁ ଲାଗି କରାଇଥିଲେ। ସ୍ନାନପୂର୍ଣ୍ଣିମାଠାରୁ ବନ୍ଦ ଥିବା ଘଣ୍ଟ, କାହାଳୀ, ବାଦ୍ୟ ଶବ୍ଦ ପୁଣି ଶ୍ରୀମନ୍ଦିରରେ ଶୁଣିବାକୁ ମିଳିଛି। ରବିବାର ଦ୍ୱାଦଶୀ ତିଥି ଅବସରରେ ରାଜପ୍ରସାଦ ବିଜେ ନୀତି ଅନୁଷ୍ଠିତ ହେବ। ସ୍ନାନପୂର୍ଣ୍ଣିମାଠାରୁ ଅସୁସ୍ଥ ଥିବା ଶ୍ରୀବିଗ୍ରହମାନେ ସୁସ୍ଥ ହୋଇଥିବା ଖବର ଦଇତାପତିମାନେ ରାଜନଅରକୁ ଯାଇ ଆଦ୍ୟ ସେବକ ଗଜପତି ମହାରାଜାଙ୍କୁ ଜଣାଇବେ। ଏଥିସହ ରଥଯାତ୍ରା ସମ୍ପର୍କରେ ମଧ୍ୟ ଗଜପତିଙ୍କୁ ସୂଚନା ପ୍ରଦାନ କରିବେ।

# ୨ ମହାକାଶଚାରୀଙ୍କୁ ଫେରାଇ ଆଣିବା ରିପୋର୍ଟକୁ ଇସ୍ରୋର ଖଣ୍ଡନ

ଫ୍ଲୋରିଡା/ନୂଆଦିଲ୍ଲୀ, ୨୧।୬

ଆମେରିକୀୟ ମହାକାଶ ସଂସ୍ଥା ନାସା ଶୁକ୍ରବାର ଆକ୍ସିଓମ୍-୪ ମିଶନର ଲଞ୍ଚିଂକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖିଛି। ଏହାସହ ଚଳିତ ବର୍ଷର ଏହି ବହୁ ପ୍ରତୀକ୍ଷିତ ମିଶନର ଲଞ୍ଚିଂକୁ ସପ୍ତମ ଥର ପାଇଁ ସ୍ଥଗିତ ରଖାଯାଇଛି। ପୂର୍ବରୁ ରବିବାର ଏହି ମିଶନର ଲଞ୍ଚିଂ ହେବ ବୋଲି ଘୋଷଣା କରାଯାଇଥିଲା। ନିକଟରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍)ର ଜେଭେଜ୍‌ଦା ସର୍ଭିସ୍ ମଡ୍ୟୁଲର ପଛ ପାର୍ଶ୍ୱରେ ମରାମତି କାର୍ଯ୍ୟ ହୋଇଥିବାରୁ ଏହାର ମୂଲ୍ୟାଙ୍କନ କରିବା ପାଇଁ ଅଧିକ ସମୟ ଆବଶ୍ୟକ। ତେଣୁ ଏହି ମିଶନର ଲଞ୍ଚିଂକୁ ପୁଣିଥରେ ସ୍ଥଗିତ ରଖାଯାଇଛି। ଏବେ ମଧ୍ୟ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କ ସହ ମିଶନର ୪ କ୍ରିଉ ସଦସ୍ୟ କ୍ୱାରାଣ୍ଟାଇନରେ ରହି ମିଶନର ଲଞ୍ଚିଂ ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ନାସା କହିଛି।

**ଆକ୍ସିଓମ୍-୪ ମିଶନ ଅନିର୍ଦ୍ଦିଷ୍ଟ କାଳ ଯାଏ ସ୍ଥଗିତ**



ପି.ବାଲକ୍ରିଷ୍ଣନ୍ ନାୟାର    ଶୁଭାଂଶୁ ଶୁକ୍ଳା

ଅନ୍ୟପକ୍ଷେ ଅନିର୍ଦ୍ଦିଷ୍ଟ କାଳ ଯାଏ ଆକ୍ସିଓମ-୪କୁ ମିଶନକୁ ସ୍ଥଗିତ ରଖାଯିବା ନେଇ ଘୋଷଣା ପରେ ମିଶନର ଅଂଶ ଥିବା ୨ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଏବଂ ପି. ବାଲକ୍ରିଷ୍ଣନ୍ ନାୟାର ଭାରତ ପ୍ରତ୍ୟାବର୍ତ୍ତନ କରୁଥିବା ନେଇ ସୋସିଆଲ ମିଡିଆରେ ବିଭିନ୍ନ ପୋଷ୍ଟ ଶୁକ୍ରବାରଠାରୁ ଭାଇରାଲ ହେବାରେ ଲାଗିଛି। ଏସବୁ କେବଳ ଗୁଜବ ବୋଲି ଶନିବାର ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) କହିଛି। ଆକ୍ସିଓମ୍-୪ ମିଶନର ଲଞ୍ଚିଂ ପାଇଁ ଫ୍ଲୋରିଡାରେ ଥିବା ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ୍ ଏବଂ ଭାରତୀୟ ସହାୟତା ଦଳ ଖୁବ୍‌ଶୀଘ୍ର ଭାରତ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ତେବେ ଉଭୟ ଶୁଭାଂଶୁ ଏବଂ ବାଲକ୍ରିଷ୍ଣନ ଫ୍ଲୋରିଡାରେ ରହିବେ ବୋଲି ଇସ୍ରୋର ଜଣେ ବରିଷ୍ଠ ଅଧିକାରୀ କହିଥିବା ନେଇ ବିଭିନ୍ନ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଆକ୍ସିଓମ-୪ ମିଶନରେ ବାଲକ୍ରିଷ୍ଣନ ଜଣେ ବ୍ୟାକ୍‌ଅପ୍ କ୍ରିଉ ସଦସ୍ୟ ଭାବେ ରହିଛନ୍ତି।

## ଜଳିଗଲା ହଟ୍ ଏୟାର ବେଲୁନ୍: ୮ ମୃତ, ୧୩ ଆହତ

ବ୍ରାସିଲିଆ, ୨୧।୬

